# ସୁସମାଚାର ପ୍ରସଙ୍ଗମାଳା

# GOSPEL SERMONETTES

(ORIYA)


Author :
**J.C. CHOATE**

Translator :
**KABITA GOOTAM**



**WORLD LITERATURE PUBLICATIONS**
SATYAVANI
P.O. Box-80, KAKINADA, (A.P.)
533 001

# INTRODUCTION

Several years ago I wrote a number of gospel tracts. These were eventually collected and brought out in book form. Since that time they have been printed in a number of languages here in India and also in several countries around the World.

I am especially delighted to know that this book is now coming out in the Oriya language and will be used throughout Orissa to proclaim the good news of Jesus Christ.

For some years now I have been associated with Bro.Joshua Gootam in the printing of Christian literature in the Telugu language. It just so happens that Bro. Gootam married a young woman from Orissa and now she has taken it upon herself to translate some of our books into her own language Oriya. We therefore express our sincere appreciation to Sis. Kabita Gootam for doing this good work.

May God bless you as you read and study this material. May it be the means of helping you to come to a knowledge of the truth, to obey it, and to live the faithful Christian life.

New Delhi.

J. C. Choate
Church of Christ

# ସୂଚୀପତ୍ର


| କ୍ର.ନଂ. | ବିଷୟ | ପୃଷ୍ଠା |
|---|---|---|
| 1. | ବାଇବଲକୁ କାହିଁକି ଆପଣ ଈଶ୍ୱରଙ୍କ ବାକ୍ୟରୂପେ ବିଶ୍ୱାସ କରିବା ଉଚିତ୍ ? | 1 |
| 2. | ଯୀଶୁଖ୍ରୀଷ୍ଟଙ୍କୁ କାହିଁକି ଆପଣ ଈଶ୍ୱରଙ୍କ ପୁତ୍ର ରୂପେ ବିଶ୍ୱାସ କରିବା ଉଚିତ୍ ? | 4 |
| 3. | ଈଶ୍ୱରଙ୍କ ପୁତ୍ର | 8 |
| 4. | ମୂର୍ତ୍ତିପୂଜା | 13 |
| 5. | ଖ୍ରୀଷ୍ଟଙ୍କ ରକ୍ତ | 18 |
| 6. | ଖ୍ରୀଷ୍ଟ କାହିଁକି ମୃତ୍ୟୁ ଭୋଗିଲେ ? | 22 |
| 7. | ଖ୍ରୀଷ୍ଟଙ୍କ ମଣ୍ଡଳୀ ବିଷୟରେ ଆପଣ କେବେ ଶୁଣିଥିଲେ କି ? | 26 |
| 8. | ଖ୍ରୀଷ୍ଟଙ୍କ ମଣ୍ଡଳୀର ଅର୍ଥ କଅଣ ? | 30 |
| 9. | ନୂତନ ନିୟମର ମଣ୍ଡଳୀ | 34 |
| 10. | ଖ୍ରୀଷ୍ଟଙ୍କ ମଣ୍ଡଳୀ ଭାରତରେ କେତେ ଦିନଯାଏ ସ୍ଥିର ହୋଇ ରହିପାରିବ ? | 37 |
| 11. | ବାଇବଲର ଚାରି ପ୍ରଶ୍ନ | 41 |
| 12. | ଆପଣଙ୍କ ନଗରରେ ବା ଗ୍ରାମରେ କିପରି ଖ୍ରୀଷ୍ଟଙ୍କ ମଣ୍ଡଳୀ ଆରମ୍ଭ କରିପାରିବେ ? | 44 |
| 13. | ଖ୍ରୀଷ୍ଟଙ୍କ ନାମ | 48 |
| 14. | ଆପଣ କେବଳ ଖ୍ରୀଷ୍ଟିୟାନ ମାତ୍ର ହୋଇ ପାରିବେ | 51 |
| 15. | ଖ୍ରୀଷ୍ଟଧର୍ମ ଆପଣଙ୍କ ପାଇଁ କ'ଣ କରିପାରେ ? | 55 |
| 16. | ଯେଉଁମାନେ ଖ୍ରୀଷ୍ଟିୟାନ ନୁହନ୍ତି | 58 |
| 17. | ଜଣେ କିପରି ପରିତ୍ରାଣ ପାଇପାରେ ? | 61 |

| କ୍ର.ନଂ. | ବିଷୟ | ପୃଷ୍ଠା |
|---|---|---|
| 18. | ପରିତ୍ରାଣର ମାର୍ଗ | 66 |
| 19. | ଖ୍ରୀଷ୍ଟଙ୍କ ନିକଟକୁ କଢ଼ାଇନେବା ପାହାଚଗୁଡ଼ିକ | 69 |
| 20. | ନୂତନ ଜନ୍ମ | 73 |
| 21. | ନୂତନ ନିୟମର ବାପ୍ତିସ୍ମ | 77 |
| 22. | ବାପ୍ତିସ୍ମର ଉଦ୍ଦେଶ୍ୟ | 81 |
| 23. | କ୍ରୁଶ ଉପରେ ଚଢ଼ାଯାଇଥିବା ଡକାଇତ | 85 |
| 24. | ଶିଶୁ ବାପ୍ତିସ୍ମ | 89 |
| 25. | ଜଣେ ପୁନର୍ବାର ବାପ୍ତିସ୍ମ ନେବା ଆବଶ୍ୟକ କି ? | 92 |
| 26. | ବିଶ୍ୱାସ ଦ୍ୱାରା ପରିତ୍ରାଣ | 95 |
| 27. | ନୂତନ ନିୟମରେ ଏକତା | 99 |
| 28. | ନୂତନ ନିୟମର ଆରାଧନା ପଦ୍ଧତି | 104 |
| 29. | ସପ୍ତାହର ପ୍ରଥମ ଦିନ | 107 |
| 30. | ଆମ୍ଭେମାନେ କେଉଁ ବ୍ୟବସ୍ଥା ଦ୍ୱାରା ଆବଦ୍ଧ | 111 |
| 31. | ପବିତ୍ର ଆତ୍ମାଙ୍କ ପରିମାଣ | 116 |
| 32. | ପରଭାଷା | 120 |
| 33. | ଧର୍ମ ସମ୍ବନ୍ଧୀୟ ନାମ ଓ ପଦବୀ | 124 |
| 34. | ସ୍ୱାଧୀନ ପ୍ରଚାରକ ଓ ମଣ୍ଡଳୀ | 129 |
| 35. | ଖ୍ରୀଷ୍ଟଙ୍କ ଦ୍ୱିତୀୟ ଆଗମନ | 132 |

# 1. ବାଇବଲକୁ କାହିଁକି ଆପଣ ଈଶ୍ୱରଙ୍କ ବାକ୍ୟରୂପେ ବିଶ୍ୱାସ୍ କରିବା ଉଚିତ

## (Why you should believe the Bible to be the word of God)

ଜଗତର ଅଗଣିତ ନରନାରୀ ବାଇବଲକୁ ଈଶ୍ୱରଙ୍କ ବାକ୍ୟରୂପେ ବିଶ୍ୱାସ କରନ୍ତି । ସେମାନେ ବିନା ପ୍ରଶ୍ନରେ ଏହା ସତ୍ୟ ବୋଲି ଗ୍ରହଣ କରନ୍ତି । କିନ୍ତୁ କେତେକ ଏଥିରେ ଲିଖିତ ବାକ୍ୟ ଅନୁସନ୍ଧାନ ନ କରି, ଏଥିର ଫଳ ନ ପାଇବା ହେତୁରୁ, ସନ୍ଦେହ କରିଥାନ୍ତି । ଅନ୍ୟମାନେ ଜନ୍ମରୁ ଅନ୍ୟ ଏକ ମାର୍ଗରେ ଚାଲୁଥିବାରୁ ଏହାକୁ ଅସ୍ୱୀକାର କରନ୍ତି । ଆପଣ ଯଦି ଉପର ଲିଖିତ ତିନି ଶ୍ରେଣୀରୁ ଶେଷ ଦୁଇ ଶ୍ରେଣୀ ମଧ୍ୟରୁ କୌଣସି ଏକ ଶ୍ରେଣୀରେ ଅନ୍ତର୍ଭୁକ୍ତ, ତାହାହେଲେ ଆପଣ କାହିଁକି ବାଇବଲକୁ ଈଶ୍ୱରଙ୍କ ବାକ୍ୟ ରୂପେ ବିଶ୍ୱାସ କରିବା ଉଚିତ କେତୋଟି କାରଣ ଏଠାରେ ସଂକ୍ଷିପ୍ତ ରୂପେ ବର୍ଣ୍ଣନା କରାଯାଇଅଛି ।

୧. ବାଇବଲ ଏହା ଈଶ୍ୱରଙ୍କ ବାକ୍ୟ ବୋଲି ଦାବୀ କରେ । ଏହା ସଦାପ୍ରଭୁଙ୍କ ବାକ୍ୟ ବୋଲି କୁହାଯାଏ । (ଯିରି ୧୪:୧) । ପ୍ରେରିତ ପିତରଙ୍କ ଅନୁଯାୟୀ ଈଶ୍ୱରଙ୍କ ପବିତ୍ର ଲୋକେ ପବିତ୍ର ଆତ୍ମାଙ୍କ ଦ୍ୱାରା ଚାଳିତ ହୋଇ କଥା କହିଥିଲେ । (୨ୟ ପିତ ୧:୨୦-୨୧) । ଖ୍ରୀଷ୍ଟ ପୁରାତନ ନିୟମରେ ଲିଖିତ ବାକ୍ୟଗୁଡ଼ିକ ଈଶ୍ୱରଙ୍କ ବାକ୍ୟ ବୋଲି ଆପଣା ଉପଦେଶମାନଙ୍କରେ ଉଲ୍ଲେଖ କରୁଥିଲେ । ଶେଷରେ ସମସ୍ତ ଶାସ୍ତ୍ର ଈଶ୍ୱର ନିଶ୍ୱସିତ ବୋଲି ପ୍ରେରିତ ପାଉଲ ୨ୟ ତୀମଥି ୩:୧୬-୧୭ରେ ଲେଖନ୍ତି ।

୨. ବାଇବଲ ବିଜ୍ଞାନଶାସ୍ତ୍ର ସହିତ ଏକମତ ହୁଏ । ପୃଥିବୀର ଆକୃତି ଗୋଲାକାର, ସମୁଦ୍ରରେ ଯେ ରାସ୍ତାଗୁଡ଼ିକ ରହିଅଛି ଏପରି ଅନେକ ସତ୍ୟତା

ମନୁଷ୍ୟ ଆପେ ଆପେ ଆବିଷ୍କାର କରିବା ପୂର୍ବରୁ ବାଇବଲରେ ଲିଖିତ ହୋଇଅଛି । (ଯିଶା ୪୦:୨୨, ଗୀତ ସଂ ୮ ପର୍ବ) ବାଇବଲରେ ଲେଖକମାନେ ବିଜ୍ଞାନ ଆବିଷ୍କାରର ଏତେ ବର୍ଷ ପୂର୍ବେ କିପରି ଜାଣି ପାରିଲେ ? ଈଶ୍ୱର ସେମାନଙ୍କୁ ପ୍ରକଟ କରିଥିଲେ ।

୩. ପ୍ରତ୍ନତତ୍ତ୍ୱ ସମ୍ବନ୍ଧୀୟ ଆବିଷ୍କାରଗୁଡ଼ିକ ବାଇବଲ ସମର୍ଥନ କରେ । ଏହି ଆବିଷ୍କାରଗୁଡ଼ିକ ଖ୍ରୀଷ୍ଟଙ୍କ ଜନ୍ମର ସହସ୍ର ବର୍ଷ ପୂର୍ବ ବିଷୟ ହେଲେ ହେଁ ଏହା ବାଇବଲର ଦାବୀ ସମର୍ଥନ କରେ । କେତେକ ବାଇବଲରେ ଲିଖିତ ନୋହଙ୍କ ସମୟରେ ଘଟିଥିବା ମହା ବନ୍ୟାରୂପକ କାହାଣୀ ଗୁଡ଼ିକରେ ବିଶ୍ୱାସ କରନ୍ତି ନାହିଁ । କିନ୍ତୁ ୧୮୭୨ରେ ଜର୍ଜ ସ୍ମିଥ (George Smith) ପାଇଥିବା ବାବିଲର ପଥର ଫଳକ ଘଟିଥିବା ମହାବନ୍ୟାର ସାକ୍ଷ୍ୟ ଦିଏ । ଏହିପରି ଅନେକ ଉଦାହରଣ ଆମ୍ଭେମାନେ ପାଇପାରିବା ।

୪. ବାଇବଲ ଓ ଭୌଗଳିକ ଶାସ୍ତ୍ର ମଧ୍ୟ ପରସ୍ପର ଏକମତ ଅଟନ୍ତି । ଅନେକ ପାହାଡ଼, ନଦନଦୀ, ପ୍ରଭୃତି ବାଇବଲରେ ଯେଉଁ ନାମରେ ବର୍ଣ୍ଣିତ ଏବେ ପର୍ଯ୍ୟନ୍ତ ସେଗୁଡ଼ିକ ସେହି ନାମରେ ପରିଚିତ । ତଦ୍ୱାରା ଏହା ପ୍ରମାଣିତ ହୁଏ ଯେ, ବାଇବଲରେ ବର୍ଣ୍ଣିତ ନାମଗୁଡ଼ିକ କାଳ୍ପନିକ ନୁହେଁ ।

୫. ବାଇବଲ ଓ ଜାଗତିକ ଇତିହାସ ଏକ ଆରେକ ସମର୍ଥନ କରେ । ଉଦାହରଣ ସ୍ୱରୂପ ବାଇବଲରେ ଅନେକ ଘଟଣା ଗୁଡ଼ିକ ବିଭିନ୍ନ ଜାଗତିକ ଇତିହାସ ପୁସ୍ତକ ଗୁଡ଼ିକରେ ପଢ଼ିବାକୁ ପାଉଁ । ଯଦି ବାଇବଲ କେବଳ କାଳ୍ପନିକ କାହାଣୀମାଳା ହୋଇଥାନ୍ତା, ତାହା ହେଲେ ଏପରି କିପରି ସମ୍ଭବ ହୁଅନ୍ତା ?

୬. ଏଥିରେ ଲିଖିତ ବିଷୟଗୁଡ଼ିକ ମନୁଷ୍ୟର ଜ୍ଞାନର ବାହାରେ ତେଣୁ ଏହା କେବଳ ମନୁଷ୍ୟମାନଙ୍କ ଦ୍ୱାରା ଲିଖିତ ହୋଇନାହିଁ । ଯଦି ଏହା କେବଳ ମନୁଷ୍ୟମାନଙ୍କ ଦ୍ୱାରା ଲିଖିତ ହୋଇଥାନ୍ତା ତେବେ ଏପରି ଅନେକ ପୁସ୍ତକ ମନୁଷ୍ୟମାନେ ଲେଖିଥାନ୍ତେ । ଏହା ଯଦି କେବଳ ଜଣେ ମନୁଷ୍ୟ ଦ୍ୱାରା ଲିଖିତ ତେବେ ଅନ୍ୟ ଜଣେ ମନୁଷ୍ୟ ଏହି ପୁସ୍ତକ ଠାରୁ ଉତ୍କୃଷ୍ଟତର ପୁସ୍ତକ

କ'ଣ ଏବେ ଯାଏ ଲେଖିପାରିନଥାନ୍ତା ?

୭. ବାଇବଲ ଗୋଟିଏ ଏକଭାବ ବିଶିଷ୍ଟ ପୁସ୍ତକ । ବିଭିନ୍ନ ବୃତ୍ତିର ବିଭିନ୍ନ ସ୍ଥାନରେ ଥିବା ଚାଳିଶି ଲୋକଙ୍କ ଦ୍ୱାରା ପ୍ରାୟ ୧୬୦୦ ବର୍ଷ ସମୟ ମଧ୍ୟରେ ଲିଖିତ ହେଲେ ହେଁ ଏହା ଏକ ସମ୍ପୂର୍ଣ୍ଣ ପୁସ୍ତକ । ଏଥିର ଲେଖକ ଈଶ୍ୱରଙ୍କ ଦ୍ୱାରା ଚାଳିତ ନ ହୋଇଥିଲେ ଏପରି କିପରି ସମ୍ଭବ ହୋଇ ପାରିଥାନ୍ତା ?

୮. ବାଇବଲରେ କେବଳ ଭାବବାଣୀଗୁଡ଼ିକ ବିଷୟରେ ଲିଖିତ ନ ହୋଇ ତାହା କିପରି ସଫଳ ହୋଇଥିଲା ତାହା ମଧ୍ୟ ଲିଖିତ ହୋଇଅଛି । ଉଦାହରଣ ସ୍ୱରୂପ (ଯୋୟେ ୨:୨୮) ରେ ଈଶ୍ୱରଙ୍କ ଆତ୍ମା ଢ଼ଳାଯିବ ବୋଲି ଭବିଷ୍ୟତବାଣୀ ପଢ଼ିପାରୁ । ପ୍ରେରିତ ୨ୟ ଅଧ୍ୟାୟ ଅଧ୍ୟୟନ ଦ୍ୱାରା ଆମ୍ଭେମାନେ ଏହାର ସଫଳତା ବିଷୟରେ ଜାଣିପାରିବା । ସେହିପରି ଖ୍ରୀଷ୍ଟଙ୍କ ବିଷୟରେ ସଫଳତା ଆମ୍ଭେମାନେ ନୂତନ ନିୟମରେ ପଢ଼ିବାକୁ ପାଇପାରୁ । ଦୟାକରି ଯିଶା ୫୩:୫ ଲୁକ ୨୨:୬୩.୬୪ ପଢ଼ନ୍ତୁ ।।

୯. ଏହା ସମୟ ସ୍ରୋତର ସମସ୍ତ ବାଧାକୁ ଜୟ କରିଥିବାରୁ ଏହା ଈଶ୍ୱରଙ୍କ ବାକ୍ୟ ବୋଲି ନିରୂପିତ ହୁଏ । ଏହାର ଅନେକ ଶତ୍ରୁ ଥିଲେହେଁ ଏହା ସମସ୍ତଙ୍କୁ ଜୟ କରିଅଛି । ଅନେକ ଶତାବ୍ଦୀ ଠାରୁ ଏହା ସୁରକ୍ଷିତ ହୋଇ ଆସୁଅଛି । ପ୍ରାଚୀନ ପାଣ୍ଡୁଲିପି ଓ ଆଧୁନିକ ଅନୁବାଦ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ ।

୧୦. ବାଇବଲରେ ମନୁଷ୍ୟର ପ୍ରତ୍ୟେକ ପ୍ରଶ୍ନର ଉତ୍ତର ମିଳିଥାଏ । ମନୁଷ୍ୟର ସୃଷ୍ଟି, ମନୁଷ୍ୟ ଜୀବନର ଉଦ୍ଦେଶ୍ୟ, ମନୁଷ୍ୟ କେଉଁଆଡ଼େ ଯାଉଅଛି, ଏପରି ଅନେକ ପ୍ରଶ୍ନର ଉତ୍ତର ଆମ୍ଭେମାନେ ବାଇବଲରେ ପାଇପାରୁ । ମନୁଷ୍ୟ ଈଶ୍ୱରଙ୍କ ଦ୍ୱାରା ସୃଷ୍ଟ (ଆଦି ୧:୨୬-୨୭), ସୃଷ୍ଟିକର୍ତ୍ତାଙ୍କୁ ଗୌରବ ଦେବା ମନୁଷ୍ୟ ଜୀବନର ଉଦ୍ଦେଶ୍ୟ (ପ୍ରେରିତ ୪:୧୧) ଏବଂ ମନୁଷ୍ୟ କୌଣସି ସ୍ଥାନରେ ଆପଣା ଅନନ୍ତ ଜୀବନ ବିତାଇବ (ମାଥିଉ ୨୫:୪୬)

୧୧. ବାଇବଲ ଅନ୍ୟ ପୁସ୍ତକ ଗୁଡ଼ିକ ଠାରୁ ମନୁଷ୍ୟମାନଙ୍କୁ ଅଧିକଭାବେ ପ୍ରଭାବିତ କରିଅଛି । ଜଗତ ଅତ୍ୟନ୍ତ ପାପମୟ ହେଲେ ସୁଦ୍ଧା

ବାଇବଲ ଦ୍ୱାରା ମନୁଷ୍ୟ ଧାର୍ମିକ ହେବାର ସମ୍ଭାବନା ରହିଅଛି ।

୧୨. ବାଇବଲ କେବେ ଲୋପ ପାଇବ ନାହିଁ । ବୋଲି ଖ୍ରୀଷ୍ଟ (ଯୋହ ୧୨:୪୮)ରେ କହିଅଛନ୍ତି ।

ପ୍ରକୃତରେ ବାଇବଲ ଈଶ୍ୱରଙ୍କ ବାକ୍ୟ ଅଟେ । ଏହା ମନୁଷ୍ୟ ନିମନ୍ତେ ଈଶ୍ୱରଙ୍କ ଠାରୁ ଆଗତ । ଏହା ସତ୍ୟ ଓ ପୃଥିବୀ ଠାରୁ ସ୍ୱର୍ଗକୁ ଯିବା ପାଇଁ ଏକ ପଥ ପ୍ରଦର୍ଶକ । ବାଇବଲକୁ ବିଶ୍ୱାସ କର, ଏଥିରେ ଲିଖିତ ବାକ୍ୟର ଆଜ୍ଞାବହ ହୁଅ ଏବଂ ଏଥିରେ ଲିଖିତ ସମସ୍ତ ପ୍ରତିଜ୍ଞା ଦ୍ୱାରା ଆଶୀର୍ବାଦ ପ୍ରାପ୍ତ ହୁଅ । ନିଶ୍ଚୟ ବର୍ତ୍ତମାନ ଆପଣ ବାଇବଲକୁ ଈଶ୍ୱରଙ୍କ ବାକ୍ୟ ବୋଲି ଗ୍ରହଣ କରିବେ ବୋଲି ମୋର ବିଶ୍ୱାସ ।

## 2. ଯୀଶୁଖ୍ରୀଷ୍ଟଙ୍କୁ କାହିଁକି ଆପଣ ଈଶ୍ୱରଙ୍କ ପୁତ୍ରରୂପେ ବିଶ୍ୱାସ କରିବା ଉଚିତ

**(Why you should believe that Jesus Christ is the son of God)**

ଆପଣ ଯଦି ଯୀଶୁଖ୍ରୀଷ୍ଟଙ୍କୁ ଈଶ୍ୱରଙ୍କ ପୁତ୍ର ବୋଲି ବିଶ୍ୱାସ କରୁନାହାନ୍ତି ତାହା ହେଲେ ଏହି ଅଧ୍ୟାୟ ଆପଣଙ୍କ ନିମନ୍ତେ ଲିଖିତ ହୋଇଅଛି । ଅନେକ ପ୍ରମାଣ ତଥା ସାକ୍ଷ୍ୟ ଯୀଶୁଖ୍ରୀଷ୍ଟଙ୍କୁ କେବଳ ଜଣେ ମନୁଷ୍ୟ ବା ଭାବବାଦୀ ଠାରୁ ଶ୍ରେଷ୍ଠ ବୋଲି ପ୍ରମାଣିତ କରେ । ଅନ୍ୟପକ୍ଷରେ ସେ ବାକ୍ୟାନୁଯାୟୀ ଈଶ୍ୱରଙ୍କ ପୁତ୍ର ଏବଂ ଅନେକ କାରଣ ଦ୍ୱାରା ଆମ୍ଭେମାନେ ତାହାଙ୍କୁ ଈଶ୍ୱରଙ୍କ ପୁତ୍ରରୂପେ ପ୍ରମାଣିତ କରି ପାରିବା ।

୧) ଯୀଶୁ ଆଦ୍ୟରେ ଈଶ୍ୱରଙ୍କ ସହିତ ଥିଲେ । ଆଦି ୧:୨୬ରେ ଏପରି ଲେଖାଯାଏ "ଏଥି ଉତ୍ତାରୁ ପରମେଶ୍ୱର କହିଲେ, ଆମ୍ଭେମାନେ ଆପଣା ପ୍ରତିମୂର୍ତ୍ତିରେ ଓ ଆପଣା ସାଦୃଶ୍ୟରେ ମନୁଷ୍ୟ ନିର୍ମାଣ କରୁଁ ।" ଯୋହନ ୧:୧ରେ ଦେଖୁ ଯେ "ଆଦ୍ୟରେ ବାକ୍ୟ ଥିଲେ, ବାକ୍ୟ ଈଶ୍ୱରଙ୍କ ସଙ୍ଗରେ ଥିଲେ ସେହି ବାକ୍ୟ ଈଶ୍ୱର ଥିଲେ ।" ତପୂରେ ସେ କହନ୍ତି ସେହି ବାକ୍ୟହିଁ ଖ୍ରୀଷ୍ଟ ଅଟନ୍ତି ।

୨) ଯୀଶୁଙ୍କ ବିଷୟରେ ଭବିଷ୍ୟଦବାଣୀ ହୋଇଥିଲା । ଯିଶାଇୟ ୫୩ ଅଧ୍ୟାୟରେ ଭାବବାଦୀ ଯିଶାଇୟ ଖ୍ରୀଷ୍ଟଙ୍କ ବିଷୟରେ ତଥା ତାହାଙ୍କ ଆଗମନର ଉଦ୍ଦେଶ୍ୟ ମଧ୍ୟ ବର୍ଣ୍ଣନା କରିଅଛନ୍ତି । ପ୍ରେରିତ ୮:୩୨-୩୫ ପଦଗୁଡ଼ିକରେ ନପୁଂସକ ଯିଶାଇୟ ୫୩ ଅଧ୍ୟାୟ ଅଧ୍ୟୟନ କରୁଥିବା ବେଳେ ଫିଲିପ ସେହି ଅଧ୍ୟାୟ ମାଧ୍ୟମରେ ନପୁଂସକଙ୍କୁ ଖ୍ରୀଷ୍ଟଙ୍କ ପ୍ରଚାର କଲେ । ତଦ୍ୱାରା ଯିଶାଇୟ ଭାବବାଦୀ ଖ୍ରୀଷ୍ଟଙ୍କ ବିଷୟରେ ଭାବବାଣୀ ଏହି ଅଧ୍ୟାୟରେ ଲେଖିଅଛନ୍ତି ବୋଲି ଆମ୍ଭେମାନେ ଜାଣିପାରୁ । ଏହି ପରି ଅନେକ ଖ୍ରୀଷ୍ଟଙ୍କ ସମ୍ବନ୍ଧୀୟ ଭାବବାଣୀ ପୁରାତନ ନିୟମରେ ଆମ୍ଭେମାନେ ପଢ଼ିପାରିବା ।

୩) ଯୀଶୁ କନ୍ୟା ଗର୍ଭରୁ ଜାତ । ଅର୍ଥାତ୍ ତାଙ୍କର ଜାଗତିକ ପିତା କେହି ନଥିଲେ । ଅନ୍ୟପକ୍ଷରେ ଈଶ୍ୱର ହିଁ ତାଙ୍କର ପିତା ଅଟନ୍ତି । ସେ ଆପଣା ସ୍ୱର୍ଗୀୟ ପିତାଙ୍କୁ ଛାଡ଼ି ଏହି ଜଗତରେ ନମ୍ରଭାବେ ମନୁଷ୍ୟରୂପ ଧାରଣ କଲେ । କନ୍ୟା ଗର୍ଭରୁ ଜାତ ହେବା ଗୋଟିଏ ଆଶ୍ଚର୍ଯ୍ୟମୟ ଘଟଣା । ଏହା ମଧ୍ୟ ଯିଶାଇୟ ୭:୧୪ରେ ଲିଖିତ ଭାବବାଣୀର ସଫଳତା । (ମାଥିଉ ୧:୧୮-୨୫, ଯିଶା ୭:୧୪)

୪) ଯୀଶୁ ଜଣେ ସିଦ୍ଧ ପୁରୁଷ ଥିଲେ । ସମସ୍ତ ଜଗତରେ ସେ ଜଣେ ହିଁ ଶୁଦ୍ଧ ଜୀବନ ବା ପାପରହିତ ଜୀବନଯାପନ କରିଥିଲେ । ପ୍ରେରିତ ପିତରଙ୍କ ଅନୁଯାୟୀ ଆମ୍ଭେମାନେ ତାହାଙ୍କ ପଦ ଚିହ୍ନରେ ଗମନ କରିବା ଉଚିତ, "ସେ କୌଣସି ପାପ କଲେ ନାହିଁ, କିଅବା ତାହାଙ୍କ ପାପରହିତ ଜୀବନ ସକାଶୁ ସେ ପାପୀମାନଙ୍କ ନିମନ୍ତେ ମୃତ୍ୟୁ ଭୋଗିଥିଲେ ଓ ଜଗତରେ ଆଶାର ଦୀପ

ଜନ୍ମାଇଥିଲେ । (୧ମ ଯୋହନ ୩:୫) ।

୫) ଯୀଶୁ ଭାବବାଣୀଗୁଡ଼ିକ ସଫଳ ନିମନ୍ତେ ଏ ଜଗତରେ ଜନ୍ମିଥିଲେ । "ମୁଁ ଯେ ବ୍ୟବସ୍ଥା କି ଭାବବାଦୀମାନଙ୍କ ଧର୍ମଶାସ୍ତ୍ର ଲୋପ କରିବାକୁ ଆସିଅଛି, ଏପରି ଭାବ୍ ନାହିଁ, ଲୋପ କରିବାକୁ ଆସି ନାହିଁ ବରଂ ସଫଳ କରିବାକୁ ଆସିଅଛି ।" (ମାଥିଉ ୫:୧୭)

୬) ଯୀଶୁ ଅନେକ ଆଶ୍ଚର୍ଯ୍ୟକର୍ମ କରିଥିଲେ । ସେ ରୋଗୀମାନଙ୍କୁ ସୁସ୍ଥ କଲେ । ସେ ବଧିରମାନଙ୍କୁ ଶୁଣିବା ପାଇଁ, ଘୁଙ୍ଗାମାନଙ୍କୁ କଥା କହିବା ପାଇଁ, ଖଞ୍ଜମାନଙ୍କୁ ଚାଲିବା ପାଇଁ ଶକ୍ତି ଦେଇଥିଲେ । ତଥା ମୃତମାନଙ୍କୁ ଜୀବିତ କରିଥିଲେ । ସେ ସମସ୍ତ ପ୍ରକାର ରୋଗୀମାନଙ୍କୁ ସୁସ୍ଥ କଲେ, ଅନେକ ସଂଖ୍ୟକ ଜନତାକୁ ଖାଦ୍ୟ ଯୋଗାଇଥିଲେ ଏବଂ ଜଳ ଉପରେ ମଧ୍ୟ ଚାଲିଥିଲେ । ଲେଖାଯାଏ ଅନେକେ ତାହାଙ୍କ ସାଧିତ ଆଶ୍ଚର୍ଯ୍ୟ କର୍ମଗୁଡ଼ିକ ଦେଖି ତାହାଙ୍କ ଠାରେ ବିଶ୍ୱାସ କଲେ ।" (ଯୋହନ ୨:୨୩)

୭) ଯୀଶୁଙ୍କର ଶିଷ୍ୟମାନେ ତାହାଙ୍କୁ ଈଶ୍ୱରଙ୍କ ପୁତ୍ର ବୋଲି ସ୍ୱୀକାର କରିଥିଲେ । ଶିମୋନ ପିତର କହିଲେ, ଆପଣ ଖ୍ରୀଷ୍ଟ, ଜୀବନ୍ତ ଈଶ୍ୱରଙ୍କ ପୁତ୍ର ।" (ମାଥିଉ ୧୬:୧୬)

୮) ଯୀଶୁଙ୍କୁ, ଶୟତାନ ମଧ୍ୟ ଈଶ୍ୱରଙ୍କ ପୁତ୍ର ବୋଲି ସ୍ୱୀକାର କରିଥିଲା । "ପୁଣି ଭୂତମାନେ ମଧ୍ୟ ଚିତ୍କାର କରୁ କରୁ ତୁମ୍ଭେ ଈଶ୍ୱରଙ୍କ ପୁତ୍ର ବୋଲି କହି ଅନେକଙ୍କ ଠାରୁ ବାହାରି ଗଲେ । ଆଉ ସେ ସେମାନଙ୍କୁ ଧମକଦେଇ କଥା କହିବାକୁ ଦେଲେ ନାହିଁ, କାରଣ ସେ ଯେ ଖ୍ରୀଷ୍ଟ, ଏହା ସେମାନେ ଜାଣିଥିଲେ ।" (ଲୂକ ୪:୪୧)

୯) ଅନେକେ ତାହାଙ୍କୁ ଈଶ୍ୱରଙ୍କ ପୁତ୍ର ବୋଲି ସ୍ୱୀକାର କଲେ । "ତାହା ହେଲେ ଯାହାଙ୍କୁ ଈଶ୍ୱର ପବିତ୍ର କରି ଜଗତକୁ ପ୍ରେରଣ କଲେ, ତାହାଙ୍କୁ କଅଣ ତୁମ୍ଭେମାନେ ମୁଁ ଈଶ୍ୱରଙ୍କ ପୁତ୍ର ଏହା କରିବାକୁ ତୁ ଈଶ୍ୱର ନିନ୍ଦା କରୁଅଛୁ

ବୋଲି କହୁଅଛ ?" (ଯୋହନ ୧୦:୩୬)

୧୦) ଯୀଶୁ, ଈଶ୍ୱରଙ୍କ ପୁତ୍ର ବୋଲି ଆପେ ସ୍ୱୀକାର କଲେ । ସେ ଈଶ୍ୱରଙ୍କ ପୁତ୍ର ବୋଲି ଗୌରବାନ୍ୱିତ ହେବା ନିମନ୍ତେ ଲାଜରଙ୍କୁ ଜୀବିତ କଲେ (ଯୋହନ ୧୧:୪)

୧୧) ଯୀଶୁଙ୍କୁ ଈଶ୍ୱର ଆପଣା ପୁତ୍ରରୂପେ ସ୍ୱୀକାର କଲେ । "ଏ ଆମ୍ଭର ପ୍ରିୟପୁତ୍ର ଏହାଙ୍କଠାରେ ଆମ୍ଭର ପରମସନ୍ତୋଷ, ଏହାଙ୍କ ବାକ୍ୟ ଶ୍ରବଣ କର ।" (ମାଥିଉ ୧୭:୫)

୧୨) ଯୀଶୁ ମୃତ୍ୟୁଠାରୁ ପୁନଃରୁଥିତ ହେଲେ । "......କିନ୍ତୁ ଧର୍ମମୟ ଆତ୍ମା ସମ୍ୱନ୍ଧରେ ମୃତମାନଙ୍କ ମଧ୍ୟରୁ ପୁନଃରୁଥାନ ଦ୍ୱାରା ଈଶ୍ୱରଙ୍କ ପୁତ୍ର ବୋଲି ଶକ୍ତିସହ ନିର୍ଦ୍ଦିଷ୍ଟ ହେଲେ ।" (ରୋମୀ ୧:୪)

୧୩) ଯୀଶୁ ତାହାଙ୍କଠାରେ ବିଶ୍ୱାସ କରିବା ଲୋକମାନଙ୍କୁ ଜୀବନ ପ୍ରଦାନ କରନ୍ତି । "କିନ୍ତୁ ତୁମ୍ଭେମାନେ ଯେପରି ବିଶ୍ୱାସ କର ଯେ, ଯୀଶୁ ଈଶ୍ୱରଙ୍କ ପୁତ୍ର ଅଟନ୍ତି, ପୁଣି ବିଶ୍ୱାସ କରି ଯେପରି ତୁମ୍ଭେମାନେ ତାହାଙ୍କ ନାମରେ ଜୀବନପ୍ରାପ୍ତ ହୁଅ, ଏଥି ନିମନ୍ତେ ଏହି ସବୁ ଲେଖା ଯାଇଅଛି ।" (ଯୋହନ ୨୦:୧୩) ।

୧୪) ଯୀଶୁ ପୁନର୍ବାର ଆସିବେ । "ପୁଣି ମୁଁ ଯାଇ ତୁମ୍ଭମାନଙ୍କ ନିମନ୍ତେ ସ୍ଥାନ ପ୍ରସ୍ତୁତ କଲେ ପୁନର୍ବାର ଆସିବି ।" (ଯୋହନ ୧୪:୩)

୧୫) ଯୀଶୁଙ୍କୁ ଜାଗତିକ ଇତିହାସ ଈଶ୍ୱରଙ୍କ ପୁତ୍ରରୂପେ ସ୍ୱୀକାର କରେ ।

୧୬) ଯୀଶୁ ଆଜି, କାଲି ଓ ସଦାସର୍ବଦା ଜୀବିତ ଅଟନ୍ତି ।

ଯୀଶୁଙ୍କୁ ଈଶ୍ୱରଙ୍କ ପୁତ୍ରରୂପେ ପ୍ରମାଣିତ କରିବା ପାଇଁ ପ୍ରକୃତରେ କାଗଜ ନିଅଣ୍ଟ ହେବ । କିନ୍ତୁ ଉପରଲିଖିତ ଅଂଶଗୁଡ଼ିକ ଉପରେ ଆପଣ ଧ୍ୟାନ ଦେବେ ବୋଲି ମୋର ଆଶା ।

ଆପଣ ଯୀଶୁଙ୍କୁ ଈଶ୍ୱରଙ୍କ ପୁତ୍ରରୂପେ କଅଣ ବିଶ୍ୱାସ କରୁଅଛନ୍ତି । ଯଦି କରୁଅଛନ୍ତି ତାହାଙ୍କୁ ସ୍ୱୀକାର କର (ମାଥିଉ ୧୦:୩୨) ଏବଂ ତାହାଙ୍କ ଦ୍ୱାରା ପରିତ୍ରାଣ ପାଇବା ନିମନ୍ତେ ତାହାଙ୍କ ଆଜ୍ଞାସବୁ ପାଳନ କର (ପ୍ରେରିତ ୨:୩୮, ମାର୍କ ୧୬,୧୬, କଲ ୧:୨୭) ।

# 3. ଈଶ୍ୱରଙ୍କ ପୁତ୍ର
## (The Son of God)

ଯୀଶୁଖ୍ରୀଷ୍ଟଙ୍କୁ ଈଶ୍ୱରଙ୍କ ପୁତ୍ର ବୋଲି ବାଇବଲ ସରଳଭାବରେ ବୁଝାଇଦିଏ । ଏହି ବିଷୟ କେତେକ ଲୋକେ ଗ୍ରହଣ କରି ପାରିବେ ନାହିଁ ବୋଲି ଭାବନ୍ତି । ସେମାନେ ପ୍ରଶ୍ନ କରନ୍ତି ଓ ଅସ୍ୱୀକାର ମଧ୍ୟ କରନ୍ତି । ସେମାନଙ୍କ ସମସ୍ୟା ହେଲା ସେମାନେ ମନୁଷ୍ୟ ଭାବନାନୁଯାୟୀ ବୁଝିବାକୁ ଚେଷ୍ଟା କରନ୍ତି । ସେମାନଙ୍କର ପ୍ରଶ୍ନ ହେଲା, "ଈଶ୍ୱରଙ୍କର କିପରି ପୁତ୍ର ରହିପାରନ୍ତି ?" ସେମାନଙ୍କ ଯୁକ୍ତି ହେଲା,"ଯଦି ଈଶ୍ୱରଙ୍କ ପୁତ୍ର ଅଛନ୍ତି ତାଙ୍କର ଭାର୍ଯ୍ୟା ମଧ୍ୟ ଥିବେ ।" ତେଣୁ ଏହା ଏକ ଅସଙ୍ଗତ ଉକ୍ତିଭାବେ ଆପଣା ମନରୁ ପୋଛି ଦିଅନ୍ତି । ହେଲେ ଆମ୍ଭେମାନେ ଏହି ବିଷୟକୁ ପୁନର୍ବାର ଖୋଲି ଏହାର ପ୍ରକୃତତା ସନ୍ଧାନ କରିବା ।

ଜଣେ ଈଶ୍ୱରଙ୍କ ପୁତ୍ର କିପରି ହୋଇପାରିବ, ଏହି ବିଷୟରେ ବାଇବଲରେ କଅଣ ଲେଖା ଯାଇଅଛି ପ୍ରଥମେ ବିଶ୍ଳେଷଣ କରିବା ।

୧. ଈଶ୍ୱର ପ୍ରତ୍ୟେକ ମନୁଷ୍ୟକୁ ସୃଷ୍ଟି କରିଥିବାରୁ ଶାରୀରିକ ଭାବେ ପ୍ରତ୍ୟେକ ମନୁଷ୍ୟ ଈଶ୍ୱରଙ୍କ ପୁତ୍ର ବୋଲି ଆମ୍ଭେ କହିପାରିବା । ଆଦିପୁସ୍ତକ ୬:୨ ପଦରେ ଏହି ବିଷୟ ପ୍ରମାଣିତ ହୁଏ । ମନୁଷ୍ୟ ଈଶ୍ୱରଙ୍କଠାରୁ ଜାତ (ପ୍ରେରିତ ୧୭:୨୮) ତେଣୁ ଜଣେ ଧାର୍ମିକ ହେଉ ବା ଅଧାର୍ମିକ ହେଉ ଈଶ୍ୱରଙ୍କ

ଆରାଧନା କରୁ ବା ନକରୁ, ଦେହ ଓ ଆତ୍ମାରେ ସେ ଈଶ୍ୱରଙ୍କ ସୃଷ୍ଟି ଏବଂ ଏହି ସଂସାରରେ ଈଶ୍ୱରଙ୍କ ପୁତ୍ର ରୂପେ ଗଣିତ ହୁଏ । ମନୁଷ୍ୟ ପାପ କରିବା ଦ୍ୱାରା ସୃଷ୍ଟିକର୍ତ୍ତାଙ୍କ ଠାରୁ ଦୂରେଇ ଯାଇଅଛି । ତେଣୁ କରି ପରିତ୍ରାଣ ପାଇବା ନିମନ୍ତେ ତାଙ୍କ ନିକଟକୁ ଫେରି ଆସିବା ଆବଶ୍ୟକ । (ଏଫିସୀ ୨:୧୬, କଲସୀ ୧:୧୪)

୨. ଈଶ୍ୱର ଈଶ୍ରାୟେଲ ଜାତିକୁ ଆପଣାର ପୁତ୍ର ବୋଲି କହିଲେ । ପ୍ରକୃତରେ ସେମାନେ ଶାରୀରିକ ଓ ଆତ୍ମିକଭାବେ ମନୋନୀତ ଲୋକ ଥିଲେ । ''ପୁଣି ତୁମ୍ଭେ ଫାରୋଙ୍କୁ କହିବ, ସଦାପ୍ରଭୁ କହନ୍ତି, ଈଶ୍ରାୟେଲ ଆମ୍ଭର ପୁତ୍ର, ଆମ୍ଭର ଜ୍ୟେଷ୍ଠପୁତ୍ର, ଆମ୍ଭେ ତୁମକୁ କହିଅଛୁଁ, ଆମ୍ଭର ସେବା କରିବା ପାଇଁ ତୁମ୍ଭେ ଆମ୍ଭର ପୁତ୍ରକୁ ଛାଡ଼ି ଦିଅ ମାତ୍ର ତୁମ୍ଭେ ତାହାକୁ ଛାଡ଼ିବାକୁ ନାସ୍ତି କରିଅଛ, ଦେଖ, ଆମ୍ଭେ ତୁମ୍ଭ ପୁତ୍ରକୁ, ତୁମ୍ଭ ଜ୍ୟେଷ୍ଠ ପୁତ୍ରକୁ ବଧ କରିବା । (ଯାତ୍ରା ୪:୨୨-୨୩)

୩. ଈଶ୍ୱରଙ୍କ ଆଜ୍ଞା ପାଳନ କରିବା ଦ୍ୱାରା ଜଣେ ଆତ୍ମିକ ଭାବେ ଈଶ୍ୱରଙ୍କ ପୁତ୍ର ହୋଇପାରେ । ''ଯେଣୁ ଯେତେ ଲୋକ ଈଶ୍ୱରଙ୍କ ଆତ୍ମାଙ୍କ ଦ୍ୱାରା ଚାଳିତ ହୁଅନ୍ତି, ସେମାନେ ଈଶ୍ୱରଙ୍କ ସନ୍ତାନ ।'' (ରୋମୀୟ ୮:୧୪) । ''କିନ୍ତୁ ମୁଁ କହୁଅଛି, ଯେତେ ଦିନ ପର୍ଯ୍ୟନ୍ତ ସେ ସମସ୍ତ ବିଷୟର କର୍ତ୍ତା ହେଲେ ହେଁ କୌଣସି ପ୍ରକାରେ ଦାସ ଠାରୁ ଭିନ୍ନ ନୁହେଁ କିନ୍ତୁ ପିତାଙ୍କ ନିରୂପିତ ସମୟ ପର୍ଯ୍ୟନ୍ତ ସେ ଅଭିଭାବକ ଓ ବେବର୍ତ୍ତାମାନଙ୍କ ଅଧିନରେ ଥାଏ । ସେହିପରି ଆମ୍ଭେମାନେ ମଧ୍ୟ ଯେତେବେଳେ ନାବାଳକ ଥିଲୁ, ସେତେବେଳେ ଜଗତର ପ୍ରାଥମିକ ବିଷୟଗୁଡ଼ାକର ଦାସ ଥିଲୁ, କିନ୍ତୁ କାଳ ସମ୍ପୂର୍ଣ୍ଣ ହୁଅନ୍ତେ ଈଶ୍ୱର ଆପଣା ନିକଟରୁ ନିଜ ପୁତ୍ରଙ୍କୁ ପ୍ରେରଣ କଲେ, ସେ ସ୍ତ୍ରୀ ଜାତ ହୋଇ ବ୍ୟବସ୍ଥାଧୀନ ହେଲେ, ଯେପରି ସେ ମୂଲ୍ୟ ଦେଇ ବ୍ୟବସ୍ଥାଧୀନ ହେଲେ, ପୁଣି ଆମ୍ଭେମାନେ ପୁତ୍ରତ୍ୱର ଅଧିକାର ପ୍ରାପ୍ତ ହେଉଁ । ଆଉ ତୁମ୍ଭେମାନେ ପୁତ୍ର, ଏଥି ସକାଶେ ଈଶ୍ୱର ଆପଣା ନିକଟରୁ ନିଜ ପୁତ୍ରଙ୍କ ଆତ୍ମାଙ୍କୁ ଆମ୍ଭମାନଙ୍କ ହୃଦୟକୁ ପ୍ରେରଣ କଲେ । ସେହି ଆତ୍ମା ଆବ୍ବା, ପିତଃ ବୋଲି ଡାକନ୍ତି । ଏଣୁ ତୁମ୍ଭେ ଆଉ ଦାସ

ନୁହଁ, କିନ୍ତୁ ପୁତ, ପୁଣି ଯଦି ପୁତ୍ର, ତେବେ ଈଶ୍ୱରଙ୍କ କର୍ତ୍ତୃକ ଉତ୍ତରାଧିକାରୀ (ଗାଲାତୀ ୪:୧-୭)

ପୁତ୍ର ହୋଇଥିବାରୁ ଆମ୍ଭେମାନେ ଈଶ୍ୱରଙ୍କର ସନ୍ତାନଗଣ । ଯେଣୁ ଲେଖାଯାଏ, "କାରଣ ତୁମ୍ଭେମାନେ ସମସ୍ତେ ଯୀଶୁଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ ଦ୍ୱାରା ଈଶ୍ୱରଙ୍କର ସନ୍ତାନ ହୋଇଅଛ, ଯେଣୁ ତୁମ୍ଭେମାନେ ଯେତେ ଲୋକ ଖ୍ରୀଷ୍ଟଙ୍କ ଉଦ୍ଦେଶ୍ୟରେ ବାପ୍ତିଜିତ ହୋଇଅଛ, ତୁମ୍ଭେମାନେ ସମସ୍ତେ ଖ୍ରୀଷ୍ଟଙ୍କୁ ପରିଧାନ କରିଅଛ ।" (ଗାଲାତୀ ୩:୨୬-୨୭), "ଅତଏବ ପ୍ରିୟ ସନ୍ତାନମାନଙ୍କ ପରି ଈଶ୍ୱରଙ୍କ ଅନୁକାରୀ ହୁଅ ।" (ଏଫିସୀ ୫:୧) "ଏଥିରେ କିଏ ଈଶ୍ୱରଙ୍କ ସନ୍ତାନ ଓ କିଏ ଶୟତାନର ସନ୍ତାନ, ଏହା ପ୍ରକାଶିତ ହୁଏ, ଯେକେହି ଧର୍ମାଚରଣ କରେ ନାହିଁ, କିଅବା ଆପଣା ଭାଇକୁ ପ୍ରେମ କରେ ନାହିଁ, ସେ ଈଶ୍ୱରଙ୍କଠାରୁ ଜାତ ନୁହେଁ ।" (୧ମ ଯୋହନ ୩:୧୦) "ଆମ୍ଭେମାନେ ଯେତେବେଳ ତଦ୍ୱାରା ଜାଣିପାରୁ ଯେ ଆମ୍ଭେମାନେ ଈଶ୍ୱରଙ୍କ ସନ୍ତାନମାନଙ୍କୁ ପ୍ରେମ କରୁଅଛୁଁ ।" (୨ୟ ଯୋହନ ୫:୨)

୪. ଶେଷରେ, ଖ୍ରୀଷ୍ଟ ଈଶ୍ୱରଙ୍କ ପୁତ୍ର ବୋଲି ଗୋଟିଏ ବିଶେଷ ଭାବରେ କୁହାଯାଏ । ତାହା ବ୍ୟକ୍ତିଗତ ଭାବ, ଯାହା ପିତା ଓ ପୁତ୍ରର ମଧ୍ୟରେ ଥିବା ବନ୍ଧନ । ପ୍ରଥମେ, ଈଶ୍ୱର ଖ୍ରୀଷ୍ଟଙ୍କୁ ଆପଣାର ପୁତ୍ର ବୋଲି ସାକ୍ଷ୍ୟ ଦେଲେ । ଆଉ ଦେଖ, ଆକାଶରୁ ଏହି ବାଣୀ ହେଲା, "ଏ ଆମ୍ଭର ପ୍ରିୟ ପୁତ୍ର ଏହାଙ୍କଠାରେ ଆମ୍ଭର ପରମ ସନ୍ତୋଷ ।" (ମାଥିଉ ୩:୧୭) ପୁନର୍ବାର ଈଶ୍ୱର କହିଲେ "ଏ ଆମ୍ଭର ପ୍ରିୟ ପୁତ୍ର ଏହାଙ୍କ ଠାରେ ଆମ୍ଭର ପରମ ସନ୍ତୋଷ, ଏହାଙ୍କ ବାକ୍ୟ ଶ୍ରବଣ କର ।" (ମାଥିଉ ୧୭:୫) ପିତର ଖ୍ରୀଷ୍ଟଙ୍କୁ ଜୀବିତ ପରମେଶ୍ୱରଙ୍କ ପୁତ୍ର ବୋଲି ସ୍ୱୀକାର କଲେ । (ମାଥିଉ ୧୬:୧୬) ଜଗତର ପାପ ବହି ନେଇଯିବା ନିମନ୍ତେ ଈଶ୍ୱର ଆପଣା ପୁତ୍ରଙ୍କୁ ମୃତ୍ୟୁ ଭୋଗିବା ନିମନ୍ତେ ପ୍ରେରଣ କଲେ । (ଯୋହନ ୩:୧୬,୧, ରୋମୀୟ ୮:୩) ଏବଂ ଖ୍ରୀଷ୍ଟ ଈଶ୍ୱରଙ୍କ ପୁତ୍ରରୂପେ ପ୍ରଚାରିତ ହେଲେ । (ପ୍ରେରିତ ୯:୨୦) । ଏହିପରି ଅନେକ ଭାବରେ ଖ୍ରୀଷ୍ଟଙ୍କୁ

ଈଶ୍ୱରଙ୍କ ପୁତ୍ର ବୋଲି ପ୍ରମାଣ କରିପାରିବା, କିନ୍ତୁ ଉପର ଲିଖିତ ବିଷୟ ସବୁ ଯଥେଷ୍ଟ ।

ତେବେ ଖ୍ରୀଷ୍ଟ କିପରି ଈଶ୍ୱରଙ୍କ ପୁତ୍ର ହୋଇପାରିଲେ ? ସେ ସୃଷ୍ଟି ଆରମ୍ଭରେ ଈଶ୍ୱରଙ୍କ ସହିତ ଥିଲେ । "ଆଦ୍ୟରେ ବାକ୍ୟ ଥିଲେ, ବାକ୍ୟ ଈଶ୍ୱରଙ୍କ ସହିତ ଥିଲେ, ସେହି ବାକ୍ୟ ଈଶ୍ୱର ଥିଲେ । ସେ ଆଦ୍ୟରେ ଈଶ୍ୱର ସହିତ ଥିଲେ ।" (ଯୋହନ ୧:୧-୨) ସେ ସଅଷ୍ଟି କରିବାରେ ଅଂଶଗ୍ରହଣ କଲେ । ଈଶ୍ୱର କହିଲେ, "ଆମ୍ଭେମାନେ ଆପଣା ପ୍ରତିମୂର୍ତ୍ତିରେ ଓ ଆପଣା ସାଦଅଶ୍ୟରେ ମନୁଷ୍ୟର ନିର୍ମାଣ କରୁ ।" (ଆଦି ୧:୨୬) । ଏବ୍ରୀ ପୁସ୍ତକକର୍ତ୍ତା ଲେଖିଲେ, "ଏହି ଶେଷ କାଳରେ ପୁତ୍ରଙ୍କ ଦ୍ୱାରା ଆମ୍ଭମାନଙ୍କୁ କଥା କହିଅଛନ୍ତି, ତାହାଙ୍କୁ ସେ ସମସ୍ତ ବିଷୟର ଅଧିକାରୀ କରି ନିଯୁକ୍ତ କଲେ ।" (ଏବ୍ରୀ ୧:୨) । ଯୋହନଙ୍କ ଅନୁସାରେ, "ତାହାଙ୍କ ଦ୍ୱାରା ସମସ୍ତ ସଅଷ୍ଟ ହେଲା, ଆଉ ଯେ ସମସ୍ତ ସୃଷ୍ଟି ହୋଇଅଛି, ସେଥିମଧ୍ୟରୁ ଗୋଟିଏ ସୁଦ୍ଧା ତାହାଙ୍କ ବିନା ସୃଷ୍ଟି ହୋଇନାହିଁ ।" (ଯୋହନ ୧:୩)

ଖ୍ରୀଷ୍ଟ ତ୍ରିଏକ ଈଶ୍ୱର, ଅର୍ଥାତ୍ ପିତା ଈଶ୍ୱର, ପୁତ୍ର ଖ୍ରୀଷ୍ଟ ଓ ପବିତ୍ର ଆତ୍ମାଙ୍କର ମଧ୍ୟରୁ ଜଣେ । ପାଉଲଙ୍କ ଅନୁସାରେ "... ... ଖ୍ରୀଷ୍ଟଙ୍କ ଠାରେ ସମ୍ପୂର୍ଣ୍ଣ ଈଶ୍ୱରତ୍ୱ ଦେହବନ୍ତ ହୋଇ ବାସ କଲେ । ପୁଣି ସମସ୍ତ ଆଧିପତ୍ୟ ଓ କର୍ତ୍ତାପଣର ମସ୍ତକରୂପେ ଯେ ସେ ତାହାଙ୍କ ସହଭାଗିତାରେ ତୁମ୍ଭେମାନେ ପୂର୍ଣ୍ଣତା ପ୍ରାପ୍ତ ହୋଇଅଛ । କଲସୀ ୨:୯-୧୦ ରୋମୀୟ ୧:୨୦ ମଧ୍ୟ ପଢ଼ନ୍ତୁ ।

ଈଶ୍ୱର ଆତ୍ମା ହୋଇଥିବାରୁ, ଖ୍ରୀଷ୍ଟ ଆତ୍ମା ହୋଇ ତାହାଙ୍କର ସହିତ ବାସ କଲେ । ଶେଷରେ ନିର୍ଦ୍ଦିଷ୍ଟ ସମୟରେ, ପ୍ରତିଜ୍ଞାନୁଯାୟୀ ଆପଣା ପିତା ଈଶ୍ୱରଙ୍କଠାରୁ ଜଗତକୁ ଆସି କନ୍ୟା ମରିୟମ ଗର୍ଭରୁ ଜାତ ହୋଇ ମନୁଷ୍ୟରୂପୀ ହୋଇ, ଏହି ଜଗତର ପାପ ନିମନ୍ତେ ମୃତ୍ୟୁଭୋଗ କରି, ସମାଧିପ୍ରାପ୍ତ ହୋଇ, ମୃତ୍ୟୁରୁ ଉଥିତ ହୋଇ ଆପଣା ପିତାଙ୍କ ନିକଟକୁ ଫେରିଗଲେ ଏବଂ ଏବେ ପର୍ଯ୍ୟନ୍ତ ସେ ସେଠାରେ ଅଛନ୍ତି । (ମାଥିଉ ୧:୨୩, ଯୋହନ ୩:୧୭, ଗାଲାତୀ

୪:୧, ଯୋହନ ୪:୯, ୧ମ ଯୋହନ ୪:୧୪, ୧ମ କରିନ୍ଥୀ ୧୫:୧-୪, ପ୍ରେରିତ ୨ୟ ଅଧ୍ୟାୟ) ।

ଯଦିଓ ଖ୍ରୀଷ୍ଟ ଆରମ୍ଭରୁ ଈଶ୍ୱରଙ୍କ ସହିତ ଥିଲେ ଏବଂ ଅନନ୍ତ ଜୀବୀ ଦୈବିକ ଶକ୍ତିବନ୍ତ ହେଲେ ହେଁ ସେ ପିତା ଈଶ୍ୱର ନୁହନ୍ତି । ଈଶ୍ୱର ଏକ, ଖ୍ରୀଷ୍ଟ ,କ ଓ ଆତ୍ମା ଏକ (ଏଫିସୀ ୪:୧-୬) । ଯଦିଓ ସେମାନେ ,କ, ସେମାନେ ତିନି ଜଣ ବ୍ୟକ୍ତି । ପ୍ରତ୍ୟେକଙ୍କର ଗୋଟିଏ ବିଶେଷ ବ୍ୟକ୍ତିତ୍ୱ ରହିଅଛି । ପ୍ରତ୍ୟେକଙ୍କର କାର୍ଯ୍ୟ ଭିନ୍ନ । ତଥାପି ସେମାନେ ଏକ ଈଶ୍ୱରତ୍ୱର ଭିନ୍ନ ଭିନ୍ନ ଅଂଶ ।

ଈଶ୍ୱରଙ୍କର ପୁତ୍ର ନାହାନ୍ତି ବୋଲି କହିବାରେ, ଆମେ ଈଶ୍ୱରଙ୍କ ଶକ୍ତିକୁ ସୀମିତ କରୁଅଛୁ । ଯାହା କି ଅସମ୍ଭବ । ଏହି ବିଷୟ ଆମ୍ଭେମାନେ ସମ୍ପୂର୍ଣ୍ଣଭାବେ ବୁଝିନପାରୁ, କାରଣ ଆମ୍ଭେମାନେ ଈଶ୍ୱରଙ୍କୁ ସମ୍ପୂର୍ଣ୍ଣଭାବେ ଜାଣିନାହୁଁ । ଈଶ୍ୱର ଓ ତାଙ୍କର ପୁତ୍ର ଦୈବ କିନ୍ତୁ ଆମ୍ଭେମାନେ ମନୁଷ୍ୟମାତ୍ର ବିଶ୍ୱାସ ଦ୍ୱାରା ଗ୍ରହଣ କରିବା ବିଷୟ ସବୁ ଆମେ ମନୁଷ୍ୟ ଜ୍ଞାନାନୁଯାୟୀ ବୁଝିପାରିବା ନାହିଁ । ଏହା ମୋର ଓ ତୁମର ବିବେଚନାର ବାହାରେ ପ୍ରତ୍ୟେକ ବିଷୟ ଈଶ୍ୱରଙ୍କ ଲକ୍ଷ୍ୟ କରାଯାଇଅଛି, ସେ ଆମକୁ ତାଙ୍କର ପୁତ୍ର ବୋଲି ସୂଚାଏ । ସେ କହିଲେ, "ତୁମ୍ଭେମାନେ ଈଶ୍ୱରଙ୍କଠାରେ ବିଶ୍ୱାସ କର, ମୋ ଠାରେ ମଧ୍ୟ ବିଶ୍ୱାସ କର ।" (ଯୋହନ ୧୪:୧) ପ୍ରକୃତରେ ଆମ୍ଭେମାନେ ତାଙ୍କୁ ଈଶ୍ୱରଙ୍କ ପୁତ୍ର ବୋଲି ଗ୍ରହଣ କରିବା, ନହେଲେ ଆମ୍ଭେମାନେ ଆମ୍ଭମାନଙ୍କ ପାପରେ ମରିବା । (ଯୋହନ ୮:୨୪)

# 4. ମୂର୍ତ୍ତିପୂଜା
## (The Sin of Idolatry)

ମୂର୍ତ୍ତି କାଠ, ପଥର କିମ୍ବା ଧାତୁନିର୍ମିତ ପ୍ରତିମା ଯାହା କୌଣସି ଦେବ ବା ଦେବୀଙ୍କର ପ୍ରତିନିଧିତ୍ୱ କରେ । ଏହା ମନୁଷ୍ୟରୂପରେ ବା ପ୍ରକୃତିର କୌଣସି ଅଙ୍ଗରୂପରେ ଦେଖିବାକୁ ମିଳେ । ଅଥବା କୌଣସି ବସ୍ତୁ ଜଣକର ସମସ୍ତଙ୍କର ପୂଜା ଆବଶ୍ୟକ କରେ ତାହା ପ୍ରତିମା ସ୍ୱରୂପ ଅଟେ । ପ୍ରତିମା ଉପାସନା ଅତୀତ ଯେତେ ପୁରୁଣା ବର୍ତ୍ତମାନ ଯେତେ ଆଧୁନିକ । ଏହା ଅନେକ ରୂପ ଧାରଣ କରେ ତଥାପି ଏହା ପ୍ରତିମା ପୂଜା ଓ ପ୍ରତିମା ପୂଜା ପାପରୂପେ ଗଣନା କରାଯାଏ । କାରଣ ଏହା ସତ୍ୟ ଓ ଜୀବିତ ଈଶ୍ୱରଙ୍କର ପୂଜା ହୋଇ, ଅନ୍ୟ ବସ୍ତୁର ଆରାଧନା କରାଯାଇଥାଏ ।

ମୂର୍ତ୍ତି ବିଷୟରେ ବାଇବଲ ଏପରି କହେ,"ତୁମ୍ଭେ ଆପଣା ନିମନ୍ତେ କୌଣସି ଖୋଦିତ ପ୍ରତିମା ନିର୍ମାଣ କରିବ ନାହିଁ, କି ଉପରିସ୍ଥ ସ୍ୱର୍ଗରେ, କି ନୀଚସ୍ଥ ପୃଥିବୀରେ, କି ପୃଥିବୀର ନିଚସ୍ଥ ଜଳରେ ଥିବା କୌଣସି ବସ୍ତୁର ପ୍ରତିମୂର୍ତ୍ତି ନିର୍ମାଣ କରିବ ନାହିଁ । ତୁମ୍ଭେ ସେମାନଙ୍କୁ ପ୍ରଣାମ କରିବ ନାହିଁ କି ସେମାନଙ୍କ ସେବା କରିବ ନାହିଁ, ଯେହେତୁ ଆମ୍ଭେ ତୁମ୍ଭର ସଦାପ୍ରଭୁ ପରମେଶ୍ୱର ସ୍ୱଗୌରବ-ରକ୍ଷଣରେ ଉଦ୍‌ଯୋଗୀ ପରମେଶ୍ୱର ଅଟୁଁ ।" (ଯାତ୍ରା ୨୦:୪-୫) "ଏହେତୁ ଇଶ୍ରାୟେଲ ବଂଶକୁ କୁହ ପ୍ରଭୁ ସଦାପ୍ରଭୁ ଏହି କଥା କହନ୍ତି, ତୁମ୍ଭେମାନେ ଫେର, ଆପଣା ଆପଣା ଦେବଗଣଠାରୁ ବିମୁଖ ହୁଅ, ତୁମ୍ଭମାନଙ୍କର ସମସ୍ତ ଘୃଣ୍ୟଯୋଗ୍ୟ କ୍ରିୟାରୁ ଆପଣା ଆପଣା ମୁଖ ଫେରାଅ (ଯିହିଜି ୧୪:୬)

ନୂତନ ନିୟମର ଲେଖକ ଏପରି ଲେଖନ୍ତି, "ଅତଏବ ମୋହର ବିଚାର ଏହି, ବିଜାତିମାନଙ୍କ ମଧ୍ୟରୁ ଯେଉଁମାନେ ଈଶ୍ୱରଙ୍କ ପ୍ରତି ଫେରନ୍ତି, ସେମାନଙ୍କୁ

ଆମ୍ଭେମାନେ ଭାରଗ୍ରସ୍ତ କରିବା ନାହିଁ, କିନ୍ତୁ ପ୍ରତିମା ସମ୍ବନ୍ଧୀୟ ଅଶୁଚିତା, ପରଦାର, ଶ୍ୱାସରୁଦ୍ଧ ଦ୍ୱାରା ମୃତପ୍ରାଣୀ ଓ ରକ୍ତରୁ ପୃଥକ ରହିବା ନିମନ୍ତେ ଆମ୍ଭେମାନେ ସେମାନଙ୍କୁ ଲେଖୁ ।'' (ପ୍ରେରିତ ୧୫:୧୯-୨୦) ''ହେ ବତ୍ସଗଣ, ପ୍ରତିମାମାନଙ୍କ ଠାରୁ ଆପଣା ଆପଣାକୁ ପୃଥକ କର ।'' (୧ମ ଯୋହନ ୫:୨୧)

ଈଶ୍ୱରଙ୍କ ଦ୍ୱାରା ପ୍ରେରଣାପ୍ରାପ୍ତ ଲେଖକମାନେ ମୂର୍ତ୍ତିପୂଜା ବିଷୟକ ମୂଢ଼ତା ଓ ସେଗୁଡ଼ିକର ଉପାସନା ବିଷୟରେ ଏପରି ଲେଖନ୍ତି, ''ସେମାନଙ୍କ ଦେଶ ମଧ୍ୟ ପ୍ରତିମାରେ ପରିପୂର୍ଣ୍ଣ, ସେମାନେ ଆପଣାମାନଙ୍କ ଅାଙ୍ଗୁଳି ନିର୍ମିତ ସ୍ୱହସ୍ତକୃତ ବସ୍ତୁକୁ ପ୍ରଣାମ କରନ୍ତି । ସାମାନ୍ୟ ଲୋକ ଅଧୋମୁଖ ଓ ମହାନ ଲୋକ ନତ ହୁଏ, ଏହେତୁ ସେମାନଙ୍କୁ କ୍ଷମା କର ନାହିଁ । (ଯିଶା ୨:୮-୯) ଯେଉଁମାନେ ଖୋଦିତ ପ୍ରତିମା ନିର୍ମାଣ କରନ୍ତି, ସେ ସମସ୍ତେ ଅସାର, ସେମାନେ ଯେମନ୍ତ ଲଜ୍ଜିତ ହେବେ ଏଥିପାଇଁ ସେମାନଙ୍କର ନିଜ ସାକ୍ଷୀଗଣ ଦେଖନ୍ତି ନାହିଁ, କିଅବା ଜାଣନ୍ତି ନାହିଁ । ଯାହା କୌଣସି ବିଷୟରେ ଉପକାରକ ନୁହେଁ, ଏପରି ଦେବତା କିଏ ନିର୍ମାଣ କରିଅଛି ? ଅବା ଖୋଦିତ ପ୍ରତିମା କିଏ ଛାଞ୍ଚରେ ଢ଼ାଳି ଦେଇଛି ? ଦେଖ, ତାହାର ସହାୟ ସମସ୍ତେ ଲଜ୍ଜିତ ହେବେ, ପୁଣି ଶିଳ୍ପକାରୀମାନେ ମନୁଷ୍ୟ ମାତ୍ର, ସେ ସମସ୍ତେ ଏକତ୍ର ହୁଅନ୍ତୁ, ସେମାନେ ଛିଡ଼ା ହୁଅନ୍ତୁ, ସେମାନେ କମ୍ପିତ ହେବେ ସେମାନେ ଏକାବେଳେକେ ଲଜ୍ଜିତ ହେବେ । କର୍ମକାର ଲୌହ ଅସ୍ତ୍ର ନିର୍ମାଣ କରି ତପ୍ତ ଅଙ୍ଗାରରେ କର୍ମ କରେ, ହଁ, ସେ କ୍ଷୁଧିତ ହୁଏ ଓ ତାହାର ବଳ ଊଣା ପଡ଼ିଯାଏ, ସେ ଜଳପାନ ନ କରି କ୍ଳାନ୍ତ ହୁଏ । ସୂତ୍ରଧରି ସୂତା ଟାଣେ, ସେ ସିନ୍ଦୁର ଦ୍ୱାରା ଚିହ୍ନ ଦିଏ । ସେ ରନ୍ଦା ବୁଲାଇ କମ୍ପାସ ଦ୍ୱାରା ଚିହ୍ନ ଦିଏ ଓ ଗୃହରେ ବାସ କରିବା ନିମନ୍ତେ ମନୁଷ୍ୟର ଆକୃତି ଓ ସୌନ୍ଦର୍ଯ୍ୟ ଅନୁସାରେ ତାହା ନିର୍ମାଣ କରେ । ସେ ଆପଣା ନିମନ୍ତେ ଏରସ ବୃକ୍ଷ କାଟେ ଓ ଆଲୋନ ବୃକ୍ଷ ନିଏ, ସେ ବନ ବୃକ୍ଷ ମଧ୍ୟରୁ ଗୋଟାଏ ବୃକ୍ଷ ଆପଣା ପାଇଁ ଦୃଢ଼ କରେ,

ସେ ଦେବଦାରୁ ବୃକ୍ଷ ରୋପଣ କରେ ଓ ବୃଷ୍ଟି ତାହା ବଢ଼ାଏ । ଏହା ପରେ ତାହା ମନୁଷ୍ୟର ଜାଳେଣି କାଷ୍ଠ ହୁଏ, ସେ ତହିଁରୁ କିଛି ନେଇ ଅଗ୍ନିତାପ ନିଏ, ଆଉ ସେ ତାହା ଜାଳି ରୋଟୀ ପାକ କରେ, ଆହୁରି ଗୋଟିଏ ଦେବତା କରି ତାହା ପୂଜା କରେ, ସେ ଗୋଟିଏ ଖୋଦିତ ପ୍ରତିମା କରି ତା' ଆଗରେ ଦଣ୍ଡବତ କରେ । ସେ ତହିଁରୁ ଏକ ଅଂଶ ଅଗ୍ନିରେ ପଡ଼େ, ଅନ୍ୟ ଅଂଶ ସେ ମାଂସ ପ୍ରସ୍ତୁତ କରି ତୃପ୍ତ ହୁଏ । ଆହୁରି ସେ ଅଗ୍ନି ତାପ ନେଇ କହେ ଆଃ, ଆମ୍ଭେ ଉଷ୍ଣ ହେଲୁ, ଆମ୍ଭେ ଅଗ୍ନି ଦେଖିଲୁ । ପୁଣି ସେ ତହିଁର ଅବଶିଷ୍ଟାଂଶ ଦ୍ୱାରା ଏକ ଦେବତା, ଆପଣାର ଖୋଦିତ ପ୍ରତିମା ନିର୍ମାଣ କରେ, ସେ ତାହା ଆଗରେ ଦଣ୍ଡପତ କରି ପୂଜା କରେ ଓ ତା ନିକଟରେ ପ୍ରାର୍ଥନା କରି କହେ, ଆମ୍ଭକୁ କିଅବା ବିବେଚନା କରନ୍ତି ନାହିଁ, କାରଣ ସେମାନେ ଯେମନ୍ତ ଦେଖି ନ ପାରିବେ, ଏଥିପାଇଁ ସେମାନଙ୍କର ଚକ୍ଷୁ ଓ ସେମାନେ ଯେମନ୍ତ ବୁଝି ନପାରିବେ, ଏଥିପାଇଁ ସେମାନଙ୍କର ଚିତ୍ତ ସେ ମୁଦ୍ରିତ କରିଅଛନ୍ତି । କେହି ମନେ କରେ ନାହିଁ, କିଅବା ଏହା କହିବା ପାଇଁ କାହାରି ଜ୍ଞାନ କି ବୁଦ୍ଧି ନାହିଁ ଯେ ଯହିଁର ଏକ ଅଂଶ ନେଇ ଆମ୍ଭେ ଅଗ୍ନିରେ ଦଗ୍ଧ କରିଅଛୁ ଓ ଯହିଁର ଜ୍ୱଳନ୍ତ ଅଙ୍ଗାର ନେଇ ରୋଟୀ ପାକ କରିଅଛୁ ଓ ମାଂସ ପାକ କରି ଭୋଜନ କରିଅଛୁ, ତହିଁର ଅବଶିଷ୍ଟାଂଶ ନେଇ କି ଘୃଣାଯୋଗ୍ୟ ବସ୍ତୁ ନିର୍ମାଣ କରିବା ? ଆମ୍ଭେ କି ଖଣ୍ଡେ କାଷ୍ଠ ଆଗରେ ଦଣ୍ଡବତ କରିବା ? ସେ ଭସ୍ମ ଭୋଜନ କରେ, ସେ ଯେମନ୍ତ ଆପଣା ପ୍ରାଣ ଉଦ୍ଧାର କରି ନପାରେ, ଏଥିପାଇଁ ଭ୍ରାନ୍ତ ଚିତ୍ତ ତାହାକୁ ବିପଥଗାମୀ କରିଅଛି । (ଯିଶା ୪୪:୯-୨୦)

ଏହାର ମୂର୍ଖତା ବିଷୟରେ ଦାଉଦ୍ ଲେଖିଲେ, "ହେ ସଦାପ୍ରଭୁ, ଆମ୍ଭମାନଙ୍କୁ ନୁହେଁ, ମାତ୍ର ତୁମ୍ଭ ଦୟା ତୁମ୍ଭ ସତ୍ୟତା ସକାଶେ ଆପଣା ନାମକୁ ଗୌରବାନ୍ୱିତ କର । ଏବେ ସେମାନଙ୍କର ପରମେଶ୍ୱର କହନ୍ତି, ଏହା ଅନ୍ୟଦେଶୀୟମାନେ କାହିଁକି କହିବେ ? ମାତ୍ର ଆମ୍ଭମାନଙ୍କ ପରମେଶ୍ୱର ସ୍ୱର୍ଗରେ

ଅଛନ୍ତି, ଯାହା ତାହାଙ୍କ ଇଚ୍ଛା ତାହା ସେ କରିଅଛନ୍ତି । ସେମାନଙ୍କର ପ୍ରତିମା ସବୁ ରୂପା ଓ ସୁନା, ମନୁଷ୍ୟର ହସ୍ତକୃତ କର୍ମ ଅଟେ । ସେମାନଙ୍କର ମୁଖ ଅଛି ମାତ୍ର ସେମାନେ କଥା କହନ୍ତି ନାହିଁ, ଚକ୍ଷୁ ସେମାନଙ୍କର ଅଛି ମାତ୍ର ସେମାନେ ଦେଖନ୍ତି ନାହିଁ, ସେମାନଙ୍କର କର୍ଣ୍ଣ ଅଛି, ମାତ୍ର ସେମାନେ ଶୁଣନ୍ତି ନାହିଁ, ନାସିକା ସେମାନଙ୍କର ଅଛି ମାତ୍ର ସେମାନେ ଆଘ୍ରାଣ କରନ୍ତି ନାହିଁ, ସେମାନଙ୍କର ହସ୍ତ ଅଛି, ମାତ୍ର ସେମାନେ ସ୍ପର୍ଶ କରନ୍ତି ନାହିଁ, ଚରଣ ସେମାନଙ୍କର ଅଛି, ମାତ୍ର ସେମାନେ ଗମନ କରନ୍ତି ନାହିଁ କିଅବା କଣ୍ଠରେ ସେମାନେ କଥା କହନ୍ତି ନାହିଁ । ସେମାନଙ୍କ ନିର୍ମାଣକାରୀମାନେ ଓ ସେମାନଙ୍କଠାରେ ନିର୍ଭରକାରୀମାନେ ସେମାନଙ୍କ ତୂଲ୍ୟ ହେବେ ।'' (ଗୀତ ୧୧୫:୧-୮)

ପୁନର୍ବାର ନୂତନ ନିୟମରେ ଏପରି ଲେଖାଯାଏ, ''ଅଥୀନୀରେ ପାଉଲ ସେମାନଙ୍କର ଅପେକ୍ଷାରେ ଥିବା ସମୟରେ ସେହି ନଗରକୁ ପ୍ରତିମାରେ ପରିପୂର୍ଣ୍ଣ ଦେଖି ତାହାଙ୍କ ଆତ୍ମା ଉତ୍ତପ୍ତ ହୋଇ ଉଠିଲା । (ପ୍ରେରିତ ୧୭:୧୬) ପରେ ''ଏଥିରେ ପାଉଲ ଆରୟପାଗର ମଧ୍ୟ ସ୍ଥଳରେ ଠିଆ ହୋଇ କହିଲେ, ହେ ଅଥୀନୀୟ ଲୋକମାନେ, ଆପଣମାନେ ଯେ ସମସ୍ତ ବିଷୟରେ ବଡ଼ ଦେବ ଭକ୍ତ ଏହା ମୁଁ ଦେଖୁଅଛି । କାରଣ ମୁଁ ଭ୍ରମଣ କରିବା ସମୟରେ ଆପଣମାନଙ୍କ ପୂଜ୍ୟବସ୍ତୁ ସମସ୍ତ ଦେଖୁଁ ଦେଖୁଁ ଗୋଟିଏ ବେଦି ମଧ୍ୟ ଦେଖିଲି, ଯାହା ଉପରେ ଏହି କଥା ଲେଖା ହୋଇଅଛି । 'ଅଜ୍ଞାତ ଦେବତାଙ୍କ ଉଦ୍ଦେଶ୍ୟରେ ।'' ଅତଏବ ଆପଣମାନେ ନ ଜାଣି ଯାହାଙ୍କୁ ପୂଜା କରୁଅଛନ୍ତି ମୁଁ ତାହାଙ୍କୁ ଆପଣମାନଙ୍କ ନିକଟରେ ପ୍ରଚାର କରୁଅଛି ।'' (ପ୍ରେରିତ ୧୭:୨୨-୨୩) ପୁଣି ପାଉଲ କହନ୍ତି, ସେ ଯେଉଁ ଈଶ୍ୱରଙ୍କର ପୂଜା କରୁଅଛନ୍ତି ସେ ସମସ୍ତ ସୃଷ୍ଟିର ସୃଷ୍ଟିକର୍ତ୍ତା, ସେ ହସ୍ତନିର୍ମିତ ମନ୍ଦିରରେ ବାସ କରନ୍ତି ନାହିଁ, କିମ୍ବା ତାଙ୍କର ଖାଦ୍ୟ ଓ ପାନୀୟ ପଦାର୍ଥର ଆବଶ୍ୟକତା ନାହିଁ । ଅନ୍ୟ ଗୋଟିଏ ସ୍ଥଳରେ ପାଉଲ ଏପରି

କହନ୍ତି,''ଏଣୁ ଦେବପ୍ରସାଦ ଭୋଜନ ବିଷୟରେ ଆମ୍ଭେମାନେ ଜାଣୁ ଯେ, ଜଗତରେ ଦେବତା ବୋଲି କିଛି ନାହିଁ, ଆଉ ଏକ ଈଶ୍ୱର ବିନା ଦ୍ୱିତୀୟ ନାହିଁ । କାରଣ ସ୍ୱର୍ଗରେ ହେଉ ବା ପୃଥିବୀରେ ହେଉ, ଯେଉଁମାନଙ୍କୁ ଦେବତା ବୋଲି କହନ୍ତି, ଯଦି ସେମାନେ ଥାଇପାରନ୍ତି, (ଏପରି ତ ଅନେକ ଦେବତା ଓ ଅନେକ ପ୍ରଭୁ ଅଛନ୍ତି) ତଥାପି ଆମ୍ଭମାନଙ୍କର ଏକମାତ୍ର ଈଶ୍ୱର ଅର୍ଥାତ୍ ଯେଉଁ ପିତାଙ୍କ ଠାରୁ ସମସ୍ତ ବିଷୟ ହୋଇଅଛି, ଆଉ ଆମ୍ଭେମାନେ ତାହାଙ୍କ ନିମନ୍ତେ ହୋଇଅଛୁ, ପୁଣି ଏକମାତ୍ର ପ୍ରଭୁ ଅର୍ଥାତ୍ ଯୀଶୁଖ୍ରୀଷ୍ଟ, ତାହାଙ୍କ ଦ୍ୱାରା ସମସ୍ତ ବିଷୟ ହୋଇଅଛି, ପୁଣି ତାହାଙ୍କ ଦ୍ୱାରା ଆମ୍ଭେମାନେ ହୋଇଅଛୁଁ । (୧ମ କରିନ୍ଥୀ ୮:୪-୬)

ବାଇବଲ ମୂର୍ତ୍ତିପୂଜାକୁ ଅପରାଧ ରୂପେ ସାବ୍ୟସ୍ତ କରେ । ଲେଖାଯାଏ, ପ୍ରତ୍ୟେକ ମୂର୍ତ୍ତିପୂଜକ, ମିଥ୍ୟାବାଦୀ ପ୍ରଭୃତି ନରକରେ ନିକ୍ଷିପ୍ତ ହେବେ (ପ୍ରକାଶିତ ୨୧:୮) । ଅନ୍ୟପକ୍ଷରେ ଯେପରି ବାଇବଲ କହେ, ସେପରି ପ୍ରକୃତି, ବୁଦ୍ଧି ଓ ସାଧାରଣ ଜ୍ଞାନ ମଧ୍ୟ କହେ ଯେ, କେବଳ ଏକ ଈଶ୍ୱର (ଏଫିସୀ ୪:୬) ଏକ ଆତ୍ମା (ଯୋହନ ୪:୨୬) ଏବଂ ଆମେ କେବଳ ତାଙ୍କୁ ସେବା କରିବା ଆବଶ୍ୟକ । (୧ମ ଥେସଲନୀକୀ ୧:୯)

# 5. ଖ୍ରୀଷ୍ଟଙ୍କ ରକ୍ତ

## (Blood of Christ)

ଈଶ୍ୱର ଓ ମନୁଷ୍ୟର ସମ୍ବନ୍ଧ ମଧ୍ୟରେ ରକ୍ତର ପ୍ରାଧାନ୍ୟତା ସବୁବେଳେ ରହିଆସୁଅଛି । ପୁରାତନ ନିୟମର ସମୟରେ ମଧ୍ୟ ପଶୁବଳି ଦିଆଯାଉଥିଲା । କିନ୍ତୁ ଏହି ପଶୁବଳିଗୁଡ଼ିକ ଚିରକାଳ ନିମନ୍ତେ ପାପ ପୋଛି ପାରିନଥିଲା କାରଣ ଏବ୍ରୀ ପୁସ୍ତକର ଲେଖକ ଲେଖନ୍ତି, "ବୃଷ ଓ ଛାଗର ରକ୍ତ ଯେ ପାପ ହରଣ କରିବ ଏହା ଅସମ୍ଭବ ।" (ଏବ୍ରୀ ୧୦:୪) ପଶୁବଳି ପାପହରଣ କରିନପାରେ, ତେବେ ମନୁଷ୍ୟ କିପରି ରକ୍ଷା ପାଇପାରିବ ? ନୂତନ ନିୟମ ଅନୁସାରେ ଖ୍ରୀଷ୍ଟଙ୍କ ରକ୍ତ ସମସ୍ତଙ୍କ ନିମନ୍ତେ ଥରେ ପାତ ହୋଇଥିଲା ଯେ କେହି ସେହି ରକ୍ତର ନିକଟବର୍ତ୍ତୀ ହୁଏ ସେ ଆପଣା ପାପ ଠାରୁ ଧୌତ ହୋଇପାରିବ ।

ମନୁଷ୍ୟ ନିଜେ ପାପୀ ହୋଇଥିବାରୁ ଆପଣାକୁ ଆପେ ରକ୍ଷା କରିପାରିବ ନାହିଁ । ତେଣୁ ପାଉଲ କହିଲେ,"ଆମ୍ଭେମାନେ ପାପୀ ଥିବା ସମୟରେ ସୁଦ୍ଧା ଖ୍ରୀଷ୍ଟ ଯେ ଆମ୍ଭମାନଙ୍କ ନିମନ୍ତେ ମୃତ୍ୟୁଭୋଗ କଲେ ସେଥିରେ ଈଶ୍ୱର ଆମ୍ଭମାନଙ୍କ ପ୍ରତି ଆପଣା ପ୍ରେମ ସପ୍ରମାଣ କରୁଅଛନ୍ତି । (ରୋମୀ ୫:୮) ପୁନର୍ବାର ସେ (୧ମ କରି ୧୫:୩) ଖ୍ରୀଷ୍ଟ ଆମ୍ଭମାନଙ୍କ ପାପ ନିମନ୍ତେ କ୍ରୁଶୀୟ ମୃତ୍ୟୁ ଭୋଗିଲେ । (ଫିଲିପୀ ୨:୮) ତାହାର ଏହି ରକ୍ତପାତ ଦ୍ୱାରା ଆମ୍ଭେମାନେ ପାପ କ୍ଷମା ପାଇପାରିବା । ପ୍ରଶ୍ନ ହେଲା ଆମ୍ଭେମାନେ କିପରି ସେହି ରକ୍ତର ନିକଟବର୍ତ୍ତୀ ହୋଇପାରିବା ? ଅନେକ ଧାର୍ମିକ ବ୍ୟକ୍ତି ବିଶ୍ୱାସ ଦ୍ୱାରା ସେହି ରକ୍ତର ନିକଟବର୍ତ୍ତୀ ହୋଇପାରିବ ବୋଲି ଭାବନ୍ତି । ବିଶ୍ୱାସ ଆବଶ୍ୟକ, କିନ୍ତୁ କେବଳ ବିଶ୍ୱାସ ହିଁ ଯଥେଷ୍ଟ ନୁହେଁ, ବାଇବଲ ଅଧ୍ୟୟନ ଦ୍ୱାରା ଆମ୍ଭେମାନେ ଜାଣିପାରୁ ଯେ, ତାହାଙ୍କ ଆଜ୍ଞାବାହ ହୋଇ (ଏବ୍ରୀ ୫:୮-୯) ବାକ୍ୟରେ ପାଳନକାରୀ ହୋଇ ତାହାଙ୍କ ଆଜ୍ଞା ସବୁ ପାଳନ (ଯୋହ ୧୪:୧୫) କରିବା ଆମ୍ଭମାନଙ୍କ କର୍ତ୍ତବ୍ୟ । ତେଣୁ ତାହାଙ୍କ ଆଜ୍ଞାବହ ହୋଇ (ଏବ୍ରୀ ୫:୮-୯)

ବାକ୍ୟରେ ପାଳନକାରୀ ହୋଇ ତାହାଙ୍କ ଆଜ୍ଞାସବୁ ପାଳନ (ଯୋହ ୧୪:୧୫) କରିବା ଆମ୍ଭମାନଙ୍କ କର୍ତ୍ତବ୍ୟ । ତେଣୁ ତାହାଙ୍କ ଆଜ୍ଞାବହ ହେବା ଦ୍ୱାରା ତାହାଙ୍କ ରକ୍ତର ନିକଟବର୍ତ୍ତୀ ହୋଇପାରିବୁ ବୋଲି ଏଥିଦ୍ୱାରା ଜାଣିପାରୁ । ତାହାହେଲେ ସେ ଆମ୍ଭମାନଙ୍କୁ କେଉଁ ଆଜ୍ଞାଗୁଡ଼ିକ ଦେଇଅଛନ୍ତି ? ତାହାଙ୍କ ଆଜ୍ଞାଗୁଡ଼ିକ ବାଇବଲ ଅଧ୍ୟୟନ ଦ୍ୱାରା ଜାଣିପାରିବା । ଯେପରି କି ସେ କହିଲେ, "ଯେ ବିଶ୍ୱାସ କରି ବାପ୍ତିଜିତ ହୁଏ ସେ ପରିତ୍ରାଣ ପାଇବ, କିନ୍ତୁ ଯେ ଅବିଶ୍ୱାସ କରେ ସେ ଦଣ୍ଡାଜ୍ଞା ପାଇବ ।" (ମାର୍କ ୧୬:୧୬) ଯେଣୁ ଯୀଶୁ କହିଲେ ଯେ କେହି ବିଶ୍ୱାସ କରି ବାପ୍ତିଜିତ ହୁଏ ସେ ପରିତ୍ରାଣ ପାଇବ, ଅର୍ଥାତ୍ ଏହି ଆଜ୍ଞା ପାଳନ କରିବା ଦ୍ୱାରା ତାହାଙ୍କ ନିକଟବର୍ତ୍ତୀ ହୋଇ ଆମ୍ଭେମାନେ ଆପଣା ଆପଣା ପାପରୁ ଧୌତ ହୋଇପାରିବା । ପୁନର୍ବାର ପ୍ରେରିତ ପିତର ପାପମୟ ଜନସମାଜକୁ କହିଲେ, "ଆପଣମାନେ ମନ ପରିବର୍ତ୍ତନ କରନ୍ତୁ, ଆଉ ନିଜ ପାପକ୍ଷମା ନିମନ୍ତେ ପ୍ରତ୍ୟେକ ଜଣ ଯୀଶୁଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହୁଅନ୍ତୁ, ତାହା ହେଲେ ଆପଣମାନେ ପବିତ୍ର ଆତ୍ମାଙ୍କର ଦାନ ପ୍ରାପ୍ତ ହେବେ ।" (ପ୍ରେରିତ ୨:୩୮) ପାପକ୍ଷମା ପାଇବା ନିମନ୍ତେ ଜଣକୁ ବାପ୍ତିସ୍ମ ନେବାକୁ ହେବ ବୋଲି ଏହି ପଦରୁ ଜାଣିପାରୁ । ଖ୍ରୀଷ୍ଟ ଗୋଟିଏ ପରିପୂର୍ଣ୍ଣ ସଜୀବ ବଳିରୂପେ ଆପଣାକୁ ଉତ୍ସର୍ଗ କଲେ । ମନୁଷ୍ୟର ପାପକ୍ଷମା ନିମନ୍ତେ ସେ ଆପଣାକୁ ଉତ୍ସର୍ଗ କଲେ, ଆମ୍ଭେମାନେ ସେହି ରକ୍ତର ନିକଟବର୍ତ୍ତୀ ହେବା ଦ୍ୱାରା ପାପକ୍ଷମା ପାଇପାରୁଁ । ପାଉଲଙ୍କ ମନ ପରିବର୍ତ୍ତନକୁ ସମୟରେ, ପ୍ରଚାରକ ତାଙ୍କୁ ଆସି କହିଲେ, "ଆଉ ଏବେ ତୁମ୍ଭେ କାହିଁକି ବିଳମ୍ବ କରୁଅଛ ? ଉଠ, ବାପ୍ତିଜିତ ହୁଅ, ପୁଣି ତାହାଙ୍କ ନାମରେ ପ୍ରାର୍ଥନା କରି ଆପଣା ପାପ ସବୁ ଧୋଇପକାଅ ।" (ପ୍ରେରିତ ୨୨:୧୬) ତେବେ ବାପ୍ତିସ୍ମ ଆମ୍ଭମାନଙ୍କ ପାପ ସବୁ କିପରି ଧୋଇପାରିବ ? ଜଳକୁ ପ୍ରାଧାନ୍ୟତା ଦିଆଯାଏ ନାହିଁ, କିନ୍ତୁ ପ୍ରାଧାନ୍ୟତା ତାହାଙ୍କ ଆଜ୍ଞା ପାଳନ କରିବାରେ ଦିଆଯାଇଅଛି । ତେଣୁ ତାହାଙ୍କ ଆଜ୍ଞା ପାଳନ କରିବା ଦ୍ୱାରା ଆମ୍ଭମାନଙ୍କ ପାପ ସବୁ ଧୌତ ହୁଏ ।

ରୋମୀୟ ୬:୩ରେ ଲେଖାଯାଏ,"ଆମ୍ଭେମାନେ ଯେତେ ଲୋକ ଖ୍ରୀଷ୍ଟଯୀଶୁଙ୍କ ଠାରେ ବାପ୍ତିଜିତ ହୋଇଅଛୁଁ, ସମସ୍ତେ ଯେ ତାହାଙ୍କ ମରଣରେ ବାପ୍ତିଜିତ ହୋଇଅଛୁଁ, ଏହା କି ତୁମ୍ଭେମାନେ ଜାଣ ନାହିଁ ? ଅତଏବ ଆମ୍ଭେମାନେ ବାପ୍ତିସ୍ମ ଦ୍ୱାରା ମରଣରେ ତାହାଙ୍କ ସହିତ ସମାଧିପ୍ରାପ୍ତ ହୋଇଅଛୁଁ । ଯେପରି ଖ୍ରୀଷ୍ଟ ପିତାଙ୍କ ଗୌରବ ଦ୍ୱାରା ମୃତମାନଙ୍କ ମଧ୍ୟରୁ ଯେଉଁ ପ୍ରକାରେ ଉତ୍ଥିତ ହେଲେ ଆମ୍ଭେମାନେ ମଧ୍ୟ ସେହି ପ୍ରକାରେ ଜୀବନର ନୂତନ ଭାବରେ ଆଚରଣ କରୁଁ, କାରଣ ଯଦି ଆମ୍ଭେମାନେ ତାହାଙ୍କ ମୃତ୍ୟୁର ସାଦୃଶ୍ୟରେ ମୃତ୍ୟୁଭୋଗ କରି ତାହାଙ୍କ ସହିତ ଏକୀଭୂତ ହୋଇଅଛୁଁ, ତାହା ହେଲେ ନିଶ୍ଚୟ ତାହାଙ୍କ ପୁନରୁତ୍ଥାନ ସାଦୃଶ୍ୟରେ ମଧ୍ୟ ଉତ୍ଥିତ ହୋଇ ତାହାଙ୍କ ସହିତ ଏକୀଭୂତ ହେବା ଯେପରି ଆମ୍ଭେମାନେ ଆଉ ପାପର ଦାସତ୍ୱରେ ନ ରହୁଁ, ଏଥିପାଇଁ ପାପର ଶରୀର ବିନଷ୍ଟ ହେବା ନିମନ୍ତେ ଆମ୍ଭମାନଙ୍କର ପୁରାତନ ସ୍ୱଭାବ ଯେ ତାହାଙ୍କ ସହିତ କ୍ରୁଶରେ ହତ ହୋଇଅଛି, ଏହା ତ' ଆମ୍ଭେମାନେ ଜାଣୁ ।" ଏଠାରେ ସେ କଅଣ କହିଅଛନ୍ତି ? ପାଉଲଙ୍କ ଅନୁଯାୟୀ ଖ୍ରୀଷ୍ଟଙ୍କ ଆଜ୍ଞାବହ ହେବା ଦ୍ୱାରା ଆମ୍ଭେମାନେ ତାହାଙ୍କ ମୃତ୍ୟୁର ନିକଟବର୍ତ୍ତୀ ହୋଇପାରିବା ଅଥବା ତାହାଙ୍କ ମୃତ୍ୟୁର ଲାଭ ଆମ୍ଭେମାନେ ପାଇପାରିବା । ଅନ୍ୟ ପକ୍ଷରେ କହିବାକୁ ଗଲେ ତାହାଙ୍କ ଆଜ୍ଞାବହ ହେବା ଦ୍ୱାରା ଆମ୍ଭେମାନେ ତାହାଙ୍କ ରକ୍ତର ନିକଟବର୍ତ୍ତୀ ହୋଇ ଆପଣା ଆପଣା ପାପରୁ ଧୌତ ହୋଇପାରିବା । ଏଫି ୧:୭ ଅନୁଯାୟୀ ଆମ୍ଭେମାନେ ତାହାଙ୍କ ରକ୍ତ ଦ୍ୱାରା ଅପରାଧ ସବୁର କ୍ଷମାପ୍ରାପ୍ତ ହୋଇଅଛୁଁ । ମାଥି ୨୬:୨୮ରେ ଖ୍ରୀଷ୍ଟ କହିଲେ ଯେ, ଆମ୍ଭମାନଙ୍କର ପାପକ୍ଷମା ନିମନ୍ତେ ତାହାଙ୍କ ରକ୍ତ ପାତିତ ହୋଇଅଛି । ଏହି ଉପର ଲିଖିତ ପଦଗୁଡ଼ିକ ସହିତ ପ୍ରେରି ୨:୩୮ ଏବଂ ମାଥି ୧୬:୧୬ରେ ଲିଖିତ ପଦଗୁଡ଼ିକ ସହିତ ସମ୍ମତ ହୁଏ । ଅତଏବ, ଆମ୍ଭେମାନେ ତାହାଙ୍କର ଏହି ଆଜ୍ଞାଗୁଡ଼ିକ ପାଳନ କରିବା ଦ୍ୱାରା ତାହାଙ୍କ ରକ୍ତ ନିକଟବର୍ତ୍ତୀ ହୋଇପାରିବା । ଏହାଛଡ଼ା ଆଉ କୌଣସି ରାସ୍ତା ନାହିଁ ।

ଖ୍ରୀଷ୍ଟଙ୍କ ରକ୍ତ ସମ୍ବନ୍ଧରେ ଅନ୍ୟ କେତେକ ବିଷୟ ଦେଖିବାକୁ ପାଇପାରୁ ।

୧) ନୂତନ ନିୟମ ଖ୍ରୀଷ୍ଟଙ୍କ ରକ୍ତ ଦ୍ୱାରା ମୁଦ୍ରାଙ୍କନ ହୋଇଛି । (ମାଥି ୨୬:୨୮) ।

୨) ଖ୍ରୀଷ୍ଟଙ୍କ ରକ୍ତ, ଯିହୂଦୀ ଓ ବିଜାତୀୟମାନଙ୍କ ମଧ୍ୟରେ ଥିବା ବିଚ୍ଛେଦ ପ୍ରାଚୀର ଭାଙ୍ଗି ଦେଇଅଛି । (ଏଫି ୨:୧୩-୧୪)

୩) ଆମ୍ଭେମାନେ ତାହାଙ୍କ ରକ୍ତ ଦ୍ୱାରା ଧାର୍ମିକ ଗଣିତ ହୋଇଅଛୁଁ । (ରୋମୀ ୫:୯)

୪) ତାହାଙ୍କ ରକ୍ତ ଦ୍ୱାରା ଆମ୍ଭେମାନେ ମୁକ୍ତି ପାଇଅଛୁଁ । (କଲ ୧:୧୪)

୫) ତାହାଙ୍କ ରକ୍ତ ଦ୍ୱାରା ମଣ୍ଡଳୀ କ୍ରୀତ ହୋଇଅଛି । (ପ୍ରେରି ୨୦:୨୮)

୬) ତାହାଙ୍କ ରକ୍ତ ଦ୍ୱାରା ଶାନ୍ତି ସ୍ଥାପିତ ହୋଇଅଛି । (କଲ ୧:୨୦)

୭) ତାହାଙ୍କ ରକ୍ତ ଦ୍ୱାରା ପାପୀ ପରିତ୍ରାଣ ପାଏ । (୧ମ ପିତ ୧:୧୮-୧୯)

୮) ଖ୍ରୀଷ୍ଟଙ୍କ ରକ୍ତ ସମସ୍ତ ପାପ ଧୌତ କରେ । (୧ମ ଯୋହ ୧:୭)

୯) ତାହାଙ୍କ ରକ୍ତ ଦ୍ୱାରା ଆମ୍ଭେମାନେ ଆମ୍ଭମାନଙ୍କ ପାପଠାରୁ ଧୌତ ହୋଇଅଛୁ । (ପ୍ରକା ୧:୫)

୧୦) ସେହି ମେଷଶାବକଙ୍କ ରକ୍ତ ଦ୍ୱାରା ବସ୍ତ୍ରଗୁଡ଼ିକ ଧୌତ ହୋଇଅଛି । (ପ୍ରକା ୭:୧୪)

୧୧) ପ୍ରଭୁଭୋଜ ନେବା ସମୟରେ ଆମ୍ଭେମାନେ ତାହାଙ୍କ ରକ୍ତ ସ୍ମରଣ କରୁ । (ମାଥି ୨୬:୨୬-୨୮)

ଖ୍ରୀଷ୍ଟଙ୍କ ରକ୍ତ ସମ୍ବନ୍ଧରେ ଆପଣଙ୍କ ଉଦ୍ଦେଶ୍ୟ କ'ଣ ? ତାହାର ନିକଟବର୍ତ୍ତୀ ହେବା ନିମନ୍ତେ ଆପଣ ଖ୍ରୀଷ୍ଟଙ୍କ ଆଜ୍ଞାବହ ହୋଇଅଛନ୍ତି କି ? ଯଦି ନୁହେଁ, ଆପଣ ଏବେ ମଧ୍ୟ ଆପଣା ପାପରେ ରହିଅଛନ୍ତି । ଆପଣ ଖ୍ରୀଷ୍ଟଙ୍କ ଆଜ୍ଞାବହ ହୋଇ ସେହି ରକ୍ତର ନିକଟବର୍ତ୍ତୀ ହେଲେ ପରିତ୍ରାଣ ପ୍ରାପ୍ତ ହେବେ ।

ତପ୍ତରେ ତାହାଙ୍କ ରକ୍ତକ୍ରୀତ ମଣ୍ଡଳୀରେ ସଂଯୁକ୍ତ ହୋଇପାରିବେ । ଜଣେ ପ୍ରକୃତ ଖ୍ରୀଷ୍ଟିୟାନସ୍ୱରୂପ ପ୍ରତ୍ୟେକ ସପ୍ତାହ ପ୍ରଭୁଭୋଜ ନେବା ସମୟରେ ଖ୍ରୀଷ୍ଟଙ୍କ ରକ୍ତ ସ୍ମରଣ କରି ପାରିବେ । ସେ ଜ୍ୟୋତିର୍ନିବାସ ହୋଇଥିବାରୁ ଆପଣ ମଧ୍ୟ ଜ୍ୟୋତିରେ ଗମନ କଲେ, ଖ୍ରୀଷ୍ଟଙ୍କ ରକ୍ତ ଅପାଣଙ୍କର ସମସ୍ତ ପାପ ଧୌତ କରି ସମସ୍ତ ଦୁଷ୍ଟତାରୁ ପବିତ୍ର କରି ଆପଣଙ୍କୁ ଅନନ୍ତ ଜୀବନରୂପକ ପୁରସ୍କାର ନିମନ୍ତେ ସାଇତି ରଖିବେ । ପ୍ରକୃତ ଖ୍ରୀଷ୍ଟଙ୍କ ରକ୍ତରେ ଶକ୍ତି ଅଛି ।

## ୬. ଖ୍ରୀଷ୍ଟ କାହିଁକି ମୃତ୍ୟୁ ଭୋଗିଲେ
## (Why Christ died)

ଖ୍ରୀଷ୍ଟ ମୃତ୍ୟୁ ଭୋଗିଲେ, ଏହି ସତ୍ୟତା ବିଷୟରେ ବାଇବଲ ତଥା ଜଗତ ଇତିହାସ ମଧ୍ୟ ସାକ୍ଷ୍ୟ ଦିଏ । ଏହି ବିଷୟ ମନରେ ରଖି କେତେକ ସତ୍ୟତା ବିଷୟରେ ଆଲୋଚନା କରିବା ।

୧. ଖ୍ରୀଷ୍ଟଙ୍କ ମରଣ ସାଧାରଣ ମରଣ ନୁହେଁ । ପ୍ରତ୍ୟେକ ମନୁଷ୍ୟ ଜନ୍ମ ହେଲେ ଏହି ପୃଥିବୀରେ ବାସ କରିବା ପରେ ମୃତ୍ୟୁ ଭୋଗନ୍ତି । ଜଣେ ପବିତ୍ର ଲେଖକଙ୍କ ଅନୁସାରେ ପ୍ରତ୍ୟେକ ମନୁଷ୍ୟ ଦିନେ ନା ଦିନେ ନିଶ୍ଚୟ ମୃତ୍ୟୁ ଭୋଗିବେ । (ଏବ୍ରୀ ୯:୨୭) ତେବେ ଖ୍ରୀଷ୍ଟଙ୍କ ମରଣରେ କଅଣ ବିଶେଷତ୍ୱ ଅଛି ? ସେ କି ଅନ୍ୟମାନଙ୍କ ପରି ଏହି ପୃଥିବୀରେ ବାସ କରି, ଅନ୍ୟମାନଙ୍କ ପରି ମୃତ୍ୟୁ ଭୋଗି ନଥିଲେ ? ସତ, କିନ୍ତୁ ତାଙ୍କର ଜୀବନ ଭିନ୍ନ ଥିଲା ଓ ତାଙ୍କର ମରଣର ଉଦ୍ଦେଶ୍ୟ ମଧ୍ୟ ଭିନ୍ନ ଥିଲା । ସେ ପାପରହିତ ଜୀବନଯାପନ କଲେ ଓ ମନୁଷ୍ୟକୁ ପାପରୁ ରକ୍ଷା କରିବା ନିମନ୍ତେ ମୃତ୍ୟୁଭୋଗ କଲେ ।

୨. ଖ୍ରୀଷ୍ଟଙ୍କ ମୃତ୍ୟୁ ବିଷୟରେ ଭାବବାଦୀ ଦ୍ୱାରା ପ୍ରକାଶିତ ହୋଇଥିଲା । ଭାବବାଦୀ ଯିଶାଇୟ କହିଲେ,''ନିଶ୍ଚୟ ସେ ଆମ୍ଭମାନଙ୍କର ଯାତନା ସବୁ ଧାରଣ କରିଅଛନ୍ତି ଓ ଆମ୍ଭମାନଙ୍କର ବ୍ୟଥାସବୁ ବହିଅଛନ୍ତି । ତଥାପି ଆମ୍ଭେମାନେ ତାହାଙ୍କୁ ଆହତ ଓ ପରମେଶ୍ୱରଙ୍କ ଦ୍ୱାରା ପ୍ରହାରିତ ଓ ଦୁଃଖଗ୍ରସ୍ତ ବୋଲି ମଣିଲୁ । ମାତ୍ର ସେ ଆମ୍ଭମାନଙ୍କ ଅଧର୍ମ ନିମନ୍ତେ କ୍ଷତବିକ୍ଷତ ହେଲେ ଓ ଆମ୍ଭମାନଙ୍କର ଅପରାଧ ନିମନ୍ତେ ଚୂର୍ଣ୍ଣ ହେଲେ, ଆମ୍ଭମାନଙ୍କୁ ଶାନ୍ତିଜନକ ଶାସ୍ତି ତାହାଙ୍କ ଉପରେ ବର୍ତ୍ତିଲା ଓ ତାହାଙ୍କ ପ୍ରହାରରେ ଆମ୍ଭେମାନେ ସୁସ୍ଥ ହେଲୁ । ଆମ୍ଭେମାନେ ପ୍ରତ୍ୟେକ ଆପଣା ଆପଣା ବାଟଆଡ଼େ ଫେରିଅଛୁଁ, ଆଉ ସଦାପ୍ରଭୁ ଆମ୍ଭ ସମସ୍ତଙ୍କର ଅପରାଧ ତାହାଙ୍କ ଉପରେ ବର୍ତ୍ତାଇଅଛନ୍ତି । (ଯିଶା ୫୩:୪-୬)

୩. ଖ୍ରୀଷ୍ଟ ଆପଣାର ମରଣ ବିଷୟରେ ନିଜେ କହିଲେ । ''ଯୀଶୁ ସେମାନଙ୍କୁ ଉତ୍ତର ଦେଲେ, ତୁମ୍ଭେମାନେ ଏହିମ ନ୍ଦିରକୁ ବିନାଶ କର, ଆଉ ତିନିଦିନ ମଧ୍ୟରେ ମୁଁ ତାହା ତୋଳି ଦେବି ।'' (ଯୋହ ୨:୧୯) ଏହିଠାରେ ସେ ଆପଣା ଶରୀରରୂପ ମନ୍ଦିରର ମୃତ୍ୟୁ ଓ ପୁନରୁତ୍ଥାନ ବିଷୟରେ କହିଅଛନ୍ତି ।

୪. ଖ୍ରୀଷ୍ଟ ମୃତ୍ୟୁ ଭୋଗିବା ନିମନ୍ତେ ଈଶ୍ୱରଙ୍କ ଦ୍ୱାରା ପ୍ରେରିତ ହୋଇଥିଲେ, ''କାରଣ ଈଶ୍ୱର ଜଗତକୁ ଏଡ଼େ ପ୍ରେମ କଲେ ଯେ ସେ ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଦାନ କଲେ, ଯେପରି ଯେ କେହି ତାହାଙ୍କ ଠାରେ ବିଶ୍ୱାସ କରେ, ସେ ବିନଷ୍ଟ ନହୋଇ ଅନନ୍ତଜୀବନ ପ୍ରାପ୍ତ ହୁଏ ।'' (ଯୋହ ୩:୧୬)

୫. ଖ୍ରୀଷ୍ଟ ମରଣ ପର୍ଯ୍ୟନ୍ତ ଆଜ୍ଞାବହ ହେଲେ । ''ପୁଣି ମନୁଷ୍ୟ ଭାବରେ ଦେଖାଯାଇ ମୃତ୍ୟୁ ପର୍ଯ୍ୟନ୍ତ ହିଁ, କ୍ରୁଶୀୟ ମୃତ୍ୟୁ ପର୍ଯ୍ୟନ୍ତ ଆଜ୍ଞାବହ ହୋଇ ଆପଣାକୁ ଅବନତ କଲେ । (ଫିଲପୀ ୨:୮)

୬. ଖ୍ରୀଷ୍ଟ ପାପରହିତ ମୃତ୍ୟୁବରଣ କଲେ । ଖ୍ରୀଷ୍ଟଙ୍କ ବିଷୟରେ ଏପରି ଲେଖାଯାଏ, ''ଆଉ ତୁମ୍ଭେମାନେ ଜାଣ ଯେ, ସେ ପାପ ବହିନେଇ ଯିବାପାଇଁ ପ୍ରକାଶିତ ହେଲେ ଆଉ ତାହାଙ୍କଠାରେ ପାପ ନାହିଁ ।'' (୧ମ ଯୋହ ୩:୫)

୭. ଖ୍ରୀଷ୍ଟ ପାପୀମାନଙ୍କ ନିମନ୍ତେ ମୃତ୍ୟୁ ଭୋଗିଲେ । "କିନ୍ତୁ ଆମ୍ଭେମାନେ ପାପୀ ଥିବା ସମୟରେ ସୁଦ୍ଧା ଖ୍ରୀଷ୍ଟ ଯେ ଆମ୍ଭମାନଙ୍କ ନିମନ୍ତେ ମୃତ୍ୟୁଭୋଗ କଲେ, ସେଥିରେ ଈଶ୍ୱର ଆମ୍ଭମାନଙ୍କ ପ୍ରତି ଯେ ଈଶ୍ୱରଙ୍କୁ ପ୍ରେମ କଲୁ, ତାହା ନୁହେଁ, ମାତ୍ର ସେ ଆମ୍ଭମାନଙ୍କ ପାପର ପ୍ରାୟଶ୍ଚିତ ସ୍ୱରୂପ କରି ପଠାଇଲେ , ଏଥିରେ ତ ପ୍ରେମ ପ୍ରକାଶ ପାଏ ।" (୧ମ ଯୋହ ୪:୧୦)

୮. ଖ୍ରୀଷ୍ଟ ମୃତ୍ୟୁ ଭୋଗିଲେ, ଯେପରି କି ଆମ୍ଭେମାନେ ଜୀବନ ପ୍ରାପ୍ତ ହେଉଁ । "ଏଥିରେ ହିଁ ଈଶ୍ୱରଙ୍କ ପ୍ରେମ ଆମ୍ଭମାନଙ୍କ ପ୍ରତି ପ୍ରକାଶିତ ହୋଇଅଛି ଯେ, ସେ ଆପଣାର ଅଦ୍ୱିତୀୟ ପୁତ୍ରଙ୍କୁ ଜଗତକୁ ପ୍ରେରଣ କଲେ, ଯେପରି ଆମ୍ଭେମାନେ ତାହାଙ୍କ ଦ୍ୱାରା ଜୀବନ ପ୍ରାପ୍ତ ହେଉଁ ।" (୧ମ ଯୋହ ୪:୯)

୯. ଖ୍ରୀଷ୍ଟ କ୍ରୁଶୀୟ ମୃତ୍ୟୁ ଭୋଗିଲେ । ଏହି ପ୍ରକାର ମୃତ୍ୟୁ ନିଷ୍ଠୁରତମ ମୃତ୍ୟୁଶିକ୍ଷା ଅଟେ । ଶାରୀରିକ ବେଦନା ଛଡ଼ା, ଗୋଟିଏ ଡକାୟତ ସଦୃଶ୍ୟ ଦୁଇ ଡକାୟତ ମଧ୍ୟରେ ଟଙ୍ଗା ହୋଇଥିବାରୁ ତାଙ୍କର ବେଦନା ଆହୁରି ବଢ଼ିଯାଇଥିଲା । ଦୟାପୂର୍ବକ ମାଥିଉ ୨୭ ଅଧ୍ୟାୟ ଅଧ୍ୟୟନ କରନ୍ତୁ । "ସେ ଆପଣା ସମ୍ମୁଖସ୍ଥ ଆନନ୍ଦ ନିମନ୍ତେ ତୁଚ୍ଛ କରି ଧୈର୍ଯ୍ୟସହ କ୍ରୁଶୀୟ ମୃତ୍ୟୁଭୋଗ କଲେ, ପୁଣି ଈଶ୍ୱରଙ୍କ ସିଂହାସନର ଦକ୍ଷିଣ ପାର୍ଶ୍ୱରେ ଉପବିଷ୍ଟ ହୋଇଅଛନ୍ତି ।" (ଏବ୍ରୀ ୧୨:୨)

୧୦. ପୁରାତନ ନିୟମ ନେଇଯିବା ନିମନ୍ତେ ସେ ମୃତ୍ୟୁ ଭୋଗିଲେ । "ପୁଣି ବିଧିବିଧାନରେ ଆମ୍ଭମାନଙ୍କ ନିମନ୍ତେ ଯେଉଁ ଅଭିଯୋଗ ପତ୍ର ଥିଲା, ତାହା ସେ ଲୋପ କରି କ୍ରୁଶରେ ଟଙ୍ଗାଇଦେଇ ଆମ୍ଭମାନଙ୍କ ପଥରୁ ଦୂର କରିଦେଇଅଛନ୍ତି । (କଲ ୨:୧୪)

୧୧. ଖ୍ରୀଷ୍ଟ ନୂତନ ନିୟମ ସ୍ଥାପନ କରିବା ନିମନ୍ତେ ମୃତ୍ୟୁ ଭୋଗିଲେ (ମାଥି ୨୬:୨୮) । "ସେ ନୂତନ ନିୟମ ବୋଲି କହିବା ଦ୍ୱାରା ପ୍ରଥମକୁ ପୁରାତନ କରିଅଛନ୍ତି, ଆଉ ଯାହା ପୁରାତନ ଓ ଜୀର୍ଣ୍ଣ ହୋଇଯାଉଅଛି, ତାହାର

ଅନ୍ତର୍ହିତ ହେବାର ସମୟ ସନ୍ନିକଟ ।'' (ଏବ୍ରୀ ୮:୧୩)

୧୨. ଖ୍ରୀଷ୍ଟ ମଣ୍ଡଳୀ ନିମନ୍ତେ ମୃତ୍ୟୁ ଭୋଗିଲେ । ''ହେ ସ୍ୱାମୀମାନେ ଖ୍ରୀଷ୍ଟ ଯେପରି ମଣ୍ଡଳୀକି ପ୍ରେମ କଲେ, ତୁମ୍ଭେମାନେ ମଧ୍ୟ ସେହିପରି ଆପଣା ଆପଣା ସ୍ତ୍ରୀମାନଙ୍କୁ ପ୍ରେମ କର, ସେ ତ ତାହା ନିମନ୍ତେ ଆପଣାକୁ ଉତ୍ସର୍ଗ କଲେ ।'' (ଏଫି ୫:୨୫)

୧୩. ଆମ୍ଭମାନଙ୍କ ଭରସା ପ୍ରାପ୍ତି ନିମନ୍ତେ ମୃତ୍ୟୁ ଭୋଗିଲେ''ଆଉ ଯେକେହି ତାହାଙ୍କ ଠାରେ ଏହି ଭରସା ସ୍ଥାପନ କରିଅଛି, ସେ ଯେପରି ପବିତ୍ର ଅଟନ୍ତି, ସେ ସେହିପରି ଆପଣାକୁ ପବିତ୍ର କରେ ।'' (୧ମ ଯୋହ ୩:୩)

୧୪. ଖ୍ରୀଷ୍ଟ ଯେ ମୃତ୍ୟୁ ଭୋଗିଲେ ସତ, କିନ୍ତୁ ସମାଧିପ୍ରାପ୍ତ ହେବା ପରେ ମୃତ୍ୟୁରୁ ଉଥିତ ହୋଇ  ଆପଣା ପିତାଙ୍କ ନିକଟକୁ ସ୍ୱର୍ଗାରୋହଣ କଲେ । (ମାଥି ୨୮:୬, ପ୍ରେରି ୧:୧୦) ତେଣୁକରି ସେ ମାନବ ଜାତିର ପ୍ରତ୍ୟେକଙ୍କୁ ପୁନରୁତ୍ଥାନ ଭରସା ଦେଇଅଛନ୍ତି । (୧ମ କରି ୧୫) ନିଶ୍ଚୟ ଖ୍ରୀଷ୍ଟଙ୍କ ମୃତ୍ୟୁରେ ବିଜୟ ଅଛି (୧ମ ଯୋହ ୫:୪-୫)।

ଉପରଲିଖିତ ଅଂଶ ଖ୍ରୀଷ୍ଟଙ୍କ ମୃତ୍ୟୁ ଭୋଗର କେତୋଟି କାରଣ । ଆପଣମାନେ ଏଠାରେ ଦେଖିପାରିବେ, ଖ୍ରୀଷ୍ଟ କେବଳ ମରିବା ନିମନ୍ତେ ମୃତ୍ୟୁଭୋଗିନଥିଲେ । କିନ୍ତୁ ତାଙ୍କ ମରଣର ଉଦ୍ଦେଶ୍ୟ ଥିଲା ସେ ଆପଣଙ୍କ ଓ ମୋର ନିମନ୍ତେ ମୃତ୍ୟୁ ଭୋଗିଲେ । ଆମ୍ଭେମାନେ ଯେପରି ବିନଷ୍ଟ ନହୋଇ ପରିତ୍ରାଣ ପ୍ରାପ୍ତ ହେଉ, ଏଥି ନିମନ୍ତେ ସେ ମୃତ୍ୟୁ ଭୋଗିଲେ । ଆମ୍ଭେମାନେ ଯେପରି ଉତ୍ତମ ଜୀବନପଥ ପାଇପାରୁ ସେଥିନିମନ୍ତେ ସେ ମୃତ୍ୟୁ ଭୋଗିଲେ । ମୁଖ୍ୟତଃ, ଆମ୍ଭେମାନେ ଯେପରି ଅନନ୍ତ ଜୀବନ ପାଇପାରୁ, ସେଥିନିମନ୍ତେ ସେ ମୃତ୍ୟୁ ଭୋଗିଲେ ।

ଆପଣ ଯେପରି ଜୀବନ ପାଆନ୍ତି, ଏଥି ନିମନ୍ତେ ସେ ଆପଣାକୁ ଉତ୍ସର୍ଗ କରିବାରେ ଆପଣା ପ୍ରେମ ପ୍ରକାଶ କରିଅଛନ୍ତି । ତାହାଙ୍କ ଆଜ୍ଞାବହ

ହେବା ଦ୍ୱାରା, ଆପଣ ତାହାଙ୍କ ପ୍ରେମର ପ୍ରତିଦାନ ଦେଇ ପାରିବେ । ଖ୍ରୀଷ୍ଟ କହିଲେ, "ଯଦି ତୁମ୍ଭେମାନେ ମୋତେ ପ୍ରେମ କର, ତାହା ହେଲେ ମୋହର ଆଜ୍ଞା ସବୁ ପାଳନ କରିବ ।" (ଯୋହ ୧୪:୧୫)

# 7. ଖ୍ରୀଷ୍ଟଙ୍କ ମଣ୍ଡଳୀ ବିଷୟରେ ଆପଣ କେବେ ଶୁଣିଥିଲେ କି ?

## (Have you ever heard of the Church of Christ)

ଖ୍ରୀଷ୍ଟଙ୍କ ମଣ୍ଡଳୀ ସମ୍ବନ୍ଧରେ ନ ଶୁଣିବା ଲୋକେ ଏ ଦେଶରେ ଅନେକ ଅଛନ୍ତି । ଏହି ମଣ୍ଡଳୀ ସମ୍ବନ୍ଧରେ ଆପଣ କେବେହେଲେ ଶୁଣିଥିଲେ କି ? ଯଦି ନୁହେଁ, ତାହା ହେଲେ କାହିଁକି ଶୁଣିନଥିଲେ ? ଆପଣଙ୍କର କଅଣ ନିଜ ବାଇବଲ ନାହିଁ ? ଏଥିରେ ପୃଷ୍ଠାମାନଙ୍କରେ କେଉଁ ମଣ୍ଡଳୀର ବର୍ଣ୍ଣନା ଆପଣ ଦେଖିପାରୁଅଛନ୍ତି ? ଆପଣ ଯଦି ପୁନର୍ବାର ଅଧ୍ୟୟନ କଲେ ଏଥିରେ କେବଳ ଏକମାତ୍ର ମଣ୍ଡଳୀ ସମ୍ବନ୍ଧରେ ଜାଣିପାରିବେ । ଏହା ଖ୍ରୀଷ୍ଟଙ୍କ ମଣ୍ଡଳୀ ଅଟେ । ତେବେ ଏହି ମଣ୍ଡଳୀ ବିଷୟରେ ଆପଣ କିପରି ଶୁଣିନଥିଲେ ? ଅନ୍ୟମାନେ ଏହି ମଣ୍ଡଳୀ ସମ୍ବନ୍ଧରେ କାହିଁକି ଶୁଣି ନାହାନ୍ତି ? ଅନେକ ବର୍ଷରୁ ଏ ବାଇବଲ ଆପଣଙ୍କ ନିକଟରେ ଅଛି । ଏହି ଅଞ୍ଚଳର ଅନେକେ କୌଣସି ଏକ ମଣ୍ଡଳୀର ସଭ୍ୟ ଅଟନ୍ତି । କିନ୍ତୁ ଈଶ୍ୱରଙ୍କ ମଣ୍ଡଳୀର କାହିଁକି ନୁହନ୍ତି ?

ଖ୍ରୀଷ୍ଟଙ୍କ ମଣ୍ଡଳୀ ଜଗତସାରା ବ୍ୟାପି ଅଛି । ପ୍ରତି ସହରରେ ଏହି ମଣ୍ଡଳୀ ନାହିଁ ସତ, କିନ୍ତୁ ଯେଉଁଠାରେ ଲୋକେ ବାଇବଲ ଧ୍ୟାନ କରି ତଦନୁଯାୟୀ

ଆଚରଣ କରନ୍ତି, ସେହିଠାରେ, ଏହି ମଣ୍ଡଳୀର ଅସ୍ତିତ୍ୱ ଆପଣ ଦେଖିପାରିବେ । ଏହି ମଣ୍ଡଳୀ କୌଣସି ଖ୍ରୀଷ୍ଟୀୟ ମତଶାଖା, ସାଂପ୍ରଦାୟିକତା କିମ୍ବା ମନୁଷ୍ୟ କଳ୍ପିତ ସଂଘ ନୁହେଁ । ଏହା କାଥଲିକ (**Catholic**), ପ୍ରଟେଷ୍ଟାଣ୍ଟ (**Protestant**), କିମ୍ବା ଯିହୁଦୀୟ ନୁହେଁ । ତେବେ ଏହା କଅଣ ? ସରଳଭାବେ ଏହା ବାଇବଲରେ ଉଲ୍ଲେଖିତ ମଣ୍ଡଳୀ । ଏହା କେବଳ ଈଶ୍ୱରଙ୍କ ଆଜ୍ଞାବହ ଓ ବିଶ୍ୱାସୀମାନଙ୍କ ଦ୍ୱାରା ଗଠିତ ।

ଖ୍ରୀଷ୍ଟ ଏହାର ସ୍ଥାପକ ଅଟନ୍ତି । ଆପଣ ନିଜେ ମାଥି ୧୬:୧୮ ପଢ଼ି ଦେଖନ୍ତୁ, ସେଠାରେ ଖ୍ରୀଷ୍ଟ ଏହା କହନ୍ତି,"ପୁଣି ଏହି ପଥର ଉପରେ ମୁଁ ଆପଣା ମଣ୍ଡଳୀ ତୋଳିବି ।"

ଏହାର ଆରମ୍ଭ ଯିରୁଶାଲମରେ ହୋଇଥିଲା । ଏହି ସତ୍ୟତା ଆପଣ ଲୂକ ୨୪ ଅଧ୍ୟାୟ ଓ ପ୍ରେରିତ ୨ୟ ଅଧ୍ୟାୟରେ ପାଠ କରିବା ଦ୍ୱାରା ପାଇପାରିବେ । ଏହାର ଆରମ୍ଭ ଲଣ୍ଡନ କିମ୍ବା ଜର୍ମାନୀ କିମ୍ବା ଆମେରିକାରେ ହୋଇନଥିଲା । କିନ୍ତୁ ଏହାର ଆରମ୍ଭ ଯିରୁଶାଲମରେ ହୋଇଥିଲା ।

ମଣ୍ଡଳୀ ଖ୍ରୀ:ଜ: ୩୩ ମସିହାରେ ସ୍ଥାପିତ ହୋଇଥିଲା । ଅର୍ଥାତ୍ ଏହା ଦୁଇ ହଜାର ବର୍ଷ ପୁରୁଣା । ପ୍ରେରିତ ୨ୟ ଅଧ୍ୟାୟ ଅଧ୍ୟୟନ ଦ୍ୱାରା ଏହାର ସ୍ଥାପନ ବିଷୟରେ ଜାଣିପାରିବା ଏବଂ ଏହାର ସ୍ଥାପିତ ହେବାର ସମୟ ନିର୍ଦ୍ଧାରଣ କରିପାରିବା ।

ଏହା ଖ୍ରୀଷ୍ଟଙ୍କ ଦ୍ୱାରା ସ୍ଥାପିତ ହୋଇଥିବାରୁ, ଖ୍ରୀଷ୍ଟଙ୍କ ନାମ ଧାରଣ କରେ । "ଖ୍ରୀଷ୍ଟଙ୍କ ସମସ୍ତ ମଣ୍ଡଳୀ ତୁମ୍ଭମାନଙ୍କୁ ନମସ୍କାର ଜଣାଉ ଅଛନ୍ତି" (ରୋମୀୟ ୧୬:୧୬) ବୋଲି ଲେଖାଯାଏ । ଏଥିର ସଭ୍ୟମାନଙ୍କ ସମ୍ବନ୍ଧରେ ଏପରି ଲେଖାଯାଏ । "ପୁଣ ଆନ୍ତିୟଖିଆରେ ଶିଷ୍ୟମାନେ ପ୍ରଥମରେ ଖ୍ରୀଷ୍ଟିୟାନ ବୋଲି ଅଖ୍ୟାତ ହେଲେ" (ପ୍ରେରିତ ୧୧:୨୬) । ମନେ ରଖନ୍ତୁ, କେବଳ ବାଇବଲ ହିଁ ପ୍ରକୃତ ଖ୍ରୀଷ୍ଟିୟାନ ତିଆରି କରିପାରେ ।

ଖ୍ରୀଷ୍ଟ ଏକମାତ୍ର ମଣ୍ଡଳୀ ସ୍ଥାପନ କଲେ । (ଏଫି ୪:୪) ଏହା ଏକ

ଶରୀରରୂପେ ବର୍ଣ୍ଣନା କରାଯାଇଅଛି । କଲସୀ ୧:୧୮ରେ ଲେଖକ ଏହି ଏକ ଶରୀର ହିଁ ମଣ୍ଡଳୀ ବୋଲି କହନ୍ତି । ତେଣୁକରି ଏକମାତ୍ର ମଣ୍ଡଳୀ ରହିଅଛି ।

ଖ୍ରୀଷ୍ଟ ଏହି ମଣ୍ଡଳୀର ମସ୍ତକ ସ୍ୱରୂପ । "କାରଣ ଖ୍ରୀଷ୍ଟ ଯେପରି ମଣ୍ଡଳୀର ମସ୍ତକ ସ୍ୱରୂପ, ସ୍ୱାମୀ ମଧ୍ୟ ସେହିପରି ସ୍ତ୍ରୀର ମସ୍ତକ ସ୍ୱରୂପ, ପୁଣି ଖ୍ରୀଷ୍ଟ ଆପଣା ଶରୀରରୂପ ମଣ୍ଡଳୀର ତ୍ରାଣକର୍ତ୍ତା ।" (ଏଫି ୪:୨୩) ଈଶ୍ୱରଙ୍କ ମଣ୍ଡଳୀର କୌଣସି ଜାଗତିକ ମୁଖ୍ୟକର୍ତ୍ତା **(Earthly head)** କିମ୍ବା ମୁଖ୍ୟ କାର୍ଯ୍ୟାଳୟ **(Earthly headquarter)** ନାହିଁ । ଖ୍ରୀଷ୍ଟ ଏହାର ମସ୍ତକ ସ୍ୱରୂପ ଏବଂ ସେ ସ୍ୱର୍ଗରେ ଈଶ୍ୱରଙ୍କ ଦକ୍ଷିଣ ପାର୍ଶ୍ୱରେ ବାସ କରନ୍ତି ।

ଖ୍ରୀଷ୍ଟ ମଣ୍ଡଳୀର ତ୍ରାଣକର୍ତ୍ତା । ଏହା ଏଫି ୫:୨୩ରେ ଉଲ୍ଲେଖିତ ଅର୍ଥାତ୍ ଜଣେ ପରିତ୍ରାଣ ପାଇବା ନିମନ୍ତେ ଖ୍ରୀଷ୍ଟଙ୍କ ମଣ୍ଡଳୀର ସଭ୍ୟ ହେବା ଆବଶ୍ୟକ ।

ଖ୍ରୀଷ୍ଟ ମଣ୍ଡଳୀ ନିମନ୍ତେ ମୃତ୍ୟୁ ଭୋଗିଲେ । (ଏଫି ୫::୨୫, ପ୍ରେରିତ ୨୦:୨୮) ସେ ମଣ୍ଡଳୀକି ଏପରି ଭାବେ ପ୍ରେମ କଲେ । ତାହାଙ୍କ ମଣ୍ଡଳୀ ବିଷୟରେ ଆପଣଙ୍କ ଅଭିପ୍ରାୟ କ'ଣ ?

ପରିତ୍ରାଣ ପ୍ରାପ୍ତ ଲୋକେ ମଣ୍ଡଳୀରେ ସଂଯୁକ୍ତ ହେଲେ (ପ୍ରେରିତ ୨:୪୭) । ଖ୍ରୀଷ୍ଟ ତାଙ୍କ ନିଜର ମଣ୍ଡଳୀରେ ପରିତ୍ରାଣ ପ୍ରାପ୍ତ ଲୋକଙ୍କୁ ସଂଯୁକ୍ତ କରନ୍ତି ।

ସେ ଆପଣା ମଣ୍ଡଳୀ ନିମନ୍ତେ ଫେରି ଆସୁଅଛନ୍ତି (ଏଫି ୫:୨୭) । ସେ ଫେରି ଆସିବା ସମୟରେ ଆପଣ ଯଦି ତାହାଙ୍କ ମଣ୍ଡଳୀର ସଭ୍ୟ ହୋଇନଥାନ୍ତି ଆପଣଙ୍କ ଅବସ୍ଥା କ'ଣ ହେବ ଏହା ବିଚାର କରନ୍ତୁ ।

ଖ୍ରୀଷ୍ଟଙ୍କ ମଣ୍ଡଳୀ ଏହି ଅଞ୍ଚଳରେ, ଏହି ନଗରରେ ଓ ଏହି ସମାଜରେ ରହିଅଛି । ଆପଣ ଖ୍ରୀଷ୍ଟଙ୍କୁ ପ୍ରେରଣ କରି ତାହାଙ୍କ ବାକ୍ୟ ଅଧ୍ୟୟନ କରି ତଦନୁଯାୟୀ ଆଚରଣ କରିବା ଦ୍ୱାରା ତାହାଙ୍କ ମଣ୍ଡଳୀରେ ସଭ୍ୟ ହୋଇ ପାରିବେ । ଏହା କରିବା ଦ୍ୱାରା ଆପଣ ତାହାଙ୍କ ବାକ୍ୟରେ ଏଥିର ଲେଖକଙ୍କ ଠାରେ ଓ ତାହାଙ୍କ ପୁତ୍ର ଯୀଶୁଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ କରିପାରିବେ । (ଏବ୍ରୀ ୧୧:୬,

ଯୋହ ୧୪:୧-୩, ରୋମୀ ୧୦:୧୭) ଏତଦ୍ୱାରା ଆପଣ ଆପଣା ପାପ ବିଷୟରେ ଅନୁତାପ କରି ସେଥିରୁ ଫେରିପାରିବ (ଲୂକ ୧୩:୩, ପ୍ରେରି ୧୭:୩୦ ପ୍ରେରି ୨:୩୮) । ପରେ ଖ୍ରୀଷ୍ଟ ଯେ ଈଶ୍ୱରଙ୍କ ପୁତ୍ର ବୋଲି ସ୍ୱୀକାର କରି (ରୋମୀ ୧୦:୧୦, ମାଥି ୧୦:୩୨) ପାପକ୍ଷମା ନିମନ୍ତେ ବାପ୍ତିସ୍ମ (ଜଳରେ ନିମଗ୍ନ ହେବା ଦ୍ୱାରା) ନେଇପାରିବେ । (ପ୍ରେରି ୨:୩, ମାର୍କ ୧୬:୧୬, ରୋମୀ ୬:୩-୪, ଗାଲା ୩:୨୬-୨୭, ୧ମ ପିତ ୩:୨୧) । ତାହା ଫଳରେ ଖ୍ରୀଷ୍ଟ ଆପଣଙ୍କୁ ଆପଣା ମଣ୍ଡଳୀରେ ସଂଯୁକ୍ତ କରିବେ । (ପ୍ରେରି ୨:୪୭) ତଦ୍ୱାରା ଆପଣ ଜଣେ ପ୍ରକୃତ ଖ୍ରୀଷ୍ଟିୟାନ ହୋଇପାରିବେ । (୧ମ ପିତ ୪:୧୬) ତପୂରେ ଆପଣ ଆପଣଙ୍କ ଅଞ୍ଚଳରେ ଥିବା ଖ୍ରୀଷ୍ଟଙ୍କ ମଣ୍ଡଳୀର ସଭ୍ୟ ହୋଇପାରିବେ । ଯେତେ ଦିନଯାଏ ଲୋକେ ଖ୍ରୀଷ୍ଟଙ୍କୁ ପ୍ରେମ କରି, ତାଙ୍କର ଆଜ୍ଞାବହ ହୋଇ ବିଶ୍ୱସ୍ତ ଥିବେ, ସେତେଦିନଯାଏ ଏହି ମଣ୍ଡଳୀ ସ୍ଥିର ହୋଇ ରହିପାରିବ । ଏହାର ଅର୍ଥ ନୁହେଁ ଯେ, ଆପଣ ଅନ୍ୟ କୌଣସି ମଣ୍ଡଳୀର ସଭ୍ୟ ହୋଇପାରିବେ । କିନ୍ତୁ ଅନ୍ୟ କୌଣସି ଖ୍ରୀଷ୍ଟିୟ ମତଶାଖାର ସଭ୍ୟ ହୋଇଯିବେ, କାରଣ ଖ୍ରୀଷ୍ଟଙ୍କ ମଣ୍ଡଳୀ କୌଣସି ମତଶାଖା ନୁହେଁ ।

ଆପଣ ଖ୍ରୀଷ୍ଟଙ୍କ ମଣ୍ଡଳୀ ବିଷୟରେ ଆହୁରି ଅଧିକ ଜାଣିବାକୁ ଇଚ୍ଛା କଲେ ବାଇବଲ ପଢ଼ନ୍ତୁ । ଆପଣ ଖ୍ରୀଷ୍ଟଙ୍କ ମଣ୍ଡଳୀ ବିଷୟରେ ଅଧିକ ରୂପେ ଜାଣିବାକୁ ଇଚ୍ଛା କଲେ କିମ୍ବା ବାଇବଲ କରେସପଣ୍ଡେନ୍ସ କୋର୍ସ ପାଇବାକୁ ଇଚ୍ଛା କଲେ ଆମ୍ଭମାନଙ୍କୁ ବ୍ୟକ୍ତିଗତ ସମ୍ପର୍କ କରିବାକୁ ଆପଣଙ୍କୁ ଆହ୍ୱାନ କରୁ ।

"ଯୁଗେ ଯୁଗେ ପୁରୁଷାନୁକ୍ରମେ ମଣ୍ଡଳୀ ଓ ଖ୍ରୀଷ୍ଟ ଯୀଶୁଙ୍କ ଦ୍ୱାରା ତାହାଙ୍କର ଗୌରବ ହେଉ । ଆମେନ ।" (ଏଫି ୩:୨୧)

# ୪. ଖ୍ରୀଷ୍ଟଙ୍କ ମଣ୍ଡଳୀର ଅର୍ଥ କଅଣ ?
## (What is the Church of Christ?)

ଆଜିର ଦୁନିଆରେ ଅଗଣିତ ମଣ୍ଡଳୀଗୁଡ଼ିକ ରହିଅଛି । ଅନେକ ବିଷୟରେ ଏହି ସମସ୍ତ ଏକ ଧରଣର । ସେଗୁଡ଼ିକ ମନୁଷ୍ୟ ସ୍ଥାପିତ । ସେଗୁଡ଼ିକର ପ୍ରାଧାନ୍ୟତା ନାହିଁ, କାରଣ ସେଥିର ସଭ୍ୟ ନ ହୋଇ ମଧ୍ୟ ସ୍ୱର୍ଗକୁ ସେମାନେ ଯାଇପାରିବେ ବୋଲି ସେହି ମଣ୍ଡଳୀଗୁଡ଼ିକର ସଭ୍ୟମାନେ କହନ୍ତି । ସେଗୁଡ଼ିକ ଅନେକ ଖ୍ରୀଷ୍ଟୀୟ ମତ-ଶାଖାରେ **(Denomination)** ବିଭକ୍ତ, ଗୋଟିଏ ମତ-ଶାଖା ଅନ୍ୟ କୌଣସି ମତ-ଶାଖା ସହିତ ସମାନ ବୋଲି ଭାବିବାରେ ଏକମତ ଅଟନ୍ତି । ସେମାନେ ପ୍ରତ୍ୟେକ ବିଭିନ୍ନ ନାମ ଓ ପଦବୀ ଧାରଣ କରନ୍ତି ତଥା ପ୍ରତ୍ୟେକଙ୍କର ଆପଣା ଆପଣା ଭିନ୍ନ ନିୟମାବଳୀ ପୁସ୍ତକ **(Manual book)** ଓ ବିଶ୍ୱାସ ପ୍ରମାଣ ପୁସ୍ତକ **(Creed book)** ରହିଥାଏ । କିନ୍ତୁ କେବଳ ଏକମାତ୍ର ମଣ୍ଡଳୀ ରହିଅଛି ଯାହା ଏହି ଶ୍ରେଣୀରେ ଉପଯୁକ୍ତ ନୁହେଁ । ଅନ୍ୟ ମଣ୍ଡଳୀଗୁଡ଼ିକଠୁଁ ଭିନ୍ନ । ଏହା ଖ୍ରୀଷ୍ଟଙ୍କ ମଣ୍ଡଳୀ ।

ଖ୍ରୀଷ୍ଟଙ୍କ ମଣ୍ଡଳୀ ଏକ ଖ୍ରୀଷ୍ଟୀୟ ମତ-ଶାଖା ନୁହେଁ । କିମ୍ବା ଅନ୍ତର୍ଜାତୀୟ ମତ-ଶାଖା **(Inter Denomination)** ନୁହେଁ । ଏହା କାଥଲିକ୍, ପ୍ରଟେଷ୍ଟାଣ୍ଟ କିମ୍ବା ଯିହୂଦୀୟ ନୁହେଁ । ଏହା କୌଣସି ମଣ୍ଡଳୀର ଶାଖା ନୁହେଁ । ଏହାର ଆରମ୍ଭ ମନୁଷ୍ୟ ଦ୍ୱାରା ହୋଇନଥିଲା । ଏହାର ସ୍ଥାପନକର୍ତ୍ତା ମନୁଷ୍ୟ ନୁହେଁ । ଏହାର କୌଣସି ଜାଗତିକ ମୁଖ୍ୟ କାର୍ଯ୍ୟାଳୟ ନାହିଁ । ଏହା ମନୁଷ୍ୟ ନାମରେ ନାମିତ ନୁହେଁ । ଏହା ମନୁଷ୍ୟପ୍ରସ୍ତୁତ ନିୟମାବଳୀ ପୁସ୍ତକ ଅନୁସରଣ କରେ ନାହିଁ । ଏହା ରାଜନୀତି ବା ସାମାଜିକ ସଂସ୍ଥାରୂପେ କାର୍ଯ୍ୟ କରେ ନାହିଁ । ତେବେ ଏହା କଅଣ ଏବଂ ଏହା କଅଣ ହୋଇପାରେ ? ବିଶ୍ଳେଷଣ କରିବା ।

ଏହି ମଣ୍ଡଳୀ **(Church)** ପଦଟି ଗ୍ରୀକ୍ ପଦ ''ଇକ୍ଲେସିଆ'' **(Ekklesia)** ରୁ ଆନୀତ ଯାହାର ଅର୍ଥ 'ଆହ୍ୱାନପ୍ରାପ୍ତ'' । ଅନ୍ୟ ପକ୍ଷରେ,

ମଣ୍ଡଳୀ ଜଗତରୁ ଈଶ୍ୱରଙ୍କ ସେମା ନିମନ୍ତେ ଆହ୍ୱାନପ୍ରାପ୍ତ ଲୋକଙ୍କ ଦ୍ୱାରା ଗଠିତ । ପାଉଲ ଗୋଟିଏ ସ୍ଥାନାନ୍ତର ବିଷୟରେ କହନ୍ତି ଜଗତରୁ ଈଶ୍ୱରଙ୍କ ରାଜ୍ୟକୁ ବା ତାହାଙ୍କ ମଣ୍ଡଳୀକୁ ସ୍ଥାନାନ୍ତର । (କଲ ୧:୧୩-୧୪) ।

ବାଇବଲ ମଣ୍ଡଳୀକୁ ଦୁଇଟି ଭାବରେ ପ୍ରକାଶ କରେ । ପ୍ରଥମେ ସାର୍ବଜନୀକ ଭାବ **(Universal sense)** ରେ କୁହାଯାଇଅଛି । ଏହା ଖ୍ରୀଷ୍ଟଙ୍କ ମନରେ ଥିଲା, ତେବେ ସେ କହିଲେ, ‘‘ମୁଁ ଆପଣା ମଣ୍ଡଳୀ ତୋଳିବି ।’’ (ମାଥି ୧୬:୧୮) । ଏହାରେ ଖ୍ରୀଷ୍ଟ ସ୍ଥାନୀକ ମଣ୍ଡଳୀର ଭାବରେ ନ କହି ମଣ୍ଡଳୀର ସାଧାରଣ ଭାବରେ କହଅଛନ୍ତି । ଦ୍ୱିତୀୟରେ, ମଣ୍ଡଳୀର ସ୍ଥାନୀୟ ଭାବ **(Local sense)** ରେ ବର୍ଣ୍ଣନା କରାଯାଇଅଛି । ମଣ୍ଡଳୀର ଏହି ଭାବ ବାଇବଲରେ ଅନେକ ପୃଷ୍ଠାରେ ପ୍ରକାଶ ପାଏ, ଯେପରି କରିନ୍ଥୀରେ ଥିବା ମଣ୍ଡଳୀ, ଥେସଲନୀକୀୟରେ ଥିବା ମଣ୍ଡଳୀ ଇତ୍ୟାଦି । (୧ମ କରି, ୧:୨, ୧ମ ଥେସ ୧:୧) ଏହି ସମସ୍ତ ସ୍ଥାନୀୟ ମଣ୍ଡଳୀ ମନରେ ରଖି ପାଉଲ କହିଲେ,‘‘ଖ୍ରୀଷ୍ଟଙ୍କ ସମସ୍ତ ମଣ୍ଡଳୀ ତୁମ୍ଭମାନଙ୍କୁ ନମସ୍କାର ଜଣାଉଅଛନ୍ତି ।’’ (ରୋମୀ ୧୬:୧୬) ପ୍ରକାଶିତ ବାକ୍ୟରେ ଏସିଆର ସମସ୍ତ ମଣ୍ଡଳୀକୁ ସମ୍ବୋଧନ କରିବା ସମୟରେ ମଣ୍ଡଳୀର ଏହି ଭାବ ସ୍ପଷ୍ଟ ରୂପେ ପ୍ରକାଶ ପାଏ ।

ମଣ୍ଡଳୀ ଖ୍ରୀଷ୍ଟଙ୍କ ଜଗତ ଉପରେ ଥିବା ଆତ୍ମିକ ଶରୀର । ତାହାଙ୍କ ଆଜ୍ଞାକାରୀ ଓ ତାହାଙ୍କ ସେବାକାରୀମାନଙ୍କ ଦ୍ୱାରା ମଣ୍ଡଳୀ ଗଠିତ । ଶରୀରର ଅନେକ ଅଙ୍ଗପ୍ରତ୍ୟଙ୍ଗ କିନ୍ତୁ ଏକମାତ୍ର ମସ୍ତକ (୧ମ କରି ୧୨, କଲ ୧:୧୮) କେବଳ ଏକମାତ୍ର ଶରୀର ରହିଅଛି (ଏଫି ୪:୪) ଏହା ମଣ୍ଡଳୀ ଅଟେ । (ଏଫି ୧:୨୨-୨୩) ।

ମନୁଷ୍ୟ ସ୍ଥାପିତ ମଣ୍ଡଳୀ ବିଷୟରେ ଜାଣିବାକୁ ଚାହିଁଲେ, ଆପଣ ଆଧୁନିକ ଇତିହାସ ପୁସ୍ତକ ଓ ସେମାନଙ୍କ ସାହିତ୍ୟରୁ ପାଇପାରିବେ । ଆପଣଙ୍କୁ ବାଇବଲରେ ଖୋଜି ପାଇବାକୁ ପଡ଼ିବ ନାହିଁ ଯେହେତୁ ସେଗୁଡ଼ିକ ଈଶ୍ୱରଙ୍କ

ଦ୍ୱାରା ଆରମ୍ଭ ହୋଇନଥିଲା । ଖ୍ରୀଷ୍ଟଙ୍କ ମଣ୍ଡଳୀ ବିଷୟରେ ଜାଣିବାକୁ ଚାହିଁଲେ ଆପଣଙ୍କୁ ଅବଶ୍ୟ ବାଇବଲ ନିକଟକୁ ଯିବାକୁ ପଡ଼ିବ । ବାଇବଲରେ ମଣ୍ଡଳୀର ଇତିହାସ ବ୍ୟତୀତ ଆପଣ ଆହୁରି ଅଧିକ ମଣ୍ଡଳୀ ବିଷୟରେ ଜାଣିପାରିବେ । ଏହା କେବଳ ଏକମାତ୍ର ଅପାଣଙ୍କରପ ଥ ପ୍ରଦର୍ଶକ । (୨ୟ ତୀମଥି ୩:୧୬-୧୭, ଯାକୁ ୧:୨୫)

ଖ୍ରୀଷ୍ଟ ଜନ୍ମ ୩୩ ମସିହାରେ (ପ୍ରେରିତ ୨ୟ ଅଧ୍ୟାୟ) ଯିରୁଶାଲମରେ ଖ୍ରୀଷ୍ଟ ମଣ୍ଡଳୀ ସ୍ଥାପନ କଲେ । (ମାଥି ୧୬:୧୮) ଅର୍ଥାତ୍ ମଣ୍ଡଳୀ ମୋହର କିମ୍ବା ଆପଣଙ୍କର ନୁହେଁ । ଏହା ଇଂଲଣ୍ଡରେ ଆରମ୍ଭ ହୋଇନଥିବାରୁ ଏହା ଇଂଲଣ୍ଡର ମଣ୍ଡଳୀ ନୁହେଁ । ଏହା ଆମେରିକାରେ ଆରମ୍ଭ ହୋଇନଥିବାରୁ, ଏହା ଆମେରିକାନ ମଣ୍ଡଳୀ ନୁହେଁ ବରଂ ଏହା ଏସିଆର ଯିରୁଶାଲମରେ ଆରମ୍ଭ ହୋଇଥିଲା । ଏହା ଏକ ନୂତନ ମଣ୍ଡଳୀ ନୁହେଁ କାରଣ ଏହାର ସ୍ଥାପନ ଉଣେଇଶ ବର୍ଷ ତଳେ ହୋଇଥିଲା ।

ପ୍ରେରିତମାନଙ୍କ ସମୟରେ କେବଳ ଖ୍ରୀଷ୍ଟଙ୍କ ସୁସମାଚାରର ଆଜ୍ଞାକାରୀ ହେବା ଦ୍ୱାରା ମଣ୍ଡଳୀର ସଭ୍ୟତ୍ୱ ମିଳୁଥିଲା । ଯେଉଁମାନେ ଶ୍ରବଣ କଲେ (ରୋମୀ ୧୦:୧୭), ବିଶ୍ୱାସ କଲେ (ଏବ୍ରୀ ୧୧:୬), ନିଜ ନିଜ ପାପ ନିମନ୍ତେ ଅନୁତାପ କଲେ (ପ୍ରେରି ୧୭:୩୦), ଖ୍ରୀଷ୍ଟଙ୍କୁ ସ୍ୱୀକାର କଲେ (ରୋମୀ ୧୦:୧୦) । ପାପକ୍ଷମା ନିମନ୍ତେ ବାପ୍ତିସ୍ମ ଗ୍ରହଣ କଲେ (ଜଳରେ ନିମଗ୍ନ ହୋଇ) (ପେରି ୨:୩୮) ସୋମନେ ରକ୍ଷାପ୍ରାପ୍ତ ହୋଇ ମଣ୍ଡଳୀରେ ସଂଯୁକ୍ତ ହେଲ । (ପ୍ରେରି ୨:୪) ଆଜି ମଧ ଖ୍ରୀଷ୍ଟ ସେହିରୂପେ କାର୍ଯ୍ୟ କରୁଅଛନ୍ତି ।

ଏହି ମଣ୍ଡଳୀର ସଭ୍ୟମାନେ କେବଳ ଖ୍ରୀଷ୍ଟିୟାନ ବୋଲି ଅଖ୍ୟାତ (ପ୍ରେରି ୧୧:୨୬, ୧ମ ପିତ ୪:୧୬) । ଗୋଟିଏ ମଣ୍ଡଳୀ ହିସାବରେ ଏହା ଖ୍ରୀଷ୍ଟଙ୍କ ମଣ୍ଡଳୀ ବା ଈଶ୍ୱରଙ୍କ ମଣ୍ଡଳୀ ରୂପ ନାମିତ (ରୋମୀ ୧୬:୧୬, ପ୍ରେରି ୨୦:୨୮) । ଏହା ଖ୍ରୀଷ୍ଟଙ୍କ ଶରୀରରୂପେ ବର୍ଣ୍ଣିତ ୯୧ମ କରି ୧୨:୨୭) କିନ୍ତୁ

ଶରୀର ମଣ୍ଡଳୀ ହୋଇଥିବାରୁ (କଲ ୧:୧୮) ପୁନର୍ବାର ଲେଖକ ଖ୍ରୀଷ୍ଟଙ୍କ ମଣ୍ଡଳୀକୁ ତାହାଙ୍କ ଆତ୍ମିକ ଶରୀରରୂପେ କହିଅଛନ୍ତି । ଏହା ଏବେ ମଧ୍ୟ ଖ୍ରୀଷ୍ଟଙ୍କ ନାମ ଧାରଣ କରି ତାହାଙ୍କୁ ଗୌରବ ଦିଏ । (ପ୍ରେରି ୪:୧୨)

ଜଗତସାରା ବ୍ୟାପ୍ତି ଅନେକ ସ୍ଥାନୀୟ ମଣ୍ଡଳୀ ଦ୍ୱାରା ଖ୍ରୀଷ୍ଟଙ୍କ ମଣ୍ଡଳୀ ଗଠିତ । ପ୍ରତ୍ୟେକ ସ୍ଥାନୟ ମଣ୍ଡଳୀ ସ୍ୱାଧୀନ ହେଲେ ହେଁ, ଏକକୁ ଆରେକ ପ୍ରେମ ଓ ଏକତା ବନ୍ଧନରେ ଜଡ଼ିତ । ଖ୍ରୀଷ୍ଟ ଏହାର ମସ୍ତକସ୍ୱରୂପ (ଏଫି ୫:୨୩) ଯେଉଁ ସ୍ଥାନୀୟ ମଣ୍ଡଳୀ ବୃଦ୍ଧି ପାଇ ଆତ୍ମିକତାରେ ବଳବାନ ହୁଏ, ସେହି ମଣ୍ଡଳୀର ଅପାଣା ଆପଣା ଅଧ୍ୟକ୍ଷ, ପ୍ରାଚୀନ, ସେବକ, ପ୍ରଚାରକ ଓ ଶିକ୍ଷକ ନିର୍ବାଚନ କରିଥାନ୍ତି । (୧ମ ତୀମଥି ୩, ତିତସ ୧ମ ଅଧ୍ୟାୟ)

ପ୍ରତ୍ୟେକ ସପ୍ତାହର ପ୍ରଥମ ଦିନରେ ଆରାଧନା କାର୍ଯ୍ୟକ୍ରମ ଥାଏ । (ପ୍ରେରିତ ୨୦:୭), ସଭ୍ୟମାନେ ଧ୍ୟାନ କରିବାକୁ (୨ୟ ତୀମଥି ୨:୧୫), ପ୍ରାର୍ଥନା କରିବାକୁ (୧ମ ଥେସଲନୀକି ୫,୧୭), ଗୀତ ଗାଇବା ପାଇଁ (ଏଫିସୀ ୫:୧୯) ପ୍ରଭୁଭୋଜରେ ଭାଗ ନେବାକୁ (୧ମ କରିନ୍ଥୀ ୧୧), ଓ ଦାନ ଦେବା (୧ମ କରିନ୍ଥୀ ୧୬:୨) ନିମନ୍ତେ ସମ୍ମିଳିତ ହୁଅନ୍ତି ।

ତାହାଙ୍କ ପ୍ରଜାମାନେ ଯେପରି ନିଷ୍କଳଙ୍କ ଓ ନିଖୁନ୍ତ ରହନ୍ତି ଏହା ଈଶ୍ୱର ଇଚ୍ଛା କରନ୍ତି । (ଏଫିସୀ ୫:୨୭) । ସମସ୍ତ ଜଗତରେ ଖ୍ରୀଷ୍ଟଙ୍କ ସୁସମାଚାର ପ୍ରକାଶ କରିବା (ମାର୍କ ୧୬:୧୫,୧୬) ଓ ଦରିଦ୍ରମାନଙ୍କୁ ସାହାଯ୍ୟ କରିବା (ଯାକୁବ ୧:୨୭) ଏହାର ଉଦ୍ଦେଶ୍ୟ । ବିଶ୍ୱସ୍ତ ଲୋକ ସମସ୍ତେ ଜୀବନର ମୁକୁଟ ପାଇବେ । (ପ୍ରକାଶିତ ୨:୧୦: ମାଥିଉ ୨୫ ଅଧ୍ୟାୟ) ।

ଏହା ଖ୍ରୀଷ୍ଟଙ୍କ ମଣ୍ଡଳୀ - ଈଶ୍ୱରଙ୍କ ମଣ୍ଡଳୀ । ବାଇବଲରେ ଏହି ଏକମାତ୍ର ମଣ୍ଡଳୀର ବର୍ଣ୍ଣନା ପାଇପାରିବେ । ଏହାର ବିଷୟରେ ଅଧିକ ଜାଣି, ଏହାର ସଭ୍ୟ ହୁଅନ୍ତୁ । ତେବେ ଯାଇ ଆପଣ ଖ୍ରୀଷ୍ଟଙ୍କ ମଣ୍ଡଳୀର ସଭ୍ୟ ହୋଇପାରିବେ ।

# ୭. ନୂତନ ନିୟମର ମଣ୍ଡଳୀ

## (The New Testament Church)

ମଣ୍ଡଳୀ ବିଷୟକ ସତ୍ୟତା ଜାଣିବା ପାଇଁ ଆମ୍ଭମାନଙ୍କୁ ନୂତନ ନିୟମ ନିକଟକୁ ଯିବାକୁ ହେବ । ଯଦିଓ ଏହା ଭବିଷ୍ୟତବାଣୀ ଦ୍ୱାରା ପୂର୍ବରୁ କୁହାଯାଇଥିଲା (ଯିଶାଇୟ ୨:୨,୩: ଦାନିୟେଲ ୨:୪୪) ଏହାର ସଫଳତା ବିଷୟରେ ଜାଣିବା ପାଇଁ ଆମ୍ଭମାନଙ୍କୁ ଖ୍ରୀଷ୍ଟଙ୍କ ଶିକ୍ଷା ଜାଣିବାକୁ ହେବ ।

ଆମ୍ଭମାନଙ୍କର ମନେ ରଖିବା ଉଚିତ ଯେ ମନୁଷ୍ୟମାନେ ମଣ୍ଡଳୀ ବିଷୟରେ କଅଣ କହନ୍ତି ତାହା ଆମ୍ଭେମାନେ ଜାଣିବାକୁ ଇଚ୍ଛୁକ ନୋହୁଁ । ବରଂ ଶାସ୍ତ୍ର ମଣ୍ଡଳୀ ବିଷୟରେ କ'ଣ କହେ ଏହା ଆମ୍ଭମାନଙ୍କର ଜାଣିବା ଆବଶ୍ୟକ । ତେଣୁକରି ନୂତନ ନିୟମରୁ ହିଁ ଖୋଜି ବାହାର କରିବା ।

୧. ଖ୍ରୀଷ୍ଟ ମଣ୍ଡଳୀ ତୋଳିଲେ । ସେ କହିଲେ,''.......ପୁଣି ଏହି ପଥର ଉପରେ ମୁଁ ଆପଣା ମଣ୍ଡଳୀ ତୋଳିବି, ଆଉ ନରକର ତାହାକୁ ପରାଜୟ କରିବ ନାହିଁ ।'' (ମାଥି ୧୬:୧୮) । ସେ ନିଜେ ଏଠାରେ ଆପଣା ମଣ୍ଡଳୀ ତୋଳିବି ବୋଲି କହିଅଛନ୍ତି, ତେଣୁ ଏହା ତାହାଙ୍କର ଅଟେ ।

୨. ମଣ୍ଡଳୀର ଆରମ୍ଭ ଯିରୁଶାଲମରେ ହୋଇଥିଲା । ଖ୍ରୀଷ୍ଟ ପ୍ରେରିତମାନଙ୍କୁ ଊର୍ଦ୍ଧ୍ୱରୁ ଶକ୍ତିପ୍ରାପ୍ତ ନହେବା ପର୍ଯ୍ୟନ୍ତ ଯିରୁଶାଲମରେ ରହିବା ପାଇଁ ଆଦେଶ ଦେଇଥିଲେ, ଯେପରିକି ''ଯିରୁଶାଲମରୁ ଆରମ୍ଭ କରି ସମସ୍ତ ଜାତିଙ୍କ ନିକଟରେ ତାହାଙ୍କ ନାମରେ ପାପକ୍ଷମା ନିମନ୍ତେ ମନ ପରିବର୍ତ୍ତନର ପ୍ରସଙ୍ଗ ଘୋଷଣା କରାଯିବ ।'' (ଲୂକ ୨୪:୪୬-୪୮) । ଏହା କିପରି ଘଟିଥିଲା, ଏହାର ବିବରଣ ଆମ୍ଭେମାନେ ପ୍ରେରିତ ୨ୟ ଅଧ୍ୟାୟରେ ପଢ଼ିବାକୁ ପାଇପାରୁ ।

୩. ଏହା ଖ୍ରୀ:ଜ ୩୩ ମସିହାରେ ଆରମ୍ଭ ହୋଇଥିଲା । ଖ୍ରୀଷ୍ଟଙ୍କ ପୁନରୁତ୍ଥାନର ପଚାଶତମ ଦିବସରେ ଏହା ସ୍ଥାପିତ ହୋଇଥିଲା ଅର୍ଥାତ୍ ତାହା

ପୁନରୁତ୍ଥାନର ପରେ ପ୍ରଥମ ପେଣ୍ଟିକଷ୍ଟ ଦିବସ (ପ୍ରେରିତ ୨ୟ ଅଧ୍ୟାୟ)

୪. ଏହାର ସ୍ଥାପକ ଖ୍ରୀଷ୍ଟ ଏବଂ ଖ୍ରୀଷ୍ଟଙ୍କ ନାମରେ ଏହା ନାମିତ । ପାଉଲ ରୋମୀୟ ମଣ୍ଡଳୀକୁ ପତ୍ର ଲେଖିବା ସମୟରେ, ଅନେକ ସ୍ଥାନୀୟ ମଣ୍ଡଳୀର ଶୁଭେଚ୍ଛା ମଧ୍ୟ ସେହି ପତ୍ରଦ୍ୱାରା ରୋମୀୟ ମଣ୍ଡଳୀକୁ ଜଣାଇଥିଲେ । ତେଣୁ ସେ ଲେଖନ୍ତି,"ଖ୍ରୀଷ୍ଟଙ୍କର ସମସ୍ତ ମଣ୍ଡଳୀ ତୁମ୍ଭମାନଙ୍କୁ ନମସ୍କାର ଜଣାଉଅଛନ୍ତି ।" (ରୋମୀୟ ୧୬:୧୬) ୧ମ କରନ୍ଥୀୟ ୧୨:୨୭ରେ ଖ୍ରୀଷ୍ଟଙ୍କ ଶରୀର ବିଷୟରେ ସେ ଲେଖନ୍ତି, ଯାହାକି ଖ୍ରୀଷ୍ଟଙ୍କ ମଣ୍ଡଳୀ ଅଟେ । (କଲସୀ ୧:୧୮) । ଯଦି ଏହା ଖ୍ରୀଷ୍ଟଙ୍କ ଦ୍ୱାରା ଗଠିତ ସ୍ୱାଭାବିକ ଭାବେ ଏହା ଖ୍ରୀଷ୍ଟଙ୍କ ମଣ୍ଡଳୀ । ଏହା ଅନ୍ୟ କୌଣସି ମଣ୍ଡଳୀ ହେଲେ କିପରି ଖ୍ରୀଷ୍ଟଙ୍କର ହୋଇପାରେ ?

୫. ଏଥିର ସଭ୍ୟମାନେ କେବଳ ଖ୍ରୀଷ୍ଟିୟାନରୂପେ ପରିଚିତ । ପ୍ରେରିତ ୧୧:୨୬ରେ ପ୍ରଥମେ ଆନ୍ତିୟଖିଆର ଶିଷ୍ୟମାନେ ଖ୍ରୀଷ୍ଟିୟାନ ବୋଲି ଖ୍ୟାତ ହେଲେ ବୋଲି ଲେଖାଯାଏ । ଏହା ଈଶ୍ୱରଙ୍କ ଇଚ୍ଛା ଥିଲା, କାରଣ ଖ୍ରୀଷ୍ଟିୟାନ ବୋଲି ଏହି ନାମ ଦ୍ୱାରା ଖ୍ରୀଷ୍ଟ ଗୌରବାନ୍ୱିତ ହୁଅନ୍ତି ବୋଲି (୧ ପିତର ୪:୨୬)ରେ ଲେଖାଯାଏ ।

୬. ଖ୍ରୀଷ୍ଟ ମଣ୍ଡଳୀକୁ ଏଡ଼େ ପ୍ରେମ କଲେ ଯେ, ତାହା ନିମନ୍ତେ ଆପଣା ପ୍ରାଣ ଢାଳିଦେଲେ । "ହେ ସ୍ୱାମୀମାନେ, ଖ୍ରୀଷ୍ଟ ଯେପରି ମଣ୍ଡଳୀକି ପ୍ରେମ କଲେ ତୁମ୍ଭେମାନେ ମଧ୍ୟ ସେହିପରି ଆପଣା ଆପଣା ସ୍ତ୍ରୀମାନଙ୍କୁ ପ୍ରେମ କର, ସେ ତ ତାହା ନିମନ୍ତେ ଆପଣାକୁ ଉତ୍ସର୍ଗ କଲେ । (ଏଫିସୀ ୫:୨୫)

୭. ଏହା ଖ୍ରୀଷ୍ଟଙ୍କ ରକ୍ତଦ୍ୱାରା କିଣାଯାଇଅଛି । ପାଉଲ ଏଫିସୀରେ ଥିବା ଅଧ୍ୟକ୍ଷମାନଙ୍କୁ ଏପରି ଲେଖିଲେ,"ତୁମ୍ଭେମାନେ ନିଜ ନିଜ ବିଷୟ, ଆଉ ଯେଉଁ ମଣ୍ଡଳୀକି ଈଶ୍ୱର ଆପଣା ନିଜର ରକ୍ତରେ କ୍ରୟ କରିଅଛନ୍ତି, ତାହାଙ୍କର ସେହି ମଣ୍ଡଳୀକି ପ୍ରତିପାଳନ କରିବା ନିମନ୍ତେ ପବିତ୍ର ଆତ୍ମା ଯେଉଁ ସମସ୍ତ ପଲ ମଧ୍ୟରେ ତୁମ୍ଭମାନଙ୍କୁ ଅଧ୍ୟକ୍ଷରୂପେ ନିଯୁକ୍ତ କରିଅଛନ୍ତି, ସେମାନଙ୍କ ବିଷୟରେ

ସାବଧାନ ହୋଇଥାଅ ।'' (ପ୍ରେରିତ ୨୦:୨୮)

୮. କେବଳ ଏକମାତ୍ର ମଣ୍ଡଳୀ ରହିଅଛି । ପ୍ରଭୁଙ୍କର ବାକ୍ୟ କହେ,''ଏକ ଶରୀର'' (ଏଫିସୀ ୪:୪), ଏବଂ ସେହି ଶରୀର ମଣ୍ଡଳୀ ଅଟେ । (ଏଫିସୀ ୧:୨୨:୨୩, କଲସୀ ୧:୧୮) । ଯଦି ଏକ ଶରୀର ଏବଂ ସେହି ଶରୀର ମଣ୍ଡଳୀ ଅଟେ, ତେବେ କେବଳ ଗୋଟିଏ ମଣ୍ଡଳୀ ରହିଅଛି ।

୯. ଖ୍ରୀଷ୍ଟ ଏହାର ମସ୍ତକସ୍ୱରୂପ ଅଟନ୍ତି, ''ଆଉ ସେ ମଣ୍ଡଳୀରୂପ ଶରୀରର ମସ୍ତକସ୍ୱରୂପ, ସେ ଆଦି, ମୃତମାନଙ୍କ ମଧ୍ୟରୁ ପ୍ରଥମଜାତ, ଯେପରି ସମସ୍ତ ବିଷୟରେ ସେ ଅଗ୍ରଗଣ୍ୟ ହୁଅନ୍ତି ।'' (କଲସୀ ୧:୧୮) ଏହି ବିଷୟରେ ସେ କୌଣସି ମନୁଷ୍ୟକୁ ହିସ ଦିଅନ୍ତି ନାହିଁ ।

୧୦. ଖ୍ରୀଷ୍ଟ ମଣ୍ଡଳୀର ତ୍ରାଣକର୍ତ୍ତା । ଲେଖାଯାଏ,''କାରଣ ଖ୍ରୀଷ୍ଟ ଯେପରି ମଣ୍ଡଳୀର ମସ୍ତକସ୍ୱରୂପ, ସ୍ୱାମୀ ମଧ୍ୟ ସ୍ତ୍ରୀର ମସ୍ତକସ୍ୱରୂପ ପୁଣି ଖ୍ରୀଷ୍ଟ ଆପଣା ଶରୀରରୂପ ମଣ୍ଡଳୀର ତ୍ରାଣକର୍ତ୍ତା । (ଏଫିସୀ ୫:୨୩)

୧୧. ପରିତ୍ରାଣ ପ୍ରାପ୍ତ ଲୋକଙ୍କୁ ଖ୍ରୀଷ୍ଟ ଆପଣା ମଣ୍ଡଳୀରେ ସଂଯୁକ୍ତ କରନ୍ତି । ଜଣକୁ ବିଶ୍ୱାସ କରି, ବାପ୍ତିସ୍ମ ନେବାଦ୍ୱାରା ପରିତ୍ରାଣ ପ୍ରାପ୍ତ ହୁଏ ବୋଲି ବାଇବଲ ଶିକ୍ଷାଦିଏ । (ମାର୍କ ୧୬:୧୬) । ପୁଣି ବିଶ୍ୱାସ ଓ ବାପ୍ତିସ୍ମ ଦ୍ୱାରା ଜଣେ ମଣ୍ଡଳୀରେ ଓ ଖ୍ରୀଷ୍ଟଙ୍କ ଠାରେ ପ୍ରବେଶ କରିପାରିବ ବୋଲି ପାଉଲ କହନ୍ତି । (ଗାଲତୀୟ ୩:୨୬,୨୭:୧ କରିନ୍ଥୀ ୧୨:୧୩) ଅନ୍ୟଭାବେ ଆମେ ଏପରି କହିପାରୁ, ଲୋକେ ପେଣ୍ଟିକଷ୍ଟ ଦିନରେ ମନ ପରିବର୍ତ୍ତନ କରି ପାପ କ୍ଷମା ନିମନ୍ତେ ବାପ୍ତିସ୍ମ ନେବା ପରେ ''ସେମାନଙ୍କୁ ପ୍ରଭୁ ପ୍ରତିଦିନ ମଣ୍ଡଳୀ ସହିତ ସଂଯୁକ୍ତ କରିବାକୁ ଲାଗିଲେ ।'' (ପ୍ରେରିତ ୨:୪୭)

୧୨. ଖ୍ରୀଷ୍ଟ ଆପଣାର ମଣ୍ଡଳୀରୂପ କନ୍ୟା ନିମନ୍ତେ ଦିନେ ଫେରି ଆସିବେ । ''ଯେପରି ମଣ୍ଡଳୀ ନିଷ୍କଳଙ୍କ, ନିଖୁନ୍ତ ଓ ସମସ୍ତ ପ୍ରକାର ଦୋଷରହିତ ହୋଇ ପବିତ୍ର ଓ ଅନିନ୍ଦନୀୟ ହୁଏ, ଆଉ ଏହିପରି ଗୌରବମୟ ଅବସ୍ଥାରେ

ସେ ତାହାକୁ ଆପଣା ନିକଟରେ ଉପସ୍ଥିତ କରାନ୍ତି ।'' (ଏଫିସୀ ୫:୨୭) । ଆମ୍ଭମାନଙ୍କର ମନେରଖିବା ଉଚିତ ଯେ, ତାଙ୍କର କେବଳ ଏକମାତ୍ର କନ୍ୟା ଅଛି ଓ ତାହା ତାହାଙ୍କ ନାମ ଧାରଣ କରିଥିବା ମଣ୍ଡଳୀ । ପୁଣି ସେ ତାହାର ନିମନ୍ତେ ଫେରି ଆସୁଅଛନ୍ତି ।

ଆପଣ ନୂତନ ନିୟମରେ ପାଇଥିବା ଏହି ମଣ୍ଡଳୀର କ'ଣ ସଭ୍ୟ ଅଟନ୍ତି ? ଆପଣ କିପରିଭାବେ ଖ୍ରୀଷ୍ଟଙ୍କ ମଣ୍ଡଳୀର ସଭ୍ୟ ହୋଇପାରିବେ, ଜାଣିବା ନିମନ୍ତେ ଦୟାକରି ଖ୍ରୀଷ୍ଟଙ୍କ ମଣ୍ଡଳୀ ଦର୍ଶନ କରନ୍ତୁ ।

# 10. ଖ୍ରୀଷ୍ଟଙ୍କ ମଣ୍ଡଳୀ ଭାରତରେ କେତେଦିନ ଯାଏ ସ୍ଥିର ହୋଇ ରହିପାରିବ ?

## (How long will the Church of Christ be in India)

ଅନେକଥର ପ୍ରଶ୍ନ ଉଠେ,''ଖ୍ରୀଷ୍ଟଙ୍କ ମଣ୍ଡଳୀ ଭାରତରେ କେତେଦିନ ଯାଏ ସ୍ଥିର ହୋଇ ରହିପାରିବ ?'' ଏହି ପ୍ରଶ୍ନର ଉତ୍ତର କେବଳ ଭାରତୀୟ ଖ୍ରୀଷ୍ଟିୟାନ ହିଁ ଦେବା ଆବଶ୍ୟକ । ଯଦି ଈଶ୍ୱରପ୍ରେମୀ ଓ ବିଶ୍ୱସ୍ତ ଲୋକ ଭାରତରେ ଯଥେଷ୍ଟ ସଂଖ୍ୟାରେ ଥାଆନ୍ତି, ତାହାହେଲେ ଏହି ମଣ୍ଡଳୀ ଏହିଠାରେ ଚିରସ୍ଥାୟୀ ହୋଇ ରହିପାରିବ । ଏତଦ୍‌ବ୍ୟତୀତ ଏହି ମଣ୍ଡଳୀ ଏହିଠାରେ ସ୍ଥିର ହୋଇ ରହିବା ଅସମ୍ଭବ ।

ଏଠାରେ ବିଦେଶୀ ଖ୍ରୀଷ୍ଟିୟାନ ରହିବା ନ ରହିବାରେ କିମ୍ବା ବିଦେଶୀୟ ସାହାଯ୍ୟ ଆସିବା ନ ଆସିବାରେ କିଛି ପ୍ରଭେଦ ନାହିଁ । ଅଥବା ମଣ୍ଡଳୀଗୃହଗୁଡ଼ିକ ଥିବା ନଥିବାରେ ମଧ୍ୟ କିଛି ପାର୍ଥକ୍ୟ ନାହିଁ । କିନ୍ତୁ ସ୍ଥାନୀୟ ସଭ୍ୟମାନେ ଈଶ୍ୱରଙ୍କ

ଇଚ୍ଛାନୁଯାୟୀ କର୍ମ କରିବାରେ ଇଚ୍ଛୁକ କି ନୁହନ୍ତି ଏହା ହେଲା ପ୍ରକୃତ ସମସ୍ୟା । ଏହି ବିଷୟ ଉପରେ ଭାରତରେ ଖ୍ରୀଷ୍ଟଙ୍କ ମଣ୍ଡଳୀର ଭବିଷ୍ୟତ ନିର୍ଭର କରେ ।

ଏହି ବିଷୟ ଭାରତ ବ୍ୟତୀତ ଅନ୍ୟ ଦେଶଗୁଡ଼ିକ ସମ୍ବନ୍ଧରେ ସୁଦ୍ଧା ସତ୍ୟ । ଈଶ୍ୱରଙ୍କ ଆଜ୍ଞାବହ ଓ ତାଙ୍କ ସେବାକାରୀ ଲୋକମାନଙ୍କ ଦ୍ୱାରା ହିଁ ଖ୍ରୀଷ୍ଟଙ୍କ ମଣ୍ଡଳୀ ସ୍ଥିର ହୋଇ ରହି ପାରିବ । ଏମାନଙ୍କ ବ୍ୟତୀତ ମଣ୍ଡଳୀ ସ୍ଥିର ହୋଇ ରହିବା ଅସମ୍ଭବ ।

ବେଳେବେଳେ ସ୍ଥାନୀୟ ଲୋକେ ଅସ୍ଥାୟୀ ସଂସ୍ଥାରେ ସଭ୍ୟ ହେବା ନିମନ୍ତେ ଦ୍ୱିଧା କରନ୍ତି । ଏଥିରେ ଆପଣ ଭୟ କରିବାରେ କୌଣସି ଆବଶ୍ୟକତା ନାହିଁ । କାରଣ ଥରେ ଆପଣ ଈଶ୍ୱରଙ୍କ ପରିବାରରେ ଜନ୍ମ ନେବା ପରେ ଚିରକାଳ ସେଥିର ସଭ୍ୟ ଅଟନ୍ତି । ଆପଣଙ୍କ ଅଞ୍ଚଳରେ କାମ ଆରମ୍ଭ କରିଥିବା ପ୍ରଚାରକ, ଆପଣଙ୍କ ଅଞ୍ଚଳ ଛାଡ଼ିଦେଇ ଚାଲିଯାଇପାରେ । କିନ୍ତୁ ସେପରି ଖ୍ରୀଷ୍ଟଙ୍କୁ ବା ଖ୍ରୀଷ୍ଟିୟାନତ୍ୱକୁ ଘେନିଯାଇନପାରେ, ସେହିପରି ସେ ଆପଣା ସହିତ ମଣ୍ଡଳୀ ମଧ୍ୟ ଘେନିଯାଇ ପାରେନାହିଁ । ତେଣୁ ଆପଣଙ୍କ ଅଞ୍ଚଳରେ ଅନ୍ୟ ସଭ୍ୟମାନଙ୍କ ସହିତ ମିଳିମିଶି ମଣ୍ଡଳୀକୁ ଚଳାଇବା ନିମନ୍ତେ ଆପଣଙ୍କୁ ନିଶ୍ଚିତଭାବେ ଶିଖିବା ଆବଶ୍ୟକ ।

ଆପଣ ଏହା ଜାଣି ଆନନ୍ଦିତ ହେବେ ଯେ, ଖ୍ରୀଷ୍ଟଙ୍କ ମଣ୍ଡଳୀ ଦିଲ୍ଲୀ ଛଡ଼ା ବମ୍ବେ, ଲକ୍ଷ୍ନୌ, ସିଲନ୍, ମାଦ୍ରାଜ, ହାଇଦ୍ରାବାଦ ଓ ଅନେକ ଛୋଟ ଛୋଟ ସହର ଓ ଗ୍ରାମରେ ମଧ୍ୟ ରହିଛି । ବର୍ତ୍ତମାନ ଏହା ଭାରତସାରା ବ୍ୟାପିନାହିଁ ବୋଲି ଭବିଷ୍ୟତରେ ଏହା ବ୍ୟାପିବ ନାହିଁ ବୋଲି ଏହାର କାରଣ ନୁହେଁ । ଅନ୍ୟ ପକ୍ଷରେ ମଣ୍ଡଳୀ ଅତି ଶୀଘ୍ର ଗତିରେ ଦେଶସାରା ବ୍ୟାପୁଅଛି ଅର୍ଥାତ୍ ଏହା ଏଠାରେ ଚିରସ୍ଥାୟୀ ହୋଇ ରହିବ ।

ଯଦିଓ ଖ୍ରୀଷ୍ଟଙ୍କ ମଣ୍ଡଳୀ ଭାରତରେ କିଛିବର୍ଷ ପୂର୍ବେ ସ୍ଥାପିତ ହୋଇଅଛି, ତଥାପି ଏହା ଏକ ନୂତନ ମଣ୍ଡଳୀ ନୁହେଁ । ଇତିହାସ ଅନୁଯାୟୀ ପ୍ରଥମ ଶତାବ୍ଦୀରେ

ଖ୍ରୀଷ୍ଟଙ୍କ ସୁସମାଚାର ଓ ତାହାଙ୍କର ମଣ୍ଡଳୀ ଏହି ଦେଶକୁ ପ୍ରେରିତ ଥୋମାଙ୍କ ଦ୍ୱାରା ଆସିଥିଲା । ପାଉଲଙ୍କ (କଲସୀ ୧:୨୩) ପଦନୁଯାୟୀ ଖ୍ରୀଷ୍ଟଙ୍କ ସୁସମାଚାର ଆକାଶମଣ୍ଡଳ ତଳେ ଥିବା ସମସ୍ତ ସୃଷ୍ଟି ନିକଟରେ ପ୍ରଚାରିତ ହୋଇଅଛି । ସେଥିରେ ଭାରତ ମଧ୍ୟ ଅନ୍ତର୍ଭୁକ୍ତ । ତେବେ ସେ ସମୟରେ ଯେଉଁମାନେ ସୁସମାଚାର ଶୁଣି ତହିଁର ଆଜ୍ଞାବହ ହେଲେ, ସେମାନେ କ'ଣ ହୋଇପାରିଥିଲେ ? (ପ୍ରେରିତ ୨:୪୭) ଅନୁଯାୟୀ ସେମାନେ ଖ୍ରୀଷ୍ଟଙ୍କ ମଣ୍ଡଳୀର ସଭ୍ୟ ହୋଇପାରିଥିଲେ । ତେବେ ସେମାନେ ସମସ୍ତେ କୁଆଡ଼େ ଗଲେ ? ଯାହା ଅନ୍ୟ ଦେଶମାନଙ୍କରେ ଘଟିଥିଲା, ତାହା ଏହି ଦେଶରେ ମଧ୍ୟ ଘଟିଥିଲା । ସମୟାନୁକ୍ରମେ ଲୋକେ ଭ୍ରାନ୍ତହେବାରୁ ମଣ୍ଡଳୀର ରୂପ ବଦଳିଗଲା । ଏହା ଯେପରିଭାବେ ଆରମ୍ଭ ହୋଇଥିଲା, ସେପରି ରହିପାରିଲା ନାହିଁ । ଅର୍ଥାତ୍ ଗତ କିଛି ବର୍ଷରୁ ଭାରତରେ ପ୍ରଥମରୁ ଥିବା ପୁରାତନ ଖ୍ରୀଷ୍ଟଙ୍କ ପୁର୍ନସ୍ଥାପନ କରାଯାଇଅଛି ।

ଖ୍ରୀଷ୍ଟଙ୍କ ମଣ୍ଡଳୀ, ଆମେରିକାନ୍ ମଣ୍ଡଳୀ ନୁହେଁ ବୋଲି ଆପଣଙ୍କର ମନେ ରଖିବା ଉଚିତ । ଏହାର ଆରମ୍ଭ ଆମେରିକାରେ ହୋଇନଥିଲା । ପ୍ରେରିତ ୨ୟ ଅଧ୍ୟାୟନୁଯାୟୀ, ଏହା ଯିରୁଶାଲମରେ (ଯାହା ଏସିଆରେ ଅଛି) ଦୁଇ ହଜାର ବର୍ଷ ପୂର୍ବେ ଆରମ୍ଭ ହୋଇଥିଲା । ଏହାର ଆରମ୍ଭ ମନୁଷ୍ୟମାନଙ୍କ ଦ୍ୱାରା ନହୋଇ ଖ୍ରୀଷ୍ଟଙ୍କ ଦ୍ୱାରା ହୋଇଥିଲା । (ମାଥିଉ ୧୬:୧୮)

ବାଇବଲରେ, ମଣ୍ଡଳୀର ସଂପୂର୍ଣ୍ଣ ଆଦର୍ଶ (Pattern) ଦିଆଯାଇଅଛି । ତେଣୁ ସେହି ଆଦର୍ଶ ଅନୁସରଣ ଦ୍ୱାରାହିଁ ଖ୍ରୀଷ୍ଟଙ୍କ ମଣ୍ଡଳୀ ସ୍ଥାପିତ ହୋଇପାରିବ । ଏହି ତଥ୍ୟ ଭାରତରେ ତଥା ଅନ୍ୟ ଦେଶଗୁଡ଼ିକ ବିଷୟରେ ମଧ୍ୟ ସତ୍ୟ । ଏହି ଆଦର୍ଶ (Pattern) ବିଷୟରେ କେତୋଟି ବିଷୟ ଜାଣିବା :-

୧) ମଣ୍ଡଳୀ କାହାଦ୍ୱାରା ସ୍ଥାପିତ ହୋଇଥିଲା, ବାଇବଲରେ ପଢ଼ିବାକୁ ପାଉ (ମାଥିଉ ୧୬:୧୮) ।

୨) ମଣ୍ଡଳୀ କେଉଁଠାରେ ସ୍ଥାପିତ ହୋଇଥିଲା, ଏହା ମଧ୍ୟ ବାଇବଲରେ ଲିଖିତ ଅଛି । (ପ୍ରେରିତ ୨ୟ ଅଧ୍ୟାୟ)

୩)  ଏହା କେବେ ସ୍ଥାପିତ ହୋଇଥିଲା, ତାହା ମଧ୍ୟ ବାଇବଲରେ ବର୍ଣ୍ଣନା କରାଯାଏ । (ପ୍ରେରିତ ୨ୟ ଅଧ୍ୟାୟ)

୪)  ମଣ୍ଡଳୀ କେଉଁ ନାମ ଧାରଣ କରିଥିଲା, ଏହା ବାଇବଲରେ ବର୍ଣ୍ଣିତ ହୋଇଅଛି । (ରୋମୀୟ ୧୬:୧୬)

୫)  ମଣ୍ଡଳୀର ସଭ୍ୟମାନେ କେଉଁ ନାମରେ ଖ୍ୟାତ ହେଲେ, ତାହା ମଧ୍ୟ ବାଇବଲ କହେ । (ପ୍ରେରିତ ୧୧:୨୬)

୬)  ଲୋକେ କିପରି ଭାବେ ମଣ୍ଡଳୀର ସଭ୍ୟ ହୋଇ ପାରିଥିଲେ, ଏହା ଆମ୍ଭେମାନେ ବାଇବଲର ପୃଷ୍ଠାରେ ପଢ଼ିପାରୁ । (ମାର୍କ ୧୬:୧୫, ପ୍ରେରିତ ୨:୩୮, ୪୭)

୭)  ମଣ୍ଡଳୀର ଆରାଧନା ପଦ୍ଧତି ସମ୍ବନ୍ଧରେ ମଧ୍ୟ ବାଇବଲ ସରଳଭାବରେ ବୁଝାଇଦିଏ । (ପ୍ରେରିତ ୨୦:୭)

୮)  ମଣ୍ଡଳୀର ମସ୍ତକ ବିଷୟରେ ମଧ୍ୟ ବାଇବଲରେ ସ୍ପଷ୍ଟଭାବେ ଲିଖିତ ହୋଇଅଛି । (କଲସୀ ୧:୧୮)

୯)  ମଣ୍ଡଳୀର କେତୋଟି ମସ୍ତକ ଅଛି, ତାହା ମଧ୍ୟ ବାଇବଲରେ ବର୍ଣ୍ଣନା କରାଯାଏ । (ଏଫିସୀ ୪:୪, ଏଫିସୀ ୧:୨୨,୨୩)

ଏତଦ୍‌ବ୍ୟତୀତ ବାଇବଲରେ ଅନ୍ୟ ବିଷୟଗୁଡ଼ିକ ସମ୍ବନ୍ଧରେ ମଧ୍ୟ ଲେଖାଯାଇଅଛି । କିନ୍ତୁ ଲୋକେ ଯେତେବେଳେ ଉପରଲିଖିତ ଆଦର୍ଶ (Pattern) ଅନୁସରଣ କରନ୍ତି ସେତେବେଳେ ଖ୍ରୀଷ୍ଟଙ୍କ ମଣ୍ଡଳୀର ସଭ୍ୟହୋଇ ପାରନ୍ତି । ବାଇବଲରେ ଲିଖିତ ମଣ୍ଡଳୀର ଆଦର୍ଶ (Pattern) ଅନୁସରଣ କରିବା ଲୋକେ ଜଗତର ଭିନ୍ନ ଭିନ୍ନ ସ୍ଥାନରେ ଥିଲେ ହେଁ, ସେମାନେ ପ୍ରତ୍ୟେକ ଖ୍ରୀଷ୍ଟଙ୍କ ଠାରେ ଏକ ଅଟନ୍ତି ଓ ଏକ ଶରୀରରୂପ ମଣ୍ଡଳୀର ଅନ୍ତର୍ଭୁକ୍ତ ।

ଏଠାରେ ଲିଖିତ ବିଷୟଗୁଡ଼ିକ ବାଇବଲ ଅନୁଯାୟୀ ଅଛି କି ନାହିଁ, ଦୟାକରି ଅନୁସନ୍ଧାନ କରି ଦେଖନ୍ତୁ । ଆପଣ ଏହିସବୁ ବିଷୟ ସତ୍ୟବୋଲି ଜାଣିବା ପରେ ତାହା ଗ୍ରହଣ କରନ୍ତୁ । ଅପରପକ୍ଷରେ, ଏହା ଯଦି ଅସତ୍ୟ

ବୋଲି ଭାବନ୍ତି, ତାହାହେଲେ ଏହିସବୁ ବିଷୟ ଅଗ୍ରାହ୍ୟ କରନ୍ତୁ । ଆପଣ ପ୍ରକୃତରେ ମନଧ୍ୟାନ ସହ ଏହିସବୁ ବିଷୟ ସତ୍ୟବୋଲି ଜାଣିବା ପରେ ତାହା ଗ୍ରହଣ କରନ୍ତୁ । ଆପଣ ପ୍ରକୃତରେ ମନଧ୍ୟାନ ସହ ଏହିସବୁ ବିଷୟ ଅନୁସନ୍ଧାନ କରିଲେ, ଏଥିରେ ଥିବା ସତ୍ୟତା ବୁଝିପାରିବେ । ଆପଣଙ୍କୁ କେହି ପଥଭ୍ରଷ୍ଟ କରିବାକୁ ଚେଷ୍ଟିତ ନୁହେଁ । ଆମ୍ଭେମାନେ ଆପଣଙ୍କୁ ସାହାଯ୍ୟ କରିବାକୁ ଚାହୁଁ ଏବଂ ବାଇବଲରେ ଲିଖିତ ଈଶ୍ୱରଙ୍କ ବାକ୍ୟ ବିଷୟରେ ଆପଣଙ୍କୁ ଜଣାଇବାହିଁ ଉତ୍କୃଷ୍ଟତମ ସାହାଯ୍ୟ ବୋଲି ଆମେ ବିଶ୍ୱାସ କରୁ ।

ଅତଏବ, ଭାରତରେ ଖ୍ରୀଷ୍ଟଙ୍କ ମଣ୍ଡଳୀ ଚିରସ୍ଥାୟୀ ରହିବାରେ ଆପଣ ଯଦି ଆକାଂକ୍ଷିତ, ତେବେ ଆପଣ ଖ୍ରୀଷ୍ଟଙ୍କ ଆଜ୍ଞାବହ ହୋଇ ଅନ୍ୟମାନଙ୍କୁ ମଧ୍ୟ ଆଜ୍ଞାବହ ହୋଇ ରହିବାରେ ଉତ୍ସାହ ଦିଅନ୍ତୁ । ଆପଣଙ୍କ ଓ ଆପଣଙ୍କ ପରି ଅନ୍ୟମାନଙ୍କ ଦ୍ୱାରା ହିଁ ଏହି ମଣ୍ଡଳୀ ଏଠାରେ ସ୍ଥାୟୀ ହୋଇ ରହିପାରିବ ।

## 11. ବାଇବଲର ଚାରି ପ୍ରଶ୍ନ
## (Four Bible Questions)

କେବଳ ଏକମାତ୍ର ମଣ୍ଡଳୀ ଅଛି ବୋଲି ବାଇବଲ ଶିକ୍ଷା ଦିଏ । (ଏଫିସୀ ୪:୪,କ ଲସୀ ୧:୧୮) । ଆଜି ଦୁନିଆରେ ଅନେକ ମଣ୍ଡଳୀଗୁଡ଼ିକ ରହିଅଛି, ହେଲେ ପ୍ରଶ୍ନ ଉଠେ କେଉଁ ମଣ୍ଡଳୀ ପ୍ରକୃତ ମଣ୍ଡଳୀ ? ପ୍ରତ୍ୟେକ ମଣ୍ଡଳୀ ଈଶ୍ୱରଙ୍କ ବାକ୍ୟଦ୍ୱାରା ସ୍ଥାପିତ ବୋଲି ଦାବୀ କରନ୍ତି । କେବଳ ଏକମାତ୍ର ମଣ୍ଡଳୀ ବିଷୟରେ ବାଇବଲ ଶିକ୍ଷା ଦେଉଥିବାରୁ, ପ୍ରତ୍ୟେକ ମଣ୍ଡଳୀ ଈଶ୍ୱରଙ୍କର ନୁହେଁ ବୋଲି ପ୍ରମାଣିତ ହୁଏ । ପ୍ରକୃତରେ କେଉଁ ମଣ୍ଡଳୀ ସତ୍ୟ ମଣ୍ଡଳୀ ଏହା ଜାଣିବା ନିମନ୍ତେ କେବଳ ଚାରିଟି ପ୍ରଶ୍ନର ଉତ୍ତର ଯଥେଷ୍ଟ । ଏହି ବିଷୟରେ ଅନେକ ପ୍ରଶ୍ନ ପଚାରି

ପାରିବା, କିନ୍ତୁ ନିମ୍ନଲିଖିତ କେବଳ ଚାରୋଟି ପ୍ରଶ୍ନର ଉତ୍ତର ଯଥେଷ୍ଟ ।

୧. କିଏ ମଣ୍ଡଳୀ ସ୍ଥାପନ କରିଥିଲେ ? ଆମ୍ଭେମାନେ ପ୍ରତ୍ୟେକ ଜାଣୁ ଯେ, ଖ୍ରୀଷ୍ଟ ମଣ୍ଡଳୀ ସ୍ଥାପନ କରିଥିଲେ । ଖ୍ରୀଷ୍ଟ ଈଶ୍ୱରଙ୍କ ପୁତ୍ର ବୋଲି ସ୍ୱୀକୃତ ହେବା ପରେ କହିଲେ, "ଆଉ ମୁଁ ମଧ୍ୟ ତୁମ୍ଭକୁ କହୁଅଛି, ତୁମ୍ଭେ ପିତର, ପୁଣି ଏହି ପଥର ଉପରେ ମୁଁ ଆପଣା ମଣ୍ଡଳୀ ତୋଳିବି, ଆଉ ନରକର ବଳ ତାକୁ ପରାଜୟ କରିବ ନାହିଁ ।" (ମାଥିଉ ୧୬:୧୮) ଯଦି ଖ୍ରୀଷ୍ଟ ମଣ୍ଡଳୀ ତୋଳିବି ବୋଲି ପ୍ରତିଜ୍ଞା କରିଥିଲେ ତେବେ ସେ କି ମଣ୍ଡଳୀ ତୋଳି ନଥିଲେ ? ଏହି ବାକ୍ୟ ଦ୍ୱାରା ଖ୍ରୀଷ୍ଟ ଯେ କେବଳ ଗୋଟିଏ ମଣ୍ଡଳୀ ବୋଲି କହିଥିଲେ, କିନ୍ତୁ "ମଣ୍ଡଳୀଗୁଡ଼ିକ ତୋଳିବି" ବୋଲି କହି ନଥିଲେ ଏହା ସ୍ପଷ୍ଟ ଭାବେ ଦେଖିପାରୁ । ସେ କେବଳ ଏକମାତ୍ର ମଣ୍ଡଳୀ ସ୍ଥାପନ କଲେ । ସେହି ମଣ୍ଡଳୀ ତାହାଙ୍କର ହୋଇଥିବାରୁ, ଏହା ମୋହର କିମ୍ବା ଆପଣଙ୍କର ନୁହେଁ ବୋଲି ମନେରଖିବା ଉଚିତ ।

୨. ଏହା କେଉଁଠାରେ ସ୍ଥାପିତ ହୋଇଥିଲା ? ପ୍ରେରିତ ମାନଙ୍କ କାର୍ଯ୍ୟାବଳୀ ୨ୟ ଅଧ୍ୟାୟନୁଯାୟୀ, ମଣ୍ଡଳୀ ଯିରୁଶାଲମରେ ସ୍ଥାପିତ ହୋଇଥିଲା । ଆମ୍ଭେମାନେ ଏହା କିପରି ଜାଣିପାରିଲୁ ? କାରଣ ଯୀଶୁ ଊର୍ଦ୍ଧ୍ୱରୁ ଶକ୍ତିପ୍ରାପ୍ତ ନହେବା ପର୍ଯ୍ୟନ୍ତ ଯିରୁଶାଲମରେ ରହିବା ପାଇଁ ଆଜ୍ଞା ଦେଇଥିଲେ । (ଲୂକ ୨୪:୪୯) ଏବଂ ଶକ୍ତି ଆସିବା ସମୟରେ ସେମାନେ ଯିରୁଶାଲମରେ ଥିଲେ । (ପ୍ରେରିତ ୨:୧-୪) । କେବଳ ତାହା ନୁହେଁ, ଭାବବାଦୀ ଯିଶାଇୟ ମଧ୍ୟ, ସ୍ୱର୍ଗରାଜ୍ୟ ବା ମଣ୍ଡଳୀ, ଯିରୁଶାଲମରେ ସ୍ଥାପିତ ହେବ ବୋଲି ଭବିଷ୍ୟତବାଣୀ (ଯିଶାଇୟ ୨:୨-୩) ଦ୍ୱାରା ପ୍ରକଟ କରିଥିଲେ ।

୩. ଏହା କେବେ ସ୍ଥାପିତ ହୋଇଥିଲା ? ପ୍ରେରିତ ୨ୟ ଅଧ୍ୟାୟ ଅନୁଯାୟୀ ମଣ୍ଡଳୀ ଖ୍ରୀଷ୍ଟଙ୍କ ଦ୍ୱାରା ସ୍ଥାପିତ ହୋଇଥିଲା, ତେଣୁ କରି ଏହା ପ୍ରାୟ ଖ୍ରୀ. ଜ. ୩୩ ମସିହାରେ ସ୍ଥାପିତ ହୋଇଥିଲା । ଏହାଦ୍ୱାରା ମଣ୍ଡଳୀ ୨ ହଜାର ବର୍ଷର ପୁରୁଣା ବୋଲି ଜାଣିପାରୁ ।

୪. ଏହା କେଉଁ ନାମ ଧାରଣ କରିଥିଲା ? ପ୍ରତ୍ୟେକ ସଭ୍ୟ ଖ୍ରୀଷ୍ଟିୟାନ ବୋଲି ଆଖ୍ୟାତ ହେଲେ ବୋଲି ବାକ୍ୟ କହେ । (ପ୍ରେରିତ ୧୧:୨୬, ପ୍ରେରିତ ୨୬-୨୮, ୧ ପିତର ୪:୧୬) ସମସ୍ତ ଖ୍ରୀଷ୍ଟିୟାନ ସମ୍ମିଳନ ଦ୍ୱାରା ମଣ୍ଡଳୀ ଗଠିତ ହୁଏ । ବାକ୍ୟାନୁଯାୟୀ ଏହା ଖ୍ରୀଷ୍ଟଙ୍କ ଶରୀର (କରିନ୍ଥୀ ୧୨:୨୭), କିନ୍ତୁ ଶରୀର ହିଁ ମଣ୍ଡଳୀ ଅଟେ । (କଲସୀ ୧:୮), ତେଣୁ ଏହା ଖ୍ରୀଷ୍ଟଙ୍କ ମଣ୍ଡଳୀ ଅଟେ । ପ୍ରେରିତ ପାଉଲଙ୍କ ସମୟରେ, ବିଭିନ୍ନ ସ୍ଥାନୀୟ ମଣ୍ଡଳୀ, ସାମୁହିକଭାବେ ଖ୍ରୀଷ୍ଟଙ୍କର ମଣ୍ଡଳୀଗୁଡ଼ିକ ସ୍ଥାପନ କଲେ, ତେଣୁ ସ୍ୱାଭାବିକ ଭାବେ ଏହା ତାଙ୍କର ନାମ ଧାରଣ କରେ । ଏହା ଯଦି ଖ୍ରୀଷ୍ଟଙ୍କର ମଣ୍ଡଳୀ ନୁହେ, ତେବେ ଏହା କାହାର ମଣ୍ଡଳୀ ? ଖ୍ରୀଷ୍ଟଙ୍କ ନାମ ଧାରଣ ନ କରି ଏହା କିପରି ଖ୍ରୀଷ୍ଟଙ୍କର ହୋଇପାରିବ ?

ଏହା, ଚାରିଟି ସରଳ ପ୍ରଶ୍ନ ଏବଂ ତାହା ବାଇବଲର ଉତ୍ତର । ଯଦି ଆପଣ ମଣ୍ଡଳୀ ଖ୍ରୀଷ୍ଟଙ୍କ ମଣ୍ଡଳୀ କି ନାହିଁ ଜାଣିବାକୁ ଚାହୁଁଅଛନ୍ତି, ଏହି ପ୍ରଶ୍ନ ଉତ୍ତର ସାହାଯ୍ୟରେ ଆପଣ ତାହ ଜାଣିପାରିବେ । କିନ୍ତୁ ଏହା ଯଦି ମନୁଷ୍ୟ ଦ୍ୱାରା ସ୍ଥାପିତ ତାହା କିପରି ଖ୍ରୀଷ୍ଟଙ୍କର ହୋଇପାରିବ ? ଏହା ଯଦି ଆମେରିକା, ଲଣ୍ଡନ କିମ୍ବା ଅନ୍ୟ କୌଣସି ସ୍ଥାନରେ ସ୍ଥାପିତ ହୋଇ, କିପରି ଖ୍ରୀଷ୍ଟଙ୍କର ମଣ୍ଡଳୀ ହୋଇପାରିବ ? ଯଦି ଏହା କିଛିବର୍ଷ ତଳେ ସ୍ଥାପିତ ହୋଇଅଛି, ତାହା ହେଲେ ଏହା ଖ୍ରୀଷ୍ଟଙ୍କ ମଣ୍ଡଳୀ ହୋଇପାରିବ ନାହିଁ । ଶେଷରେ ଏହା ଯଦି ଖ୍ରୀଷ୍ଟଙ୍କର ନାମ ଧାରଣ କରିନାହିଁ, କିପରି ଖ୍ରୀଷ୍ଟଙ୍କ ମଣ୍ଡଳୀ ହୋଇପାରିବ ? ଏହି ଉପରଲିଖିତ ପ୍ରଶ୍ନଉତ୍ତର ମାଧ୍ୟମରେ କୌଣସି ମଣ୍ଡଳୀ ଖ୍ରୀଷ୍ଟଙ୍କର ବା ଖ୍ରୀଷ୍ଟଙ୍କର ନୁହେଁ, ତାହା ଜାଣିପାରିବା ।

ଉପର ଲିଖିତ ଚାରୋଟି କାରଣ ମଧ୍ୟରୁ, କୌଣସି ମଣ୍ଡଳୀ କେବଳ ଏକମାତ୍ର କାରଣ ରହିତ ହେଲେ ସୁଦ୍ଧା ତାହା ଖ୍ରୀଷ୍ଟଙ୍କ ମଣ୍ଡଳୀ ନୁହେଁ । କୌଣସି ମଣ୍ଡଳୀ ବାଇବଲର ମଣ୍ଡଳୀ ହେବା ନିମନ୍ତେ, ବାଇବଲରେ ଲିଖିତ ପ୍ରତ୍ୟେକ ଶିକ୍ଷା ସହିତ ଏକୀଭୂତ ହେବା ଆବଶ୍ୟକ ।

ପ୍ରିୟ ବନ୍ଧୁ, ଆପଣ କି ଖ୍ରୀଷ୍ଟଙ୍କ ମଣ୍ଡଳୀର ସଭ୍ୟ ଅଟନ୍ତି କି ? ଏହି ଉପରଲିଖିତ କାରଣ ସହିତ ଆପଣ ପରୀକ୍ଷା କରି ଦେଖନ୍ତୁ । ଆପଣ ପରୀକ୍ଷା କରିବା ପରେ, ଆପଣ ଯଦି କୌଣସି ଖ୍ରୀଷ୍ଟିୟ ମତଶାଖାର (Denomination) ସଭ୍ୟ ଭାବେ ଆପଣାକୁ ପାଆନ୍ତି, ତେବେ ଆପଣଙ୍କୁ, ଆପଣଙ୍କର ବାଇବଲ ଧ୍ୟାନ କରି ତାହାଁର ଆଜ୍ଞାବହ ହେବା ନିମନ୍ତେ ଉତ୍ସାହିତ କରୁଅଛି । ନିରୁତ୍ସାହ ହୁଅନ୍ତୁ ନାହିଁ । ଯଦି ଆପଣ ବାଇବଲ ଶିକ୍ଷା ଅନୁଯାୟୀ କର୍ମ କରନ୍ତି, ପ୍ରଭୁ ଆପଣଙ୍କୁ ରକ୍ଷା କରି ଆପଣା ମଣ୍ଡଳୀରେ ସଂଯୁକ୍ତ କରିବେ । (ପ୍ରେରିତ ୨:୪୭), ତେବେ ଆପଣ ଖ୍ରୀଷ୍ଟଙ୍କର ମଣ୍ଡଳୀର ସଭ୍ୟ ହୋଇପାରିବେ, ଯେଉଁ ମଣ୍ଡଳୀର ବର୍ଣ୍ଣନାର ଆମ୍ଭେମାନେ ବାଇବଲରେ ପାଇପାରୁ ତ'ଦ୍ୱାରା, ମୁଁ ଏ ମଣ୍ଡଳୀର କିମ୍ବା 'ସେ ମଣ୍ଡଳୀ'ର ସଭ୍ୟ ବୋଲି କାହାକୁ କହିବାରେ ଲଜ୍ଜିତ ହେବା ଆବଶ୍ୟକ ନାହିଁ । କାରଣ ଖ୍ରୀଷ୍ଟଙ୍କର କେବଳ ଏକମାତ୍ର ମଣ୍ଡଳୀ ରହିଅଛି ଏବଂ ସେହି ମଣ୍ଡଳୀର ଆପଣ ସଭ୍ୟ ହୋଇ ପାରିଅଛନ୍ତି ।

## 12. ଆପଣଙ୍କ ନଗରରେ ବା ଗ୍ରାମରେ କିପରି ଖ୍ରୀଷ୍ଟଙ୍କ ମଣ୍ଡଳୀ ଆରମ୍ଭ କରି ପାରିବେ ?

**(How you can begin the Church of Christ in your own city or village ?)**

ସମ୍ଭବତଃ ଆପଣ ଖ୍ରୀଷ୍ଟଙ୍କ ମଣ୍ଡଳୀ ନ ଥିବା ନଗରରେ ବା ଗ୍ରାମରେ ବାସ କରୁଅଛନ୍ତି । ଆପଣଙ୍କ ଅଞ୍ଚଳରେ ଖ୍ରୀଷ୍ଟିୟ ମତଶାଖା (Denomination) ମଣ୍ଡଳୀଗୁଡ଼ିକ ବା ମନୁଷ୍ୟ-ସ୍ଥାପିତ ମଣ୍ଡଳୀଗୁଡ଼ିକ ରହିଥାଇପାରେ, କିନ୍ତୁ ଖ୍ରୀଷ୍ଟଙ୍କ ଦ୍ୱାରା ସ୍ଥାପିତ ମଣ୍ଡଳୀ ଏବେ ଯାଇ ସ୍ଥାପିତ

ହୋଇ ନଥାଇ ପାରେ । ଆପଣ ନିଶ୍ଚେ ସନ୍ଦେହରେ ପଡ଼ିଯାଇଥିବେ । ଆପଣ ଯେଉଁ ଅବସ୍ଥାରେ ଅଛନ୍ତି ସେପରି ଭାବେ କି ରହିଯିବେ ବା କୌଣସି ଏକ ମଣ୍ଡଳୀର ସଭ୍ୟ ହେବେ, କିମ୍ବା ଯେଉଁଠାରେ ଖ୍ରୀଷ୍ଟଙ୍କ ମଣ୍ଡଳୀ ଅଛି ସେହି ନଗରରେ ବାସ କରିବେ । ଏପରି ଅନେକ ପ୍ରଶ୍ନ ଉଠେ । ଏହିସବୁ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଓ ତାହାର ଉତ୍ତର ସହଜରେ ପାଇବା କଷ୍ଟକର ।

ମୁଁ ଆପଣଙ୍କୁ କେତୋଟି ପ୍ରସ୍ତାବ ଦେବାକୁ ଇଚ୍ଛା କରେ । ଆପଣ ଜଣେ ଖ୍ରୀଷ୍ଟଙ୍କ ମଣ୍ଡଳୀର ସଭ୍ୟ ହୋଇ ପ୍ରଥମେ ସେହି ଅଞ୍ଚଳରେ ଖ୍ରୀଷ୍ଟଙ୍କ ମଣ୍ଡଳୀ ସ୍ଥାପନ କରିବାରେ ନେତୃତ୍ୱ ନେଇ ପାରିବେ । ଏହି ବିଷୟରେ ଆପଣଙ୍କ ସାହାଯ୍ୟକାରୀ କେତୋଟି ଉପଦେଶ :-

୧. ପ୍ରଥମେ ଆପଣଙ୍କ ନିକଟରେ ବାଇବଲ ରହିବା ଆବଶ୍ୟକ ଯଦି ଆପଣ ଈଶ୍ୱରଙ୍କ ଇଚ୍ଛା ସାଧନ କରିବା ପାଇଁ ଇଚ୍ଛୁକ ତେବେ ଆପଣଙ୍କ ନିକଟରେ ଆପଣଙ୍କ ନିଜ ବାଇବଲ ଥିବା ଆବଶ୍ୟକ । ଆପଣ ବାଇବଲ ଏହି ଭାରତ ଦେଶରେ କିଣି ପାରିବେ । ଆପଣା ନିମନ୍ତେ ଗୋଟିଏ ବାଇବଲ କିଣିବା ପରେ ତାହା ପଢ଼ି ସେଥିରେ ଲିଖିତ ବାକ୍ୟ ଧ୍ୟାନ କରନ୍ତୁ । ଆଜିର ମନୁଷ୍ୟ ନିମନ୍ତେ ଖ୍ରୀଷ୍ଟଙ୍କ ବ୍ୟବସ୍ଥା ଗୁଡ଼ିକ ନୂତନ ନିୟମରେ ଲିଖିତ ହୋଇଥିବାରୁ, ତଦ୍ୱାରା ଆପଣ କିପରି ପରିତ୍ରାଣ ପାଇପାରିବେ, କିପରି ମଣ୍ଡଳୀର ସଭ୍ୟ ହୋଇପାରିବେ, କିପରି ଈଶ୍ୱରଙ୍କ ଆରାଧନା କରିବା ଆବଶ୍ୟକ, କିପରି ଖ୍ରୀଷ୍ଟିୟ ଜୀବନ ଯାପନ କରିବା ଆବଶ୍ୟକ ଇତ୍ୟାଦି ବିଷୟରେ ଶିଖି ପାରିବେ ।

୨. ସତ୍ୟର ଆଜ୍ଞାବହ ହୁଅନ୍ତୁ । ଈଶ୍ୱରଙ୍କ ଶିକ୍ଷାନୁଯାୟୀ, ଆମ୍ଭେମାନେ ଯେତେବେଳେ ତାଙ୍କୁ ବିଶ୍ୱାସ କରି, ଆପଣା ପାପ ସ୍ୱୀକାର କରି ଖ୍ରୀଷ୍ଟଙ୍କୁ ଈଶ୍ୱରଙ୍କ ପୁତ୍ର ରୂପେ ମନୁଷ୍ୟମାନଙ୍କ ନିକଟରେ ସ୍ୱୀକାର କରି ବାପ୍ତିସ୍ମ (ନୂତନ) ନେବା ଦ୍ୱାରା ପରିତ୍ରାଣ ପ୍ରାପ୍ତ ହେଉଁ । (ମାର୍କ ୧୬:୧୬,, ମାଥିଉ ୧୦:୩୨, ପ୍ରେରିତମାନଙ୍କ ସମୟର ଲୋକେ କିପରି ମନ ପରିବର୍ତ୍ତନ କରିଥିଲେ ପଢ଼ିବାକୁ ପାଇପାରୁ । ଯେବେ ଆପଣ ଈଶ୍ୱରଙ୍କ ଆଜ୍ଞାବହ ହେବାକୁ ଚାହାନ୍ତି ତେବେ

ଶାସ୍ତ୍ରାନୁଯାୟୀ ବାପ୍ତିସ୍ମ ଦେବାକୁ ପ୍ରସ୍ତୁତ ଲୋକଙ୍କ ନିକଟକୁ ଯାଆନ୍ତୁ, ସେହି ବ୍ୟକ୍ତି ଆପଣଙ୍କୁ ପିତା, ପୁତ୍ର ଓ ପବିତ୍ର ଆତ୍ମାଙ୍କ ନାମରେ ପାପକ୍ଷମା ନିମନ୍ତେ ଜଳରେ ବୁଡାଇବା ଆବଶ୍ୟକ । ଏପରିଭାବେ ବାପ୍ତିଜିତ ହେବା ପରେ ଆପଣା ସ୍ୱତଃସ୍ଫୂର୍ତ୍ତଭାବେ ଖ୍ରୀଷ୍ଟଙ୍କ ମଣ୍ଡଳୀର ସଭ୍ୟ ହୋଇପାରିବେ , ଯେହେତୁ ରକ୍ଷା ପାଇବା ଲୋକଙ୍କୁ ଖ୍ରୀଷ୍ଟ ଆପଣା ମଣ୍ଡଳୀରେ ଯୋଗ କରନ୍ତି (ପ୍ରେରିତ ୨:୪୭) । ଏପରିଭାବେ ଆପଣ ପ୍ରକୃତ ଖ୍ରୀଷ୍ଟିୟାନ ହୋଇ, ମଣ୍ଡଳୀର ସଭ୍ୟ ମଧ୍ୟ ହୋଇପାରିବେ ।

ଘ. ଆପଣ ନିଜ ଗୃହରେ ଆରାଧନା କରିବା ଆରମ୍ଭ କରନ୍ତୁ । ଆପଣଙ୍କ ପରିବାର, ବନ୍ଧୁମାନଙ୍କୁ ସେହି ଆରାଧନାରେ ଭାଗ ନେବାରେ ନିମନ୍ତ୍ରଣ କରନ୍ତୁ । ଏହି ସମ୍ମିଳନ ସପ୍ତାହର ପ୍ରଥମ ଦିନ, ଅର୍ଥାତ୍ ରବିବାର ଦିନ ହେବା ଆବଶ୍ୟକ । ଈଶ୍ୱରଙ୍କ ଗ୍ରହଣଯୋଗ୍ୟ ହେବା ସକାଶେ ଏହି ଆରାଧନାରେ ବାଇବଲ ବାକ୍ୟ ଧ୍ୟାନ (୨ ତୀମଥି ୨:୧୫), ପ୍ରାର୍ଥନା (ପ୍ରେରିତ ୨:୪୨), ଯାନ୍ତ୍ରିକ ବାଦ୍ୟବିନା ଗୀତ ଗାଇବା (ଏଫିସୀ ୫:୧୯) ଆବଶ୍ୟକ । ପ୍ରଭୁ ରାତ୍ରୀଭୋଜନ ମଧ୍ୟ ପାଳନ କରିବା ଆବଶ୍ୟକ । ରୋଟି ଖ୍ରୀଷ୍ଟଙ୍କ ଶରୀର ସ୍ମରଣାର୍ଥେ ଓ ପାତ୍ର ଖ୍ରୀଷ୍ଟଙ୍କ ରକ୍ତର ସ୍ମରଣାର୍ଥେ ଆମ୍ଭେମାନେ ପ୍ରଭୁ ରାତ୍ରୀଭୋଜନ ନେବା ଆବଶ୍ୟକ । (ମାଥିଉ ୨୬:୨୬-୨୮, ୧ କରିନ୍ଥୀ ୧୧ ପର୍ବ ଖ୍ରୀଷ୍ଟ, ପ୍ରଭୁ ରାତ୍ରୀଭୋଜନରେ ପାତ୍ରରେ ଦ୍ରାକ୍ଷାରସ ନେବା ପାଇଁ କହିଥିଲେ, ଆପଣଙ୍କ ଅଞ୍ଚଳରେ ଯଦି ଦ୍ରାକ୍ଷାରସ ମିଳୁନଥାଏ, ତେବେ ଆପଣ ଶୁଷ୍କ ଦ୍ରାକ୍ଷା ସିଝାଇ ସେଥିରୁ ରସ ବାହାର କରି ବ୍ୟବହାର କରିପାରନ୍ତି । ଶେଷରେ, ଚାନ୍ଦା ସଂଗ୍ରହ କରନ୍ତୁ ଯେପରି ଆପଣ ଆପଣାଂ ଆପଣା ଅଭିବୃଦ୍ଧି ଅନୁସାରେ ଦାନ ଦେଇପାରିବେ (୧ କରିନ୍ଥୀ ୧୬:୨) । ଆରାଧନାରେ ଉପସ୍ଥିତ ଅନ୍ୟମାନେ ମଧ୍ୟ ଦାନ ଦେବାର ଇଚ୍ଛୁକ ହେବେ । ସେହି ଦାନସବୁ ଯତ୍ନ ସହକାରେ ବ୍ୟବହାର କରିବା ଉଚିତ । ସେହି ଧନ ଦରିଦ୍ରମାନଙ୍କ ସାହାଯ୍ୟ କରିବାରେ ତଥା ଖ୍ରୀଷ୍ଟଙ୍କ ସୁସମାଚାର ପ୍ରଚାର କରିବାରେ ବ୍ୟବହାର କରିବା ଉଚିତ । ଏହିପରି ଆରାଧନା

ପ୍ରଣାଳୀ ସପ୍ତାହର ପ୍ରତ୍ୟେକ ପ୍ରଥମ ଦିବସରେ ଅର୍ଥାତ୍ ପ୍ରତି ରବିବାର ଦିନ ରହିବା ଆବଶ୍ୟକ ।

୪. ଏହିପରି ଆରାଧନା ପ୍ରତ୍ୟେକ ରବିବାର ଆପଣଙ୍କର ଗୃହରେ ହିଁ ନ କରି, ସହରର ବିଭିନ୍ନ ସ୍ଥାନରେ ଚାଳନ କରିପାରିବେ । ଏହିପରି ସଭାମାନଙ୍କରେ ଅନ୍ୟମାନେ ଈଶ୍ୱରଙ୍କ ଆଜ୍ଞାବହ ହେବା ପର୍ଯ୍ୟନ୍ତ କେବଳ ସୁସମାଚାର ପ୍ରଚାର କର । ଏହି ସୁସମାଚାର ପ୍ରଚାର ସଭା ଦ୍ୱାରା ଲୋକେ ଖ୍ରୀଷ୍ଟଙ୍କ ମଣ୍ଡଳୀର ସଭ୍ୟ ହେବାପରେ, (ପୂର୍ବରୁ ଉଲ୍ଲେଖିତ) ଆରାଧନା ପଦ୍ଧତିନୁଯାୟୀ ଆରାଧନା କରିବା ଆବଶ୍ୟକ । କିନ୍ତୁ ନୂତନ ନିୟମ ଅନୁଯାୟୀ ଅନ୍ୟମାନଙ୍କୁ ମଣ୍ଡଳୀର ସଭ୍ୟ ହେବା ନିମନ୍ତେ କଅଣ କରିବାକୁ ପଡ଼ିବ ଆପଣଙ୍କୁ ଶିକ୍ଷା ଦେବାକୁ ହେବ । ସେମାନଙ୍କୁ ପ୍ରତି ସପ୍ତାହ ଈଶ୍ୱରଙ୍କୁ ଆରାଧନା କରିବା ପାଇଁ ଓ ଉତ୍ତମ ଖ୍ରୀଷ୍ଟିୟ ଜୀବନଯାପନ କରିବା ପାଇଁ ଉତ୍ସାହିତ କରନ୍ତୁ । ଏପରି କଲେ ଈଶ୍ୱର ଆପଣଙ୍କୁ ନିଶ୍ଚୟ ଆଶୀର୍ବାଦ କରିବେ ।

୫. ଆରାଧନାରେ, ପ୍ରଚାର କରିବାରେ ଓ ଜୀବନଯାପନରେ ଈଶ୍ୱରଙ୍କ ବିଶ୍ୱସ୍ତ ହୁଅ । ଈଶ୍ୱରଙ୍କ ବାକ୍ୟ ବ୍ୟାପ୍ତି ନିମନ୍ତେ ଆପଣାର ସମସ୍ତ ଶକ୍ତି ଦେଇ କାର୍ଯ୍ୟ କର । ମନେରଖନ୍ତୁ, ଆପଣଙ୍କ ଅଞ୍ଚଳରେ ରହି ଆପଣ ପ୍ରକୃତ ଖ୍ରୀଷ୍ଟିୟାନ ଓ ମଣ୍ଡଳୀର ସଭ୍ୟ ହୋଇପାରିବେ, କେବଳ ଆପଣ ଈଶ୍ୱରଙ୍କ ପ୍ରତି ଆଜ୍ଞାବହ ହୋଇ ରହିଲେ ଯଥେଷ୍ଟ ।

ଆପଣ ଯଦି ଆମର ସାହାଯ୍ୟ ଆବଶ୍ୟକ କରନ୍ତି, ଦୟାପୂର୍ବକ ଆମ୍ଭମାନଙ୍କ ସହିତ ସମ୍ପର୍କ କରନ୍ତୁ ।

# 13. ଖ୍ରୀଷ୍ଟଙ୍କ ନାମ

## (The name of Christ)

ଆମ୍ଭେମାନେ ନୂତନ ନିୟମରେ ଖ୍ରୀଷ୍ଟଙ୍କ ନାମ ବହୁବାର ଉଲ୍ଲେଖିତ ହେବାର ଦେଖୁଥାଉଁ । ଅନେକ 'ନାମ'ରେ କୌଣସି ପ୍ରାଧାନ୍ୟତା ନାହିଁ ବୋଲି ଭାବନ୍ତି ଓ 'ନାମ'ରେ କୌଣସି ବିଶେଷତ୍ୱ ଦିଅନ୍ତି ନାହିଁ । ଏହା କେତେକ ନାମ ବିଷୟରେ ସତ୍ୟ ହୋଇ ଥାଇପାରେ, କିନ୍ତୁ ଖ୍ରୀଷ୍ଟଙ୍କ ନାମ ବିଷୟରେ ସତ୍ୟ ନୁହେଁ । ନିମ୍ନଲିଖିତ ବିଷୟରେ ମନଯୋଗ କରନ୍ତୁ -

୧. ଈଶ୍ୱରଙ୍କ ପ୍ରଜାମାନେ ଗୋଟିଏ ନୂତନ ନାମରେ ଖ୍ୟାତ ହେବେ ବୋଲି ଲେଖାଯାଏ । (ଯିଶା ୬୨:୨) ରୋମୀ ୧୬:୧୬ ଓ ୧ମ କରି ୧୨:୧୩ ପଦରୁ ମଣ୍ଡଳୀ ଖ୍ରୀଷ୍ଟଙ୍କ ନାମ ଧାରଣ କରିଅଛି ବୋଲି ଜାଣିପାରୁ । ମଣ୍ଡଳୀର ପ୍ରତ୍ୟେକ ସଭ୍ୟ ଖ୍ରୀଷ୍ଟିୟାନ ବୋଲି ବିଖ୍ୟାତ ହେଲେ । (ପ୍ରେରି ୧୧:୨୬) ଏହା ସେହି ନୂତନ ନାମ ।

୨. ପିତୃକୁଳ ନାମ ଖ୍ରୀଷ୍ଟଙ୍କ ନାମ ଅଟେ । ଏଫି ୩:୧୪-୧୫ରେ ପାଉଲ ଲେଖନ୍ତି "ଏଥିନିମନ୍ତେ ଯେଉଁ ପିତାଙ୍କ ଠାରୁ ସ୍ୱର୍ଗସ୍ଥ ଓ ପୃଥିବୀସ୍ଥ ପ୍ରତ୍ୟେକ ପିତୃକୁଳ ନାମ ପ୍ରାପ୍ତ ହୁଏ, ତାହାଙ୍କ ଛାମୁରେ ମୁଁ ଜାନୁପାତି ପ୍ରାର୍ଥନା କରୁଅଛି ।

୩. ମଣ୍ଡଳୀକୁ ଖ୍ରୀଷ୍ଟଙ୍କ କନ୍ୟାରୂପେ ବର୍ଣ୍ଣିତ କରାଯାଏ ଓ କନ୍ୟା ବରଙ୍କ ନାମ ଧାରଣ କରେ । (ପ୍ରକା ୨୧:୯, ୨୨:୧୭) ଖ୍ରୀଷ୍ଟଙ୍କର କେବଳ ଏକମାତ୍ର କନ୍ୟା ଏବଂ ତାଙ୍କର ନାମ ଧାରଣକାରୀ ସେହି କନ୍ୟାକୁ ଆପଣା ସହିତ ନେବା ନିମନ୍ତେ ଫେରି ଆସୁଅଛନ୍ତି (ଏଫି ୫:୨୭) ।

୪. ତାହାଙ୍କ ନାମ ସମସ୍ତ ନାମଠାରୁ ଉତ୍କୃଷ୍ଟତମ ନାମ । "ଏହି କାରଣରୁ ଈଶ୍ୱର ତାହାଙ୍କୁ ଅତିଶୟ ଉନ୍ନତ, ପୁଣି ସମସ୍ତ ନାମ ଅପେକ୍ଷା ସର୍ବୋତ୍କୃଷ୍ଟ ନାମ ତାହାଙ୍କୁ ପ୍ରଦାନ କରିଅଛନ୍ତି । ଯେପରି ସ୍ୱର୍ଗ,ମର୍ତ୍ତ୍ୟ ଓ ପାତାଳରେ ଥିବା ପ୍ରତ୍ୟେକ

ଜାନୁ ଯୀଶୁଙ୍କ ନାମରେ ନତ ହେବ, ପୁଣି ଈଶ୍ୱରଙ୍କ ଗୌରବ ନିମନ୍ତେ ପ୍ରତ୍ୟେକ ଜିହ୍ୱା ଯୀଶୁଖ୍ରୀଷ୍ଟ ପ୍ରଭୁ ବୋଲି ସ୍ୱୀକାର କରିବ ।'' (ଫିଲିପି ୨:୯-୧୧)

୫. ଖ୍ରୀଷ୍ଟଙ୍କ ନାମରେ ପରିତ୍ରାଣ ଅଛି । ''ତାହାଙ୍କ ଛଡ଼ା ଆଉ କାହାଠାରେ ପରିତ୍ରାଣ ନାହିଁ, କାରଣ ଯାହାଦ୍ୱାରା ଆମ୍ଭମାନଙ୍କୁ ପରିତ୍ରାଣ ପାଇବାକୁ ହେବ, ଆକାଶ ତଳେ ମନୁଷ୍ୟମାନଙ୍କ ମଧ୍ୟରେ ଆଉ କୌଣସି ନାମ ଦିଆଯାଇନାହିଁ ।'' (ପ୍ରେରି ୪:୧୨)

୬. ଖ୍ରୀଷ୍ଟଙ୍କ ନାମରେ ହିଁ ଆମ୍ଭେମାନେ ବିଶ୍ୱାସ ରଖିବା ଉଚିତ । ''ଈଶ୍ୱରଙ୍କ ପୁତ୍ରଙ୍କ ନାମରେ ବିଶ୍ୱାସ କରୁଅଛ ଯେ ତୁମ୍ଭେମାନେ, ଯେପରି ଜାଣ ଯେ, ତୁମ୍ଭେମାନେ ଅନନ୍ତ ଜୀବନ ପାଇଅଛ, ଏଥି ନିମନ୍ତେ ମୁଁ ତୁମ୍ଭମାନଙ୍କ ନିକଟକୁ ଏହି ସମସ୍ତ ଲେଖିଲି ।'' (୧ମ ଯୋହନ ୫:୧୩)

୭. ଖ୍ରୀଷ୍ଟଙ୍କ ନାମ ସ୍ୱୀକାର କରିବା ଆବଶ୍ୟକ । ''.....ଆଉ ଯେ କେହି ପ୍ରଭୁଙ୍କ ନାମ ଧରେ, ସେ ଅଧର୍ମରୁ ଦୂରରେ ରହୁ ।'' (୨ୟ ତୀମଥି ୨:୧୯)

୮. ଖ୍ରୀଷ୍ଟଙ୍କ ନାମରେ ମନ ପରିବର୍ତ୍ତନ ଓ ବାପ୍ତିସ୍ମ ନେବା ଆବଶ୍ୟକ । ''ତେଣୁ ପିତର ସେମାନଙ୍କୁ କହିଲେ, ଆପଣମାନେ ମନ ପରିବର୍ତ୍ତନ କରନ୍ତୁ, ଆଉ ନିଜ ନିଜ ପାପକ୍ଷମା ନିମନ୍ତେ ପ୍ରତ୍ୟେକ ଜଣ ଯୀଶୁଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହେଉନ୍ତୁ, ତାହାହେଲେ ଆପଣମାନେ ପବିତ୍ର ଆତ୍ମାଙ୍କର ଦାନ ପ୍ରାପ୍ତ ହେବେ ।'' (ପ୍ରେରି ୨:୨୮)

୯. ଖ୍ରୀଷ୍ଟଙ୍କ ନାମରେ ଆମ୍ଭେମାନେ ଆରାଧନା ନିମନ୍ତେ ସମବେତ ହେବା ଆବଶ୍ୟକ । ଖ୍ରୀଷ୍ଟ କହିଲେ,''ଯେଉଁ ସ୍ଥାନରେ ଦୁଇ କି ତିନିଜଣ ମୋ ନାମରେ ଏକତ୍ର ହୁଅନ୍ତି, ସେହି ସ୍ଥାନରେ ମୁଁ ସେମାନଙ୍କ ମଧ୍ୟରେ ଉପସ୍ଥିତ ଅଛି ।'' (ମାଥି ୧୮:୨୦)

୧୦. ଆମ୍ଭେମାନେ ପ୍ରତ୍ୟେକ କାର୍ଯ୍ୟ ଖ୍ରୀଷ୍ଟଙ୍କ ନାମରେ କରିବା ଆବଶ୍ୟକ । ''ଆଉ ବାକ୍ୟରେ କି କର୍ମରେ ତୁମ୍ଭେମାନେ ଯାହା କିଛି କର,

ସେହି ସମସ୍ତ ପ୍ରଭୁ ଯୀଶୁଙ୍କ ନାମରେ କରି ତାହାଙ୍କ ଦ୍ୱାରା ପିତା ଈଶ୍ୱରଙ୍କୁ ଧନ୍ୟବାଦ ଦିଅ ।'' (କଲ ୩:୧୭)

୧୧. ଖ୍ରୀଷ୍ଟଙ୍କ ନାମ ସକାଶୁ ଧାର୍ମିକମାନେ ଘୃଣିତ ହେବେ । ''ଆଉ ମୋହର ନାମ ସକାଶେ ତୁମ୍ଭେମାନେ ସମସ୍ତଙ୍କ ଦ୍ୱାରା ଘୃଣିତ ହେବ, ମାତ୍ର ଯେ ଶେଷ ପର୍ଯ୍ୟନ୍ତ ଧୈର୍ଯ୍ୟଧରି ରହିବ, ସେ ପରିତ୍ରାଣ ପାଇବ ।''

୧୨. ଖ୍ରୀଷ୍ଟଙ୍କ ନାମରେ ଆମ୍ଭେମାନେ ପ୍ରାର୍ଥନା କରିବା ଉଚିତ । ''ପୁଣି ପିତା ଯେପରି ପୁତ୍ରଙ୍କ ଠାରେ ମହିମାନ୍ୱିତ ହୁଅନ୍ତି, ଏଥି ନିମନ୍ତେ ତୁମ୍ଭେମାନେ ମୋ ନାମରେ ଯାହା କିଛି ମାଗିବ, ତାହା ମୁଁ କରିବି । (ଯୋହ ୧୪:୧୩)

୧୩. ଖ୍ରୀଷ୍ଟଙ୍କ ନାମରେ ପାପକ୍ଷମା ମିଳେ । ''ହେ ବତ୍ସଗଣ ମୁଁ ତୁମ୍ଭମାନଙ୍କ ନିକଟକୁ ଲେଖୁଅଛି, କାରଣ ତାହାଙ୍କ ନାମ ସକାଶେ ତୁମ୍ଭମାନଙ୍କର ପାପକ୍ଷମା ହୋଇଅଛି ।'' (୧ମ ଯୋହ ୨:୧୨)

୧୪. ଖ୍ରୀଷ୍ଟଙ୍କ ନାମ ଅନ୍ୟମାନଙ୍କ ଦ୍ୱାରା ନିନ୍ଦିତ ନ ହେଉ । ''ଯେଉଁ ମହତ୍ ନାମରେ ତୁମ୍ଭେମାନେ ଖ୍ୟାତ, ସେମାନେ କଅଣ ସେହି ନାମରେ ନିନ୍ଦା କରନ୍ତି ନାହିଁ ? (ଯାକୁ ୨:୭)

୧୫. ତାହାଙ୍କ ନାମ ସକାଶୁ କଷ୍ଟ ସହିବା ଆବଶ୍ୟକ । ''ପୁଣି ଧୈର୍ଯ୍ୟ ଧରି ଆମ୍ଭ ନାମ ସକାଶେ କଷ୍ଟ ସହିଅଛ ଓ କ୍ଳାନ୍ତ ହୋଇ ନାହିଁ, ଏହା ମଧ୍ୟ ଆମ୍ଭେ ଜାଣୁ ।'' (ପ୍ରକା ୨:୩)

୧୬. ଖ୍ରୀଷ୍ଟଙ୍କ ନାମ ଦ୍ୱାରା ଆମ୍ଭେମାନେ ଅନନ୍ତ ଜୀବନ ପାଇପାରୁ । ''କିନ୍ତୁ ତୁମ୍ଭେମାନେ ଯେପରି ବିଶ୍ୱାସ କର ଯେ, ଯୀଶୁ ଈଶ୍ୱରଙ୍କ ପୁତ୍ର ଖ୍ରୀଷ୍ଟ ଅଟନ୍ତି, ପୁଣି ବିଶ୍ୱାସ କର ଯେପରି ତୁମ୍ଭେମାନେ ତାହାଙ୍କ ନାମରେ ଜୀବନପ୍ରାପ୍ତ ହୁଅ, ଏଥି ନିମନ୍ତେ ଏ ସମସ୍ତ ଲେଖା ଯାଇଅଛି ।'' (୧ମ ଯୋହ ୨୦:୩୦-୩୧)

ଉପରଲିଖିତ ଭାବଗୁଡ଼ିକୁ ଖ୍ରୀଷ୍ଟଙ୍କ ନାମରେ ବିଶିଷ୍ଟତା ଆପଣ ଗ୍ରହଣ କରିଥିବେ ବୋଲି ଆଶା କରୁଅଛି । ତେଣୁ କରି ସେହି ନାମକୁ ବ୍ୟକ୍ତିଗତ ଭାବେ ଓ ମଣ୍ଡଳୀଭାବେ ଧାରଣ କରିବା ଆମ୍ଭମାନଙ୍କ କର୍ତ୍ତବ୍ୟ । ମୁଁ ଖ୍ରୀଷ୍ଟଙ୍କ

ମଣ୍ଡଳୀର ଜଣେ ସଭ୍ୟ ଓ ମୁଁ ଜଣେ କେବଳ ଖ୍ରୀଷ୍ଟିୟାନ ମାତ୍ର । ଆପଣ କଅଣ ବାଇବଲରେ ବର୍ଣ୍ଣିତ ମଣ୍ଡଳୀର ସଭ୍ୟ ଅଟନ୍ତି ? ଆପଣ କଅଣ ଜଣେ ଖ୍ରୀଷ୍ଟିୟାନ ? ଯଦି ନୁହେଁ ଆଜିହିଁ ଜଣେ ଖ୍ରୀଷ୍ଟିୟାନ ହୁଅନ୍ତୁ ।

## 14. ଆପଣ କେବଳ ଖ୍ରୀଷ୍ଟିୟାନ ମାତ୍ର ହୋଇପାରିବେ
## (You can be just a Christian)

ଧର୍ମ ସମ୍ବନ୍ଧୀୟ ବିଭିନ୍ନ ଭାବରେ ବିଭକ୍ତ ଦୁନିଆରେ ଆମ୍ଭେମାନେ ବାସ କରୁଅଛୁ । ଶହ ଶହ ମଣ୍ଡଳୀଗୁଡ଼ିକ, ସହସ୍ର ନାମ ଓ ପଦବୀ ଆମ୍ଭେମାନେ ଦେଖୁଅଛୁ । ଏହା ଖ୍ରୀଷ୍ଟଙ୍କ ରାଜ୍ୟ ବ୍ୟାପ୍ତିରେ ସାହାଯ୍ୟକାରୀ ନ ହୋଇ ବରଂ ଅନେକଙ୍କୁ ବିପରୀତ ଭାବେ ପ୍ରଭାବିତ କରୁଅଛି । ସେଥି ସକାଶେ ଅନେକ ବିଭ୍ରାନ୍ତ ଓ ବିରକ୍ତ ହୋଇ ଧର୍ମ ହିଁ ଛାଡ଼ିଦେବାକୁ ପ୍ରସ୍ତୁତ ଅଟନ୍ତି । କିନ୍ତୁ ଏହା କି ତା'ର ସମାଧାନ ? କେବେ ନୁହେଁ, ଗୋଟିଏ ଉତ୍କୃଷ୍ଟ ପଥ ରହିଛି ।

ଆପଣ କେବଳ ଖ୍ରୀଷ୍ଟିୟାନ ମାତ୍ର ହୋଇପାରିବେ ବୋଲି ଆପଣ ଜାଣନ୍ତି କି ? ଆପଣ ଇଚ୍ଛା କଲେ, ଆପଣ ଓ ଅନ୍ୟମାନେ ମଧ୍ୟ କେବଳ ଖ୍ରୀଷ୍ଟିୟାନ ମାତ୍ର ହୋଇପାରିବେ । ଆମ୍ଭେମାନେ ଖ୍ରୀଷ୍ଟଙ୍କ ନାମ ଧାରଣ ନ କରି, ମନୁଷ୍ୟମାନଙ୍କ ନାମ କାହିଁକି ଧାରଣ କରିବା ? ବାଇବଲ ଆପଣଙ୍କୁ ପ୍ରକୃତ ଖ୍ରୀଷ୍ଟିୟାନ ତିଆରି କରିପାରିବ ।

ନୂତନ ନିୟମରେ ବର୍ଣ୍ଣିତ ଲୋକେ କେବଳ ଖ୍ରୀଷ୍ଟିୟାନ ବୋଲି ପରିଚିତ ଥିଲେ । ଯେପରିକି କୁହାଯାଏ, ପୁଣି ଆନ୍ତିୟଖିଆରେ ଶିଷ୍ୟମାନେ ପ୍ରଥମରେ ଖ୍ରୀଷ୍ଟିୟାନ ବୋଲି ଆଖ୍ୟାତ ହେଲେ ।'' (ପ୍ରେରିତ ୧୧:୨୬) । ସେମାନେ କେଉଁ ଶ୍ରେଣୀର ଖ୍ରୀଷ୍ଟିୟାନ ବୋଲି ପ୍ରଶ୍ନ କଲେ, ସେମାନେ କେବଳ 'ଖ୍ରୀଷ୍ଟିୟାନ'

ଥିଲେ ବୋଲି ଜାଣିପାରୁ । ପୁନର୍ବାର ପାଉଲ ଅଗ୍ରିପ୍ପାଙ୍କୁ ପ୍ରଚାର କରିବା ପରେ, ସେ କହିଲେ, ''ଅଳ୍ପ କଥାରେ ତୁମ୍ଭେ ଆମ୍ଭଙ୍କୁ ଖ୍ରୀଷ୍ଟିୟାନ କରିପାର ବୋଲି ମନେ କରୁଅଛୁ ।'' (ପ୍ରେରିତ ୨୬:୨୮) । ଈଶ୍ୱରଙ୍କ ବାକ୍ୟର ଆଜ୍ଞାବହ ହେବା ଦ୍ୱାରା ଖ୍ରୀଷ୍ଟିୟାନ ହୋଇପାରିବେ ବୋଲି ସେ କିପରି ଜାଣିଲେ ? ପ୍ରକୃତରେ, ରାଜା ପୂର୍ବରୁ ସେ ବିଷୟ ଜାଣିଥିଲେ ବା ସେହି ବିଷୟ ତାଙ୍କୁ ପ୍ରଚାର କରାଯାଇଥିଲା ବୋଲି ଆମ୍ଭେମାନେ ଜାଣିପାରୁ । ସେ ଯାହାହେଉ, ଖ୍ରୀଷ୍ଟଙ୍କ ଆଜ୍ଞାବହ ହେବା ଦ୍ୱାରା ଜଣେ ଖ୍ରୀଷ୍ଟିୟାନ ହୋଇପାରିବ ବୋଲି ରାଜା ଜାଣିଥିଲେ । ଶେଷରେ ପିତର ଲେଖନ୍ତି,''କେହି ଯଦି ଖ୍ରୀଷ୍ଟିୟାନ ହେବାରୁ ଦଣ୍ଡଭୋଗ କରେ, ତାହାହେଲେ ସେ ଲଜ୍ଜିତ ବୋଧ ନ କରୁ, ବରଂ ଏହି ନାମ ହେତୁରୁ ଈଶ୍ୱରଙ୍କ ମହିମା କୀର୍ତ୍ତନ କରୁ ।'' (୧ ପିତର ୪:୧୬)

'ଖ୍ରୀଷ୍ଟିୟାନ' ବୋଲି ଏ ପଦ ନୂତନ ନିୟମରେ ତିନିଥର ବ୍ୟବହୃତ ହୋଇଅଛି । ପ୍ରତିଥର, ଯେଉଁମାନେ ଖ୍ରୀଷ୍ଟଙ୍କର ଆଜ୍ଞାବହ ହୋଇଥିଲେ 'ଖ୍ରୀଷ୍ଟିୟାନ' ବୋଲି ଏହି ପଦର ଅର୍ଥ, ଖ୍ରୀଷ୍ଟଙ୍କ ସଦୃଶ୍ୟ ବ୍ୟକ୍ତି ବା ଖ୍ରୀଷ୍ଟଙ୍କ ସ୍ୱଭାବବିଶିଷ୍ଟ ବ୍ୟକ୍ତି । ଜଣେ ତାଙ୍କର ଆଜ୍ଞାବହ ହୋଇ କିପରି ତାଙ୍କର ନାମ ଧାରଣ ନ କରି ରହିପାରେ ? ଜଣେ ଖ୍ରୀଷ୍ଟଙ୍କ ସଦୃଶ୍ୟ ବା ଖ୍ରୀଷ୍ଟଙ୍କ ସ୍ୱଭାବବିଶିଷ୍ଟ ବ୍ୟକ୍ତି ହୋଇ କିପରି ତାଙ୍କର ନାମ ଧାରଣ ନ କରି, ମନୁଷ୍ୟ କଳ୍ପିତ ନାମ ଧାରଣ କରିପାରେ ? ତାହା ଅସମ୍ଭବ ।

କେତେକ 'ନାମ' ରେ କିଛି ନାହିଁ ବୋଲି ଯୁକ୍ତି କରନ୍ତି, କିନ୍ତୁ ଶାସ୍ତ୍ରାନୁଯାୟୀ ଖ୍ରୀଷ୍ଟଙ୍କ ନାମରେ ହିଁ ପରିତ୍ରାଣ ଅଛି । (ପ୍ରେରି ୪:୧୨) ଅନ୍ୟ ପକ୍ଷରେ ଅନ୍ୟ କୌଣସି ନାମରେ ପରିତ୍ରାଣ ନାହିଁ । ୧ମ କରିନ୍ଥୀ ୧ ପର୍ବରେ, କରିନ୍ଥୀ ମଣ୍ଡଳୀର ସଭ୍ୟମାନେ କିପରି ପାଉଲ, ଅପଲ୍ଲ, କେଫା, ଖ୍ରୀଷ୍ଟଙ୍କ ନାମରେ ବିଭକ୍ତ ହୋଇଥିଲେ ବୋଲି ଲେଖାଯାଇଅଛି । ପାଉଲ ସେମାନଙ୍କୁ ପ୍ରଶଂସା ନ କରି, ସେମାନଙ୍କୁ ଦୋଷୀ ସାବ୍ୟସ୍ତ କରି ସେ ଲେଖନ୍ତି ''ହେ ଭାଇମାନେ, ଆମ୍ଭମାନଙ୍କ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ନାମରେ ମୁଁ ତୁମ୍ଭମାନଙ୍କୁ ଅନୁରୋଧ କରୁଅଛି,

ଯେପରି ତୁମ୍ଭେମାନେ ସମସ୍ତେ ଏକ କଥା କୁହ, ଆଉ ତୁମ୍ଭମାନଙ୍କ ମଧ୍ୟରେ ଦଳଭେଦ ନ ହୁଏ, କିନ୍ତୁ ତୁମ୍ଭେମାନେ ଏକ ମନରେ ଓ ଏକ ବିଚାରରେ ସମ୍ମିଳିତ ହୁଅ ।'' (୧ମ କରି ୧:୧୦) । ପୁନର୍ବାର ସେମାନଙ୍କ ଦୋଷ ଦେଖାଇବା ନିମନ୍ତେ କହିଲେ, ''ଖ୍ରୀଷ୍ଟ କି ବିଭକ୍ତ ହୋଇ ଅଛନ୍ତି ? ତୁମମାନଙ୍କ ନିମନ୍ତେ କି ପାଉଲ କ୍ରୁଶରେ ହତ ହୋଇଥିଲା ? କିମ୍ବା ତୁମ୍ଭେମାନେ କି ପାଉଲ ନାମରେ ବାପ୍ତିଜିତ ହୋଇଥିଲ ?'' (୧ମ କରି ୧:୧୩) ଅବଶ୍ୟ ସେମାନେ ଖ୍ରୀଷ୍ଟ ଯେ ଏକ ଓ ସେ ସେମାନଙ୍କ ନିମନ୍ତେ ହତ ହୋଇଥିଲେ ବୋଲି ଜାଣିଥିଲେ ତେଣୁକରି ସେମାନେ ମନୁଷ୍ୟମାନଙ୍କ ନାମ ଧାରଣ ନ କରି ଖ୍ରୀଷ୍ଟଙ୍କ ନାମ ଧାରଣ କରିବା ଉଚିତ ବୋଲି ପାଉଲ ସେମାନଙ୍କୁ ଲେଖିଥିଲେ । ଏହି ବିଷୟ ଆଜି ଆମ୍ଭମାନଙ୍କୁ ମଧ୍ୟ ବର୍ତ୍ତାଏ ।

ଯଦି ଆପଣ ବାଇବଲରେ ଲେଖାଯାଇ ନଥିବା ନାମ ବା ପଦବୀ ଧାରଣ କରିଅଛନ୍ତି, ତେବେ ବାଇବଲ ଶିକ୍ଷାନୁଯାୟୀ ଆପଣ ଖ୍ରୀଷ୍ଟିୟାନ ନୁହନ୍ତି । ହୁଏତ ଆପଣ ବାଇବଲରେ ଲିଖିତ ଅନ୍ୟ କୌଣସି ନାମ ଧାରଣ କରିଅଛନ୍ତି । କିନ୍ତୁ ସେହି ନାମ ଆପଣଙ୍କ ଉଦ୍ଦେଶ୍ୟରେ ଲେଖାଯାଇ ନଥିବାରୁ ଆଗରେ କିମ୍ବା ପଛରେ ଆଉ ଗୋଟିଏ ନାମ ଯୋଗ କରୁଅଛନ୍ତି, ତାହାହେଲେ ଆପଣ ଖ୍ରୀଷ୍ଟଙ୍କ ନାମ ଅପବ୍ୟବହାର କରୁଅଛନ୍ତି । ତଦ୍ୱାରା ବାଇବଲ ଶିକ୍ଷାନୁଯାୟୀ ଖ୍ରୀଷ୍ଟିୟାନ ହୋଇ କେବଳ ଖ୍ରୀଷ୍ଟିୟାନ ମାତ୍ର ହୋଇ ରହିପାରିବେ ନାହିଁ । ଆପଣ ହୁଏତ 'କେବଳ ଖ୍ରୀଷ୍ଟିୟାନ ମାତ୍ର' ଅଥବା ଆପଣ ଅଖ୍ରୀଷ୍ଟିୟାନ ।

ଆପଣଙ୍କୁ ବାଇବଲ ପଢ଼ି, ସେଥିର ବାକ୍ୟ ସବୁ ଧ୍ୟାନ କରିବା ନିମନ୍ତେ ଆମ୍ଭେମାନେ ଅନୁରୋଧ କରୁ । ପରେ ସେଥିରେ ଲିଖିତ ବାକ୍ୟାନୁଯାୟୀ ଚାଲନ୍ତୁ । ସେପରି କରିବା ଦ୍ୱାରା ଆପଣ କେବଳ ପ୍ରକୃତ ଖ୍ରୀଷ୍ଟିୟାନ ହୋଇପାରିବେ । ତାହା କି ଯଥେଷ୍ଟ ନୁହେଁ ? ଆପଣ ଯଦି କେବଳ ଖ୍ରୀଷ୍ଟିୟାନ ମାତ୍ର ହୋଇପାରିବେ ତେବେ କାହିଁକି ତା'ଠାରୁ ଅଧିକ ବା କମ୍ ହେବାକୁ ଇଚ୍ଛା କରିବେ ?

ଆପଣ ଈଶ୍ୱରଙ୍କ ବାକ୍ୟ ଶୁଣି, (ରୋମୀ ୧୦:୧୭) ଈଶ୍ୱରଙ୍କ ଠାରେ

ବିଶ୍ୱାସ ରଖି (ଏବ୍ରୀ ୧୧:୬), ଆପଣା ପାପରୁ ମନପରିବର୍ତ୍ତନ କରି, (ପ୍ରେରି ୧୭:୩୦), ଖ୍ରୀଷ୍ଟଙ୍କୁ ସ୍ୱୀକାର କରି (ମାଥି ୧୦:୧୯) ପାପକ୍ଷମା ନିମନ୍ତେ ବାପ୍ତିସ୍ମ (ପ୍ରେରି ୨:୩୮, ମାର୍କ ୧୬:୧୬) ଗ୍ରହଣ କରିବା ଦ୍ୱାରା ପ୍ରଭୁ ଆପଣଙ୍କୁ ପରିତ୍ରାଣ ଦେବେ । ତେବେ ଆପଣ କେବଳ ଖ୍ରୀଷ୍ଟିୟାନ ମାତ୍ର ହୋଇ ପାରିବେ । ଆପଣ ଏପରି ଆଜ୍ଞାବହ ହେବା ଦ୍ୱାରା ପ୍ରଭୁ ଆପଣଙ୍କୁ ଆପଣା ମଣ୍ଡଳୀରେ ଯୋଗ କରିବେ ଯେଉଁ ମଣ୍ଡଳୀ ବିଷୟରେ ଆମ୍ଭେମାନେ ବାଇବଲରେ ପଢ଼ିପାରୁ । (ପ୍ରେରି ୨:୨୬, ମାଥି ୧୬:୧୮) ।

ଆପଣ କେବଳ ଖ୍ରୀଷ୍ଟିୟାନ ମାତ୍ର ହୋଇ ଖ୍ରୀଷ୍ଟଙ୍କ ମଣ୍ଡଳୀର ସଭ୍ୟ ହେବା ପରେ, ଆପଣ ଠିକ୍ ମାର୍ଗରେ ଚାଲୁଅଛନ୍ତି । ଆପଣ ଖ୍ରୀଷ୍ଟଙ୍କ ନାମ ଧାରଣ କରିଅଛନ୍ତି ଓ ତାହାଙ୍କ ମଣ୍ଡଳୀର ସଭ୍ୟ ଅଟନ୍ତି ବୋଲି ଗର୍ବର ସହ ଅନ୍ୟମାନଙ୍କୁ କହିପାରିବେ । ଆପଣ ମନୁଷ୍ୟ ଶିକ୍ଷାନୁଯାୟୀ ନ ଚାଲିବାରୁ ଆପଣ ଖ୍ରୀଷ୍ଟିୟ ମତଶାଖା ସମ୍ବନ୍ଧୀୟ (Denominational) ମଣ୍ଡଳୀର ସଭ୍ୟ ନୁହନ୍ତି । କିନ୍ତୁ ଆପଣ ଯେଉଁ ନାମ ଧାରଣ କରିଅଛନ୍ତି, ଯେଉଁ ମଣ୍ଡଳୀର ସଭ୍ୟ ହୋଇଅଛନ୍ତି ଓ ଧର୍ମ ନାମରେ ଯେଉଁ ଯେଉଁ କର୍ମ କରୁଅଛନ୍ତି ସେହି ସମସ୍ତ ଶାସ୍ତ୍ରାନୁଯାୟୀ ବୋଲି ପ୍ରମାଣ ଦେଇପାରିବେ । ତେବେ ଆପଣ ପାଉଲଙ୍କର ଏହି ବାକ୍ୟ ବୁଝି ପାରିବେ "ବାକ୍ୟରେ କି କର୍ମରେ ତୁମ୍ଭେମାନେ ଯାହା କର, ସେ ସମସ୍ତ ପ୍ରଭୁ ଖ୍ରୀଷ୍ଟଙ୍କ ନାମରେ କରି ତାହାଙ୍କ ଦ୍ୱାରା ପିତା ଈଶ୍ୱରଙ୍କୁ ଧନ୍ୟବାଦ ଦିଅ ।" (କଲ ୩:୧୭)

# 15. ଖ୍ରୀଷ୍ଟଧର୍ମ ଆପଣଙ୍କ ପାଇଁ କ'ଣ କରିପାରେ ?
## (What can Christianity do for you ?)

ମାନବ ଜାତିକୁ ଖ୍ରୀଷ୍ଟଧର୍ମ କରିଥିବା କଲ୍ୟାଣ ଠାରୁ ଅଧିକ କଲ୍ୟାଣ ଆଉ କୌଣସି ବିଷୟ କରିନାହିଁ । ଏହି ଧର୍ମ ଗ୍ରହଣ କରି ନଥିବା ଲୋକ ମଧ୍ୟ ଏହି ଧର୍ମ ଦ୍ୱାରା ପ୍ରଭାବିତ ହୋଇଅଛନ୍ତି । ମନୁଷ୍ୟ ଯେତେ ଖରାପ ହେଲେ ହେଁ, ଏହାର ପ୍ରଭାବ ଦ୍ୱାରା ଉତ୍ତମତା ଲାଭ କରି ପାରିଅଛି । ଭାବି ଦେଖନ୍ତୁ, ଖ୍ରୀଷ୍ଟଧର୍ମ ବିନା ଏହି ଦୁନିଆଁର ଅବସ୍ଥା କିପରି ଥା'ନ୍ତା ? ଆମ୍ଭେମାନେ ଯଦି ଜୀବିତ ରହୁ, ତାହାହେଲେ ଏହି ଜଗତ ଆମ୍ଭମାନଙ୍କ ନିମନ୍ତେ ବଞ୍ଚି ରହିବା ପାଇଁ ଏକ ଭୟଙ୍କରମୟ ସ୍ଥାନ ହୁଅନ୍ତା ।

ଯଦିଓ ଖ୍ରୀଷ୍ଟଧର୍ମ ସମଗ୍ର ମାନବ ଜାତିର କଲ୍ୟାଣ କରିଅଛି, ତଥାପି ଏହା ଏକ ବ୍ୟକ୍ତିଗତ ଧର୍ମ । ତେଣୁ ଏହି ଧର୍ମଠାରୁ ସର୍ବଶ୍ରେଷ୍ଠ ଲାଭ ଉଠାଇବାକୁ ହେଲେ, ଆମ୍ଭମାନଙ୍କୁ ଏହି ଧର୍ମ ଗ୍ରହଣ କରିବାକୁ ହେବ । ଯୀଶୁଖ୍ରୀଷ୍ଟଙ୍କ ଶିକ୍ଷାକୁ ଆଜ୍ଞାବହ ହେବା ଦ୍ୱାରା ହିଁ ଏହା ସମ୍ଭବ ହୋଇପାରିବ । ତଦ୍ୱାରା ସେଥିରେ ମୌଳିକ ସୂତ୍ର ଆମ୍ଭମାନଙ୍କ ଜୀବନରେ ପ୍ରବେଶ କରେ ଓ ଆମ୍ଭେମାନେ ଆଶୀର୍ବାଦ ପ୍ରାପ୍ତ ହୋଇ ତାଙ୍କ ନିମନ୍ତେ ଫଳ ଫଳ ଫଳି ପାରିବୁ ।

କୌଣସି ଧାର୍ମିକ ସଂସ୍ଥାରେ ଯୋଗଦେବା ଦ୍ୱାରା, କିମ୍ବା ଖ୍ରୀଷ୍ଟଧର୍ମ ବାହ୍ୟିକଭାବେ ଗ୍ରହଣ କରିବା ଦ୍ୱାରା ଅକଥନୀୟ ଆଶୀର୍ବାଦ ଓ ପୁରସ୍କାର ପାଇପାରିବେ ବୋଲି ଅନେକଙ୍କ ଧାରଣା । ସେମାନେ ଧନବନ୍ତ ତଥା ସମସ୍ତ ସମସ୍ୟା ରହିତ ହୋଇ ରହି ପାରିବେ ଓ ସେମାନଙ୍କୁ କୌଣସି କାମ କରିବା ଆବଶ୍ୟକ ନାହିଁ ବୋଲି ମନେ କରନ୍ତି । ଏପରି ବ୍ୟକ୍ତିମାନଙ୍କ ଲକ୍ଷ୍ୟ କେବଳ ଜାଗତିକ ଲାଭ, କିନ୍ତୁ ଆତ୍ମିକ ଅଭିବୃଦ୍ଧି ନୁହେଁ । ଏପରି ଲୋକ କୌଣସି ଜାଗତିକ ଲାଭ ନ ପାଇଲେ ବିମୁଖ ହୋଇ ଅନ୍ୟଆଡ଼େ ଚାଲିଯାଆନ୍ତି ।

ଖ୍ରୀଷ୍ଟଧର୍ମ ଅତି ସରଳ ଓ ଯେଉଁମାନେ ତାହାର ମୂଲ୍ୟ ଦିଅନ୍ତି ଏହାର

ପୁରସ୍କାର ପାଆନ୍ତି । ସେହି ମୂଲ୍ୟ ବିଶ୍ୱାସ, ଆଜ୍ଞାବହ, ସେବା, ନମ୍ରତା ଓ ବିଶ୍ୱସ୍ତତା ରୂପରେ ଦେବାକୁ ପଡ଼େ । ଯେଉଁମାନେ ଏହାକୁ ହୃଦୟ ପୂର୍ବକ ଗ୍ରହଣ କରିଅଛନ୍ତି ସେମାନେ ଅକଥନୀୟ ଭାବେ ଆଶୀର୍ବାଦ ପ୍ରାପ୍ତ ହୋଇଅଛନ୍ତି । ଏହା ଆପଣଙ୍କ ନିମନ୍ତେ ମଧ୍ୟ ସେହି କଲ୍ୟାଣ କରିବ ।

୧. ଖ୍ରୀଷ୍ଟଧର୍ମ, ଆପଣଙ୍କୁ ଅତୀତ ଜୀବନର ପାପଠାରୁ ପରିତ୍ରାଣ ଦେଇପାରେ । ଖ୍ରୀଷ୍ଟ ନିଜ ଆଜ୍ଞାକାରୀମାନଙ୍କ ପ୍ରତି ଅନନ୍ତ ପରିତ୍ରାଣର କାରଣସ୍ୱରୂପ ଅଟନ୍ତି । (ଏବ୍ରୀ ୫:୯) ସେ କହିଲେ,''ଯେ ବିଶ୍ୱାସ କରି ବାପ୍ତିଜିତ ହୁଏ, ସେ ପରିତ୍ରାଣ ପାଇବ, କିନ୍ତୁ ଯେ ଅବିଶ୍ୱାସ କରେ, ସେ ଦଣ୍ଡାଜ୍ଞା ପାଇବ ।'' (ମାର୍କ ୧୬:୧୬) ମନୁଷ୍ୟ ପାପୀ ମାତ୍ର ଓ ସେ ପାପରୁ ମୁକ୍ତି ପାଇବା ଆବଶ୍ୟକ । ତାହା କେବଳ ଖ୍ରୀଷ୍ଟହିଁ କରିପାରିବେ । ତେଣୁକରି, ଶୁଦ୍ଧ ଓ ପବିତ୍ର ହୃଦୟହିଁ ମନୁଷ୍ୟର ଶ୍ରେଷ୍ଠତମ ସମ୍ପତ୍ତି । (ଲୂକ ୧୯:୧୦, ମାଥିଉ ୧୬:୨୬)

୨. ଖ୍ରୀଷ୍ଟଧର୍ମ ଈଶ୍ୱରଙ୍କୁ ଅନେକ ପ୍ରତିଜ୍ଞାର ନିକଟବର୍ତ୍ତୀ କରାଏ । ସେଗୁଡ଼ିକ ହେଲା, ପବିତ୍ର ଆତ୍ମାଙ୍କ ଦାନ (ପ୍ରେରି ୨:୩୮), ମଣ୍ଡଳୀର ସଭ୍ୟ ହେବାର ଅଧିକାର, (ପ୍ରେରିତ ୨:୪୭), ଈଶ୍ୱରଙ୍କ ସାନ୍ନିଧ୍ୟ (ମାଥିଉ ୨୮:୨୦), ପ୍ରାର୍ଥନା କରିବାର ସୁଯୋଗ (ଯୋହନ ୯:୧-୩)

୩. ଖ୍ରୀଷ୍ଟଧର୍ମ ଆପଣଙ୍କୁ ଆର୍ଥିକଭାବେ ଓ ଆତ୍ମିକଭାବେ ଅଭିବୃଦ୍ଧି କରିବ । ''ଯୀଶୁ କହିଲେ,''କିନ୍ତୁ ତୁମ୍ଭେମାନେ ପ୍ରଥମରେ ତାହାଙ୍କ ରାଜ୍ୟ ଓ ଧାର୍ମିକତା ଅନ୍ୱେଷଣ କର, ଆଉ ଏହି ସମସ୍ତ ବିଷୟ ମଧ୍ୟ ତୁମ୍ଭମାନଙ୍କୁ ଦିଆଯିବ ।'' (ମାଥିଉ ୬:୩୩) । ମନେ ରଖନ୍ତୁ, ଈଶ୍ୱରଙ୍କ ରାଜ୍ୟ ବା ମଣ୍ଡଳୀ, ପ୍ରଥମରେ ଅନ୍ୱେଷଣ କରିବା ପରେ ହିଁ ଆମ୍ଭମାନଙ୍କୁ ସମସ୍ତ ବିଷୟ ଦିଆଯିବ । ଅନେକ ସମୟରେ ଲୋକେ ଅଧିକଭାବେ ଆଶୀର୍ବାଦ ପ୍ରାପ୍ତ ହୋଇନାହାନ୍ତି ବୋଲି ଭାବନ୍ତି, କିନ୍ତୁ ସେମାନେ ଈଶ୍ୱରଙ୍କ ନିମନ୍ତେ କେତେ କମ୍ କାମ କରିଅଛନ୍ତି ସେକଥା ଭୁଲି ଯାଆନ୍ତି ଦୟାପୂର୍ବକ ମାଥିଉ ୫ ପର୍ବ ପଢ଼ନ୍ତୁ ।

୪. ଖ୍ରୀଷ୍ଟଧର୍ମ ଉତ୍ତମ କାର୍ଯ୍ୟ କରିବାକୁ ସୁଯୋଗ ନିଏ । ''ପରସ୍ପରର

ଭାର ବହନ କର, ଏହି ପ୍ରକାରେ ତୁମ୍ଭେମାନେ ଖ୍ରୀଷ୍ଟଙ୍କ ବ୍ୟବସ୍ଥା ସଫଳ କରିବ ।'' (ଗାଲାତୀ ୬:୨) ''ଅତଏବ ସୁଯୋଗ ଅନୁସାରେ ସମସ୍ତଙ୍କର ବିଶେଷତଃ ଏକ ପରିବାରଭୁକ୍ତ ବିଶ୍ୱାସୀ ସମସ୍ତଙ୍କର ମଙ୍ଗଳ କରୁ ।'' (ଗାଲାତୀ ୬:୧୦)

୫. ଖ୍ରୀଷ୍ଟଧର୍ମ, ଅଧିକ ଦାନ ଦେବାରେ ଅଧିକ ଦାନ ଈଶ୍ୱରଙ୍କ ଠାରୁ ପାଇ ପାରିବୁ ବୋଲି ଶିକ୍ଷା ଦିଏ । ପାଉଲ କରିନ୍ଥୀରେ ଥିବା ଭାଇମାନଙ୍କୁ ଏପରି ଲେଖନ୍ତି,''କିନ୍ତୁ ଏହା ସତ୍ୟ, ଯେ ଅଳ୍ପ ବୁଣେ, ସେ ମଧ୍ୟ ଅଳ୍ପ କାଟିବ, ଆଉ ଯେ ପ୍ରଚୁର ବୁଣେ, ସେ ମଧ୍ୟ ପ୍ରଚୁର କାଟିବ ।'' (୨ କରିନ୍ଥୀ ୯:୬) ପୁଣି ''.......କାରଣ ମନୁଷ୍ୟ ଯାହା ବୁଣେ, ତାହାହିଁ କାଟିବ ।'' କେତେକ କୌଣସି ଉତ୍ତମ ଦାନ ପାଆନ୍ତି ନାହିଁ, କାରଣ ସେମାନେ କେବେ ଦାନ ଦିଅନ୍ତି ନାହିଁ ।

୬. ଖ୍ରୀଷ୍ଟଧର୍ମ ଗ୍ରହଣ କରିବା ଠାରୁ ଦାନ କରିବା ଶ୍ରେୟସ୍କର ବୋଲି ଶିକ୍ଷା ଦିଏ । ଏହି ପଦ ସ୍ୱୟଂ ଯୀଶୁ ହିଁ କହିଥିଲେ । (ପ୍ରେରିତ ୨୦:୩୫) ସେ ପୁନର୍ବାର କହିଲେ, ''ଯେ ଆପଣା ଜୀବନ ବଞ୍ଚାଏ, ସେ ତାହା ହରାଇବ, ଆଉ ଯେ ମୋ ନିମନ୍ତେ ଆପଣା ଜୀବନ ହରାଏ, ସେ ତାହା ବଞ୍ଚାଇବ ।'' (ମାଥିଉ ୧୦:୩୯)

୭. ଖ୍ରୀଷ୍ଟଧର୍ମ ଏହି ଜଗତରୁ ଆସନ୍ତା ଜଗତ ମଧ୍ୟରେ ଥିବା ଜୀବନର ପଥ ଦେଖାଏ । ''ଲୋକମାନେ ତୁମ୍ଭମାନଙ୍କ ପ୍ରତି ଯେ ପ୍ରକାର ବ୍ୟବହାର କରନ୍ତୁ ବୋଲି ଇଚ୍ଛା କର, ତୁମ୍ଭେମାନେ ସେମାନଙ୍କ ପ୍ରତି ସେହି ପ୍ରକାର କର ।'' (ଲୁକ ୬:୩୧) ତାଙ୍କ ଶିକ୍ଷାନୁଯାୟୀ ମନୁଷ୍ୟ ଆପଣା ଶତ୍ରୁକୁ ପ୍ରେମ କରିବା ଉଚିତ, (ମାଥିଉ ୫:୪୪) ଓ ପ୍ରତିବାସୀଙ୍କୁ ଆତ୍ମତୁଲ୍ୟ ପ୍ରେମ କରିବା ଉଚିତ (ମାଥିଉ ୨୨:୩୯) । ଖ୍ରୀଷ୍ଟିୟାନ ସଂସାରକୁ ପ୍ରେମ ନ କରି (୧ ଯୋହନ ୨:୧୫), ବରଂ ଆପଣାକୁ ଶୁଦ୍ଧ ପବିତ୍ର ରଖି (ମାଥିଉ ୫:୮), ଆପଣାକୁ ଈଶ୍ୱରଙ୍କ ସୁଗ୍ରାହ୍ୟ ବଳି ରୂପେ ଉତ୍ସର୍ଗ କରିବା ଆବଶ୍ୟକ (ରୋମୀୟ ୧୨:୧), ଶେଷରେ ଆପଣା ଶାନ୍ତିପୂର୍ଣ୍ଣ, ସୁଖମୟ, ଉତ୍ତମ ଜୀବନ ତଥା ଅନନ୍ତ ଜୀବନର

ଭରସା ପାଇପାରିବେ । (କଲସୀ ୧:୫), ତା' ଠାରୁ ଆହୁରି ଅଧିକ ଆପଣ ଚାହାନ୍ତି କି ?

ଅତଏବ, ଖ୍ରୀଷ୍ଟଧର୍ମ ବହୁତ ଲାଭଜନକ । କିନ୍ତୁ ମନୁଷ୍ୟ ଯାହା ବୁଣେ, ତାହା ପାଏ । ଆପଣ ଅଳ୍ପ ଦେଇ, ପ୍ରଚୁର ନିମନ୍ତେ ଆଶା କରନ୍ତୁ ନାହିଁ । କିନ୍ତୁ ଯଦି ଆପଣ ଆପଣାକୁ ଈଶ୍ୱରଙ୍କ ଠାରେ ସମର୍ପଣ କରି ତାଙ୍କର ଆଜ୍ଞାବହ ହୁଅନ୍ତି, ଈଶ୍ୱର ଆପଣଙ୍କୁ ଅପାର ଆଶିଷ ପ୍ରଦାନ କରିବେ ।

## 16. ଯେଉଁମାନେ ଖ୍ରୀଷ୍ଟିୟାନ ନୁହନ୍ତି

### (Some who are not Christians)

ଅନେକ ଆପଣା ଆପଣାକୁ ଖ୍ରୀଷ୍ଟିୟାନ ବୋଲି ମନେ କରନ୍ତି । କିନ୍ତୁ ଏ ପ୍ରକାର ଭାବିବା ପ୍ରତ୍ୟେକ ବ୍ୟକ୍ତି ଖ୍ରୀଷ୍ଟିୟାନ ନୁହନ୍ତି । ଏହା ଆପଣଙ୍କୁ ଆଶ୍ଚର୍ଯ୍ୟମୟ ହେଲେ ସୁଦ୍ଧା ଏହାହିଁ ସତ୍ୟ ।

୧. ଜଣେ ଖ୍ରୀଷ୍ଟିୟ ପରିବାରରେ ଜନ୍ମ ହେବା ଦ୍ୱାରା, ସ୍ୱତଃପ୍ରବୃତ୍ତ ଭାବେ ଖ୍ରୀଷ୍ଟିୟାନ ହୋଇପାରେ ନାହିଁ । ଅନ୍ୟ ପକ୍ଷରେ ବୌଦ୍ଧ, ହିନ୍ଦୁ, ମୁସଲମାନ ପରିବାରରେ ଜନ୍ମ ନେବା ଦ୍ୱାରା ଲୋକେ ସେହି ମତାବଲମ୍ବୀ ହୁଅନ୍ତି । ଏହି ପ୍ରଥା କ୍ୟାଥଲିକ ସଂସ୍ଥାରେ ମଧ୍ୟ ଚଳି ଆସୁଅଛି । କିନ୍ତୁ ନୂତନ ନିୟମର ଖ୍ରୀଷ୍ଟ ଧର୍ମରେ ଏହି ପ୍ରଥା ନାହିଁ । ଶାରୀରିକଭାବେ ଖ୍ରୀଷ୍ଟିୟାନ ପରିବାରରେ ଜନ୍ମ ନେବା ଦ୍ୱାରା, ଲୋକେ ଖ୍ରୀଷ୍ଟିୟାନ ହୋଇପାରନ୍ତି ନାହିଁ । ଜଣେ ଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ କରି, ତାଙ୍କର ଅନୁସରଣ କରିବା ଦ୍ୱାରା ପୁର୍ନଜନ୍ମିତ ହୋଇ ଈଶ୍ୱରଙ୍କ ପରିବାରରେ ପ୍ରବେଶ କରିପାରେ । (ଯୋହନ ୩:୩-୫) । ତେବେ ଯାଇ ସେ ପ୍ରକୃତ ଖ୍ରୀଷ୍ଟିୟାନ ହୋଇପାରିବ ।

୨. ଛିଞ୍ଚା ବାପ୍ତିସ୍ମ ଗ୍ରହଣକାରୀ ଲୋକ ଖ୍ରୀଷ୍ଟିୟାନ ହୋଇପାରେ ନାହିଁ । ପ୍ରଥମରେ, ବାପ୍ତିସ୍ମର ଅର୍ଥ ଜଳ ଛିଞ୍ଚିବା ନୁହେଁ, କିନ୍ତୁ ଜଳରେ ସମାଧି । (କଲ ୨:୧୨, ରୋମୀ ୬:୩-୪, ପ୍ରେରି ୮ ପର୍ବ) ଦ୍ୱିତୀୟରେ, ବାପ୍ତିସ୍ମ ଗ୍ରହଣ କରିବା ଲୋକ ପ୍ରଥମେ ସତ୍ୟ ଶ୍ରବଣ କରି (ରୋମୀ ୧୦:୧୭), ବିଶ୍ୱାସ କରି (ରୋମୀ ୧୦:୧୦), ଆପଣା ଆପଣା ପାପରୁ ମନପରିବର୍ତ୍ତନ କରି (ଲୁକ ୧୩:୩), ଯୀଶୁଖ୍ରୀଷ୍ଟଙ୍କୁ ଈଶ୍ୱରଙ୍କ ପୁତ୍ର ବୋଲି ସ୍ୱୀକାର କରିବା ଆବଶ୍ୟକ (ମାଥି ୧୦:୩୨) । ବାପ୍ତିସ୍ମ ଗ୍ରହଣ କରିବା ବ୍ୟକ୍ତି ବ୍ୟତୀତ ଏ କାମ ଅନ୍ୟ କୌଣସି ବ୍ୟକ୍ତି ତାଙ୍କ ନିମନ୍ତେ କରିପାରେ ନାହିଁ । ଭଲ ମନ୍ଦ ଜାଣିବା ବୟସ ଆସିବା ପର୍ଯ୍ୟନ୍ତ କୌଣସି ବାଳକ/ବାଳିକା ଆପଣା କାର୍ଯ୍ୟ ନିମନ୍ତେ ଦାୟୀ ନୁହେଁ । (ମାଥି ୧୮:୧-୩) । ତେଣୁ ଜନ୍ମ ହେବା ସମୟରେ କିମ୍ୱା ତା'ପରେ ଛିଞ୍ଚା ବାପ୍ତିସ୍ମ ନେବା ଦ୍ୱାରା ଜଣେ ଖ୍ରୀଷ୍ଟିୟାନ ହୋଇପାରେ ନାହିଁ । କେବଳ ଖ୍ରୀଷ୍ଟଙ୍କ ଅନୁଗାମୀ ହେବା ଦ୍ୱାରା ହିଁ ଜଣେ ପ୍ରକୃତ ଖ୍ରୀଷ୍ଟିୟାନ ହୋଇପାରିବ ।

୩. ଖ୍ରୀଷ୍ଟ ଈଶ୍ୱରଙ୍କ ପୁତ୍ର ବୋଲି ବିଶ୍ୱାସ କରିବା ମାତ୍ରେ ହିଁ ଜଣେ ଖ୍ରୀଷ୍ଟିୟାନ ହୋଇପାରିବ ନାହିଁ । ଅବଶ୍ୟ ଜଣେ ଖ୍ରୀଷ୍ଟିୟାନ ହେବା ନିମନ୍ତେ ଖ୍ରୀଷ୍ଟ ଈଶ୍ୱରଙ୍କ ପୁତ୍ର ବୋଲି ବିଶ୍ୱାସ କରିବା ଆବଶ୍ୟକ କିନ୍ତୁ ସେହି ବିଶ୍ୱାସ କେବଳ ତାହାଙ୍କୁ ଖ୍ରୀଷ୍ଟିୟାନ କରି ନପାରେ । ତାହାହେଲେ ଶୟତାନ ମଧ୍ୟ ଜଣେ ଖ୍ରୀଷ୍ଟିୟାନ ହୋଇ ପାରନ୍ତା, କାରଣ ଶାସ୍ତ୍ରାନୁଯାୟୀ ଶୟତାନ ମଧ୍ୟ ଖ୍ରୀଷ୍ଟଙ୍କୁ ଈଶ୍ୱରଙ୍କ ପୁତ୍ର ବୋଲି ବିଶ୍ୱାସ କରେ । (ଯାକୁ ୨:୧୯) କିନ୍ତୁ ଖ୍ରୀଷ୍ଟିୟାନ ହେବା ନିମନ୍ତେ ଜଣକୁ ଖ୍ରୀଷ୍ଟଙ୍କର ଈଶ୍ୱରଙ୍କ ପୁତ୍ର ବୋଲି ବିଶ୍ୱାସ କରି, ତାହାଙ୍କ ଅନୁଗାମୀ ହୋଇ (ଏବ୍ରୀ ୫:୮-୯ ୧ମ ପିତ ୨:୨୧) ଏବଂ ତାଙ୍କର ବିଶ୍ୱସ୍ତ ହେବା ଆବଶ୍ୟକ (ପ୍ରକା ୨:୧୦)

୪. ଜଣେ କୌଣସି ଖ୍ରୀଷ୍ଟିୟ ମତଶାଖା (Denomination) ସମ୍ବନ୍ଧୀୟ ମଣ୍ଡଳୀର ସଭ୍ୟ ହେବା ଦ୍ୱାରା ଖ୍ରୀଷ୍ଟିୟାନ ହୋଇ ନପାରେ ଆମ୍ଭେମାନେ

ଆଜି ଅନେକ ମଣ୍ଡଳୀଗୁଡ଼ିକ ଦେଖିପାରୁ, ଲୋକେ ସେଗୁଡ଼ିକର ସଭ୍ୟ ହେବା ଦ୍ୱାରା ଆପଣାକୁ ଖ୍ରୀଷ୍ଟିୟାନ ବୋଲି ମନେ କରନ୍ତି କିନ୍ତୁ ସେମାନେ ପ୍ରତାରିତ । ଲୋକେ ଖ୍ରୀଷ୍ଟଙ୍କ ଅନୁଗାମୀ ହେବା ଦ୍ୱାରା ମତଶାଖା ସମ୍ବନ୍ଧୀୟ ମଣ୍ଡଳୀର ସଭ୍ୟ ହୁଅନ୍ତି ନାହିଁ । କେବଳ ବାଇବଲ୍ହିଁ ପ୍ରକୃତ ଖ୍ରୀଷ୍ଟିୟାନ ବନାଇ ପାରେ (ପ୍ରେରିତ ୧୧:୨୬) । ଈଶ୍ୱରଙ୍କ ବାକ୍ୟ ଆମ୍ଭମାନଙ୍କ ମଧ୍ୟରେ ବିଭେଦ ନ ଆଣି ବରଂ ଏକତା ଆଣେ । (୧ମ କରି ୧:୧୦) । ତେଣୁକରି ଯେଉଁମାନେ ମନୁଷ୍ୟ ସ୍ଥାପିତ ମଣ୍ଡଳୀର ସଭ୍ୟ ଅଟନ୍ତି ସେମାନେ ପ୍ରକୃତ ଖ୍ରୀଷ୍ଟିୟାନ ନୁହନ୍ତି ବୋଲି ଜାଣି ପାରୁଅଛୁ । ସେମାନେ ପ୍ରକୃତ ଖ୍ରୀଷ୍ଟିୟାନ ବୋଲି ଯୁକ୍ତିତର୍କ କଲେ ସୁଦ୍ଧା ସତ୍ୟ ଏହି ଯେ ସେମାନେ ବାଇବଲ ଶିକ୍ଷାନୁଯାୟୀ ଖ୍ରୀଷ୍ଟିୟାନ ହୋଇପାରି ନାହାନ୍ତି । ଯେଉଁମାନେ ପ୍ରକୃତ ଖ୍ରୀଷ୍ଟିୟାନ ସେମାନେ ମନୁଷ୍ୟ ସ୍ଥାପିତ ମଣ୍ଡଳୀର ସଭ୍ୟ ନ ହୋଇ ଖ୍ରୀଷ୍ଟଙ୍କ ସ୍ଥାପିତ ମଣ୍ଡଳୀର ସଭ୍ୟ ଅଟନ୍ତି । (ପ୍ରେରି ୨:୪୭, ୧ମ ପିତ ୪:୧୬) ଆପଣ ବାଇବଲ ପଢ଼ି ଏ ବିଷୟ ସମସ୍ତ ନିଜେ ପରୀକ୍ଷା କରି ଦେଖନ୍ତୁ ।

୫. ଜଣେ ଆପଣାକୁ ଖ୍ରୀଷ୍ଟିୟାନ ବୋଲି ପରିଚିତ କରାଇବା ଦ୍ୱାରା ଖ୍ରୀଷ୍ଟିୟାନ ହୋଇପାରେ ନାହିଁ । ଏହି ଜଗତରେ ମନୁଷ୍ୟ ଆପଣଙ୍କୁ ଅନେକ ପଦବୀ ଦ୍ୱାରା ପରିଚିତ କରାଇଲେ ମଧ୍ୟ ତାହାର କୌଣସି ପ୍ରମାଣ ନ ଥିଲେ ସେହି ମନୁଷ୍ୟ ମିଥ୍ୟାବାଦୀ, ଭଣ୍ଡ ବୋଲି ନିରୂପିତ ହୁଏ । ଅନେକ ସହଜଭାବେ ଆପଣାକୁ ଖ୍ରୀଷ୍ଟିୟାନ ବୋଲି କହନ୍ତି । ଏପରି କହିବା ଲୋକଙ୍କୁ ମଧ୍ୟ ଅନେକ ଖ୍ରୀଷ୍ଟିୟାନ ବୋଲି ଗ୍ରହଣ କରନ୍ତି । କିନ୍ତୁ ଜଣେ ଈଶ୍ୱରଙ୍କ ବାକ୍ୟ ଅନୁଯାୟୀ ଜୀବନଯାପନ ନ କଲେ ପ୍ରକୃତ ଖ୍ରୀଷ୍ଟିୟାନ ହୋଇପାରେ ନାହିଁ । (ମାଥି ୭:୨୧-୨୩)

ଆପଣ ଆପଣା ପରିସ୍ଥିତି ବିଷୟ ଆଲୋଚନା କରନ୍ତୁ ବୋଲି ଆମର ଅନୁରୋଧ । ଆପଣ କି ଜଣେ ଖ୍ରୀଷ୍ଟିୟାନ ? ଆପଣ କି ବାଇବଲ ଶିକ୍ଷାନୁଯାୟୀ ଖ୍ରୀଷ୍ଟିୟାନ ? ଆପଣ କି ସେ ରୂପେ ପ୍ରମାଣିତ କରିପାରିବେ ? ଆପଣ କି

ଈଶ୍ୱରଙ୍କ ଆଜ୍ଞାବହ ହୋଇଅଛନ୍ତି ? ତାହାଙ୍କର ବିଶ୍ୱସ୍ତ ହୋଇ ରହିଅଛନ୍ତି କି ? ଯଦି ନୁହେଁ, ତାହାହେଲେ ତାହାଙ୍କ ଠାରେ ବିଶ୍ୱାସ କରି ଆପଣା ପାପରୁ ମନ ପରିବର୍ତ୍ତନ କରି, ଖ୍ରୀଷ୍ଟଙ୍କୁ ଈଶ୍ୱରଙ୍କ ପୁତ୍ର ବୋଲି ସ୍ୱୀକାର କରି, ପାପ କ୍ଷମା ନିମନ୍ତେ ବାପ୍ତିଜିତ ହୋଇ ପ୍ରକୃତ ଖ୍ରୀଷ୍ଟିୟାନ ହୁଅନ୍ତୁ । (ମାର୍କ ୧୬:୧୫-୧୬, ପ୍ରେରି ୨:୩୮) । ଖ୍ରୀଷ୍ଟ ଆପଣଙ୍କୁ ରକ୍ଷା କରି ଆପଣା ମଣ୍ଡଳୀରେ ସଂଯୁକ୍ତ କରିବେ, ତଦ୍ୱାରା ଆପଣ ପ୍ରକୃତ ଖ୍ରୀଷ୍ଟିୟାନ ହୋଇପାରିବେ । (ପ୍ରେରିତ ୨:୪୭, ପ୍ରେରି ୧୧:୨୬) । ଶେଷ ପର୍ଯ୍ୟନ୍ତ ତାଙ୍କର ବିଶ୍ୱସ୍ତ ହୋଇ ଅନନ୍ତ ଜୀବନର ଅଧିକାରୀ ହୁଅନ୍ତୁ । (ରୋମୀ ୬:୨୩, ଯୋହ ୧୪:୧-୩)

## 17. ଜଣେ କିପରି ପରିତ୍ରାଣ ପାଇପାରେ ?

### (What must one do to the Saved ?)

"ସମସ୍ତେ ତ ପାପ କରିଅଛନ୍ତି (ରୋମୀ ୩:୨୩) । "ଧାର୍ମିକ କେହି ନାହିଁ, ନା, ଜଣେ ସୁଦ୍ଧା ନାହିଁ ।" (ରୋମୀ ୩:୧୦) "ପାପର ବେତନ ମୃତ୍ୟୁ" (ରୋମୀ ୬:୨୩) ଏହିପରି ଅନେକ ବାକ୍ୟ ଦ୍ୱାରା ମନୁଷ୍ୟ ବିନିଷ୍ଟ ହୋଇଯାଉଛି, ଈଶ୍ୱରଙ୍କ ଠାରେ ଭରସାବିହୀନ ହୋଇଅଛି ବୋଲି ଜାଣିପାରୁଅଛି । ତେବେ ମନୁଷ୍ୟ କିପରି ପରିତ୍ରାଣ ପାଇପାରେ ? ଯଦି ଆମ୍ଭେମାନେ ପ୍ରେରିତମାନଙ୍କ କାର୍ଯ୍ୟାବଳୀର ପୁସ୍ତକ ପଢ଼ୁ, ତା'ର ଉତ୍ତର ପାଇପାରିବା ।

ମନ ପରିବର୍ତ୍ତନର ଏକାଦଶ ଉଦାହରଣ ଆମ୍ଭେମାନେ ପ୍ରେରିତମାନଙ୍କ କାର୍ଯ୍ୟାବଳୀରେ ପାଇପାରିବା । ସମୟ ଓ ସ୍ଥାନ ଅଭାବ ଯୋଗୁଁ ରକ୍ଷା ପାଇବା ନିମନ୍ତେ ସେମାନେ କ'ଣ କରିଥିଲେ ଅଧିକା ଲେଖିବା ନିମନ୍ତେ କଷ୍ଟକର, ହେଲେ ଏହି ପୁସ୍ତକରେ ଥିବା କେବଳ ତିନୋଟି ଘଟଣା ବର୍ଣ୍ଣନା କରିବି । ପ୍ରତ୍ୟେକ

ସମୟରେ ସମାନ ପ୍ରକାର ପ୍ରଶ୍ନ ପଚାରାଯାଇଥିଲା ଓ ସେହି ପ୍ରକାର ସମାନ ଉତ୍ତର ଦିଆଯାଇଥିଲା । ପ୍ରଶ୍ନ ଥିଲା "ରକ୍ଷା ପାଇବା ନିମନ୍ତେ ମୁଁ କ'ଣ କରିବି ?" ବାକ୍ୟାନୁସାରେ ତାହାର ଉତ୍ତର କ'ଣ ଥିଲା ବିଶ୍ଳେଷଣ କରି ଦେଖିବା :-

୧. ପେଣ୍ଟିକଷ୍ଟ ଦିବସରେ ଲୋକେ ଏପରି ପ୍ରଶ୍ନ କଲେ, "ଆମ୍ଭେମାନେ କଅଣ କରିବା ?" (ପ୍ରେରି ୨:୩୮)

ଏଠାରେ ପିତର ଓ ଅନ୍ୟ ପ୍ରେରିତମାନେ କେତେକ ଅବିଶ୍ୱାସୀମାନଙ୍କ ସହିତ କଥାବାର୍ତ୍ତା କରୁଅଛନ୍ତି । ସେମାନଙ୍କ ମଧ୍ୟରୁ ଅନେକ ଖ୍ରୀଷ୍ଟଙ୍କୁ କ୍ରୁଶାର୍ପିତ କରିବାରେ ଅଂଶୀଦାର ଥିଲେ । ତେଣୁକରି ସେମାନଙ୍କ ମଧ୍ୟରେ ହିଁ ଖ୍ରୀଷ୍ଟ ଯେ ଈଶ୍ୱରଙ୍କ ପୁତ୍ର ବୋଲି ପ୍ରଥମେ ପ୍ରମାଣିତ ହେବାର ଥିଲା । ତେଣୁକରି ପିତର ସେମାନଙ୍କୁ ଖ୍ରୀଷ୍ଟ କିପରି ନାନାଶକ୍ତିର କାର୍ଯ୍ୟ, ଅଦ୍ଭୁତ କର୍ମ ଓ ଲକ୍ଷଣ କରିଥିଲେ, ତାହା ସେମାନଙ୍କୁ ମନେ ପକାଇ ଦେଲେ । ଖ୍ରୀଷ୍ଟ କିପରି କ୍ରୁଶୀୟ ମୃତ୍ୟୁଭୋଗି ତିନି ଦିନ ପରେ ମୃତ୍ୟୁର ଉତ୍‌ଥାପିତ ହୋଇ, ଅନେକଙ୍କୁ ଦର୍ଶନ ଦେଇ, ଈଶ୍ୱରଙ୍କ ନିକଟକୁ ସ୍ୱର୍ଗାରୋହଣ କରିଥିଲେ, ତାହା ମଧ୍ୟ ପିତର ସେମାନଙ୍କୁ ବୁଝାଇ ଥିଲେ । ଶେଷରେ, ସେ କିପରି ଭାଗବାଦୀମାନଙ୍କ ଦ୍ୱାରା ପୂର୍ବରୁ ପ୍ରକଟ ହୋଇ ଏବେ ଦାଉଦଙ୍କ ସିଂହାସନରେ ଉପବିଷ୍ଟ ଅଟନ୍ତି ପିତର ସେମାନଙ୍କୁ କହିଲେ । "ଏହି କଥା ଶୁଣି ସେମାନଙ୍କ ହୃଦୟ ବିଦୀର୍ଣ୍ଣ ହୋଇଗଲା, ପୁଣି ସେମାନେ ପିତର ଓ ଅବଶିଷ୍ଟ ପ୍ରେରିତମାନଙ୍କୁ କହିଲେ, ଭାଇମାନେ, ଆମ୍ଭେମାନେ କଅଣ କରିବା ? ତେଣୁ ପିତର ସେମାନଙ୍କୁ ଉତ୍ତର ଦେଲେ, ଆପଣମାନେ ମନ ପରିବର୍ତ୍ତନ କରନ୍ତୁ ଆଉ ନିଜ ନିଜ ପାପକ୍ଷମା ନିମନ୍ତେ ପ୍ରତ୍ୟେକ ଜଣ ଯୀଶୁଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହୁଅନ୍ତୁ, ତାହା ହେଲେ ଆପଣମାନେ ପବିତ୍ର ଆତ୍ମାଙ୍କ ଦାନ ପ୍ରାପ୍ତ ହେବେ । କାରଣ ଏହି ପ୍ରତିଜ୍ଞା ଆପଣମାନଙ୍କ ନିମନ୍ତେ ଆପଣମାନଙ୍କର ସନ୍ତାନସନ୍ତତିମାନଙ୍କ ନିମନ୍ତେ ପୁଣି ଦୂରବର୍ତ୍ତୀ ଯେତେ ଲୋକଙ୍କୁ ପ୍ରଭୁ ଆମ୍ଭମାନଙ୍କ ଈଶ୍ୱର ଆପଣା ନିକଟକୁ ଡାକିବେ, ସେହି ସମସ୍ତଙ୍କ ନିମନ୍ତେ (ପ୍ରେରି ୨:୩୭-୩୯) । "ସେଥିରେ ଯେଉଁମାନେ ତାହାଙ୍କ ବାକ୍ୟ ଗ୍ରହଣ କଲେ, ସେମାନେ

ବାପ୍ତିଜିତ ହେଲେ, ଆଉ ସେହି ଦିନ ପ୍ରାୟ ତିନି ସହସ୍ର ଲୋକ ମଣ୍ଡଳୀ ସହିତ ସଂଯୁକ୍ତ ହେଲେ ।'' (ପ୍ରେରି ୨:୪୧) ପୁଣି ଏହିପରି ପରିତ୍ରାଣ ପ୍ରାପ୍ତ ହେଉଥିବା ଲୋକଙ୍କୁ ପ୍ରତିଦିନ ମଣ୍ଡଳୀ ସହି ସଂଯୁକ୍ତ ହେବାକୁ ଲାଗିଲେ ବୋଲି (ପ୍ରେରି ୨:୪୭)ରେ ଲେଖାଯାଏ ।

ସୁସମାଚାର ପ୍ରଚାର କରାଗଲା, ଲୋକେ ତାହା ବିଶ୍ୱାସ କରି ଆପଣା ଆପଣା ପାପକ୍ଷମା ନିମନ୍ତେ ବାପ୍ତିସ୍ମ ଗ୍ରହଣ କରିଥିଲେ । ତଦ୍ୱାରା ସେମାନେ ରକ୍ଷାପ୍ରାପ୍ତ ହୋଇ ମଣ୍ଡଳୀରେ ସଂଯୁକ୍ତ ହୋଇଥିଲେ ।

୨. ପାଉଲ ପ୍ରଶ୍ନ କଲେ,''ପ୍ରଭୋ, ମୁଁ କଅଣ କରିବି ?'' ପ୍ରେରି ୯, ପ୍ରେରି ୨୨)

ଏହି ମନୁଷ୍ୟ ଆପଣାର ସମସ୍ତ ଶକ୍ତି ଦେଇ ଈଶ୍ୱରଙ୍କ ମଣ୍ଡଳୀର ବିନିଷ୍ଟ କରିବାରେ ନିବିଷ୍ଟ ଥିଲେ । ତଦ୍ୱାରା ସେ ଖ୍ରୀଷ୍ଟଙ୍କୁ ତାଡ଼ନା କରୁଥିଲେ । ସେ ଦମ୍ମେସକକୁ ଯିବା ପଥରେ, ଈଶ୍ୱର ଦର୍ଶନ ଦେଲେ । ''ପରେ ସେ ଯାଉ ଯାଉ ଦମ୍ମେସକର ନିକଟବର୍ତ୍ତୀ ହୁଅନ୍ତେ ଅକସ୍ମାତ୍ ଆକାଶରୁ ଆଲୋକ ତାହାଙ୍କ ଚାରିଆଡ଼େ ଚମକି ଉଠିଲା । ସେଥିରେ ସେ ଭୂମିରେ ପଡ଼ିଯାଇ ତାହାଙ୍କ ପ୍ରତି ଉକ୍ତ ଏହି ବାଣୀ ଶୁଣିଲେ, ହେ ଶାଉଲ, କାହିଁକି ଆମ୍ଭକୁ ତାଡ଼ନା କରୁଅଛ ? ସେ କହିଲେ, ହେ ପ୍ରଭୁ, ଆପଣ କିଏ ? ଆଉ ସେ କହିଲେ, ଯାହାକୁ ତୁମ୍ଭେ ତାଡ଼ନା କରୁଅଛ, ଆମ୍ଭେ ସେହି ଯୀଶୁ । କିନ୍ତୁ ଉଠ, ନଗରରେ ପ୍ରବେଶ କର, ଆଉ ତୁମ୍ଭକୁ କ'ଣ କରିବାକୁ ହେବ, ତାହା କୁହାଯିବ ।'' (ପ୍ରେରି ୯:୩-୬) ତତ୍ପର ବାକ୍ୟଗୁଡ଼ିକରେ ସେ କିପରି ଦୃଷ୍ଟିଶକ୍ତି ବିନା, ଉପବାସ ଓ ପ୍ରାର୍ଥନାରେ ତିନି ଦିନ ବିତାଇଥିଲେ ଲେଖାଯାଏ । ତିନି ଦିନ ପରେ ଈଶ୍ୱର ଶାଉଲଙ୍କୁ କଅଣ କରିବାକୁ ହେବ ହନନିୟଙ୍କ ଦ୍ୱାରା ଜଣାଇଥିଲେ । ତତ୍ପରେ ହନନିୟ ଶାଉଲଙ୍କ ନିକଟକୁ ଆସି କହିଲେ, ''ଆଉ ଏବେ ତୁମ୍ଭେ କାହିଁକି ବିଳମ୍ବ କରୁଅଛ, ଉଠ, ବାପ୍ତିଜିତ ହୁଅ, ପୁଣି ତାହାଙ୍କ ନାମରେ ପ୍ରାର୍ଥନା କରି ଆପଣା ପାପସବୁ ଧୋଇ ପକାଅ ।'' (ପ୍ରେରି ୨୨:୧୬)

ଶାଉଲ କେବେ ପରିତ୍ରାଣ ପାଇଥିଲେ ? ଈଶ୍ୱର ତାହାଙ୍କୁ ଦର୍ଶନ ଦେବାବେଳେ ସେ ପରିତ୍ରାଣ ପାଇଥିଲେ ବୋଲି ଅନେକଙ୍କ ଧାରଣା କିନ୍ତୁ ପ୍ରଭୁ ତାଙ୍କୁ ନଗର ମଧ୍ୟକୁ ଯାଇ, ପରେ କଅଣ କରିବାକୁ ପଡ଼ିବ ସେଥି ନିମନ୍ତେ ଅପେକ୍ଷା କରିବା ପାଇଁ କହିଥିଲେ । ସେ ପ୍ରାର୍ଥନା କରିବା ପରେ ତାଙ୍କର ପାପସବୁ କ୍ଷମା ହୋଇଥିଲା ବୋଲି କେତେକ କହି ପାରନ୍ତି । କିନ୍ତୁ ଯଦି ତାହା ସତ୍ୟ, ତେବେ ହନନିୟ ତାଙ୍କୁ କାହିଁକି ଉଠ ଓ ପାପକ୍ଷମା ନିମନ୍ତେ ବାପ୍ତିଜିତ ହୁଅ ବୋଲି ତାଙ୍କୁ କହିଲେ ? ପେଣ୍ଟିକଷ୍ଟ ଦିନରେ ଲୋକେ ଯେପରି ପରିତ୍ରାଣ ପାଇଥିଲେ, ଠିକ୍ ସେହି ପ୍ରକାରେ ପାଉଲ ମଧ୍ୟ ପରିତ୍ରାଣ ପାଇଥିଲେ । ସେ ସୁସମାଚାର ଶୁଣିଲେ, ବିଶ୍ୱାସ କଲେ, ପାପରୁ ମନ ପରିବର୍ତ୍ତନ କଲେ, ଖ୍ରୀଷ୍ଟଙ୍କୁ ଈଶ୍ୱରଙ୍କ ପୁତ୍ର ବୋଲି ସ୍ୱୀକାର କରି, ପାପକ୍ଷମା ନିମନ୍ତେ ବାପ୍ତିଜିତ ହେଲେ ।

୩. ଫିଲିପ୍ପୀୟ କାରାରକ୍ଷକ ପ୍ରଶ୍ନ କଲେ,"ମହାଶୟମାନେ, ପରିତ୍ରାଣ ପାଇବା ନିମନ୍ତେ ମୋତେ କଅଣ କରିବାକୁ ହେବ ?" (ପ୍ରେରି ୧୬ ପର୍ବ)

ପାଉଲ ଓ ଶୀଲା ବେତ୍ରାଘାତ ପାଇ କାରାଗାରରେ ନିକ୍ଷିପ୍ତ ହେଲେ ସେମାନେ ଅଦ୍ଭୁତଭାବେ ମୁକ୍ତି ହେବା ପରେ, ସେଠାକାର କାରାରକ୍ଷକ ବନ୍ଦୀମାନେ ପଳାଇ ଯାଇଅଛନ୍ତି ବୋଲି ମନେ କରି ଖଣ୍ଡାବାହାର କରି ଆପଣାକୁ ବଧ କରିବାକୁ ଯାଉଥିଲେ । "କିନ୍ତୁ ପାଉଲ ଉଚ୍ଚସ୍ୱରରେ ଡାକି କହିଲେ, ଆପଣାର କୌଣସି କ୍ଷତି କର ନାହିଁ, କାରଣ ଆମ୍ଭେମାନେ ସମସ୍ତେ ଏଠାରେ ଅଛୁ । ସେଥିରେ ସେ ଦୀପ ଆଣିବାକୁ କହି ଡେଇଁପଡ଼ି ଭୟରେ ଥରି ଥରି ପାଉଲ ଓ ଶୀଲାଙ୍କର ସମ୍ମୁଖରେ ପଡ଼ିଗଲେ, ଆଉ ସେମାନଙ୍କୁ ବାହାରକୁ ଆଣି କହିଲେ, ମହାଶୟମାନେ, ପରିତ୍ରାଣ ପାଇବା ନିମନ୍ତେ ମୋତେ କଅଣ କରିବାକୁ ହେବ ?" (ପ୍ରେରି ୧୬:୨୮-୨୯) ଏପରି ପ୍ରଶ୍ନ କଲାପରେ ପାଉଲ ଓ ଶୀଲା ଉତ୍ତର ଦେଲେ, "ପ୍ରଭୁ ଯୀଶୁଙ୍କ ଠାରେ ବିଶ୍ୱାସ କରିବା ଦ୍ୱାରା ପରିତ୍ରାଣ ପାଇପାରିବା ବୋଲି ମନେ କରିପାରନ୍ତି । କିନ୍ତୁ ତାହା କେବଳ ଆରମ୍ଭ ଥିଲା । ସେ ଲୋକ

କିଏ ? ସେ ଜଣେ ଅବିଶ୍ୱାସୀ । ତେଣୁ ପ୍ରଥମେ ତାଙ୍କୁ ଯୀଶୁଙ୍କ ଠାରେ ବିଶ୍ୱାସ କରିବା ଉଚିତ ଥିଲା । ଲେଖାଯାଏ, ''ପରେ ସେମାନେ ତାହାଙ୍କୁ ଓ ସେମାନଙ୍କ ଗୃହରେ ଥିବା ସମସ୍ତଙ୍କୁ ଈଶ୍ୱରଙ୍କ ବାକ୍ୟ କହିଲେ । ଆଉ ସେ ସେମାନଙ୍କୁ ରାତ୍ରିର ସେହି ଘଡ଼ିରେ ଘେନିଯାଇ ସେମାନଙ୍କ ପ୍ରହାରର କ୍ଷତ ସବୁ ଧୋଇଦେଲେ, ପୁଣି ସେ ଓ ତାହାଙ୍କର ସମସ୍ତେ ସେହିକ୍ଷଣି ବାପ୍ତିଜିତ ହେଲେ । ସେଥିରେ ସେ ସେମାନଙ୍କୁ ଆପଣା ଗୃହକୁ ଘେନିଯାଇ ଖାଦ୍ୟ ପରିବେଷଣ କଲେ, ଆଉ ସମସ୍ତ ପରିବାର, ସହିତ ଈଶ୍ୱରଙ୍କ ଠାରେ ବିଶ୍ୱାସ କରି ଅତ୍ୟନ୍ତ ଆନନ୍ଦିତ ହେଲେ ।'' (ପ୍ରେରି ୧୬:୩୨-୩୪) । ତେବେ ଏହି ମନୁଷ୍ୟ ଓ ତାଙ୍କର ପରିବାର ଶେଷରେ କ'ଣ କଲେ ? ସେମାନେ 'ଈଶ୍ୱରଙ୍କ ବାକ୍ୟ' ଶୁଣି ବିଶ୍ୱାସ କଲେ । ପ୍ରଭୁଙ୍କ ଆଜ୍ଞା କ'ଣ ? ଯେ ବିଶ୍ୱାସ କରି ବାପ୍ତିଜିତ ହୁଏ ସେ ପରିତ୍ରାଣ ପାଇବ, ସେହି କାରାରକ୍ଷକ 'ଈଶ୍ୱରଙ୍କ ବାକ୍ୟ' ଶୁଣିବା ଫଳରେ ସେମାନଙ୍କ କ୍ଷତସବୁ ଧୋଇ ଦେଲେ, ତଥା ସେହି ଘଡ଼ିରେ ବାପ୍ତିଜିତ ହେଲେ । ପାଉଲଙ୍କ ପ୍ରଚାରରେ ଏହି ଆଜ୍ଞାଗୁଡ଼ିକ ଏକ ଭାଗ ତା' ନହେଲେ ସେହି କାରାରକ୍ଷକ ସେ ଆଜ୍ଞାଗୁଡ଼ିକ କେବେ ଶୁଣିବାର ସୁଯୋଗ ପାଇ ନ'ଥାନ୍ତେ ।

ତେବେ ଜଣକୁ ପରିତ୍ରାଣ ପାଇବା ନିମନ୍ତେ କଅଣ କରିବା ଆବଶ୍ୟକ ? ଜଣକୁ ସତ୍ୟ ଶୁଣି, ବିଶ୍ୱାସ କରି, ମନ ପରିବର୍ତ୍ତନ କରି, ଖ୍ରୀଷ୍ଟଙ୍କ ସ୍ୱୀକାର କରିବ ବାପ୍ତିଜିତ ହେବା ଆବଶ୍ୟକ । (ଏବ୍ରୀ ୧୧:୬, ରୋମୀ ୧୦:୧୦, ଲୂକ ୧୩:୩, ପ୍ରେରି ୧୭:୩୦, ମାଥିଉ ୧୦:୩୨, ମାର୍କ ୧୬:୧୬, ପ୍ରେରି ୨:୩୮) ପଢ଼ନ୍ତୁ ।

# ୧୪. ପରିତ୍ରାଣର ମାର୍ଗ
## (Plan of Salvation)

ମନୁଷ୍ୟ ପାପୀ ମାତ୍ର ବୋଲି ବାଇବଲ କହେ । ପାଉଲ ଲେଖନ୍ତି,"ସମସ୍ତେ ପାପ କରିଅଛନ୍ତି, ପୁଣି ଈଶ୍ୱରଙ୍କ ଗୌରବରହିତ ହୋଇଅଛନ୍ତି ।" (ରୋମୀ ୩:୨୩) ପୁନର୍ବାର ସେ କହନ୍ତି,"କାରଣ ପାପର ବେତନ ମୃତ୍ୟୁ..." (ରୋମୀ ୬:୨୩) । ଏହାର ଅର୍ଥ ହେଲା ମନୁଷ୍ୟ ପରିତ୍ରାଣ ପାଇବା ଆବଶ୍ୟକ । ସେ କିପରି ପରିତ୍ରାଣ ପାଇପାରିବ ? ଏହା ମଧ୍ୟ ବାଇବଲ ପ୍ରକାଶ କରେ ।

ଈଶ୍ୱର ମନୁଷ୍ୟକୁ ସୃଷ୍ଟି କଲେ । ଯଦିଓ ମନୁଷ୍ୟ ଈଶ୍ୱରଙ୍କ ଠାରୁ ବିମୁଖ ହେଲା, ତଥାପି ସେ ତା' ପାଇଁ ଏକ ରକ୍ଷାର ମାର୍ଗ ପ୍ରସ୍ତୁତ କଲେ । ଏହି ରକ୍ଷାର ମାର୍ଗ ଦୟା, ଅନୁଗ୍ରହ ଓ ଈଶ୍ୱରଙ୍କ ପ୍ରେମ ଉପରେ ସ୍ଥାପିତ ହୋଇଅଛି । (ଯୋହନ ୩:୧୬, ଏଫି ୨:୮-୯) ସେ ମନୁଷ୍ୟକୁ ବଳତ୍କାର ପୂର୍ବକ ଆପଣା ନିକଟକୁ ନିଅନ୍ତି ନାହିଁ, କିନ୍ତୁ ତାଙ୍କ ନିକଟକୁ ଆସିବା ନିମନ୍ତେ ନିମନ୍ତ୍ରଣ କରନ୍ତି ବୋଲି ଆମ୍ଭମାନଙ୍କୁ ମନେ ରଖିବା ଉଚିତ । ଯେଉଁମାନେ ଏହି ରକ୍ଷାର ମାର୍ଗ ଅନୁସନ୍ଧାନ କରନ୍ତି, ସେମାନେ ସେହି ମାର୍ଗର ସନ୍ଧାନ ପାଆନ୍ତି ।

ରକ୍ଷା ପାଇବା ନିମନ୍ତେ ଈଶ୍ୱର ପାଞ୍ଚଟି ପାହାଚ ପ୍ରସ୍ତୁତ କରି ଅଛନ୍ତି । ତା'ହେଲେ -

୧. ଜଣକୁ ସତ୍ୟ ଶୁଣିବା ଆବଶ୍ୟକ । ".... ଏ ଆମ୍ଭର ପ୍ରିୟ ପୁତ୍ର, ଏହାଙ୍କ ଠାରେ ଆମ୍ଭର ପରମ ସନ୍ତୋଷ, ଏହାଙ୍କ ବାକ୍ୟ ଶ୍ରବଣ କର ।" (ମାଥି ୧୭:୫) "ଅତଏବ ବିଶ୍ୱାସ ଶ୍ରବଣରୁ ଜାତ ହୁଏ ଓ ଶ୍ରବଣ ଖ୍ରୀଷ୍ଟଙ୍କ ବାକ୍ୟ ଦ୍ୱାରା ହୁଏ ।" (ରୋମୀ ୧୦:୧୭)

୨. ଜଣେ ଈଶ୍ୱରଙ୍କ ଠାରେ ଓ ଖ୍ରୀଷ୍ଟ ଈଶ୍ୱରଙ୍କ ପୁତ୍ର ବୋଲି ବିଶ୍ୱାସ କରିବା ଆବଶ୍ୟକ । "ଆଉ ବିଶ୍ୱାସ ବିନା ତାହାଙ୍କ ସନ୍ତୋଷପାତ୍ର ହେବା ଅସମ୍ଭବ,

କାରଣ ଈଶ୍ୱର ଯେ ଅଛନ୍ତି, ଆଉ ସେ ଯେ ତାହାଙ୍କ ଅନ୍ୱେଷଣକାରୀମାନଙ୍କର ପୁରସ୍କାରଦାତା, ଏହା ତାହାଙ୍କ ଛାମୁକୁ ଆସିବା ଲୋକର ବିଶ୍ୱାସ କରିବା ଆବଶ୍ୟକ ।'' (ଏବ୍ରୀ ୧୧:୬) ଖ୍ରୀଷ୍ଟ କହିଲେ, ''.....ତୁମ୍ଭେମାନେ ଈଶ୍ୱରଙ୍କ ଠାରେ ବିଶ୍ୱାସ କର, ମୋ' ଠାରେ ମଧ୍ୟ ବିଶ୍ୱାସ କର ।'' (ଯୋହ ୧୪:୧) ସେ ପୁଣି କହନ୍ତି,''ଯେ ପୁତ୍ରଙ୍କ ଠାରେ ବିଶ୍ୱାସ କରେ, ସେ ଅନନ୍ତ ଜୀବନ ପ୍ରାପ୍ତ ହୋଇଅଛି, ମାତ୍ର ସେ ପୁତ୍ରଙ୍କୁ ଅମାନ୍ୟ କରେ, ସେ ଜୀବନ ଦେଖିବ ନାହିଁ, କିନ୍ତୁ ସେ ଈଶ୍ୱରଙ୍କ କ୍ରୋଧର ପାତ୍ର ହୋଇ ରହିଥାଏ ।'' (ଯୋହ ୩:୩୬) ତାହାଙ୍କ ଠାରେ ବିଶ୍ୱାସ କରିବା ନିମନ୍ତେ ଜଣେ ଈଶ୍ୱରଙ୍କ ଠାରେ ତଥା ଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ କରିବାକୁ ହେବ ବୋଲି ଏହି ପଦଗୁଡ଼ିକରୁ ଜାଣି ପାରୁଅଛୁ । କେବଳ ବିଶ୍ୱାସ ଦ୍ୱାରା ହିଁ ପରିତ୍ରାଣ ପାଇପାରିବା ବୋଲି ଏ ବାକ୍ୟ ମଧ୍ୟରୁ କୌଣସି ବାକ୍ୟ ବୁଝାଏ ନାହିଁ ବୋଲି ଆମର ମନେ ରଖିବା ଉଚିତ ।

୩. ଜଣକୁ ଆପଣା ପାପରୁ ମନ ପରିବର୍ତ୍ତନ କରିବା ଆବଶ୍ୟକ । ଖ୍ରୀଷ୍ଟ କହିଲେ,''ମୁଁ ତୁମ୍ଭମାନଙ୍କୁ କହୁଅଛି, ନା, କିନ୍ତୁ ପରିବର୍ତ୍ତନ ନ କଲେ ତୁମ୍ଭେମାନେ ସମସ୍ତେ ସେହି ପ୍ରକାରେ ବିନିଷ୍ଟ ହେବ ।''(ଲୂକ ୧୩:୩) ପାଉଲ ପ୍ରଚାର କଲେ,''ଈଶ୍ୱର ସେହି ଅଜ୍ଞାନତାର କାଳ ଉପେକ୍ଷା କରିଅଛନ୍ତି ସତ୍ୟ, କିନ୍ତୁ ଏବେ ସେ ସର୍ବତ୍ର ସମସ୍ତ ମନୁଷ୍ୟଙ୍କୁ ମନପରିବର୍ତ୍ତନ କରିବା ନିମନ୍ତେ ଜଣାନ୍ତି ।'' (ପ୍ରେରି ୧୭:୩୦) ପିତର ଲେଖିଲେ,''ବିଳମ୍ବ ବୋଲି ଯେପରି କେତେକ ଭାବନ୍ତି, ପ୍ରଭୁ ଆପଣା ପ୍ରତିଜ୍ଞା ବିଷୟରେ ସେପରି ବିଳମ୍ବ କରନ୍ତି ନାହିଁ, କିନ୍ତୁ ଯେପରି କେହି ବିନଷ୍ଟ ନ ହୁଅନ୍ତି, ବରଂ ସମସ୍ତେ ମନପରିବର୍ତ୍ତନ କରନ୍ତି, ଏହା ଇଚ୍ଛା କରି ସେ ତୁମ୍ଭମାନଙ୍କ ପ୍ରତି ଦୀର୍ଘ ସହିଷ୍ଣୁ ଅଟନ୍ତି ।'' (୨ୟ . ପିତ ୩:୯) ମନପରିବର୍ତ୍ତନର ଅର୍ଥ, ପାପ ଠାରୁ ଆପଣା ମନ ବଦଳାଇବା । ଏହାର ଅର୍ଥ ହେଲା ଗୋଟିଏ ରାସ୍ତା ଛାଡ଼ି ଅନ୍ୟ ରାସ୍ତାରେ ଚାଲିବା । ଧାର୍ମିକ ଜୀବନ ବିତାଇବା ନିମନ୍ତେ ପାପମୟ ଜୀବନ ଛାଡ଼ିବାକୁ ହେବ । ଏହାହିଁ ଈଶ୍ୱରଙ୍କ ଇଚ୍ଛା ।

୪.	ଜଣକୁ ଖ୍ରୀଷ୍ଟଙ୍କ ଈଶ୍ୱରଙ୍କ ପୁତ୍ର ବୋଲି ସ୍ୱୀକାର କରିବା ଆବଶ୍ୟକ । ଖ୍ରୀଷ୍ଟ ନିଜେ କହନ୍ତି,"ଆଉ ଯେ କେହି ଲୋକଙ୍କ ସାକ୍ଷାତରେ ମୋତେ ସ୍ୱୀକାର କରିବ, ମୁଁ ମଧ୍ୟ ମୋହର ସ୍ୱର୍ଗସ୍ଥ ପିତାଙ୍କ ସାକ୍ଷାତରେ ତାହାକୁ ସ୍ୱୀକାର କରିବି ।" (ମାଥି ୧୦:୩୨) ପାଉଲଙ୍କ ଅନୁସାରେ "କାରଣ ଧାର୍ମିକତା ପ୍ରାପ୍ତି ନିମନ୍ତେ ମନୁଷ୍ୟ ହୃଦୟରେ ବିଶ୍ୱାସ କରେ ଓ ପରିତ୍ରାଣ ପ୍ରାପ୍ତି ନିମନ୍ତେ ମୁଖରେ ସ୍ୱୀକାର କରେ ।" (ରୋମୀ ୧୦:୧୦) କୁଶୀୟ ନପୁଂସକ (Ethiopian Eununch) ବାପ୍ତିସ୍ମ ଗ୍ରହଣ କରିବା ପୂର୍ବରୁ, ଖ୍ରୀଷ୍ଟଙ୍କୁ ଈଶ୍ୱରଙ୍କ ପୁତ୍ର ବୋଲି ସ୍ୱୀକାର କରି ବାପ୍ତିସ୍ମ ଗ୍ରହଣ କରିଥିଲେ ବୋଲି ପ୍ରେରିତ ୮ମ ଅଧ୍ୟାୟରେ ପଢ଼ିପାରୁ । ଏହା ଏକ ଉତ୍ତମ ସ୍ୱୀକାର ବୋଲି ଲୋକେ ମନେ କରନ୍ତି । ଏହାଠାରୁ ଉତ୍ତମ ସ୍ୱୀକାର ଆଉ କ'ଣ ହୋଇପାରେ ?

୪.	ପରିତ୍ରାଣ ପ୍ରାପ୍ତି ନିମନ୍ତେ ବାପ୍ତିସ୍ମ ଗ୍ରହଣ କରିବା ଆବଶ୍ୟକ । ଖ୍ରୀଷ୍ଟ ସରଳଭାବେ କହିଲେ,"ଯେ ବିଶ୍ୱାସ କରି ବାପ୍ତିଜିତ ହୁଏ, ସେ ପରିତ୍ରାଣ ପାଇବ, କିନ୍ତୁ ଯେ ଅବିଶ୍ୱାସ କରେ, ସେ ଦଣ୍ଡାଜ୍ଞା ପାଇବ।" (ମାର୍କ ୧୬:୧୬) "ତେଣୁ ପିତର ସେମାନଙ୍କୁ କହିଲେ, ଆପଣମାନେ ମନପରିବର୍ତ୍ତନ କରନ୍ତୁ, ଆଉ ନିଜ ନିଜ ପାପକ୍ଷମା ନିମନ୍ତେ ପ୍ରତ୍ୟେକ ଜଣ ଯୀଶୁଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହୁଅନ୍ତୁ, ତାହାହେଲେ ଆପଣମାନେ ପବିତ୍ର ଆତ୍ମାଙ୍କର ଦାନ ପ୍ରାପ୍ତ ହେବେ ।" (ପ୍ରେରି ୨:୩୮) ପୁନର୍ବାର ପିତର କହନ୍ତି,"ସେଥିର ପ୍ରତିରୂପ ବାପ୍ତିସ୍ମ ଅର୍ଥାତ୍ ଶରୀରର ମଳିନତା ଦୂରୀକରଣ ନୁହେଁ, କିନ୍ତୁ ଈଶ୍ୱରଙ୍କ ନିକଟରେ ଶୁଚି ବିବେକ ପାଇବା ନିମନ୍ତେ ପ୍ରାର୍ଥନା, ଯୀଶୁଖ୍ରୀଷ୍ଟଙ୍କ ପୁନରୁଥାନ ଦ୍ୱାରା ଏବେ ତୁମ୍ଭମାନଙ୍କୁ ପରିତ୍ରାଣ କରୁଅଛି ।" (୧ମ ପିତର ୩:୨୧) ପାଉଲଙ୍କୁ ଏପରି କୁହାଯାଇଥିଲା, "ଆଉ ଏବେ ତୁମ୍ଭେ କାହିଁକି ବିଳମ୍ବ କରୁଅଛ ? ଉଠ, ବାପ୍ତିଜିତ ହୁଅ, ପୁଣି ତାହାଙ୍କୁ ନାମରେ ପ୍ରାର୍ଥନା କରି ଆପଣା ପାପସବୁ ଧୋଇ ପକାଅ ।" (ପ୍ରେରି ୨୨:୧୬) ବାଇବଲ ଅନୁସାରେ ଏକ ବାପ୍ତିସ୍ମ ଅଛି (ଏଫି ୪:୫) ଓ ତାହା ଜଳରେ ବୁଡିବା ଦ୍ୱାରା ସମ୍ପନ୍ନ ହୋଇଥାଏ । (ପ୍ରେରି ୮:୩୬-୩୯) ଏହି

ବାପ୍ତିସ୍ମ ପିତା, ପୁତ୍ର ଓ ପବିତ୍ର ଆତ୍ମାଙ୍କ ନାମରେ ନେବା ଆବଶ୍ୟକ । (ମାଥି ୨୮:୧୮-୨୦) ତଦ୍ୱାରା ଜଣେ ଖ୍ରୀଷ୍ଟଙ୍କ ଠାରେ ତଥା ମଣ୍ଡଳୀରେ ସଂଯୁକ୍ତ ଥାଏ । (ରୋମୀ ୬:୩-୪, ୧ମ କରି ୧୨:୧୩)

ଏହି ସରଳ ଆଜ୍ଞାଗୁଡ଼ିକ ଅନୁସରଣ କରିବା ଦ୍ୱାରା ଆପଣା ଆପଣା ଅତୀତ ପାପରୁ ମୁକ୍ତି ପାଇ, ଖ୍ରୀଷ୍ଟିୟାନ ହୋଇ, ମଣ୍ଡଳୀରେ ସଂଯୁକ୍ତ ହୋଇ, ବଳକା ଜୀବନ ଈଶ୍ୱରଙ୍କ ବିଶ୍ୱସ୍ତ ଜୀବନ ବିତାଇ ଅନନ୍ତ ଜୀବନର ଅଧିକାରୀ ହୋଇପାରିବେ । ଆଜିହିଁ ଏହିସବୁ ବିଷୟରେ ଆପଣ ମନୋଯୋଗୀ ହୁଅନ୍ତୁ ବୋଲି ଆମର ଅନୁରୋଧ ।

## 19. ଖ୍ରୀଷ୍ଟଙ୍କ ନିକଟରୁ କଢ଼ାଇ ନେବା ପାହାଚଗୁଡ଼ିକ
## (Steps into Christ)

ପବିତ୍ର ଶାସ୍ତ୍ର ଅନୁସାରେ ପରିତ୍ରାଣ ତଥା ସମସ୍ତ ଆଶୀର୍ବାଦ ଆମ୍ଭେମାନେ ଖ୍ରୀଷ୍ଟଙ୍କ ଦ୍ୱାରା ପାଉଁ । ପାଉଲ କହନ୍ତି, "ଏଣୁ ଯଦି କେହି ଖ୍ରୀଷ୍ଟଙ୍କ ଠାରେ ଅଛି, ତେବେ ସେ ନୂତନ ସୃଷ୍ଟି ହୋଇଅଛି ।" (୨ୟ କରି ୫:୧୭) "ଆମ୍ଭମାନଙ୍କ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଈଶ୍ୱର ଓ ପିତା ଧନ୍ୟ ହେଉନ୍ତୁ, ସେ ଖ୍ରୀଷ୍ଟଙ୍କ ଠାରେ ଆମ୍ଭମାନଙ୍କୁ ସମସ୍ତ ଆତ୍ମିକ ଆଶୀର୍ବାଦ ଦ୍ୱାରା ସ୍ୱର୍ଗରେ ଆଶୀର୍ବାଦ କରିଅଛନ୍ତି ।" (ଏଫି ୧:୩) ଶେଷରେ "ଯେପରି କାଳରେ ପୂର୍ଣ୍ଣତା ସମ୍ବନ୍ଧୀୟ ତାହାଙ୍କ ସଂକଳ୍ପାନୁସାରେ ସ୍ୱର୍ଗରେ କି ମର୍ତ୍ତ୍ୟରେ ଥିବା ସମସ୍ତ ବିଷୟ ସେ ଆପଣା ନିମନ୍ତେ ଖ୍ରୀଷ୍ଟଙ୍କ ଠାରେ ଏକୀଭୂତ କରିବେ ।" (ଏଫି ୧:୧୦)

ଯଦି ସମସ୍ତ ଆଶୀର୍ବାଦ ଖ୍ରୀଷ୍ଟଙ୍କ ଠାରେ ଅଛି, ତେବେ ପ୍ରଶ୍ନ ହେଲେ, "ଜଣେ କିପରି ଖ୍ରୀଷ୍ଟଙ୍କ ଠାରେ ପ୍ରବେଶ କରିପାରେ ?" ଏହାର ଉତ୍ତର

ଆମ୍ଭେମାନେ କେବଳ ଈଶ୍ୱରଙ୍କ ବାକ୍ୟରେ ହିଁ ପାଇ ପାରିବା । ଅନେକ ପାହାଚ ଚଢ଼ିବା ପରେ ହିଁ ଖ୍ରୀଷ୍ଟଙ୍କ ନିକଟରେ ପହଞ୍ଚି ପାରିବା ବୋଲି ବାକ୍ୟ ଦ୍ୱାରା ଜାଣିପାରୁ । ପ୍ରତ୍ୟେକ ପାହାଚ, ଅନ୍ୟ କୌଣସି ପାହାଚ ଠାରୁ କମ୍ ନୁହେଁ । ଶେଷ ପାହାଚ ପର୍ଯ୍ୟନ୍ତ ପ୍ରତ୍ୟେକ ପାହାଚର ବିଶିଷ୍ଟତା ଅଛି । ସେହି ଶେଷ ପାହାଚରେ ପହଞ୍ଚିବା ପରେ ଖ୍ରୀଷ୍ଟଙ୍କ ଠାରୁ ବାହାରେ ଥିବା ବ୍ୟକ୍ତି ଖ୍ରୀଷ୍ଟଙ୍କ ଭିତରକୁ ରୂପାନ୍ତରିତ ହୁଏ । କୌଣସି ଏକ କୋଠି ଭିତରକୁ ପ୍ରବେଶ କରିବାକୁ ହେଲେ ପ୍ରଥମେ ପାହାଚଗୁଡ଼ିକ ଅତିକ୍ରମ କରି, ଶେଷ ପାହାଚ ଅତିକ୍ରମ କଲା ପରେ ହିଁ ସେହି କୋଠି ଭିତରକୁ ପ୍ରବେଶ କରିପାରିବା । ଖ୍ରୀଷ୍ଟଙ୍କ ଭିତରକୁ କଢ଼ାଇ ନେଇଯିବା ପାହାଚଗୁଡ଼ିକ ମଧ୍ୟ ସେହିପରି । ଏହା ସେତେ ଜଟିଳ ବିଷୟ ନୁହେଁ, ଯାହା କି ଆପଣ ବୁଝି ନ ପାରିବେ । ଏବେ ସେହି ପାହାଚଗୁଡ଼ିକ କ'ଣ ବିଶ୍ଳେଷଣ କରିବା -

୧. ସେହି ପାହାଚଗୁଡ଼ିକର ପ୍ରଥମ ପାହାଚ ହେଲା, ଈଶ୍ୱରଙ୍କ ବାକ୍ୟ ଶ୍ରବଣ କରିବା । ଯୀଶୁ ରୂପାନ୍ତରିତ ହେବା ସମୟରେ ଈଶ୍ୱର କହିଲେ, ‘‘ଏ ଆମ୍ଭର ପ୍ରିୟପୁତ୍ର, ଏହାଙ୍କ ଠାରେ ଆମ୍ଭର ପରମ ସନ୍ତୋଷ ଏହାଙ୍କ ବାକ୍ୟ ଶ୍ରବଣ କର ।’’ (ମାଥି ୧୭:୫) ପାଉଲ ପ୍ରଚାର କଲେ, ‘‘ଅତଏବ ବିଶ୍ୱାସ ଶ୍ରବଣରୁ ଜାତ ହୁଏ ଓ ଶ୍ରବଣ ଖ୍ରୀଷ୍ଟଙ୍କ ବାକ୍ୟ ଦ୍ୱାରା ହୁଏ ।’’ (ରୋମୀ ୧୦:୧୭) ତେଣୁକରି ଖ୍ରୀଷ୍ଟ ଶିଷ୍ୟମାନଙ୍କୁ ସମୁଦାୟ ଜଗତକୁ ଯାଉ ସୁସମାଚାର ପ୍ରଚାର କରିବା ପାଇଁ ଆଜ୍ଞା ଦେଲେ । (ମାର୍କ ୧୬:୧୫:୧୬) ଈଶ୍ୱରଙ୍କ ବାକ୍ୟ ଶୁଣିବା ବିନୁ କେହି ଈଶ୍ୱରଙ୍କ ଠାରେ ବିଶ୍ୱାସ କରିପାରେ ନାହିଁ ଏବଂ ବିଶ୍ୱାସ ବିନୁ କେହି ଖ୍ରୀଷ୍ଟଙ୍କ ଆଜ୍ଞାବହ ହୋଇ ନ ପାରେ ।

ଯଦିଓ ଏହି ପ୍ରଥମ ପାହାଚର ବିଶିଷ୍ଟତା ଅଛି, ତଥାପି ଏହି ଏକମାତ୍ର ପାହାଚ ଖ୍ରୀଷ୍ଟଙ୍କ ଠାରେ ପହଞ୍ଚାଇ ନ ପାରେ । ଲୋକେ ଯଦି ଏହି ପାହାଚରେ ଅଟକି ଯା'ନ୍ତି, ସେମାନଙ୍କ ଅବସ୍ଥା କଷ୍ଟକର ହୁଏ ।

୨. ଦ୍ୱିତୀୟ ପାହାଚ ହେଲା ଈଶ୍ୱରଙ୍କ ଠାରେ ତଥା ଖ୍ରୀଷ୍ଟଙ୍କୁ

ଈଶ୍ୱରଙ୍କ ପୁତ୍ର ବୋଲି ବିଶ୍ୱାସ କରିବା । ଲେଖାଯାଏ, ଆଉ ବିଶ୍ୱାସ ବିନା ତାହାଙ୍କ ସନ୍ତୋଷପାତ୍ର ହେବା ଅସମ୍ଭବ, କାରଣ ଈଶ୍ୱର ଯେ ଅଛନ୍ତି, ''ଆଉ ସେ ଯେ ତାହାଙ୍କ ଅନ୍ୱେଷଣକାରୀଙ୍କମାନଙ୍କ ପୁରସ୍କାର ଦାତା, ଏହା ତାହାଙ୍କ ଛାମୁକୁ ଆସିବା ଲୋକର ବିଶ୍ୱାସ କରିବା ଆବଶ୍ୟକ ।'' (ଏବ୍ରୀ ୧୦:୬) ''.....ତୁମ୍ଭେମାନେ ଈଶ୍ୱରଙ୍କ ଠାରେ ବିଶ୍ୱାସ କର ଓ ମୋ' ଠାରେ ମଧ୍ୟ ବିଶ୍ୱାସ କର ।'' (ଯୋହା ୧୪:୧) ପୁନର୍ବାର ସେ କହିଲେ,''ତୁମ୍ଭେମାନେ ଯେ ଆପଣା ଆପଣା ପାପରେ ମରିବ, ମୁଁ ତୁମ୍ଭମାନଙ୍କୁ ଏହା କହିଲି, କାରଣ ମୁଁ ଯେ ସେହି ବ୍ୟକ୍ତି ଏହା ତୁମ୍ଭେମାନେ ବିଶ୍ୱାସ ନ କଲେ ଆପଣା ଆପଣା ପାପରେ ମରିବ ।' (ଯୋହ ୮:୨୪)

ପରିତ୍ରାଣ ନିମନ୍ତେ ବିଶ୍ୱାସ ଆବଶ୍ୟକ ବୋଲି ଆଉ ଥରେ କହିବା ଆବଶ୍ୟକ ନାହିଁ । ତଥାପି ବିଶ୍ୱାସ କେବଳ ଆପଣଙ୍କୁ ରକ୍ଷା କରି ନ ପାରେ, କିମ୍ବା ବିଶ୍ୱାସ କେବଳ ଖ୍ରୀଷ୍ଟଙ୍କ ମଧ୍ୟକୁ ଆପଣଙ୍କୁ ନେଇଯାଇ ନ ପାରେ । ପରିତ୍ରାଣ ପାଇବା ନିମନ୍ତେ ଅନେକ ପାହାଚ ମଧ୍ୟରୁ ଏହା ଏକ ପାହାଚ । ପାଉଲ କହନ୍ତି,''କାରଣ ଧାର୍ମିକତା ପ୍ରାପ୍ତି ନିମେନ୍ତ ମନୁଷ୍ୟ ହୃଦୟରେ ବିଶ୍ୱାସ କରେ ଓ ପରିତ୍ରାଣପ୍ରାପ୍ତି ନିମନ୍ତେ ମୁଖରେ ସ୍ୱୀକାର କରେ ।'' (ରୋମୀ ୧୦:୧୦) ତେଣୁ ବିଶ୍ୱାସ ଆପଣଙ୍କୁ ପରିତ୍ରାଣ ମାର୍ଗ ଦେଖାଏ କିନ୍ତୁ ପରିତ୍ରାଣ ଦେଇପାରେ ନାହିଁ ।

୩. ତୃତୀୟ ପାହାଚ ହେଲା, ମନପରିବର୍ତ୍ତନ କରିବା । ପ୍ରତ୍ୟେକ ବୟସପ୍ରାପ୍ତ ବ୍ୟକ୍ତି ଈଶ୍ୱରଙ୍କ ଦୃଷ୍ଟିରେ ପାପୀ ଓ ପାପର ବେତନ ମୃତ୍ୟୁ । (ରୋମୀ ୩:୨୩, ରୋମୀ ୬:୨୩) ତା'ର ସମାଧାନ କ'ଣ ? ମନପରିବର୍ତ୍ତନ । ତେବେ ମନପରିବର୍ତ୍ତନ କ'ଣ ? ଏହାର ଅର୍ଥ ମନକୁ ବଦଳାଇବା । ଗୋଟିଏ ମାର୍ଗ ଛାଡ଼ି, ଅନ୍ୟ ମାର୍ଗରେ ଚାଲିବା । ପାପମୟ ଜୀବନ ପରିତ୍ୟାଗ କରି, ଶୁଦ୍ଧ ଜୀବନ କାଟିବା । ମନୁଷ୍ୟମାନେ ପାପରେ ରହି ପରିତ୍ରାଣ ପାଇ ପାରିବେ ନାହିଁ ବୋଲି ଯୀଶୁ ଜାଣିଥିଲେ, ତେଣୁ ସେ କହନ୍ତି,''ମୁଁ ତୁମ୍ଭମାନଙ୍କୁ କହୁଅଛି, ନା,

ମନପରିବର୍ତ୍ତନ ନ କଲେ ତୁମ୍ଭେମାନେ ସମସ୍ତେ ସେହି ପ୍ରକାରେ ବିନଷ୍ଟ ହେବ ।'' (ଲୂକ ୧୩:୩) ପାଉଲ କହନ୍ତି,''ଈଶ୍ୱର ସେହି ଅଜ୍ଞାନ କାଳ ଉପେକ୍ଷା କରିଅଛନ୍ତି ସତ୍ୟ, କିନ୍ତୁ ଏବେ ସର୍ବତ୍ର ସମସ୍ତ ମନୁଷ୍ୟଙ୍କୁ ମନପରିବର୍ତ୍ତନ କରିବା ନିମନ୍ତେ ଜଣାନ୍ତି ।'' (ପ୍ରେରି ୧୭:୩୦) ପିତର ମଧ୍ୟ ଏପରି ପ୍ରଚାର କଲେ,''ଆପଣମାନେ ମନପରିବର୍ତ୍ତନ କରନ୍ତୁ, ଆଉ ନିଜ ନିଜ ପାପକ୍ଷମା ନିମନ୍ତେ ପ୍ରତ୍ୟେକ ଜଣ ଯୀଶୁଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହୁଅନ୍ତୁ, ତାହା ହେଲେ ଆପଣମାନେ ପବିତ୍ର ଆତ୍ମାଙ୍କର ଦାନ ପ୍ରାପ୍ତ ହେବେ ।'' (ପ୍ରେରି ୨:୩୮)

ଯଦିଓ ଜଣେ ଆପଣା ସମସ୍ତ ହୃଦୟ ସହିତ ଈଶ୍ୱରଙ୍କ ଠାରେ ବିଶ୍ୱାସ କରି ପାପମୟ ଜୀବନ ପରିତ୍ୟାଗ କରେ, ତଥାପି ପରିତ୍ରାଣ ପାଇବା ନିମନ୍ତେ ତାହା ଯଥେଷ୍ଟ ନୁହେଁ । ଆହୁରି ପାହାଚଗୁଡ଼ିକ ହେବ ।

୪. ଚତୁର୍ଥ ପାହାଚ ହେଲା, ଖ୍ରୀଷ୍ଟଙ୍କୁ ଈଶ୍ୱରଙ୍କ ପୁତ୍ର ବୋଲି ମୁଖରେ ସ୍ୱୀକାର କରିବା । ଖ୍ରୀଷ୍ଟ କହିଲେ,''ଆଉ ଯେ କେହି ଲୋକଙ୍କ ସାକ୍ଷାତରେ ମୋତେ ସ୍ୱୀକାର କରିବ । ମୁଁ ମଧ୍ୟ ମୋହର ସ୍ୱର୍ଗସ୍ଥ ପିତାଙ୍କ ସାକ୍ଷାତରେ ତାହାକୁ ସ୍ୱୀକାର କରିବ ।'' (ମାଥିଉ ୧୦:୩୨) କୁଶୀୟ ନପୁଂସକ ଏହି ସ୍ୱୀକାର (ପ୍ରେରି ୮:୩୭) କରିଅଛନ୍ତି । ଏହି ସ୍ୱୀକୃତି ପରିତ୍ରାଣ ପ୍ରାପ୍ତିରେ ଆବଶ୍ୟକ ବୋଲି ଜାଣିପାରୁଅଛୁ । (ରୋମୀ ୧୦:୧୦) ତେବେ କେଉଁ ପାହାଚ ଆଉ ବାକି ରହିଲା ? ଶେଷ ପାହାଚ ଯାହାକି ଆମ୍ଭମାନଙ୍କୁ ପରିତ୍ରାଣ ତଥା ଖ୍ରୀଷ୍ଟଙ୍କ ମଧ୍ୟକୁ ଘେନିଯାଏ । ଉପର ଲିଖିତ ପ୍ରତ୍ୟେକ ପାହାଚ ଆବଶ୍ୟକୀୟ ପାହାଚ । କିନ୍ତୁ ଶେଷ ପାହାଚ ଆମ୍ଭମାନଙ୍କୁ ଖ୍ରୀଷ୍ଟଙ୍କ ଭିତରକୁ ନେଇଯାଏ ।

୫. ପଞ୍ଚମ ପାହାଚ ହେଲା, ଜଣକୁ ପ୍ରଭୁଙ୍କ ସହିତ ଜଳରେ ପାପକ୍ଷମା ନିମନ୍ତେ ସମାଧିପ୍ରାପ୍ତ ହେବା ଦ୍ୱାରା ଖ୍ରୀଷ୍ଟ ଓ ତାହାଙ୍କ ମଣ୍ଡଳୀରେ ପ୍ରବେଶ କରିପାରେ । ବାପ୍ତିସ୍ମର ପ୍ରାଧାନ୍ୟତା, (ମାର୍କ ୧୬:୧ ପ୍ରେରି ୨:୩୮, ପିତ ୩:୨୧) ପ୍ରଭୃତି ପଦମାନଙ୍କରେ ପାଇପାରୁ । ପରେ ପାଉଲ କହନ୍ତି, ''ଆମ୍ଭେମାନେ ଯେତେ ଲୋକ ଖ୍ରୀଷ୍ଟ ଯୀଶୁଙ୍କ ଠାରେ ବାପ୍ତିଜିତ ହୋଇଅଛୁ,

ସମସ୍ତେ ଯେ ତାହାଙ୍କ ମରଣରେ ଯେ ବାପ୍ତିଜିତ ହୋଇଅଛୁଁ, ଏହା କି ତୁମ୍ଭେମାନେ ଜାଣ ନାହିଁ ।'' (ରୋମୀ ୬:୩) ପୁନର୍ବାର ସେ କହନ୍ତି, ''କାରଣ ତୁମ୍ଭେମାନେ ସମସ୍ତେ ଯୀଶୁଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ ଦ୍ୱାରା ଈଶ୍ୱରଙ୍କର ସନ୍ତାନ ହୋଇଅଛ, ତୁମ୍ଭେମାନେ ସମସ୍ତେ ଖ୍ରୀଷ୍ଟଙ୍କୁ ପରିଧାନ କରିଅଛ ।'' (ଗାଲା ୩:୨୬-୨୭)

ଖ୍ରୀଷ୍ଟଙ୍କ ନିକଟରେ ପହଞ୍ଚିବା ନିମନ୍ତେ କେବଳ ଏକମାତ୍ର ମାର୍ଗ ଅଛି, ତାହା ବାପ୍ତିସ୍ମରୂପକ ମାର୍ଗ, କିନ୍ତୁ କେବଳ ବାପ୍ତିସ୍ମହିଁ ଆମ୍ଭମାନଙ୍କୁ ପରିତ୍ରାଣ ଦେଇ ନ ପାରେ । ଉପର ଲିଖିତ ଅଂଶଗୁଡ଼ିକ ଅନୁଯାୟୀ ବାପ୍ତିସ୍ମ ଗ୍ରହଣ କରିବା ପୂର୍ବରୁ ସେହିସବୁ ପାହାଚଗୁଡ଼ିକ ଚଢ଼ିବାକୁ ହେବ । ପରିତ୍ରାଣ ପ୍ରାପ୍ତି ନିମନ୍ତେ ଆମ୍ଭମାନଙ୍କୁ ଗୋଟିଏ ଗୋଟିଏ କରି ପ୍ରତ୍ୟେକ ପାହାଚ ଚଢ଼ିବାକୁ ପଡ଼ିବ । ପ୍ରଭୁ ପ୍ରସ୍ତୁତ କରିଥିବା ସମସ୍ତ ସର୍ତ୍ତ ପାଳନ କରିବା ଦ୍ୱାରା ହିଁ ଜଣେ ପରିତ୍ରାଣ ପାଇପାରିବ । ଆପଣ କି ଖ୍ରୀଷ୍ଟଙ୍କ ଠାରେ ଅଛନ୍ତି । ଏହି ପାହାଚଗୁଡ଼ିକ ଅତିକ୍ରମ କରି ନଥିଲେ, ଆପଣ ଖ୍ରୀଷ୍ଟଙ୍କ ଠାରେ ନାହାନ୍ତି । ପ୍ରତ୍ୟେକ ପାହାଚ ଚଢ଼ି ଖ୍ରୀଷ୍ଟଙ୍କ ଭିତରକୁ ପ୍ରବେଶ କରନ୍ତୁ ବୋଲି ଆପଣଙ୍କୁ ଆମ୍ଭେମାନେ ଅନୁରୋଧ କରୁ ।

## 20. ନୂତନ ଜନ୍ମ
## (The New Birth)

ନୂତନ ଜନ୍ମ, ପୁନର୍ଜନ୍ମିତ ଖ୍ରୀଷ୍ଟିୟାନ, ପୁନର୍ଜନ୍ମ, ପ୍ରଭୃତି ଆମର ଅତି ପରିଚିତ ପଦଗୁଡ଼ିକ । କିନ୍ତୁ ଏହି ପଦଗୁଡ଼ିକର ଅର୍ଥ କଅଣ ? ଏହି ପ୍ରଶ୍ନଗୁଡ଼ିକୁ, ଖ୍ରୀଷ୍ଟଙ୍କୁ ଆପଣା ବ୍ୟକ୍ତିଗତ ତ୍ରାଣକର୍ତ୍ତା ରୂପେ ଗ୍ରହଣ କରିବା ବୋଲି ସେମାନେ ଉତ୍ତର ଦିଅନ୍ତି । ଆହୁରି ଅଧିକ ପ୍ରଶ୍ନ କଲେ, ବାଇବଲ ବାକ୍ୟାନୁଯାୟୀ ଉତ୍ତର ଦେଇପାରନ୍ତି ନାହିଁ ।

ଏହା ଏକ ବାଇବଲର ଅଂଶ ହୋଇଥିବାରୁ, ଏହି ବିଷୟରେ ବାଇବଲରେ କ'ଣ ଲିଖିତ ହୋଇଅଛି ତାହା ପଢ଼ିବା । ଏହି ନୂତନ ଜନ୍ମ ବିଷୟରେ ବାଇବଲରେ ଏପରି ଲେଖାଯାଏ,''ଫାରୁଶୀମାନଙ୍କ ମଧ୍ୟରେ ନୀକାଦମ ନାମକ ଜଣେ ବ୍ୟକ୍ତି ଥିଲେ, ସେ ଯିହୂଦୀମାନଙ୍କର ଜଣେ ନେତା । ସେ ରାତ୍ରି ସମୟରେ ଯୀଶୁଙ୍କ ନିକଟରେ ଆସି କହିଲେ, ହେ ଗୁରୁ, ଆପଣ ଯେ ଈଶ୍ୱରଙ୍କ ଠାରେ ଆଗତ ଗୁରୁ, ଏହା ଆମ୍ଭେମାନେ ଜାଣୁ, କାରଣ ଆପଣ ଏହି ଯେଉଁ ସମସ୍ତ ଆଶ୍ଚର୍ଯ୍ୟକର୍ମ କରୁଅଛନ୍ତି, ଈଶ୍ୱର ସାଙ୍ଗରେ ନଥିଲେ, ସେହି ସବୁ କେହି କରିପାରେ ନାହିଁ । ଯୀଶୁ ଉତ୍ତର ଦେଲେ, ସତ୍ୟ ସତ୍ୟ ମୁଁ ତୁମ୍ଭଙ୍କୁ କହୁଅଛି, ପୁନର୍ବାର ଜନ୍ମ ନ ହେଲେ କେହି ଈଶ୍ୱରଙ୍କ ରାଜ୍ୟ ଦେଖି ପାରେ ନାହିଁ । ନୀକଦୀମ ତାହାଙ୍କୁ ପଚାରିଲେ, ବୃଦ୍ଧ ହେଲେ ମନୁଷ୍ୟ କି ପ୍ରକାର ଜନ୍ମ ହୋଇପାରେ ? ସେ କଅଣ ଦ୍ୱିତୀୟ ଥର ଆପଣା ମାତାର ଗର୍ଭରେ ପ୍ରବେଶ କରି ଜନ୍ମ ହୋଇପାରେ ? ଯୀଶୁ ଉତ୍ତର ଦେଲେ, ସତ୍ୟ ସତ୍ୟ ମୁଁ ତୁମ୍ଭଙ୍କୁ କହୁଅଛି, ଜଳ ଓ ଆତ୍ମାରୁ ଜନ୍ମ ନ ହେଲେ କେହି ଈଶ୍ୱରଙ୍କ ରାଜ୍ୟରେ ପ୍ରବେଶ କରିପାରେ ନାହିଁ । ମାଂସରୁ ଯାହା ଜାତ, ତାହା ମାଂସ, ପୁଣି ଆତ୍ମାରୁ ଯାହା ଜାତ, ତାହା ଆତ୍ମା । ତୁମ୍ଭମାନଙ୍କୁ ଅବଶ୍ୟ ପୁନର୍ବାର ଜନ୍ମିବାକୁ ହେବ ବୋଲି ମୁଁ ଯେ ତୁମ୍ଭମାନଙ୍କୁ କହିଲି, ଏଥିରେ ଚମତ୍କୃତ ହୁଅନାହିଁ । ବାୟୁ ଯେଉଁ ଦିଗରେ ଇଚ୍ଛା କରେ, ସେହି ଦିଗରେ ବହେ, ଆଉ ତୁମ୍ଭେ ତାହାର ଶବ୍ଦ ଶୁଣିଥାଅ, କିନ୍ତୁ ତାହା କେଉଁଠାରେ ଆସେ ପୁଣି କେଉଁଠାକୁ ଯାଏ, ତାହା ଜାଣ ନାହିଁ । ଆତ୍ମାଙ୍କ ଠାରୁ ଜାତ ପ୍ରତ୍ୟେକ ଲୋକ ସମ୍ବନ୍ଧରେ ସେହି ପ୍ରକାର ।'' (ଯୋହନ ୩:୧-୮)

ଏହି ପୁନର୍ଜନ୍ମର ଶାରୀରିକ ଜନ୍ମ ସହିତ କୌଣସି ସମ୍ବନ୍ଧ ନାହିଁ । ଜଳ ବିଷୟରେ ପ୍ରଥମେ କୁହାଯାଇ ଥିବାରୁ, ଏହା ଶାରୀରିକ ଜନ୍ମ ବୋଲି ଅନେକେ ମନେ କରିପାରନ୍ତି । ନୀକଦୀମ ପୁନର୍ଜନ୍ମର ଭାବ, ମନୁଷ୍ୟ ଆଉ ଥରେ ମାତାର ଗର୍ଭରୁ ଜାତ ହେବ ବୋଲି ମନେ କରୁଥିବାରୁ, ଯୀଶୁ ତାହା ନୁହେଁ ବୋଲି

ଏଠାରେ କହୁଅଛନ୍ତି । ଦ୍ୱିତୀୟରେ, ଯଦି ପୁନର୍ଜନ୍ମର ଭାବ ଶାରୀରିକଭାବେ ଆଉ ଥରେ ଜନ୍ମ ନେବା ନୁହେଁ, ତେବେ ଏହାର ଭାବ ଆତ୍ମିକ ଭାବେ ପୁନର୍ଜନ୍ମିତ ହେବ ବୋଲି ଜାଣି ପାରୁଅଛୁ । ତେଣୁ ଯୀଶୁ କହିଲେ, "ସତ୍ୟ ସତ୍ୟ ମୁଁ ତୁମ୍ଭକୁ କହୁଅଛି, ଜଳ ଓ ଆତ୍ମାରୁ ଜନ୍ମ ନ ହେଲେ କେହି ଈଶ୍ୱରଙ୍କ ରାଜ୍ୟରେ ପ୍ରବେଶ କରିପାରେ ନାହିଁ ।" (ଯୋହନ ୩:୫) ଏହି ବାକ୍ୟର ପ୍ରତ୍ୟେକ ପଦ ବିଶ୍ଳେଷଣ କରି ଦେଖିବା ।

୧) ଈଶ୍ୱରଙ୍କ ରାଜ୍ୟରେ ପ୍ରବେଶ କରିବା ନିମନ୍ତେ କେବଳ ଏକ ମାତ୍ର ମାର୍ଗ ଅଛି । ସେହି ମାର୍ଗ ବ୍ୟତୀତ ଅନ୍ୟ କୌଣସି ମାର୍ଗ ଆମ୍ଭମାନଙ୍କୁ ଈଶ୍ୱରଙ୍କ ରାଜ୍ୟରେ ପ୍ରବେଶ କରାଇ ପାରେ ନାହିଁ ବୋଲି ଯୀଶୁ ଏଠାରେ କହିଅଛନ୍ତି ।

୨) ଏଠାରେ 'ଜଣେ' ବୋଲି ପଦ ବ୍ୟବହୃତ ହୋଇଅଛି । ଏହି 'ଜଣେ' ବୋଲି ପଦର ଅର୍ଥ ପ୍ରତ୍ୟେକ ମାନବ ବା ପ୍ରତ୍ୟେକ ବୟସ ପ୍ରାପ୍ତ ପୁରୁଷ ଓ ସ୍ତ୍ରୀକୁ ବୁଝାଏ । ଛୋଟ ବାଳକ ବାଳିକାମାନେ ଏହି ଶ୍ରେଣୀର ଅନ୍ତର୍ଭୁକ୍ତ ନୁହନ୍ତି ।

୩) ଜନ୍ମ ନେବା - ନୂତନ ଜନ୍ମ ଆତ୍ମିକ ଜନ୍ମ ହୋଇଥିବାରୁ ସେଥିରେ ଦୁଇଟି ମୁଖ୍ୟ ଅଂଶ ଅଛି । ଜଳ ଓ ଆତ୍ମା ।

୪) ଜଳ - ଏଠାରେ 'ଜଳ'ର ଅର୍ଥ ବାପ୍ତିସ୍ମ । ଏହା ସାଧାରଣ ଜଳ ବୋଲି ଆମ୍ଭମାନଙ୍କର ମନେ ରଖିବା ଉଚିତ୍ । ଖ୍ରୀଷ୍ଟଧର୍ମରେ ଜଳ କେବଳ ଗୋଟିଏ କାର୍ଯ୍ୟରେ ବ୍ୟବହୃତ ହୁଏ । ତାହା ବାପ୍ତିସ୍ମ ଗ୍ରହଣ କରିବା ସମୟରେ ବ୍ୟବହୃତ ହୁଏ । ଆମ୍ଭେମାନେ ଜଳରେ ଡୁବନ ଗ୍ରହଣ କରି, ନୂତନ ଜୀବନରେ ପ୍ରବେଶ କରିଥାଉଁ । (ରୋମୀୟ ୬:୩-୪)

୫) ଆତ୍ମା - ନୂତନ ଜନ୍ମରେ ଜଣେ ଆତ୍ମାଙ୍କ ଦ୍ୱାରା ପୁନର୍ଜାତ କିନ୍ତୁ କିପରି ? ଈଶ୍ୱରଙ୍କ ବାକ୍ୟ ଦ୍ୱାରା । ବାକ୍ୟ ଈଶ୍ୱରଙ୍କ ଆତ୍ମା ଦ୍ୱାରା ଦତ୍ତ । ଏହା ହୃଦୟରେ ରୋପିତ ହୋଇ ଆଜ୍ଞାବହରୂପ ଫଳ ଉତ୍ପନ୍ନ କରେ । ବିଶ୍ୱାସୀ ଈଶ୍ୱରଙ୍କୁ ଆପଣା ଜୀବନ ସମର୍ପଣ କରେ । ଜଣେ ଖ୍ରୀଷ୍ଟଙ୍କ ସହିତ ସମାଧି ପ୍ରାପ୍ତ ହୋଇ ଆପଣା ସମସ୍ତ ପାପରୁ ଧୌତ ହୋଇ ନୂତନ ଭାବେ ପୁନର୍ଜନ୍ମ ଲାଭ କରି ଈଶ୍ୱରଙ୍କ ପରିବାରରେ ପ୍ରବେଶ କରିପାରେ । ପିତର ଏପରି ଲେଖନ୍ତି, "ତୁମ୍ଭେମାନେ ସତ୍ୟର ଆଜ୍ଞାବହ ହୋଇ ନିଷ୍କପଟ ଭ୍ରାତୃପ୍ରେମ ନିମନ୍ତେ ଆପଣା ଆପଣା ଆତ୍ମାକୁ ଶୁଚି କରିଥିବାରୁ ଅନ୍ତର ସହ ଏକାଗ୍ରଭାବେ ପରସ୍ପରକୁ ପ୍ରେମ କର, ଯେଣୁ ତୁମ୍ଭେମାନେ କ୍ଷୟଣୀୟ ବୀଜରୁ ନୁହେଁ, ବରଂ ଅକ୍ଷୟ ବୀଜରୁ, ଅର୍ଥାତ୍ ଈଶ୍ୱରଙ୍କ ଜୀବନ୍ତ ଓ ଚିରସ୍ଥାୟୀ ବାକ୍ୟ ଦ୍ୱାରା ପୁନର୍ଜାତ ହୋଇଅଛ ।" (୧ମ ପିତର ୧:୨୨-୨୩) । ତେଣୁ କରି, ଆମ୍ଭମାନଙ୍କୁ ପୁନର୍ଜନ୍ମ ଦେବା ନିମନ୍ତେ ଈଶ୍ୱର ଆତ୍ମା, ଈଶ୍ୱରଙ୍କ ବାକ୍ୟ ଦ୍ୱାରା କାମ କରେ ଓ ଆଜ୍ଞାବହ ହୋଇ ଜଣେ ବାପ୍ତିଜିତ ହୁଏ । ଏତଦ୍ୱାରା ଜଣେ ଜଳ ଓ ଆତ୍ମାରେ ପୁନର୍ଜନ୍ମ ଲାଭ କରେ ।

୬) ଈଶ୍ୱରଙ୍କ ରାଜ୍ୟ - ମଣ୍ଡଳୀ, ଈଶ୍ୱରଙ୍କ ରାଜ୍ୟ ଅଟେ । (ମାଥିଉ ୧୬:୧୮:୧୯) । ଯୀଶୁଙ୍କ ଅନୁସାରେ ଏହି ରାଜ୍ୟରେ ପ୍ରବେଶ କରିବା ନିମନ୍ତେ କେବଳ ଏକମାତ୍ର ମାର୍ଗ ଅଛି । ତାହା ଜଳ ଓ ଆତ୍ମାରେ ଜନ୍ମନେବା ।

ଯୀଶୁ ଶାରୀରିକ ଜନ୍ମ ଓ ଆତ୍ମିକ ଜନ୍ମର ପ୍ରଭେଦ ବୁଝାଇବା ପରେ ବାୟୁର ଉଦାହରଣ ଦେଇଅଛନ୍ତି । ଯଦିଓ ଆମ୍ଭେମାନେ ବାୟୁକୁ ଦେଖି ନ ପାରୁ ତଥାପି ତା'ର ଉପସ୍ଥିତି ଆମ୍ଭେମାନେ ଅନୁଭବ କରିପାରୁ । ଆତ୍ମାଙ୍କ ବିଷୟରେ ମଧ୍ୟ ସେହିପରି । ଆତ୍ମାଙ୍କୁ ଦେଖି ନପାରୁ କିନ୍ତୁ ତା'ର ଫଳ ଦେଖିପାରିବା । ଆତ୍ମା ଈଶ୍ୱରଙ୍କ ବାକ୍ୟ ଦ୍ୱାରା କାର୍ଯ୍ୟ କରେ । ଏହାର ଶିକ୍ଷାରେ ଆଜ୍ଞାକାରୀମାନେ ପରିତ୍ରାଣ ପ୍ରାପ୍ତ ହୋଇ ଈଶ୍ୱରଙ୍କୁ ରାଜ୍ୟରେ ପ୍ରବେଶ କରି, ଆତ୍ମାଙ୍କ ଫଳ ଉତ୍ପାଦନ କରନ୍ତି ।

ପ୍ରଭୁ, ପରିତ୍ରାଣ ପ୍ରାପ୍ତି ନିମନ୍ତେ ବା ଈଶ୍ୱରଙ୍କ ରାଜ୍ୟରେ ପ୍ରବେଶ କରିବା ନିମନ୍ତେ ଦୁଇଟି ମାର୍ଗ ପ୍ରସ୍ତୁତ କରି ନାହାନ୍ତି । ନୂତନ ଜନ୍ମର ଶିକ୍ଷା, ମାର୍କ ୧୬:୧୬, ପ୍ରେରିତ ୨:୩୮ ପ୍ରଭୃତି ବାକ୍ୟ ସହିତ ସମ୍ମତ ହୁଏ । ଅନ୍ୟ ପକ୍ଷରେ କହିଲେ, ଜଣେ ଯେତେ ବେଳେ ସତ୍ୟ ଶ୍ରବଣ କରେ (ରୋମୀୟ ୧୦:୧୭) ବିଶ୍ୱାସ କରେ (ରୋମୀୟ ୧୦:୧୦), ମନ ପରିବର୍ତ୍ତନ କରେ (ପ୍ରେରିତ ୧୭:୩୦), ଖ୍ରୀଷ୍ଟଙ୍କୁ ସ୍ୱୀକାର କରି (ରୋମୀୟ ୧୦:୧୦), ବାପ୍ତିସ୍ମ ଗ୍ରହଣ କରେ (ପ୍ରେରିତ ୨:୩୮, ପ୍ରେରିତ ୨୨:୧୬), ସେ ପୁନର୍ଜାତ ହୋଇ ଈଶ୍ୱରଙ୍କ ରାଜ୍ୟରେ ପ୍ରବେଶ କରେ । ପ୍ରଶ୍ନ ହେଲା, ଈଶ୍ୱରଙ୍କ ବାକ୍ୟାନୁଯାୟୀ ଆପଣ କି ପୁନର୍ଜାତ ?

# 21. ନୂତନ ନିୟମର ବାପ୍ତିସ୍ମ
## (New Testament Baptism)

ବାପ୍ତିସ୍ମ ବାଇବଲର ଏକ ମୁଖ୍ୟ ବିଷୟବସ୍ତୁ । ଏହା ବାଇବଲରେ ଲିଖିତ ହୋଇ ନଥିଲେ, ଏହି କାର୍ଯ୍ୟ ସମ୍ବନ୍ଧରେ ଆମ୍ଭେମାନେ କିଛି ଜାଣିପାରି ନଥାନ୍ତୁ । ଅର୍ଥାତ୍, ଈଶ୍ୱର ଏହାର ଉଦ୍ଭାବକ ହୋଇଥିବାରୁ, ସେ ତାହାକୁ (ବାପ୍ତିସ୍ମକୁ) ଆପଣା ବାକ୍ୟ ଦ୍ୱାରା ପ୍ରକଟ କରିଅଛନ୍ତି । ତେଣୁକରି ଏହାର ବିଷୟରେ ଆମ୍ଭେମାନେ ଅଧିକଭାବେ ଜାଣିବା ଆବଶ୍ୟକ ।

୧. କେବଳ ଏକମାତ୍ର ବାପ୍ତିସ୍ମ ଅଛି । ଏଫିସୀ ୪:୫ରେ ପାଉଲ କହନ୍ତି, ''ଏକ ପ୍ରଭୁ, ଏକ ବିଶ୍ୱାସ, ଏକ ବାପ୍ତିସ୍ମ'' ଖ୍ରୀ:ଢ: ୬୪ ବା ୬୫ ପୂର୍ବରୁ

ଅନ୍ୟ ବାପ୍ତିସ୍ମ ଗୁଡ଼ିକ ମଧ୍ୟ ରହିଥିଲା । କିନ୍ତୁ ସେହି ବର୍ଷ ପରେ, ପ୍ରଭୁଙ୍କ ଉକ୍ତ ପବିତ୍ର ଆତ୍ମାଙ୍କ ଦ୍ୱାରା ଚାଳିତ ହୋଇ କେବଳ ଏକ ବାପ୍ତିସ୍ମ ବୋଲି ଲେଖନ୍ତି । ତା'ପରେ ମଧ୍ୟ ମନୁଷ୍ୟ ଅନେକ ଗୁଡ଼ିକ ବାପ୍ତିସ୍ମ ଯୋଗକଲା କିନ୍ତୁ ସେଗୁଡ଼ିକ ଶାସ୍ତ୍ରର ଅନୁଯାୟୀ ନୁହେଁ ।

୨. ବାପ୍ତିସ୍ମର ଅର୍ଥ କଲସୀ ୨:୧୨ରେ ଲେଖାଯାଏ,''ତୁମ୍ଭେମାନେ ବାପ୍ତିସ୍ମରେ ତାହାଙ୍କ ସହିତ ସମାଧିପ୍ରାପ୍ତ ହୋଇ ଯେଉଁ ଈଶ୍ୱର ତାହାଙ୍କୁ ମୃତକମାନଙ୍କ ମଧ୍ୟରୁ ଉଠାଇଲେ, ତାହାଙ୍କ କାର୍ଯ୍ୟସାଧକ ଶକ୍ତିରେ ବିଶ୍ୱାସ କରି ଖ୍ରୀଷ୍ଟଙ୍କ ସହିତ ମଧ୍ୟ ଉତ୍‌ଥାପିତ ହୋଇଅଛ ।'' ପୁନର୍ବାର, ''ଆମ୍ଭେମାନେ ଯେତେଲୋକ ଖ୍ରୀଷ୍ଟ ଯୀଶୁଙ୍କ ଠାରେ ବାପ୍ତିଜିତ ହୋଇଅଛୁ, ଏହା କି ତୁମ୍ଭେମାନେ ଜାଣ ନାହିଁ । ଅତଏବ, ତୁମ୍ଭେମାନେ ବାପ୍ତିସ୍ମ ଦ୍ୱାରା ମରଣରେ ତାହାଙ୍କ ସହିତ ସମାଧିପ୍ରାପ୍ତ ହୋଇଅଛୁ, ଯେପରି ଖ୍ରୀଷ୍ଟ ପିତାଙ୍କ ଗୌରବ ଦ୍ୱାରା ମୃତମାନଙ୍କ ମଧ୍ୟରୁ ଯେଉଁ ପ୍ରକାର ଉତ୍‌ଥାପିତ ହେଲେ, ଆମ୍ଭେମାନେ ମଧ୍ୟ ସେହି ପ୍ରକାର ଜୀବନର ନୂତନ ଭାବରେ ଆଚରଣ କରୁଁ ? (ରୋମୀୟ ୬:୩,୪) ବାପ୍ତିସ୍ମ ସମାଧିସ୍ୱରୂପ ଅଟେ । ଅତଏବ, ଏହା ଛିଞ୍ଚିବା ବା ଢାଳିବା ନୁହେଁ ବୋଲି ଜାଣିପାରୁ ।

୩. ବାପ୍ତିସ୍ମର ଅର୍ଥ ଜଳରେ ସମାଧି । ବାପ୍ତିସ୍ମ କେବଳ ସମାଧିସ୍ୱରୂପ ନୁହେଁ, କିନ୍ତୁ ପ୍ରେରିତ ୮ ଅଧ୍ୟାୟାନୁଯାୟୀ ଏହା ଜଳରେ ସମାଧି । କୂଶ ଦେଶୀୟ (Ethiopian) ନପୁଂସକ ମନପରିବର୍ତ୍ତନ କରିବା ସମୟରେ.......''ଆଉ ସେମାନେ ପଥରେ ଯାଉଁ ଯାଉଁ କୌଣସି ଗୋଟିଏ ଜଳାଶୟ ନିକଟରେ ଉପସ୍ଥିତ ହେଲେ, ସେଥିରେ ନପୁଂସକ କହିଲେ, ଏଠାରେ ତ ଜଳ ଅଛି, ମୋହର ବାପ୍ତିଜିତ ହେବା ନିମନ୍ତେ କଅଣ ବାଧା ଅଛି ? ଫିଲିପ କହିଲେ, ଆପଣ ସମସ୍ତ ଅନ୍ତଃକରଣ ସହିତ ଯଦି ବିଶ୍ୱାସ କରନ୍ତି, ତାହାହେଲେ ହୋଇପାରେ । ସେଥିରେ ସେ ଉତ୍ତର ଦେଲେ, ଯୀଶୁଖ୍ରୀଷ୍ଟ ଯେ ଈଶ୍ୱରଙ୍କ ପୁତ୍ର, ମୁଁ ବିଶ୍ୱାସ କରୁଅଛି । ପୁଣି ସେ ରଥ ଠିଆ କରିବାକୁ ଆଜ୍ଞା ଦେଲେ, ଆଉ ଫିଲିପ ଓ ନପୁଂସକ ଉଭୟ ଜଳ ଭିତରକୁ

ଓହ୍ଲାଇ ଗଲେ, ଆଉ ଫିଲିପ ତାହାଙ୍କୁ ବାପ୍ତିସ୍ମ ଦେଲେ । ସେମାନେ ଜଳ ମଧ୍ୟରୁ ଉଠି ଆସନ୍ତେ ପ୍ରଭୁଙ୍କର ଆତ୍ମା ଫିଲିପଙ୍କୁ ଘେନିଗଲେ, ପୁଣି ନପୁଂସକ ତାହାଙ୍କୁ ଆଉ ଦେଖିଲେ ନାହିଁ, ତଥାପି ସେ ଆନନ୍ଦ କରୁ କରୁ ଆପଣା ପଥରେ ଚାଲିଗଲେ ।'' (ପ୍ରେରିତ ୮:୩୬-୩୯)

୪. ପାପକ୍ଷମା ନିମନ୍ତେ ବାପ୍ତିସ୍ମ ଗ୍ରହଣ କରିବା ଆବଶ୍ୟକ । ''ତେଣୁ ପିତର ସେମାନଙ୍କୁ କହିଲେ, ଆପଣମାନେ ମନପରିବର୍ତ୍ତନ କରନ୍ତୁ, ଆଉ ନିଜ ନିଜ ପାପକ୍ଷମା ନିମନ୍ତେ ପ୍ରତ୍ୟେକ ଜଣ ଯୀଶୁଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହେଉନ୍ତୁ, ତାହାହେଲେ ଆପଣମାନେ ପବିତ୍ର ଆତ୍ମାଙ୍କର ଦାନ ପ୍ରାପ୍ତ ହେବେ ।'' (ପ୍ରେରିତ ୨:୩୮), ପରେ (ପ୍ରେରିତ ୨୨:୧୬) ପଢ଼ନ୍ତୁ ।

୫. ବାପ୍ତିସ୍ମ ଆମ୍ଭମାନଙ୍କୁ ରକ୍ଷା କରେ । ଖ୍ରୀଷ୍ଟ କହିଲେ, ''ଯେ ବିଶ୍ୱାସ କରି ବାପ୍ତିଜିତ ହୁଏ, ସେ ପରିତ୍ରାଣ ପାଇବ, କିନ୍ତୁ ଯେ ଅବିଶ୍ୱାସ କରେ, ସେ ଦଣ୍ଡାଜ୍ଞା ପାଇବ ।'' (ମାର୍କ ୧୬:୧୬),''ସେଥିର ପ୍ରତିରୂପ ବାପ୍ତିସ୍ମ, ଅର୍ଥାତ୍ ଶରୀର ମଳିନତା ଦୂରୀକରଣ ନୁହେଁ, କିନ୍ତୁ ଈଶ୍ୱରଙ୍କ ନିକଟରେ ଶୁଚି ବିବେକ ପାଇବା ନିମନ୍ତେ ପ୍ରାର୍ଥନା, ଯୀଶୁଖ୍ରୀଷ୍ଟଙ୍କ ପୁନରୁତ୍ଥାନ ଦ୍ୱାରା ଏବେ ତୁମ୍ଭମାନଙ୍କୁ ପରିତ୍ରାଣ କରୁଅଛି ।'' (୧ମ ପିତର ୩:୨୧) । ବାପ୍ତିସ୍ମ କେବେ ଆମ୍ଭମାନଙ୍କୁ ରକ୍ଷା କରେ ? ଆମେ ଯେତେବେଳେ ଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ କରି, ମନ ପରିବର୍ତ୍ତନ କରି, ସ୍ୱୀକାର କରି ବାପ୍ତିସ୍ମ ନେଉ, ତେବେ ବାପ୍ତିସ୍ମ ଆମ୍ଭମାନଙ୍କୁ ରକ୍ଷା କରିପାରେ । (ପ୍ରେରିତ ୧୦:୪୮)

୬. ବାପ୍ତିସ୍ମ ଆମ୍ଭମାନଙ୍କୁ ଖ୍ରୀଷ୍ଟଙ୍କ ଠାରେ ରଖେ । ''କାରଣ ତୁମ୍ଭେମାନେ ସମସ୍ତେ ଯୀଶୁଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ ଦ୍ୱାରା ଈଶ୍ୱରଙ୍କର ସନ୍ତାନ ହୋଇଅଛ, ଯେଣୁ ତୁମ୍ଭେମାନେ ଯେତେ ଲୋକ ଖ୍ରୀଷ୍ଟଙ୍କ ଉଦ୍ଦେଶ୍ୟରେ ବାପ୍ତିଜିତ ହୋଇଅଛ, ତୁମ୍ଭେମାନେ ସମସ୍ତେ ଖ୍ରୀଷ୍ଟଙ୍କୁ ପରିଧାନ କରିଅଛ ।'' (ଗାଲାତୀ ୩:୨୬,୨୭), (ରୋମୀୟ ୬:୩,୪) ମଧ୍ୟ ପଢ଼ନ୍ତୁ ।

୭. ବାପ୍ତିଜିତ ଲୋକେ ମଣ୍ଡଳୀରେ ସଂଯୁକ୍ତ ହୁଅନ୍ତି । "ଯେଣୁ ଆମ୍ଭେମାନେ ଯିହୂଦୀ ହେଉ ବା ଗ୍ରୀକ୍ ହେଉ, ଦାସ ହେଉ ବା ସ୍ୱାଧୀନ ହେଉ, ସମସ୍ତେ ତ ଏକ ଆତ୍ମାଙ୍କ ଦ୍ୱାରା ଏକ ଶରୀର ହେବା ଉଦ୍ଦେଶ୍ୟରେ ବାପ୍ତିଜିତ ହୋଇଅଛୁ, ଆଉ ସମସ୍ତେ ଏକ ଆତ୍ମାରୁ ପାନ କରିଅଛୁ । (୧ କରିନ୍ଥୀ ୧୨:୧୩) । ସେହି ଶରୀର ମଣ୍ଡଳୀ ଅଟେ । (କଲସୀ ୧:୧୮, ଏଫିସୀ ୧:୨୨,୨୩)

୮. ବାପ୍ତିସ୍ମ ଗ୍ରହଣ କରିବା ଦ୍ୱାରା ନୂତନ ଜୀବନ ଲାଭ କରୁ । "ଯୀଶୁ ଉତ୍ତର ଦେଲେ ସତ୍ୟ ସତ୍ୟ ମୁଁ ତୁମ୍ଭକୁ କହୁଅଛି, ଜଳ ଓ ଆତ୍ମାରୁ ଜନ୍ମ ନ ହେଲେ କେହି ଈଶ୍ୱରଙ୍କ ରାଜ୍ୟରେ ପ୍ରବେଶ କରିପାରେ ନାହିଁ ।" (ଯୋହନ ୩:୫)

୯. ବାପ୍ତିସ୍ମ ଦ୍ୱାରା ଜଣେ ଖ୍ରୀଷ୍ଟଙ୍କ ମୃତ୍ୟୁ, ସମାଧି, ତଥା ଖ୍ରୀଷ୍ଟଙ୍କ ପୁନରୁଥାନରେ ସହଭାଗୀ ହୋଇଥାଏ । ରୋମୀୟ ୬ ଅଧ୍ୟାୟ ପଢ଼ନ୍ତୁ ।

ଉପର ଲିଖିତ ଈଶ୍ୱରଙ୍କ ବାକ୍ୟ ତଥା ସେହିପରି ଅନେକ ବାକ୍ୟଗୁଡ଼ିକ ଦ୍ୱାରା ବାପ୍ତିସ୍ମ ନେବାର ଆବଶ୍ୟକତା ବୁଝିପାରୁଅଛୁ । ଆପଣ କି ଈଶ୍ୱରଙ୍କ ବାକ୍ୟାନୁଯାୟୀ ବାପ୍ତିସ୍ମ ଗ୍ରହଣ କରିଅଛନ୍ତି କି ? ଯଦି ନୁହେଁ, ଆପଣ ଗ୍ରହଣ କରିବା ଆବଶ୍ୟକ ।

# 22. ବାପ୍ତିସ୍ମର ଉଦ୍ଦେଶ୍ୟ
## (The purpose of Baptism)

ବାପ୍ତିସ୍ମ, ବାଇବଲର ଏକ ବିଶେଷ ଅଂଶ । ଏହାର ବିଷୟରେ ବାଇବଲରେ ସରଳଭାବେ ଲିଖିତ ହୋଇଥିଲେ ସୁଦ୍ଧା ଅନେକଙ୍କର ଏହା ବିଷୟରେ ସଠିକ୍ ଜ୍ଞାନ ନାହିଁ । କାରଣ ସେମାନେ ବାପ୍ତିସ୍ମର ଉଦ୍ଦେଶ୍ୟ ବୁଝି ପାରିନାହାନ୍ତି । ଏହି ବିଷୟରେ ବାଇବଲ କଅଣ ଶିକ୍ଷା ଦିଏ ?

ସର୍ବପ୍ରଥମେ, କେବଳ ଏକମାତ୍ର ବାପ୍ତିସ୍ମ ଅଛି ବୋଲି ଆମ୍ଭମାନଙ୍କର ମନେ ରଖିବା ଉଚିତ (ଏଫିସୀ ୪:୫) ଯୋହନଙ୍କ ବାପ୍ତିସ୍ମ, ଶ୍ରମର ବାପ୍ତିସ୍ମ, ପ୍ରଭୃତି ବାପ୍ତିସ୍ମ ଗୁଡ଼ିକ ପୂର୍ବରୁ ଥିଲେ ସୁଦ୍ଧା ପାଉଲଙ୍କ ଏହି ବାକ୍ୟ ଲେଖିବା ସମୟରେ କେବଳ ଏକମାତ୍ର ବାପ୍ତିସ୍ମ ଥିଲା । ତେବେ ପାଉଲ କେଉଁ ବାପ୍ତିସ୍ମ ବିଷୟରେ କହିଅଛନ୍ତି, କିପରି ଜାଣିପାରିବା ? ତା'ର ଉତ୍ତର, ପ୍ରେରିତମାନଙ୍କ ପୁସ୍ତକରେ ବର୍ଣ୍ଣିତ ମନପରିବର୍ତ୍ତନର ଘଟଣାଗୁଡ଼ିକରୁ ମିଳେ । ଯଥା ଏହା ଜଳର ସମାଧି, ଏହା ଆମ୍ଭମାନଙ୍କ ପାପ ଧୋଇପକାଏ, ପାପକ୍ଷମା ଦିଏ ତଥା ଏହା ଏକ ଈଶ୍ୱରଙ୍କ ଆଜ୍ଞା । (ପ୍ରେରିତ ୮::୨୭-୪୮), ପ୍ରେରିତ ୨୨:୧୬, ପ୍ରେରିତ ୨:୩୮, ପ୍ରେରିତ ୧୦:୪୮)

ପ୍ରେରିତମାନଙ୍କ ପୁସ୍ତକରେ ବର୍ଣ୍ଣିତ ମନପରିବର୍ତ୍ତନର ଘଟଣା ଗୁଡ଼ିକୁ ଅନେକେ, ପବିତ୍ର ଆତ୍ମାଙ୍କ ବାପ୍ତିସ୍ମର ଘଟଣା ବୋଲି ମନେ କରନ୍ତି । ପବିତ୍ର ଆତ୍ମାଙ୍କ ବାପ୍ତିସ୍ମ କେବେବି ଆଜ୍ଞା କରାଯାଇ ନଥିଲା କିମ୍ବା ପ୍ରଚାର ମଧ୍ୟ କରାଯାଇନଥିଲା ବୋଲି ଦୟାକରି ମନେ ରଖନ୍ତୁ । ଜଳର ବାପ୍ତିସ୍ମ ବିନା ଅନ୍ୟ କୌଣସି ବାପ୍ତିସ୍ମ ବିଷୟରେ ବାଇବଲରେ ଲେଖାଯିବାବେଳେ, ତାହା 'ଯୋହନଙ୍କ ବାପ୍ତିସ୍ମ' ବା 'ପବିତ୍ର ଆତ୍ମାଙ୍କ' ବାପ୍ତିସ୍ମ ବୋଲି ଉଲ୍ଲେଖ କରାଯାଇଥିବା ସ୍ଥଳେ

(ମାର୍କ ୧୬:୧୬, ପ୍ରେରିତ ୨:୩୮) ସେହି ପଦର ଅର୍ଥ ଜଳର ବାପ୍ତିସ୍ମ ବୋଲି ଆମ୍ଭମାନଙ୍କର ମନେ ରଖିବା ଉଚିତ । (ଏଫିସୀ ୪:୫)ରେ ଲିଖିତ 'ବାପ୍ତିସ୍ମ' ପଦର ଅର୍ଥ ମଧ୍ୟ ଜଳରେ ବାପ୍ତିସ୍ମ ବୋଲି ଜାଣିପାରୁ ।

ତପୂରେ, ବେଳେ ବେଳେ ଲୋକେ ଭୁଲ ଉଦ୍ଦେଶ୍ୟରେ ବାପ୍ତିସ୍ମ ଗ୍ରହଣ କରିଥାନ୍ତି । ଉଦାହରଣ ସ୍ୱରୂପ, ପରିତ୍ରାଣ ପ୍ରାପ୍ତ ହେବା ପରେ ଜଣେ ବାପ୍ତିସ୍ମ ନେବା ଆବଶ୍ୟକ ବୋଲି ଅନେକ ଶିକ୍ଷା ଦିଅନ୍ତି । ପରିତ୍ରାଣ ପ୍ରାପ୍ତ ହେବା ପରେ, ମଣ୍ଡଳୀରେ ପ୍ରବେଶ କରିବା ବାପ୍ତିସ୍ମ ଗ୍ରହଣ କରିବା ଆବଶ୍ୟକ ବୋଲି ଅନ୍ୟ କେତେକ ମନେ କରନ୍ତି । ଏହି ଦୁଇ ଶ୍ରେଣୀରେ, ଲୋକେ ବାପ୍ତିସ୍ମର ଉଦ୍ଦେଶ୍ୟକୁ ଭୁଲଭାବେ ଗ୍ରହଣ କରିଥାନ୍ତି । ପରିତ୍ରାଣ ପ୍ରାପ୍ତ ହେବା ପରେ ବାପ୍ତିସ୍ମ ଗ୍ରହଣ କରିବା ବିଷୟ ବାକ୍ୟାନୁଯାୟୀ ନୁହେଁ । କାରଣ ବାକ୍ୟାନୁଯାୟୀ ଜଣେ ଶାସ୍ତ୍ରାନୁଯାୟୀ ବାପ୍ତିସ୍ମ ନ ନେଲେ ପରିତ୍ରାଣ ପାଇପାରେ ନାହିଁ କିମ୍ୱା ଖ୍ରୀଷ୍ଟିୟ ମତଶାଖାର ମଣ୍ଡଳୀରେ (Denominational Church) ରେ ଲୋକେ କିପରି ବାକ୍ୟାନୁଯାୟୀ ବାପ୍ତିସ୍ମ ଗ୍ରହଣ କରିପାରିବେ ? ଏତଦ୍ଦ୍ୱାରା ଏହା ଜ୍ଞାତ ହେଉ ଯେ, ଯେଉଁମାନେ ବିନା ବାକ୍ୟାନୁଯାୟୀ ବାପ୍ତିସ୍ମ ଗ୍ରହଣ କରି, ପ୍ରକୃତ ବାପ୍ତିସ୍ମ ନେଇଅଛନ୍ତି ବୋଲି ମନେ କରନ୍ତି, ସେମାନେ ପ୍ରବଞ୍ଚିତ । ଜଣେ ଜଳରେ ଡୁବିତ ହେବା ଦ୍ୱାରା ପ୍ରକୃତ ବାପ୍ତିସ୍ମ ଗ୍ରହଣ କରିଅଛି ବୋଲି ଆମ୍ଭେମାନେ କହିପାରିବା ନାହିଁ । ବାକ୍ୟାନୁଯାୟୀ କେବଳ ଏକମାତ୍ର ବାପ୍ତିସ୍ମ ଥିବାରୁ, ତାହା ସଠିକ୍ ଉଦ୍ଦେଶ୍ୟରେ ଗ୍ରହଣ କରାଯିବା ବାପ୍ତିସ୍ମ ବୋଲି ମନେ ରଖିବା ଉଚିତ । ତାହା ଯଦି ସଠିକ୍ ଉଦ୍ଦେଶ୍ୟଯୁକ୍ତ ବାପ୍ତିସ୍ମ ହୋଇ ନଥାଏ, ତାହାହିଁ ବାପ୍ତିସ୍ମ ବୋଲି ଭାବିବା ଭ୍ରମ ଧାରଣା । ଏପରି ସମୟରେ, ସେହି ବ୍ୟକ୍ତି ପରିତ୍ରାଣ ପ୍ରାପ୍ତି ନିମନ୍ତେ ପୁନର୍ବାର ଡୁବିତ ହେବା ଆବଶ୍ୟକ, ତେବେ ଯାଇ ସେହି ବ୍ୟକ୍ତି ବାକ୍ୟାନୁଯାୟୀ ବାପ୍ତିସ୍ମ ପ୍ରାପ୍ତ ହୁଏ । ବାକ୍ୟାନୁଯାୟୀ ବାପ୍ତିସ୍ମର ଉଦ୍ଦେଶ୍ୟ ଗୁଡ଼ିକ -

ବିଶ୍ୱାସ, ମନପରିବର୍ତ୍ତନ ଓ ସ୍ୱୀକାର କରିବା ପରେ ଜଣକୁ ପରିତ୍ରାଣ

ପ୍ରାପ୍ତି ନିମନ୍ତେ ବାପ୍ତିସ୍ମ ଗ୍ରହଣ କରିବା ଆବଶ୍ୟକ । ଯୀଶୁ କହିଲେ, "ଯେ ବିଶ୍ୱାସ କରି ବାପ୍ତିଜିତ ହୁଏ ସେ ପରିତ୍ରାଣ ପାଇବ, କିନ୍ତୁ ଯେ ଅବିଶ୍ୱାସ କରେ ସେ ଦଣ୍ଡାଜ୍ଞା ପାଇବ ।" (ମାର୍କ ୧୬:୧୬) ଖ୍ରୀଷ୍ଟ "ପରିତ୍ରାଣ"କୁ ବାପ୍ତିସ୍ମ ପରେ ରଖିଅଛନ୍ତି, କିନ୍ତୁ ବାପ୍ତିସ୍ମ ପୂର୍ବେ ରଖି ନାହାନ୍ତି । ଜଣକର ଦଣ୍ଡାଜ୍ଞା ଅବିଶ୍ୱାସ ଯଥେଷ୍ଟ କିନ୍ତୁ ପରିତ୍ରାଣ ନିମନ୍ତେ ଜଣେ ବିଶ୍ୱାସ କରି ବାପ୍ତିସ୍ମ ଗ୍ରହଣ କରିବା ଆବଶ୍ୟକ, ପୁନର୍ବାର ପିତର କହିଲେ, "ସେଥିର ପ୍ରତିରୂପ ବାପ୍ତିସ୍ମ ଅର୍ଥାତ୍ ଶରୀର ମଳିନତା ଦୂରୀକରଣ ନୁହେଁ, କିନ୍ତୁ ଈଶ୍ୱରଙ୍କ ନିକଟରେ ଶୁଚି ବିବେକ ପାଇବା ନିମନ୍ତେ ପ୍ରାର୍ଥନା ଯୀଶୁଖ୍ରୀଷ୍ଟଙ୍କ ପୁନରୁଥାନ ଦ୍ୱାରା ଏବେ ତୁମ୍ଭମାନଙ୍କୁ ପରିତ୍ରାଣ କରୁଅଛି । (୧ ପିତର ୩:୨୧) । "ବାପ୍ତିସ୍ମ ରକ୍ଷା କରିପାରେ ନାହିଁ" ବୋଲି କିଏ କହିପାରେ ?

୨. ପାପକ୍ଷମା ନିମନ୍ତେ ବାପ୍ତିସ୍ମ ନେବା ଆବଶ୍ୟକ । ପିତର ପ୍ରଚାର କଲେ, "ଆପଣମାନେ ମନପରିର୍ତ୍ତନ କରନ୍ତୁ, ଆଉ ନିଜ ନିଜ ପାପକ୍ଷମା ନିମନ୍ତେ ପ୍ରତ୍ୟେକ ଜଣ ଯୀଶୁଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହେଉନ୍ତୁ, ତାହାହେଲେ ଆପଣମାନେ ପବିତ୍ର ଆତ୍ମାଙ୍କର ଦାନ ପ୍ରାପ୍ତ ହେବେ । (ପ୍ରେରିତ ୨:୩୮)

୩. ବାପ୍ତିସ୍ମ ଆମ୍ଭମାନଙ୍କ ପାପରୁ ଆମ୍ଭମାନଙ୍କୁ ଧୌତ କରେ । ପାଉଲଙ୍କୁ ଏପରି କୁହାଯାଇଥିଲା, "ଆଉ ଏବେ ତୁମ୍ଭେ କାହିଁକି ବିଳମ୍ବ କରୁଅଛ ? ଉଠ, ବାପ୍ତିଜିତ ହୁଅ, ପୁଣି ତାହାଙ୍କ ନାମରେ ପ୍ରାର୍ଥନା କରି ଆପଣା ପାପସବୁ ଧୋଇପକାଅ ।" (ପ୍ରେରିତ ୨୨:୧୬)

୪. ବାପ୍ତିସ୍ମ, ଆମ୍ଭମାନଙ୍କୁ ଖ୍ରୀଷ୍ଟଙ୍କ ଠାରେ ରଖେ । ପାଉଲ ରୋମୀୟ ତଥା ଗାଲିତୀ ମଣ୍ଡଳୀକୁ ଏପରି ଲେଖନ୍ତି, "ଆମ୍ଭେମାନେ ଯେତେ ଲୋକ ଖ୍ରୀଷ୍ଟ ଯୀଶୁଙ୍କ ଠାରେ ବାପ୍ତିଜିତ ହୋଇଅଛୁ, ସମସ୍ତେ ଯେ ତାହାଙ୍କ ମରଣରେ ବାପ୍ତିଜିତ ହୋଇଅଛୁ, ଏହା କି ତୁମ୍ଭେମାନେ ଜାଣ ନାହିଁ ? (ରୋମୀ ୬:୩) "କାରଣ

ତୁମ୍ଭେମାନେ ସମସ୍ତେ ଯୀଶୁଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ ଦ୍ୱାରା ଈଶ୍ୱରଙ୍କ ସନ୍ତାନ ହୋଇଅଛ, ଯେଣୁ ତୁମ୍ଭେମାନେ ଯେତେ ଲୋକ ଖ୍ରୀଷ୍ଟଙ୍କ ଉଦ୍ଦେଶ୍ୟରେ ବାପ୍ତିଜିତ ହୋଇଅଛ, ତୁମ୍ଭେମାନେ ସମସ୍ତେ ଖ୍ରୀଷ୍ଟଙ୍କୁ ପରିଧାନ କରିଅଛ ।'' (ଗାଲାତୀ ୩:୨୬-୨୭) ବାପ୍ତିସ୍ମ ଗ୍ରହଣ କରିବା ପୂର୍ବରୁ ଯେଉଁମାନେ ପରିତ୍ରାଣ ପାଇଅଛନ୍ତି ବୋଲି ଦାବୀ କରନ୍ତି, ସେମାନେ ଖ୍ରୀଷ୍ଟଙ୍କ ବିନୁ ପରିତ୍ରାଣ ପାଇଅଛନ୍ତି ବୋଲି ସନ୍ତୋଷଭାବେ କହୁଅଛନ୍ତି ।

୫. ବାପ୍ତିସ୍ମ ଜଣକୁ ମଣ୍ଡଳୀରେ ପ୍ରବେଶ କରାଏ । ''ଯେଣୁ ଆମ୍ଭେମାନେ ଯିହୂଦୀ ହେଉ ବା ଗ୍ରୀକ୍ ହେଉ, ଦାସ ହେଉ ବା ସ୍ୱାଧୀନ ହେଉ, ସମସ୍ତେ ତ ଏକ ଆତ୍ମାଙ୍କ ଦ୍ୱାରା ଏକ ଶରୀର ହେବା ଉଦ୍ଦେଶ୍ୟରେ ବାପ୍ତିଜିତ ହୋଇଅଛୁ, ଆଉ ସମସ୍ତେ ଏକ ଆତ୍ମାରୁ ପାନ କରିଅଛୁ ।'' (୧ମ କରି ୧୨:୧୩) ଏଠାରେ କୁହାଯାଇଥିବା ଶରୀରର ଅର୍ଥ ମଣ୍ଡଳୀ (କଲ ୧:୧୮) ଆଉ ଏଠାରେ ବାପ୍ତିସ୍ମର ଅର୍ଥ ପବିତ୍ର ଆତ୍ମାଙ୍କ ବାପ୍ତିସ୍ମ ନୁହେଁ କିନ୍ତୁ ବୁଡନ । ଜଣକୁ ମଣ୍ଡଳୀରେ ପ୍ରବେଶ କରାଇବା ନିମନ୍ତେ ପବିତ୍ର ଆତ୍ମା ଦତ୍ତ ହୋଇ ନଥିଲେ । ବରଂ ଆତ୍ମାଙ୍କ ଦ୍ୱାରା ଚାଳିତ ହୋଇ ମନୁଷ୍ୟ ବାପ୍ତିସ୍ମ ଗ୍ରହଣ କରି ମଣ୍ଡଳୀରେ ପ୍ରବେଶ କରେ । ପବିତ୍ର ଆତ୍ମା ଈଶ୍ୱରଙ୍କ ବାକ୍ୟ ଦ୍ୱାରା ଆମ୍ଭମାନଙ୍କ ମଧ୍ୟରେ କାର୍ଯ୍ୟ କରନ୍ତି ।

୬. ବାପ୍ତିସ୍ମ ଆମ୍ଭମାନଙ୍କୁ ଖ୍ରୀଷ୍ଟଙ୍କ ମୃତ୍ୟୁ, ସମାଧି ଓ ପୁନରୁତ୍ଥାନ ଦେଖାଏ । (୧ମ କରି ୧୫:୧-୪) ଖ୍ରୀଷ୍ଟ କ୍ରୁଶରେ ମୃତ୍ୟୁ ଭୋଗିବା ସଦୃଶ୍ୟ ସେ ଜଳରେ ସମାଧିପ୍ରାପ୍ତ ହୁଏ । ପରେ ସେ ପ୍ରଭୁଙ୍କ ସହିତ ନୂତନଭାବେ ଉତ୍ଥାପିତ ହୁଏ । (୨ୟ କରିନ୍ଥୀ ୫:୧୭) ଯେପରି କି ଖ୍ରୀଷ୍ଟ ସମାଧି ଠାରୁ ଉତ୍ଥାପିତ ହେଲେ । (ରୋମୀ ୬:୧-୧୨)

ବାପ୍ତିସ୍ମ ଆମ୍ଭମାନଙ୍କୁ ନୂତନ ଜନ୍ମ ଦିଏ । ଖ୍ରୀଷ୍ଟ କହିଲେ,''ସତ୍ୟ ସତ୍ୟ

ମୁଁ ତୁମ୍ଭଙ୍କୁ କହୁଅଛି, ଜଳ ଓ ଆତ୍ମାରୁ ଜନ୍ମ ନ ହେଲେ କେହି ଈଶ୍ୱରଙ୍କ ରାଜ୍ୟରେ ପ୍ରବେଶ କରିପାରେ ନାହିଁ।'' (ଯୋହ ୩:୫) ଏଠାରେ ପବିତ୍ର ଆତ୍ମାର ବାପ୍ତିସ୍ମ ନୁହେଁ, କିନ୍ତୁ ଜଳରେ ବୁଡ଼ନ ନେବା । ପବିତ୍ର ଆତ୍ମା ବାକ୍ୟ ଦ୍ୱାରା ଆମ୍ଭମାନଙ୍କୁ ମଣ୍ଡଳୀରେ ପ୍ରବେଶ କରିବା ନିମନ୍ତେ ବାପ୍ତିସ୍ମ ଆବଶ୍ୟକ ବୋଲି ଶିକ୍ଷା ଦିଅନ୍ତି । (୨ୟ କରିନ୍ଥୀ ୫:୧୭ ଓ ୧ମ ପିତ ୧:୨୧-୨୨ ପଢ଼ନ୍ତୁ) ।

କେବଳ ବାପ୍ତିସ୍ମ ରକ୍ଷା କରିପାରେ ନାହିଁ କିନ୍ତୁ ପରିତ୍ରାଣ ପାଇବା ନିମନ୍ତେ ବାପ୍ତିସ୍ମ ନେବା ଆବଶ୍ୟକ । ଆପଣ କି ବାକ୍ୟାନୁଯାୟୀ ବାପ୍ତିସ୍ମ ଗ୍ରହଣ କରିଅଛନ୍ତି ? ଯଦି ନୁହେଁ ଆପଣ ଗ୍ରହଣ କରିବେ ବୋଲି ଆମର ପ୍ରାର୍ଥନା ।

## 23. କ୍ରୁଶ ଉପରେ ଚଢ଼ାଯାଇଥିବା ଡକାଇତ
## (The thief on the Cross)

କ୍ରୁଶ ଉପରେ ଚଢ଼ାଯାଇଥିବା ଡକାଇତର ଦୃଷ୍ଟାନ୍ତ, ବାଇବଲ ଏକ ଅତି ପରିଚିତ ଅଧ୍ୟାୟ ମଧ୍ୟରୁ ଗୋଟିଏ । ବିଶେଷ କରି, ଯେଉଁମାନେ ପରିତ୍ରାଣ ପ୍ରାପ୍ତି ନିମନ୍ତେ ବାପ୍ତିସ୍ମ ଆବଶ୍ୟକ ନାହିଁ ବୋଲି ମନେ କରନ୍ତି, ସେମାନେ ଏହି ଡକାଇତର ଉଦାହରଣ ଦିଅନ୍ତି । ''ଡକାଇତ ବିଷୟରେ କଅଣ'' ବୋଲି ପ୍ରଶ୍ନ କରନ୍ତି କିନ୍ତୁ ''ପ୍ରଭୁ ତା'ର ବିଷୟରେ କଅଣ କହିଥିଲେ'' ବୋଲି ପ୍ରଶ୍ନ କରନ୍ତି ନାହିଁ । ସେହି ଡକାଇତ ବାପ୍ତିସ୍ମ ଗ୍ରହଣ ନ କରି ପରିତ୍ରାଣ ପାଇଥିଲା ବୋଲି ସେମାନେ ଯୁକ୍ତି କରନ୍ତି । ନୂତନ ନିୟମରେ ଥିବା ସିଦ୍ଧାନ୍ତକୁ ପ୍ରମାଣ କରିବା ନିମନ୍ତେ ସେହି ଡକାଇତର ଉଦାହରଣ ନେବା ବହୁତ କଷ୍ଟକର ବିଷୟ । ସେମାନଙ୍କ

ଯୁକ୍ତିର ପ୍ରମାଣ ନିମନ୍ତେ ଏହି ଉଦାହରଣ ବିନା ଅନ୍ୟ କୌଣସି ନେଇ ପାରନ୍ତି ନାହିଁ । ଆପଣାର ନିଜ ପ୍ରଥା ସତ୍ୟ ବୋଲି ପ୍ରମାଣ କରିବା ନିମନ୍ତେ, ସେମାନେ ଗୋଟିଏ ଡକାଇତର ଉଦାହରଣ ନିଅନ୍ତି । କେତେ ଆଶ୍ଚର୍ଯ୍ୟମୟ ବିଷୟ ।

ଯେଉଁମାନେ ଆପଣାର ଯୁକ୍ତି ଏହି ଡକାଇତର ଉଦାହରଣ ଦ୍ୱାରା ପ୍ରମାଣ କରନ୍ତି, ସେମାନେ କେତୋଟି ବିଷୟରେ ମନୋଯୋଗ କରନ୍ତି ନାହିଁ ଯଥା - ସେହି ଡକାଇତ ବାପ୍ତିସ୍ମ ଗ୍ରହଣ କରିଥିଲା ବୋଲି ଆମେ ଯେପରି ପ୍ରମାଣ କରି ନପାରୁ, ସେହିପରି ସେହି ଡକାଇତ ବାପ୍ତିସ୍ମ ଗ୍ରହଣ କରିନଥିଲା ବୋଲି ମଧ୍ୟ ପ୍ରମାଣ କରି ନପାରୁ । ଲେଖାଯାଏ,''ଯେତେବେଳେ ଯିରୁଶାଲମ ଓ ସମଗ୍ର ଯିହୁଦା ପ୍ରଦେଶ ପୁଣି ଯର୍ଦ୍ଦନ ନିକଟବର୍ତ୍ତୀ ସମସ୍ତ ଅଞ୍ଚଳରେ ଲୋକମାନେ ବାହାରି ତାହାଙ୍କ ନିକଟକୁ ଆସିବାକୁ ଲାଗିଲେ, ଆଉ ଆପଣା ଆପଣା ପାପ ସ୍ୱୀକାର କରି ତାହାଙ୍କ ଦ୍ୱାରା ଯର୍ଦ୍ଦନ ନଦୀରେ ବାପ୍ତିଜିତ ହେଲେ ।'' (ମାଥି ୩:୫-୬) କେଜାଣି ସେହି ଡକାଇତ ଯୋହନ ଦ୍ୱାରା ବାପ୍ତିଜିତ ହୋଇ ଥାଇପାରେ । କିନ୍ତୁ ସେ ଯେ ଜଣେ ଡକାଇତ ଥିଲା ବୋଲି ଜଣେ ଯୁକ୍ତି କରିପାରେ । ତାହା ସତ୍ୟ, କିନ୍ତୁ କେତେକ ବାପ୍ତିସ୍ମ ପ୍ରାପ୍ତ ହୋଇ ମଧ୍ୟ ଡକାଇତ କର୍ମ କରନ୍ତି । ଏହି ଡକାଇତ ସେମାନଙ୍କ ମଧ୍ୟରୁ ଜଣେ ହୋଇ ଥାଇପାରେ । କିନ୍ତୁ ବିଷୟ ହେଲା ଜଣେ ବାପ୍ତିସ୍ମ ଗ୍ରହଣ କରିବା ବିନୁ ପରିତ୍ରାଣ ପାଇପାରେ ବୋଲି ଡକାଇତର ଉଦାହରଣ ନେବା ଯୁକ୍ତିଯୁକ୍ତ ବିଷୟ ନୁହେଁ ।

୨. ସେହି ଡକାଇତ ଖ୍ରୀଷ୍ଟଙ୍କ ସଦୃଶ୍ୟ ମୋଶାଙ୍କ ବ୍ୟବସ୍ଥାର ଅଧୀନରେ ଥିଲା । ସେହି ବ୍ୟବସ୍ଥା ଅଧୀନରେ ଖ୍ରୀଷ୍ଟ ଅନେକଙ୍କୁ ପାପ କ୍ଷମା ଦେଇଥିଲେ । ପାପକ୍ଷମା ଦେବାକୁ ତାହାଙ୍କର ଅଧିକାର ଥିଲା । ଡକାଇତ ରକ୍ଷାପ୍ରାପ୍ତ ହୋଇଥିଲା କି ନାହିଁ ମୁଁ ଆପଣଙ୍କ ସହିତ ଯୁକ୍ତି କରୁନାହିଁ । ହେଲେ ପ୍ରଶ୍ନ ହେଲା, ସେହି ଡକାଇତ କେଉଁ ବ୍ୟବସ୍ଥାଧିନ ଥିଲା ?

୩. ସେହି ଡକାଇତ ଖ୍ରୀଷ୍ଟ ମୃତ୍ୟୁ ଭୋଗିବା ପୂର୍ବ ସମୟର ଲୋକ ଥିଲେ । ସେ ଖ୍ରୀଷ୍ଟଙ୍କୁ ଆପଣା ରାଜ୍ୟରେ ମନେ ପକାଇବା ନିମନ୍ତେ ଅନୁରୋଧ

କରିବା ସମୟରେ, ଖ୍ରୀଷ୍ଟ ସେତେବେଳେ ଯାଏଁ ପାପୀମାନଙ୍କ ନିମନ୍ତେ ମୃତ୍ୟୁ ଭୋଗିନଥିଲେ । ତେବେ ସେହି ଡକାଇତର ଉଦାହରଣ ଆମ୍ଭମାନଙ୍କ ଜୀବନରେ କିପରି ନେଇ ପାରିବା ?

୪. ଖ୍ରୀଷ୍ଟ କ୍ରୁଶୀୟ ମୃତ୍ୟୁଭୋଗି, ନୂତନ ନିୟମକୁ ଆପଣା ରକ୍ତ ଦ୍ୱାରା ମୁଦ୍ରିତ କଲେ । ଯେପରି ଆମେ ପଢୁ, ''ଯେପରି ମୃତ୍ୟୁ ଘଟିଲେ ଉଇଲ୍ ବଳବତ୍ତର ହୁଏ, କାରଣ ଉଇଲ୍ କରିଥିବା ଲୋକ ଜୀବିତ ଥିବା ପର୍ଯ୍ୟନ୍ତ ତାହା କଦାପି କାର୍ଯ୍ୟକାରୀ ହୁଏ ନାହିଁ ।'' (ଏବ୍ରୀ ୯:୧୭) ତେଣୁ ଖ୍ରୀଷ୍ଟଙ୍କ ମୃତ୍ୟୁ ପୂର୍ବରୁ ସେ ''ତୁମର ସବୁ କ୍ଷମା କରାଗଲା'' ବୋଲି କହିବାକୁ ତାଙ୍କର ଅଧିକାର ଥିଲା । କିନ୍ତୁ ତାଙ୍କର ମୃତ୍ୟୁ ପରେ ତାଙ୍କର ଉଇଲ୍ କାର୍ଯ୍ୟକାରୀ ହେଲା । ସେ ପ୍ରେରିତମାନଙ୍କୁ କହିଲା ପରି ସେହି ଡକାଇତକୁ ମଧ୍ୟ ଏପରି କହିଥାଇପାରନ୍ତି, ''ପୁଣି ସେ ସେମାନଙ୍କୁ କହିଲେ, ତୁମ୍ଭେମାନେ ସମୁଦାୟ ଜଗତକୁ ଯାଇ ସମସ୍ତ ମାନବ ଜାତି ନିକଟରେ ସୁସମାଚାର ଘୋଷଣା କର । ଯେ ବିଶ୍ୱାସ କରି ବାପ୍ତିଜିତ ହୁଏ, ସେ ପରିତ୍ରାଣ ପାଇବ, କିନ୍ତୁ ଯେ ଅବିଶ୍ୱାସ କରେ ସେ ଦଣ୍ଡାଜ୍ଞା ପାଇବ ।'' (ମାର୍କ ୧୬:୧୫-୧୬) ଏହି ଆଜ୍ଞା ସେ କେବେ ସେମାନଙ୍କୁ ଦେଇଥିଲେ ? ମରଣ ପୂର୍ବରୁ ନା ପରେ ? ମୃତ୍ୟୁଭୋଗୀ ଉତ୍ଥାପିତ ହେବା ପରେ ବୋଲି ଆମେ ଜାଣୁ । ତେବେ ପ୍ରେରିତମାନେ କଅଣ ପ୍ରଚାର କଲେ ? ଯୀଶୁ ସେମାନଙ୍କୁ ଯେପରି ଆଜ୍ଞା ଦେଲେ ସେମାନେ ସେପରି ପ୍ରଚାର କଲେ । କିନ୍ତୁ ସେମାନଙ୍କ ପ୍ରଚାରରେ, ପରିତ୍ରାଣ ପ୍ରାପ୍ତି ନିମନ୍ତେ ଡକାଇତର ଉଦାହରଣ ନେଇ ପ୍ରଚାର କରି ନଥିଲେ । ପ୍ରେରିତମାନଙ୍କ କାର୍ଯ୍ୟର ପୁସ୍ତକରେ ଖ୍ରୀଷ୍ଟ ସେମାନଙ୍କୁ ଯେପରି ଆଜ୍ଞା କରିଥିଲେ ସେମାନେ ତାହାହିଁ ପ୍ରଚାର କରିଥିଲେ ବୋଲି ଜାଣିପାରୁ । ତା'ଫଳରେ ଲୋକେ ବିଶ୍ୱାସ କରି, ମନ ପରିବର୍ତ୍ତନ କରି, ଖ୍ରୀଷ୍ଟଙ୍କ ସ୍ୱୀକାର କରି ପାପକ୍ଷମା ନିମନ୍ତେ ବାପ୍ତିଜିତ ହୋଇଥିଲା ।

୫. ଖ୍ରୀଷ୍ଟଙ୍କ ଉଇଲ୍ ବଦଳାଯାଇ ନପାରେ । ଖ୍ରୀଷ୍ଟ ସେଥିରେ ଯାହା ରଖିଅଛନ୍ତି, ତାହାକୁ ସେ ଆପଣା ରକ୍ତ ଦ୍ୱାରା ମୁଦ୍ରିତ କରିଅଛନ୍ତି । (ପ୍ରକା

୨୨:୧୮, ୧୯, ଗାଲା ୧:୬-୯)

୬. ଖ୍ରୀଷ୍ଟଙ୍କ ଉଇଲ୍ ସରଳ ଓ ସହଜ । ଯେ ତାହାକୁ ବୁଝିବାକୁ ଇଚ୍ଛା କରେ, ସେ ବୁଝି ପାରିବ ଯେ ଅବୁଝା ହେବାକୁ ଇଚ୍ଛା କରେ, ତାକୁ କିଏ ବୁଝାଇ ପାରିବ ।

୭. ମୃତ୍ୟୁ ଶଯ୍ୟାରେ ଥିବା ବ୍ୟକ୍ତିର ପରିତ୍ରାଣ ନିମନ୍ତେ ଏହି ଡକାଇତର ଉଦାହରଣ ଆମେ ନେଇପାରିବା ନାହିଁ । ସେହି ଡକାଇତ ବ୍ୟବସ୍ଥାଧୀନ ଥିବାରୁ, ସେ ବ୍ୟବସ୍ଥାନୁଯାୟୀ ବିଚାରିତ ହେବ । ଆପଣ ଖ୍ରୀଷ୍ଟଙ୍କ ବ୍ୟବସ୍ଥାର ଅଧୀନରେ ଥିବାରୁ, ଆପଣ ଖ୍ରୀଷ୍ଟଙ୍କ ବ୍ୟବସ୍ଥାନୁଯାୟୀ ବିଚାରିତ ହେବେ । ବାପ୍ତିସ୍ମ ବିନା କୌଣସି ଏକ ମାର୍ଗ ଦ୍ୱାରା ମନୁଷ୍ୟ ପରିତ୍ରାଣ ପାଇ ପାରିବ ବୋଲି ସେମାନେ ଯୁକ୍ତ କଲେ ହେଁ, ଖ୍ରୀଷ୍ଟଙ୍କ ମୃତ୍ୟୁ ପରେ ବାପ୍ତିସ୍ମ ବିନୁ କେହି ପରିତ୍ରାଣ ପାଇବାର ଉଦାହରଣ ଆମ୍ଭେମାନେ ବାଇବଲରେ ପାଇ ନପାରୁ । ଆମ୍ଭେ ଜାଣୁ ଯେ,"ଯେ ବିଶ୍ୱାସ କରି ବାପ୍ତିଜିତ ହୁଏ ସେ ପରିତ୍ରାଣ ପାଇବ, କିନ୍ତୁ ଯେ ଅବିଶ୍ୱାସ କରେ ସେ ଦଣ୍ଡାଜ୍ଞା ପାଇବ ।" (ମାର୍କ ୧୬:୧୬) ମୁଁ ଅନେକ ଥର ବାଇବଲ ପାଠ କଲେ ସୁଦ୍ଧା, ଏହି ବାକ୍ୟଠାରୁ ଭିନ୍ନ ଅର୍ଥ ହେଉଥିବା ବାକ୍ୟ ମୁଁ କେଉଁଠାରେ ପାଇପାରି ନାହିଁ । ପରିତ୍ରାଣ ପ୍ରାପ୍ତ ହେବା ନିମନ୍ତେ ପ୍ରଭୁ ଯାହା ଆଜ୍ଞା କରିଅଛନ୍ତି, ତାହା ପାଳନ କରି, ସେ ଦେଇଥିବା ପ୍ରତିଜ୍ଞା ଦ୍ୱାରା ମନୁଷ୍ୟ ପରିତ୍ରାଣ ପ୍ରାପ୍ତ ହୁଏ ।

କେବଳ ବାପ୍ତିସ୍ମ ପରିତ୍ରାଣ ପ୍ରାପ୍ତି ନିମନ୍ତେ ଆବଶ୍ୟକ ବୋଲି ଆମ୍ଭେମାନେ ପ୍ରଚାର କରୁ ନାହିଁ । କୌଣସି ଏକ ବିଷୟ ପରିତ୍ରାଣ ଦିଏ ନାହିଁ । କିନ୍ତୁ ଖ୍ରୀଷ୍ଟ ଯେପରି ଆଜ୍ଞା କରିଅଛନ୍ତି ତାହାର ଆଜ୍ଞାବହ ହେବା ଆବଶ୍ୟକ । ସେହି ଆଜ୍ଞାଗୁଡ଼ିକରୁ ବାପ୍ତିସ୍ମ ଅନ୍ୟତମ । ଅନ୍ୟ ଆଜ୍ଞାଗୁଡ଼ିକ ହେଲା ବିଶ୍ୱାସ ଓ ମନପରିବର୍ତ୍ତନ ।

# 24. ଶିଶୁ ବାପ୍ତିସ୍ମ
## (The infant Baptism)

ଶିଶୁ ବାପ୍ତିସ୍ମ ଖ୍ରୀଷ୍ଟଧର୍ମରେ ଏକ ସୁପରିଚିତ ପ୍ରଥା । କିନ୍ତୁ ବାଇବଲରେ ଏହି ପ୍ରଥା ବିଷୟରେ କୌଣସି ସ୍ଥାନରେ ଲେଖାଯାଏ ନାହିଁ । ଈଶ୍ଵରଙ୍କ ବାକ୍ୟ ଲିଖିତ ହେବାର ଅନେକ ବର୍ଷ ପରେ, ଏହି ପ୍ରଥା ଆରମ୍ଭ ହୋଇଥିଲା । ଆରିଜେନ୍ (Origen) ନାମକ ଇତିହାସ ଲେଖକ ପ୍ରଥମେ ଶିଶୁ ବାପ୍ତିସ୍ମ ବିଷୟରେ ଶିକ୍ଷା ଦେବାର ଦେଖିପାଉ । ଷଷ୍ଠ ଶତାବ୍ଦୀରେ, କାଥଲିକ ମଣ୍ଡଳୀ ସ୍ଥାପିତ ହେବା ପରେ, ଏହି ପ୍ରଥା ସେମାନେ ଅବଲମ୍ବନ କରିବାକୁ ଲାଗିଲେ । ଅନେକ ବର୍ଷ ପରେ ଛିଞ୍ଚା ବାପ୍ତିସ୍ମ, ପ୍ରକୃତ ବାପ୍ତିସ୍ମର ସ୍ଥାନ ହେଲା ଯାହା କି ମଣ୍ଡଳୀକୁ ବିଭକ୍ତ କରିଥିଲା । ଯେଉଁମାନେ ଛିଞ୍ଚା ବାପ୍ତିସ୍ମ ଅଙ୍ଗୀକାର କରିଥିଲେ ଏବଂ ଏବେ ପର୍ଯ୍ୟନ୍ତ କରି ଆସୁଅଛନ୍ତି, ସେମାନେ ରୋମାନ୍ କାଥଲିକ୍ ବୋଲି ପରିଚିତ ହେଲେ । ଯେଉଁମାନେ ସେ ସମୟରେ ସେହି ପ୍ରଥାକୁ ଅଙ୍ଗୀକାର କରି ନଥିଲେ, ସେମାନେ ଗ୍ରୀକ୍ ଆର୍‌ଥୋଡୋକସ୍ କାଥଲିକ ମଣ୍ଡଳୀ (Greek Orthodox Catholic Church) ବୋଲି ଖ୍ୟାତ ।

ପ୍ରତ୍ୟେକ ମନୁଷ୍ୟ ଆଦିମ ପାପ (Original Sin) ସହିତ ଜାତ ବୋଲି ମନୋଭାବ ଉପରେ ଏହି ଶିଶୁ ବାପ୍ତିସ୍ମ ଉଦ୍ଭାବନ ହୋଇଥିଲା । ଆଦମଙ୍କର ପାପ ସହିତ ପ୍ରତ୍ୟେକ ଶିଶୁ ଜାତ ହୁଏ ବୋଲି ଶିକ୍ଷା ଦିଆଯାଉଥିଲା । ମନୁଷ୍ୟ ପାପର ପ୍ରତିଫଳ ପାଇବା ବିଷୟ ସତ୍ୟ, କିନ୍ତୁ ଜଣେ ମନୁଷ୍ୟର ପାପର ପ୍ରତିଫଳ ଅନ୍ୟ ମନୁଷ୍ୟ ଉପରେ ପଡ଼େ ନାହିଁ (୧ମ ଯୋହ ୩:୯) ଅନୁଯାୟୀ "ବ୍ୟବସ୍ଥା ଲଂଘନ ହିଁ ପାପ" ତେବେ ଶିଶୁ କି ବ୍ୟବସ୍ଥା ଲଂଘନ କରିପାରେ ? ଶିଶୁକୁ ବ୍ୟବସ୍ଥା ବିଷୟକ ଜ୍ଞାନ ନଥାଏ । ଭାବବାଦୀ ଯିହିଜିକଲ କହନ୍ତି, "ଯେଉଁ ପ୍ରାଣୀ ପାପ କରେ ସେହି ମରିବ, ପୁତ୍ର ପିତାର ପାପର ଅଧର୍ମର ଭାର ରହିବ ନାହିଁ,

ଧାର୍ମିକର ଧାର୍ମିକତା ତାହାରି ଉପରେ ବର୍ତ୍ତିତ ଓ ଦୁଷ୍ଟର ଦୁଷ୍ଟତା ତାହାରି ଉପରେ ବର୍ତ୍ତିବ ।'' (ଯିହିଜ୍କି ୧୮:୨୦)

ଯୀଶୁ କହିଲେ,''ମୁଁ ତୁମ୍ଭମାନଙ୍କୁ ସତ୍ୟ କହୁଅଛି, ତୁମ୍ଭେମାନେ ଫେରି ସାନ ପିଲାଙ୍କ ପରି ନ ହେଲେ କୌଣସି ପ୍ରକାରେ ସ୍ୱର୍ଗରାଜ୍ୟରେ ପ୍ରବେଶ କରିବ ନାହିଁ ।'' (ମାଥି ୧୮:୧୩) ''କିନ୍ତୁ ଯୀଶୁ କହିଲେ, ଶିଶୁମାନଙ୍କୁ ଛାଡ଼ିଦିଅ, ସେମାନଙ୍କୁ ମୋ' ନିକଟକୁ ଆସିବାକୁ ମନା କର ନାହିଁ, କାରଣ ସ୍ୱର୍ଗରାଜ୍ୟ ଏହି ପ୍ରକାର ଲୋକମାନଙ୍କର ।'' (ମାଥି ୧୯:୧୪) ପ୍ରଭୁ ଏଠାରେ ଶିଶୁମାନଙ୍କୁ ଶୁଦ୍ଧ, ପବିତ୍ର ଓ ପାପ ରହିତ ବୋଲି ବର୍ଣ୍ଣନା କରନ୍ତି । ସେମାନେ ଯଦି ପାପୀ ଓ ଅପବିତ୍ର ହୁଅନ୍ତେ, ଈଶ୍ୱରଙ୍କ ରାଜ୍ୟରେ ପ୍ରବେଶ କରିବା ନିମନ୍ତେ ଶିଶୁ ସଦୃଶ୍ୟ ହେବା ଆବଶ୍ୟକ ବୋଲି ଯୀଶୁ କହି ନଥାନ୍ତେ । ପୁନର୍ବାର ସେମାନେ ଯଦି ପାପୀ ହୁଅନ୍ତେ, 'ସ୍ୱର୍ଗରାଜ୍ୟ ଏପରି ଲୋକମାନଙ୍କର' ବୋଲି କହି ନଥାନ୍ତେ ।

ଶିଶୁ ପାପ ରହିତ ହୋଇ ଏହି ଜଗତରେ ଜନ୍ମ ନିଏ । ସେ ଯଦିଓ ପାପରେ ପରିପୂର୍ଣ୍ଣ ଜଗତରେ ଜନ୍ମ ନିଏ ଓ ପାପର ପ୍ରତିଫଳ ପାଏ, ତଥାପି ସେ ଜନ୍ମ ନେବାବେଳେ ସେ ନିର୍ଦ୍ଦୋଷୀ । ଭଲ ଓ ମନ୍ଦ ଜାଣିବାରେ ବୟସ ଆସିବା ପର୍ଯ୍ୟନ୍ତ ସେ ସେହିପରି ପାପରହିତ ହୋଇଥାଏ । ଭଲ ଓ ମନ୍ଦର ଜ୍ଞାନ ଆସିବା ପରେ ସେ ନିଜ କର୍ମ ବିଷୟରେ ନିଜେ ଦାୟୀ ହୁଏ । ସେତେବେଳେ ମନୁଷ୍ୟ ଈଶ୍ୱରଙ୍କ ଆଜ୍ଞାବହ ହେବା ଆବଶ୍ୟକ ।

ଈଶ୍ୱରଙ୍କ ବାକ୍ୟରେ ବର୍ଣ୍ଣିତ ରକ୍ଷାର ମାର୍ଗ କେବଳ ବୟସ ପ୍ରାପ୍ତ ମନୁଷ୍ୟମାନଙ୍କ ନିମନ୍ତେ ଲିଖିତ ହୋଇଅଛି । ଶିଶୁମାନଙ୍କ ନିମନ୍ତେ ଈଶ୍ୱରଙ୍କର କୌଣସି ରକ୍ଷାର ମାର୍ଗ ନାହିଁ । ସେମାନେ ପାପରହିତ ତେଣୁ ଈଶ୍ୱରଙ୍କ ଦୃଷ୍ଟିରେ ନିର୍ଦ୍ଦୋଷ । ସେମାନେ ଶିଶୁ ଅବସ୍ଥାରେ ମୃତ୍ୟୁ ଭୋଗିଲେ, ଈଶ୍ୱରଙ୍କ ନିକଟରେ ଯିବେ । ଦାଉଦଙ୍କ ସନ୍ତାନ ମରିଯିବା ପରେ ସେ କହିଲେ, ସେହି ସନ୍ତାନ ତାଙ୍କ

ସହିତ ବାସ କରିବା ନିମନ୍ତେ ଫେରି ଆସିବେ ନାହିଁ କିନ୍ତୁ ସେ (ଦାଉଦ) ସେହି ସନ୍ତାନ ନିକଟକୁ ଯିବେ ।

ଜଣକର ଆତ୍ମାର ନିମନ୍ତେ, ଅନ୍ୟ ଜଣେ (ଯଦିଓ ମାତା ବା ପିତା) କିପରି ନିର୍ଣ୍ଣୟ ନେଇପାରିବେ ? ଯେଉଁ ବିଷୟରେ ସେ ଅଜ୍ଞାତ, ତା'ଠାରୁ ସେ କିପରି ଲାଭ ଉଠାଇପାରେ ? ପ୍ରଭୁ ତାଙ୍କର ଇଚ୍ଛା ସତ୍ୟ ମଣି (ମାଥି ୧୮:୧୯, ରୋମୀ ୧୦:୧୭), ହୃଦୟ ସହ ବିଶ୍ୱାସ କରି (ରୋମୀ ୧୦:୧୦), ଏବ୍ରୀ ୧୧:୬), ଆପଣା ମୁଖର ସ୍ୱୀକାର କରି (ରୋମୀ ୧୦:୧୦, ମାଥି ୧୦:୩୨), ବାପ୍ତିଜିତ ହେବା ନିମନ୍ତେ ବୟଃପ୍ରାପ୍ତ ବ୍ୟକ୍ତିମାନଙ୍କ ନିମନ୍ତେ ପ୍ରକାଶ କରନ୍ତି । ଜଣେ ଶିଶୁ କି ଏହିସବୁ କାର୍ଯ୍ୟ କରିପାରେ ? ଶିଶୁ କି ପ୍ରାର୍ଥନା କରିପାରେ ? ପ୍ରଭୁଭୋଜରେ କି ସହଭାଗୀ ହୋଇପାରେ ? ଅନ୍ୟମାନଙ୍କୁ ଈଶ୍ୱରଙ୍କ ବିଷୟରେ କି ଶିକ୍ଷା ଦେଇପାରିବ ? ଶିଶୁ ଏହି ସମସ୍ତ କାର୍ଯ୍ୟ କରି ନପାରେ ଯଦିଓ ଜଣେ ଖ୍ରୀଷ୍ଟିୟାନ ଏହି ସମସ୍ତ କାର୍ଯ୍ୟ କରିବା ଆବଶ୍ୟକ । ତେଣୁ କରି, ଈଶ୍ୱରଙ୍କ ଆଜ୍ଞାଗୁଡ଼ିକ ଶିଶୁମାନଙ୍କପ୍ରତି ନୁହେଁ, କିନ୍ତୁ ଭଲ ଓ ମନ୍ଦର ପ୍ରଭେଦ ଜାଣି ପାରିବା ବୟଃପ୍ରାପ୍ତ ବ୍ୟକ୍ତିମାନଙ୍କର ନିମନ୍ତେ ।

ଶେଷରେ, ଶିଶୁ ବାପ୍ତିସ୍ମ ପ୍ରକୃତ ବାପ୍ତିସ୍ମ ନୁହେଁ । ଯଦିଓ ଅନେକ ଲୋକଙ୍କ ସାକ୍ଷାତରେ ଜଳ ଛିଞ୍ଚା ବା ଢ଼ଳା ଯାଇଥାଏ, ତଥାପି ଏହା ବାପ୍ତିସ୍ମ ନୁହେଁ । ସର୍ବପ୍ରଥମେ, ବାପ୍ତିସ୍ମ ଏକ ସମାଧି ସ୍ୱରୂପ । ପ୍ରେରିତ ପାଉଲ କହନ୍ତି,"ତୁମ୍ଭେମାନେ ବାପ୍ତିସ୍ମରେ ତାହାଙ୍କ ସହିତ ସମାଧିପ୍ରାପ୍ତ ହୋଇ, ଯେଉଁ ଈଶ୍ୱର ତାହାଙ୍କୁ ମୃତମାନଙ୍କ ମଧ୍ୟରୁ ଉଠାଇଲେ, ତାହାଙ୍କ କାର୍ଯ୍ୟସାଧକ ଶକ୍ତିରେ ବିଶ୍ୱାସ କରି ଖ୍ରୀଷ୍ଟଙ୍କ ସହିତ ମଧ୍ୟ ଉତ୍‌ଥାପିତ ହୋଇଅଛି ।" (କଲ ୨:୧୨) "ଆମ୍ଭେମାନେ ଯେତେ ଲୋକ ଖ୍ରୀଷ୍ଟ ଯୀଶୁଙ୍କ ଠାରେ ବାପ୍ତିଜିତ ହୋଇଅଛୁଁ, ଏହା କି ତୁମ୍ଭେମାନେ ଜାଣ ନାହିଁ ?" (ରୋମୀ ୬:୩-୪) ପ୍ରେରିତ ୮ମ ଅଧ୍ୟାୟରେ ଫିଲିପ ସେହି ନପୁଂସକକୁ ଜଳ ଭିତରକୁ ନେଇଯିବାର ଦୃଷ୍ଟାନ୍ତ

ପଢ଼ିପାରୁ । ସେ ତାହାଙ୍କୁ ଜଳରେ ବୁଡାଇ ନେଇଯିବାର ଦୃଷ୍ଟାନ୍ତ ପଢ଼ିପାରୁ । ସେ ତାହାଙ୍କୁ ଜଳରେ ବୁଡାଇ ବାପ୍ତିସ୍ମ ଦେଇଥିଲେ । ଦ୍ୱିତୀୟ, ବାପ୍ତିସ୍ମ ସଠିକ୍ ଉଦ୍ଦେଶ୍ୟ ସହ ଗ୍ରହଣ କରିବା ଆବଶ୍ୟକ । ଖ୍ରୀଷ୍ଟଙ୍କ ଶିକ୍ଷାନୁଯାୟୀ ଜଣେ ବିଶ୍ୱାସ କରି ବାପ୍ତିସ୍ମ ନେବା ଆବଶ୍ୟକ । (ମାର୍କ ୬:୧୬) ପିତର ଜନସମୂହକୁ ମନପରିବର୍ତ୍ତନ କରି, ପାପକ୍ଷମା ନିମନ୍ତେ ବାପ୍ତିସ୍ମ ନେବା ନିମନ୍ତେ କହିଲେ । (ପ୍ରେରି ୨:୩୮) ଏହି ବାପ୍ତିସ୍ମ ପିତା, ପୁତ୍ର ଓ ପବିତ୍ର ଆତ୍ମାଙ୍କ ନାମରେ ଦେବା ଆବଶ୍ୟକ ବୋଲି ଯୀଶୁ (ମାଥି ୨୮:୧୯)ରେ କହନ୍ତି । ଶେଷରେ, କେବଳ ଏକମାତ୍ର ବାପ୍ତିସ୍ମ ଅଛି । ବାପ୍ତିସ୍ମ ଆମ୍ଭମାନଙ୍କୁ ଖ୍ରୀଷ୍ଟଙ୍କ ଠାରେ ତଥା ମଣ୍ଡଳୀରେ ପ୍ରବେଶ କରାଏ (ଗାଲା ୩:୨୬-୨୭, ୧ମ କରି ୧୨:୧୩)

ଶିଶୁମାନ ବାପ୍ତିଜିତ ହେବା ଆବଶ୍ୟକ ନାହିଁ, କିନ୍ତୁ ସେମାନଙ୍କ ପିତାମାତା ଈଶ୍ୱରଙ୍କ ଆଜ୍ଞାବହ ହେବା ଆବଶ୍ୟକ । ଆପଣ କି ବାକ୍ୟାନୁଯାୟୀ ବାପ୍ତିସ୍ମ ଗ୍ରହଣ କରିଅଛନ୍ତି ?

## 25. ଜଣେ ପୁନର୍ବାର ବାପ୍ତିସ୍ମ ନେବା ଆବଶ୍ୟକ କି ?

### (Should one be Baptized again ?)

ପରିତ୍ରାଣ ପ୍ରାପ୍ତି ନିମନ୍ତେ ଜଣେ ବାପ୍ତିସ୍ମ ଗ୍ରହଣ କରିବା ଆବଶ୍ୟକ ବୋଲି ବାଇବଲ ଶିକ୍ଷା ଦିଏ । ଏହାର ଅନେକ କାରଣ ଅଛି । ବାପ୍ତିସ୍ମ ରକ୍ଷା କରେ (୧ମ ପି ୩:୨୧), ପାପକ୍ଷମା ଦିଏ (ପ୍ରେରି ୨:୩୮), ଆମ୍ଭମାନଙ୍କୁ ଖ୍ରୀଷ୍ଟଙ୍କ ଠାରେ ରଖେ (୧ମ କରି ୧୨:୧୩) ଶାସ୍ତ୍ରନୁଯାୟୀ କେବଳ ଏକମାତ୍ର ବାପ୍ତିସ୍ମ ଅଛି । (ଏଫି ୨:୫) ତେବେ ପ୍ରଶ୍ନ ହେଲା, ଜଣେ ଥରେ ବାପ୍ତିସ୍ମ ନେବା ପରେ ଆଉ ଥରେ ବାପ୍ତିସ୍ମ ନେବା ଆବଶ୍ୟକ କି ?

ଜଣେ ଶାସ୍ତ୍ରନୁଯାୟୀ ଥରେ ବାପ୍ତିସ୍ମ ଗ୍ରହଣ କରିଥିଲେ, ଆଉ ଥରେ ବାପ୍ତିସ୍ମ ନେବା ଆବଶ୍ୟକ ନାହିଁ । ଦ୍ୱିତୀୟ ଥର ବାପ୍ତିସ୍ମ ନେବା ଆବଶ୍ୟକତା କେବେ ମଧ୍ୟ ପଡ଼େ ନାହିଁ । ଶାସ୍ତ୍ରନୁଯାୟୀ ମନୁଷ୍ୟ ଥରେ ମାତ୍ର ବାପ୍ତିସ୍ମ ଗ୍ରହଣ କରେ ।

କିନ୍ତୁ ପ୍ରଶ୍ନ ହେଲା, ଜଣେ ବାକ୍ୟାନୁଯାୟୀ ବାପ୍ତିସ୍ମ ଗ୍ରହଣ କରିଅଛି କି ନାହିଁ, ପ୍ରଥମେ ଜାଣିବା ଆବଶ୍ୟକ । ଅଗଣିତ ଲୋକ ବାପ୍ତିସ୍ମ ଗ୍ରହଣ କରିଅଛୁ ବୋଲି ମନେ କରନ୍ତି, କିନ୍ତୁ ପ୍ରକୃତରେ ଗ୍ରହଣ କରି ନାହାନ୍ତି । କେତୋଟି ଉଦାହରଣ ଦେଖିବା :-

୧. ଯେଉଁମାନେ ଶିଶୁ ଅବସ୍ଥାରେ ଛିଞ୍ଚା ବାପ୍ତିସ୍ମ ଗ୍ରହଣ କରିଅଛନ୍ତି, ସେମାନେ ପ୍ରକୃତରେ ବାପ୍ତିଜିତ ନୁହନ୍ତି । ପ୍ରଥମେ ଛିଞ୍ଚା ବାପ୍ତିସ୍ମ, ପ୍ରକୃତ ବାପ୍ତିସ୍ମ ନୁହେଁ । ଏହା ଏକ ମନୁଷ୍ୟମାନଙ୍କ ପ୍ରଥା କିନ୍ତୁ ବାକ୍ୟାନୁସାରେ ନୁହେଁ । ଅନ୍ୟ ପକ୍ଷରେ ବାପ୍ତିସ୍ମ ଏକ ଜଳରେ ସମାଧିସ୍ୱରୂପ ବୋଲି ଶିକ୍ଷା ଦିଏ । (କଲ ୨:୧୨, ରୋମୀ ୬:୩-୪, ପ୍ରେରିତ ୮:୨୬-୩୯) ଦ୍ୱିତୀୟରେ, ବାଇବଲ ଶିଶୁ ଅବସ୍ଥାରେ ବାପ୍ତିସ୍ମ ନେବା ନିମନ୍ତେ ତଥା ପାପକ୍ଷମା ନିମନ୍ତେ, ବାପ୍ତିଜିତ ହେବା ନିମନ୍ତେ ବୟସ ପ୍ରାପ୍ତ ବ୍ୟକ୍ତି ହେବା ଆବଶ୍ୟକ । (ରୋମୀ ୧୦:୧୭, ଯୋହ ୩:୧୬, ପ୍ରେରି ୧୭:୩୦, ମାଥି ୧୦:୩୨, ପ୍ରେରି ୨:୩୮) ତେଣୁ ଯେ କୌଣସି ଦୃଷ୍ଟି କୋଣରୁ ଦେଖିଲେ ମଧ୍ୟ ଶିଶୁ ବାପ୍ତିସ୍ମ ପ୍ରକୃତ ବାପ୍ତିସ୍ମ ନୁହେଁ ବୋଲି ଜାଣିପାରୁ । ତେଣୁ କରି ଯୀଶୁଙ୍କ ଆଜ୍ଞା ପ୍ରକାରେ ସେ ପୁନର୍ବାର ବାପ୍ତିଜିତ ହେବା ଆବଶ୍ୟକ । (ମାର୍କ ୧୬:୧୫-୧୬)

ଦ୍ୱିତୀୟରେ, ଯେଉଁମାନେ ବୟସପ୍ରାପ୍ତ ହୋଇ ଛିଞ୍ଚା ବାପ୍ତିସ୍ମ ଗ୍ରହଣ କରନ୍ତି, ସେମାନେ ପ୍ରକୃତରେ ବାପ୍ତିଜିତ ନୁହନ୍ତି । ଛିଞ୍ଚା ବାପ୍ତିସ୍ମ, ପ୍ରକୃତ ବାପ୍ତିସ୍ମ ନୁହେଁ ବୋଲି ଆମେ ଜାଣି ପାରିଅଛୁ, ଛିଞ୍ଚା ବାପ୍ତିସ୍ମକୁ ପ୍ରକୃତ ବାପ୍ତିସ୍ମ ବୋଲି

କେହି ବାକ୍ୟାନୁଯାୟୀ ପ୍ରମାଣ କରି ନ ପାରେ । କୌଣସି ଶବ୍ଦକୋଷ ବାପ୍ତିସ୍ମର ଅର୍ଥ ଛିଞ୍ଚିବା ବା ଢ଼ାଳିବା ବୋଲି ଅର୍ଥ ଦିଏ ନାହିଁ । ଯୀଶୁ କହିଲେ, ସମସ୍ତ ଶକ୍ତି ଓ ଅଧିକାର ତାହାଙ୍କୁ ପ୍ରଦତ୍ତ ହୋଇଅଛି । ମାଥି ୨୮:୧୮-୨୦ ସେ ଛିଞ୍ଚା ବା ଢ଼ାଳିବା ବାପ୍ତିସ୍ମ ବିଷୟରେ ଆଜ୍ଞା କରି ନାହାନ୍ତି, କିନ୍ତୁ ଲୋକେ ଈଶ୍ୱରଙ୍କ ଆଜ୍ଞାନୁଯାୟୀ ବାପ୍ତିସ୍ମ ଗ୍ରହଣ ନ କରି ବରଂ ମନୁଷ୍ୟମାନଙ୍କ ପ୍ରଥା ଅନୁସରଣ କରନ୍ତି । ସେମାନେ ବାକ୍ୟାନୁସାରେ ବାପ୍ତିଜିତ ନୁହନ୍ତି । ତେଣୁ ସେମାନେ ବାକ୍ୟାନୁସାରେ ବାପ୍ତିଜିତ ହେବା ଆବଶ୍ୟକ ।

୩. ତୃତୀୟରେ, ଯେଉଁମାନେ କୌଣସି ଖ୍ରୀଷ୍ଟିୟ ମତଶାଖା ସମ୍ବନ୍ଧୀୟ ମଣ୍ଡଳୀର ସଭ୍ୟ ହେବା ନିମନ୍ତେ ଡୁବନ ଗ୍ରହଣ କରନ୍ତି, ସେମାନେ ବାକ୍ୟାନୁସାରେ ବାପ୍ତିଜିତ ନୁହନ୍ତି । ଯଦିଓ ବାପ୍ତିସ୍ମ ଜଳରେ ସମାଧିସ୍ୱରୂପ, ତଥାପି ଏହା ସଠିକ୍ ଉଦ୍ଦେଶ୍ୟରେ ତଥା ପିତା, ପୁତ୍ର ଓ ପବିତ୍ର ଆତ୍ମାଙ୍କ ନାମରେ ଗ୍ରହଣ କରିବା ଆବଶ୍ୟକ । (ମାଥିଉ ୧୮:୧୯-୨୦) ବାକ୍ୟାନୁସାରେ ବାପ୍ତିଜିତ ବ୍ୟକ୍ତି, ମନୁଷ୍ୟ ସ୍ଥାପିତ ମଣ୍ଡଳୀର ସଭ୍ୟ ନ ହୋଇ ବରଂ ଈଶ୍ୱରଙ୍କ ଦ୍ୱାରା ତାହାଙ୍କ ନିଜ ମଣ୍ଡଳୀରେ ସଂଯୋଗ କରାଯାଏ । ଯେଉଁମାନେ ଖ୍ରୀଷ୍ଟିୟ ମତଶାଖା ସମ୍ବନ୍ଧୀୟ ସଭ୍ୟତା ଲାଭ କରିବା ଡୁବନ ନିଅନ୍ତି ସେମାନେ ବାକ୍ୟାନୁସାରେ ପୁନର୍ବାର ବାପ୍ତିଜିତ ହେବା ଆବଶ୍ୟକ । ତେବେ ଯାଇ ସେ ପ୍ରକୃତରେ ବାପ୍ତିଜିତ ।

ତେଣୁକରି ବାପ୍ତିସ୍ମ ଏକ ମୁଖ୍ୟ ବିଷୟ ଓ ସଠିକ୍ ଉଦ୍ଦେଶ୍ୟ ସହ ଗ୍ରହଣ କରିବା ଆବଶ୍ୟକ । ତା ନହେଲେ ସେ ପ୍ରକୃତରେ ବାପ୍ତିଜିତ ନୁହେଁ । ଅନେକେ ବାପ୍ତିଜିତ ହୋଇଅଛନ୍ତି ବୋଲି ମନେ କରନ୍ତି, କିନ୍ତୁ, ସେମାନେ ବାକ୍ୟାନୁସାରେ ବାପ୍ତିଜିତ ନୁହନ୍ତି । ମାତ୍ର ଯେତେବେଳେ ସେମାନେ ନିଜ ଭୁଲ ଜାଣି ପାରନ୍ତି ଏବଂ ସେମାନେ ବାକ୍ୟାନୁସାରେ ବାପ୍ତିଜିତ ହେବାକୁ ଇଚ୍ଛା କରନ୍ତି, ତେବେ ଯାଇ ସେମାନେ ପ୍ରକୃତରେ ବାପ୍ତିଜିତ । ଏହିପରି ଏକ ଘଟଣା ପ୍ରେରିତ ୧୯ ଅଧ୍ୟାୟରେ ପଢ଼ିପାରୁ ।

ଆପଣ କି ବାକ୍ୟାନୁସାରେ ବାପ୍ତିଜିତ ? ଯଦି ନୁହେଁ ତେବେ "ଆଉ ଏବେ ତୁମେ କାହିଁକି ବିଳମ୍ବ କରୁଅଛ ? ଉଠ, ବାପ୍ତିଜିତ ହୁଅ, ପୁଣି ତାହାଙ୍କ ନାମରେ ପ୍ରାର୍ଥନା କରି ଆପଣା ପାପସବୁ ଧୋଇ ପକାଅ ।" (ପ୍ରେରି ୨୨:୧୬)।

## 26. ବିଶ୍ୱାସ ଦ୍ୱାରା ପରିତ୍ରାଣ
## (Salvation by faith)

ବିଶ୍ୱାସ ଦ୍ୱାରା ଆମ୍ଭେମାନେ ପରିତ୍ରାଣ ପାଇପାରୁ ବୋଲି ବାଇବଲ ଶିକ୍ଷା ଦିଏ । ଅନ୍ୟପକ୍ଷରେ କହିବାକୁ ଗଲେ, ଆମ୍ଭେମାନେ ବିଶ୍ୱାସ ଦ୍ୱାରା ଧାର୍ମିକଗଣିତ ହେଉଁ । ଯେପରି କି ପ୍ରେରିତ ପାଉଲ କହନ୍ତି,"ତେବେ ଆମ୍ଭମାନଙ୍କ ମୀମାଂସା ଏହି, ମନୁଷ୍ୟ ବ୍ୟବସ୍ଥାର କ୍ରିୟାକର୍ମ ବ୍ୟତୀତ ବିଶ୍ୱାସ ଦ୍ୱାରା ଧାର୍ମିକଗଣିତ ହୁଏ ।" (ରୋମୀୟ ୩:୨୮) ଏଠାରେ ବ୍ୟବସ୍ଥାର ଅର୍ଥ ମୋଶାଙ୍କର ବ୍ୟବସ୍ଥା । ପୁନର୍ବାର ସେ କହନ୍ତି,"ଅତଏବ ବିଶ୍ୱାସ ଦ୍ୱାରା ଧାର୍ମିକଗଣିତ ହୋଇଥିବାରୁ ଆମ୍ଭେମାନେ ଆମ୍ଭମାନଙ୍କ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ଈଶ୍ୱରଙ୍କ ସହିତ ଶାନ୍ତିରେ ଅଛୁଁ ।" (ରୋମୀ ୫:୧) ଏହି ପ୍ରକାର ଅନେକ ଉଦାହରଣ ଦ୍ୱାରା ଆମ୍ଭେମାନେ ଜାଣିପାରୁ ଯେ, ଆମ୍ଭେମାନେ ବିଶ୍ୱାସ ଦ୍ୱାରା ପରିତ୍ରାଣ ପାଇପାରୁ ।

ଯଦିଓ ଆମ୍ଭେମାନେ ବିଶ୍ୱାସ ଦ୍ୱାରା ପରିତ୍ରାଣ ମିଳେ ବୋଲି ପ୍ରଚାର କରୁ, ତଥାପି ପରିତ୍ରାଣ ଦ୍ୱାରା ବିଶ୍ୱାସ ମିଳେ ବୋଲି ପ୍ରଚାର କରୁନାହିଁ, ଅନେକ ବିଶ୍ୱାସ ଦ୍ୱାରା ପରିତ୍ରାଣ ବୋଲି କହି, ବିଶ୍ୱାସ ବୋଲି ପଦ ପୂର୍ବେ 'କେବଳ'

ବୋଲି ପଦ ଯୋଗ କରି 'କେବଳ ବିଶ୍ୱାସ ଦ୍ୱାରା ପରିତ୍ରାଣ ମିଳେ' ବୋଲି ମନେ କରନ୍ତି । କିନ୍ତୁ ପ୍ରକୃତରେ କେବଳ ବିଶ୍ୱାସ ଦ୍ୱାରା ଧାର୍ମିକ ଗଣିତ ନହୋଇ କର୍ମ ଦ୍ୱାରା ଯେ ଧାର୍ମିକ ଗଣିତ ହୁଏ ଏହା ତୁମ୍ଭେମାନେ ଦେଖୁଅଛ ।'' (ଯାକୁ ୨:୨୪)

ଯଦି ପରିତ୍ରାଣ କେବଳ ବିଶ୍ୱାସ ଦ୍ୱାରା ପ୍ରାପ୍ତ ନ ହେଉଁ, ତେବେ ପରିତ୍ରାଣ ବିଶ୍ୱାସ ଦ୍ୱାରା ମିଳେ ବୋଲି କିପରି ବାକ୍ୟରେ ଲେଖାଯାଏ ? ପ୍ରକୃତରେ ବିଶ୍ୱାସର ଅର୍ଥ କେବଳ ଯୀଶୁଖ୍ରୀଷ୍ଟଙ୍କ ଈଶ୍ୱରଙ୍କ ପୁତ୍ର ବୋଲି ଗ୍ରହଣ କରିବା ନୁହେଁ, କିନ୍ତୁ ତା'ଠାରୁ ଅଧିକ ସେଗୁଡ଼ିକ ହେଲା, ଈଶ୍ୱରଙ୍କ ବାକ୍ୟାନୁଯାୟୀ ଚାଲିବା, ତାଙ୍କ ଇଚ୍ଛା ସଫଳ କରିବା, ତାଙ୍କର ସେବା କରିବା, ତାଙ୍କର ଆଜ୍ଞା ସଫଳ କରିବା, ତାଙ୍କର ଆଜ୍ଞାବହ ହେବା ପ୍ରଭୃତି । ଏହି ସମସ୍ତ ବିଷୟ ବିଶ୍ୱାସରେ ଅନ୍ତର୍ଭୁକ୍ତ । ଈଶ୍ୱର ଆମ୍ଭମାନଙ୍କୁ ପରିତାଣ ପ୍ରଦାନ କରିଅଛନ୍ତି, ଆମ୍ଭମାନଙ୍କୁ ତାହା ବିଶ୍ୱାସ ଓ ଆଜ୍ଞାବହ ହୋଇ ଗ୍ରହଣ କରିବା ଆବଶ୍ୟକ । ପରିତ୍ରାଣ ପାଇବା ନିମନ୍ତେ ଈଶ୍ୱର ଆଜ୍ଞା କରିଥିବା ସମସ୍ତ ଆଜ୍ଞା ପାଳନ କରିବା ପରେ ମଧ ପରିତ୍ରାଣ ଆମ୍ଭେମାନେ ବିଶ୍ୱାସ ଓ ଈଶ୍ୱରଙ୍କ ଅନୁଗ୍ରହ ଦ୍ୱାରା ପାଇପାରୁ ।

ତାହା କିପରି କାର୍ଯ୍ୟ କରେ, ବାକ୍ୟ ଦ୍ୱାରା ବିଶ୍ଳେଷଣ କରିବା ଯେପରି କି (ଯୋହ ୩:୧୬) ରେ ଲେଖାଯାଏ,''କାରଣ ଈଶ୍ୱର ଜଗତକୁ ଏଡ଼େ ପ୍ରେମ କଲେ ଯେ, ସେ ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଦାନ କଲେ, ଯେପରି ଯେ କେହି ତାହାଙ୍କ ଠାରେ ବିଶ୍ୱାସ କରେ, ସେ ବିନିଷ୍ଟ ନହୋଇ ଅନନ୍ତ ଜୀବନ ପ୍ରାପ୍ତ ହୁଏ ।'' ତାହାଙ୍କ ଠାରେ ବିଶ୍ୱାସ କରିବା ଲୋକେ ବିନିଷ୍ଟ ନହୋଇ ଅନନ୍ତ ଜୀବନ ପାଇବେ ବୋଲି ଲିଖିତ ହୋଇଅଛି ବୋଲି ଅନେକ ପ୍ରଶ୍ନ କରିପାରନ୍ତି । ତାହା ଠିକ୍ କିନ୍ତୁ ''କେବଳ ବିଶ୍ୱାସ କରିବା ଦ୍ୱାରା'' ବୋଲି ଲିଖିତ ହୋଇନାହିଁ । ''କାହାଠାରେ ବିଶ୍ୱାସ କରିବା ଆବଶ୍ୟକ ?'' ବୋଲି ପ୍ରଶ୍ନ ଉଠେ । 'ଯୀଶୁଙ୍କ ଠାରେ ବିଶ୍ୱାସ କରନ୍ତି ? ଯଦି ଆପଣ ତାହାଙ୍କ ଠାରେ ବିଶ୍ୱାସ କରନ୍ତି, ସେ

ଆଜ୍ଞା କରିଥିବା ଆଜ୍ଞା ସମସ୍ତ ପାଳନ କରିବା ଆବଶ୍ୟକ । କାରଣ ବିଶ୍ୱାସ କର୍ମ ବିନା ମୃତ ।

ଯୋହନ ୩:୧୬ରେ ଲେଖାଯାଏ 'ଯେ ପୁତ୍ରଙ୍କ ଠାରେ ବିଶ୍ୱାସ କରେ, ସେ ଅନନ୍ତ ଜୀବନ ପ୍ରାପ୍ତ ହୋଇଅଛି, ମାତ୍ର ଯେ ପୁତ୍ରଙ୍କୁ ଅମାନ୍ୟ କରେ, ସେ ଜୀବନ ଦେଖିବ ନାହିଁ କିନ୍ତୁ ସେ କ୍ରୋଧର ପାତ୍ର ହୋଇ ରହିଥାଏ ।'' ଏଠାରେ 'କେବଳ ବିଶ୍ୱାସ ଦ୍ୱାରା' ବୋଲି ଲେଖାଯାଏ ନାହିଁ । ଶେଷ ଭାଗରେ, ଅବିଶ୍ୱାସୀମାନଙ୍କ ଦଶା କଅଣ ଲେଖାଯାଏ ନାହିଁ । ଯେଉଁମାନେ ଯୀଶୁଙ୍କ ଅମାନ୍ୟ କରନ୍ତି, ସେମାନେ ଜୀବନ ଦେଖିବେ ନାହିଁ । କିମ୍ବା ଯେଉଁମାନେ ଯୀଶୁଙ୍କ ଠାରେ ବିଶ୍ୱାସରେ ଆଜ୍ଞାବହ ହୁଅନ୍ତି ସେମାନେ ଅନନ୍ତ ଜୀବନ ପ୍ରାପ୍ତ ହେବେ, କିନ୍ତୁ ଯେଉଁମାନେ ଅବିଶ୍ୱାସୀ ଓ ଆଜ୍ଞାବହ ନୁହନ୍ତି ସେମାନେ ଜୀବନ ଦେଖି ପାରିବେ ନାହିଁ ।

ରୋମୀ ୧୦:୧୯ରେ ଲେଖାଯାଏ,''ଯେଣୁ ତୁମ୍ଭେ ଯଦି ମୁଖରେ ଯୀଶୁଙ୍କୁ ପ୍ରଭୁ ବୋଲି ସ୍ୱୀକାର କରିବ, ଆଉ ଈଶ୍ୱର ତାହାଙ୍କୁ ମୃତମାନଙ୍କ ଠାରୁ ଉଠାଇ ଅଛନ୍ତି ବୋଲି ହୃଦୟରେ ବିଶ୍ୱାସ କରିବ, ତେବେ ପରିତ୍ରାଣପ୍ରାପ୍ତ ହେବ ।'' ଏହାର ଉପର ବାକ୍ୟରେ ବିଶ୍ୱାସ ତଥା ସ୍ୱୀକାର ପରିତ୍ରାଣ ନିମନ୍ତେ ଆବଶ୍ୟକ ବୋଲି ଲେଖାଯାଏ । ଯେ କେହି ଏପରି ବିଶ୍ୱାସ କରି ସ୍ୱୀକାର କରେ, ସେ କି ତାହାଙ୍କ ଆଜ୍ଞା ସବୁ ପାଳନ କରି ପାରିବ ନାହିଁ ? (ପ୍ରେରି ୮:୨୬-୩୯)ରେ ନପୁଂସକଙ୍କର ଉଦାହରଣ ଆମେ ପଢ଼ିପାରିବା । ଏଠାରେ ଫିଲିପ ନପୁଂସକଙ୍କୁ ଖ୍ରୀଷ୍ଟଙ୍କ ବିଷୟରେ ପ୍ରଚାର କରିବା ପରେ ସେମାନେ ଗୋଟିଏ ଜଳାଶୟର ନିକଟବର୍ତ୍ତୀ ହେଲେ । ସେତେବେଳେ ନପୁଂସକ କହିଲେ,''ଏଠାରେ ତ ଜଳ ଅଛି ମୋହର ବାପ୍ତିଜିତ ହେବା ନିମନ୍ତେ କଅଣ ବାଧା ଅଛି ?'' ଫିଲିପ କହିଲେ,''ଆପଣ ସମସ୍ତ ଅନ୍ତଃକରଣ ସହିତ ଯଦି ବିଶ୍ୱାସ କରନ୍ତି, ତାହା ହେଲେ ହୋଇପାର ସେଥିରେ ସେ ଉତ୍ତର ଦେଲେ ଯୀଶୁଖ୍ରୀଷ୍ଟ ଯେ ଈଶ୍ୱରଙ୍କ ପୁତ୍ର ଏହା

ମୁଁ ବିଶ୍ୱାସ କରୁଅଛି । ପୁଣି ସେ ରଥ ଠିଆ ହେବାକୁ ଆଜ୍ଞା ଦେଲେ, ଆଉ ଫିଲିପ ତାହାଙ୍କୁ ବାପ୍ତିସ୍ମ ଦେଲେ । ଏଠାରେ ନପୁଂସକ କଅଣ କରିଥିଲେ ? ସେ ହୃଦୟ ସହ ବିଶ୍ୱାସ କରି ଖ୍ରୀଷ୍ଟଙ୍କୁ ଈଶ୍ୱରଙ୍କ ପୁତ୍ର ବୋଲି ସ୍ୱୀକାର କରି, ତାହାଙ୍କ ଆଜ୍ଞାକାରୀ ହୋଇଥିଲେ । ତେଣୁ ସେ ପରିତ୍ରାଣ ପାଇଥିଲେ ।

ପ୍ରେରିତ ୧୬:୩୧ରେ କାରାରକ୍ଷକକୁ ପାଉଲ କହିଲେ,''ପ୍ରଭୁ ଯୀଶୁଙ୍କ ଠାରେ ବିଶ୍ୱାସ କଲେ, ତାହା ହେଲେ ତୁମ୍ଭେ ସପରିବାରେ ପରିତ୍ରାଣ ପାଇବ ।'' ସେ କାରାରକ୍ଷକ ଜଣେ ବିଜାତି ଥିଲେ । ତେଣୁ ସେ ପ୍ରଥମେ ଯୀଶୁଙ୍କ ଠାରେ ବିଶ୍ୱାସ କରିବା ଆବଶ୍ୟକ ଥିଲା । ତାହାଙ୍କ ଠାରେ ବିଶ୍ୱାସ ଜାତ ହେବା ନିମନ୍ତେ ପାଉଲ ଓ ଶୀଲା ତାହାଙ୍କୁ ଈଶ୍ୱରଙ୍କ ବାକ୍ୟ ପ୍ରଚାର କରିଥିଲେ । (ରୋମୀ ୧୦:୧୭) ତାହାଙ୍କ ଠାରେ ବିଶ୍ୱାସ ଜାତ ହେବା ପରେ ସେ ପାଉଲ ଓ ଶୀଲାଙ୍କ କ୍ଷତ ସବୁ ଧୋଇ ଦେଲେ । ପରେ ମନ ପରିବର୍ତ୍ତନ କରି ତାହାଙ୍କ ପରିବାର ସହିତ ବାପ୍ତିଜିତ ହେଲେ ।

ବାପ୍ତିସ୍ମ ବିଷୟରେ ଯୀଶୁ କହିଲେ,''ଯେ ବିଶ୍ୱାସ କରି ବାପ୍ତିଜିତ ହୁଏ ସେ ପରିତ୍ରାଣ ପାଇବ, କିନ୍ତୁ ଯେ ଅବିଶ୍ୱାସ କରେ ସେ ଦଣ୍ଡାଜ୍ଞା ପାଇବ । (ମାର୍କ ୧୬:୧୬) ପିତର ଜନସମୂହକୁ କହିଲେ,''ଆପଣମାନେ ମନ ପରିବର୍ତ୍ତନ କରନ୍ତୁ, ଆଉ ନିଜ ନିଜ ପାପକ୍ଷମା ନିମନ୍ତେ ପ୍ରତ୍ୟେକ ଜଣ ଯୀଶୁଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହେଉନ୍ତୁ ।'' (ପ୍ରେରିତ ୨:୩୮) ପ୍ରଭୁ କି ଥରେ କେବଳ ବିଶ୍ୱାସ ଦ୍ୱାରା ପରିତ୍ରାଣ ପାଇବ ବୋଲି କହି, ଆଉ ଥରେ ଆଜ୍ଞାବହ ହେବା ଆବଶ୍ୟକ ବୋଲି କହିଥିଲେ ? କେବେ ନୁହେଁ । ବିଶ୍ୱାସୀ ଆପଣା କର୍ମ ଦ୍ୱାରା ଆପଣା ବିଶ୍ୱାସର ପ୍ରମାଣ ଦିଏ । ବାଇବଲ ଇତିହାସରେ ବିଶ୍ୱାସରେ ଜୀବନ କାଟିବା ବ୍ୟକ୍ତିମାନଙ୍କ ଦୃଷ୍ଟାନ୍ତ ଏବ୍ରୀ ୧୧ମ ଅଧ୍ୟାୟରେ ପଢ଼ିପାରୁ ।

ଏହି ଅଧ୍ୟାୟ ଶେଷ ହେବା ପୂର୍ବରୁ ''ଆପଣଙ୍କ କେଢ଼େ ବିଶ୍ୱାସ

ଅଛି ?'' ଏହି ପ୍ରଶ୍ନ ଯୀଶୁ ଥରେ ପଚାରିଥିଲେ ଆଉ ତୁମ୍ଭେମାନେ କାହିଁକି ମୋତେ ପ୍ରଭୁ, ପ୍ରଭୁ ବୋଲି ସମ୍ବୋଧନ କରୁଅଛ, ମାତ୍ର ମୋହର ବାକ୍ୟ ପାଳନ କରୁ ନାହଁ ?'' (ଲୁକ ୬:୪୬) ଆପଣ ଯଦି କେବଳ ବିଶ୍ୱାସ ଦ୍ୱାରା ପରିତ୍ରାଣ ପାଇପାରିବେ ବୋଲି ମନେ କରୁଅଛନ୍ତି, ତେବେ ଯୀଶୁ ଆପଣଙ୍କୁ ସେହି ସମାନ ପ୍ରଶ୍ନ ପଚାରୁଅଛନ୍ତି । ବାକ୍ୟଗୁଡ଼ିକରେ ଯୋଗ ବିଯୋଗ କରି ତାହାର ଭିନ୍ନ ଅର୍ଥ କାଢ଼ନ୍ତୁ ନାହିଁ । ବାକ୍ୟାନୁସାରେ ନଥିବା କୌଣସି ସିଦ୍ଧାନ୍ତ ଅନୁସରଣ କର ନାହିଁ । ପ୍ରଭୁଙ୍କ ଠାରେ ବିଶ୍ୱାସ କରି ତାହାଙ୍କ ଆଜ୍ଞା ପାଳନ କରିବା ଦ୍ୱାରା ଆପଣ ପରିତ୍ରାଣ ପାଇପାରିବେ ।

## 27. ନୂତନ ନିୟମର ଏକତା
## (New Testament Unity)

ଆଜି ଜଗତରେ ଖ୍ରୀଷ୍ଟଧର୍ମ ବିଭିନ୍ନ ଭାଗରେ ବିଭକ୍ତ । କାଥଲିକ, ପ୍ରଟେଷ୍ଟାଣ୍ଟ ଭିନ୍ନ ଭିନ୍ନ ମତଶାଖା-ସମ୍ବନ୍ଧୀୟ ମଣ୍ଡଳୀୟ ପ୍ରଭୃତି ସେଗୁଡ଼ିକ ମଧ୍ୟରୁ କେତୋଟି । ଏହି ସମସ୍ତ ଶାଖାଗୁଡ଼ିକ ଏକ ପ୍ରଭୁଙ୍କର ସେବା କରୁଅଛନ୍ତି । ଆପଣା ଆପଣା ମଧ୍ୟରେ ଥିବା ଭୁଲଗୁଡ଼ିକ ସେମାନେ ଏବେ ବୁଝିପାରୁଅଛନ୍ତି । ତେଣୁକରି, ସମସ୍ତଙ୍କ ମଧ୍ୟରେ ଏକତା ଆଣିବା ନିମନ୍ତେ ଚେଷ୍ଟା ଚାଲୁଅଛି । ଏକତା ନିମନ୍ତେ ଏହିସବୁ ଶାଖାଗୁଡ଼ିକର ନେତାମାନେ ଏକ ସାଧାରଣ ମାର୍ଗ ଖୋଜୁଅଛନ୍ତି । ସେମାନେ ଆପଣା ଆପଣା ପ୍ରମାଣ ପୁସ୍ତକ (Creed Book), ସ୍ୱାତନ୍ତ୍ର୍ୟ ବିଶ୍ୱାସ, ସିଦ୍ଧାନ୍ତ, ପ୍ରଥା ପ୍ରଭୃତି ପରିତ୍ୟାଗ କରି ବାଇବଲର ବାକ୍ୟାନୁସାରେ ଆଚରଣ ନ କଲେ ଏହି ଏକତା ଅସମ୍ଭବ । ମନୁଷ୍ୟକଳ୍ପିତ

ପ୍ରଥାଗୁଡ଼ିକ ପରିତ୍ୟାଗ କରି, ବାଇବଲ ବାକ୍ୟାନୁସାରେ ଚାଲିଲେ, ପ୍ରକୃତ ଏକତା ଆସିପାରିବ ।

ଈଶ୍ୱର ବିଭକ୍ତି ଓ ବିଶୃଙ୍ଖଳା, ଘୃଣା କରନ୍ତି । ଏହାର ଉଦାହରଣ ଆମ୍ଭେମାନେ ବାକ୍ୟରେ ପଢ଼ିପାରିବା । କରିନ୍ଥୀରେ ଯେତେବେଳେ ବିଭକ୍ତି ଆସିଥିଲା, ପାଉଲ ସେମାନଙ୍କୁ ଏପରି ଲେଖନ୍ତି,"ହେ ଭାଇମାନେ, ଆମ୍ଭମାନଙ୍କ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ନାମରେ ମୁଁ ତୁମ୍ଭମାନଙ୍କୁ ଅନୁରୋଧ କରୁଅଛି, ଯେପରି ତୁମ୍ଭେମାନେ ସମସ୍ତେ ଏକ କଥା କୁହ । ଆଉ ତୁମ୍ଭମାନଙ୍କ ମଧ୍ୟରେ ଦଳଭେଦ ନ ହୁଏ କିନ୍ତୁ ତୁମ୍ଭେମାନେ ଏକ ମନରେ ଓ ଏକ ବିଚାରରେ ସମ୍ମିଳିତ ହୁଅ । କାରଣ, ହେ ମୋହର ଭାଇମାନେ, କ୍ଲୟୀଙ୍କ ପରିଜନମାନଙ୍କ ଠାରୁ ତୁମ୍ଭମାନଙ୍କ ସମ୍ବନ୍ଧରେ ମୋ ନିକଟରେ ଏହା ପ୍ରକାଶ ପାଇଅଛି ଯେ, ତୁମ୍ଭମାନଙ୍କ ମଧ୍ୟରେ ବାଦବିବାଦ ଅଛି । ମୋ କଥାରେ ଭାବ ଏହି, ତୁମ୍ଭମାନଙ୍କ ମଧ୍ୟରୁ କେହି କେହି କହନ୍ତି, ମୁଁ ପାଉଲଙ୍କର, କେହି କେହି କହନ୍ତି, ମୁଁ ଆପଲ୍ଲଙ୍କର, କେହି କେହି କହନ୍ତି,ମୁଁ କେଫାଙ୍କର, ଆଉ କେହି କେହି କହନ୍ତି, ମୁଁ ଖ୍ରୀଷ୍ଟଙ୍କର । ଖ୍ରୀଷ୍ଟ କି ବିଭକ୍ତ ହୋଇଅଛନ୍ତି ? ତୁମ୍ଭମାନଙ୍କ ନିମନ୍ତେ କି ପାଉଲ କ୍ରୁଶରେ ହତ ହୋଇଥିଲା ? କାଳେ ତୁମ୍ଭେମାନେ ମୋହର ନାମରେ ବାପ୍ତିଜିତ ହୋଇଅଛ ବୋଲି କହି କହିବ, ଏଥିପାଇଁ ମୋହର ନାମରେ ବାପ୍ତିଜିତ ହୋଇଅଛ ବୋଲି କେହି କହିବ, ଏଥିପାଇଁ କ୍ରୀଷ୍ପ ଓ ଗାୟ ବିନା ତୁମ୍ଭମାନଙ୍କ ମଧ୍ୟରେ ଆଉ କାହାରିକି ବାପ୍ତିସ୍ମ ଦେଇ ନାହିଁ ବୋଲି ମୁଁ ଈଶ୍ୱରଙ୍କୁ ଧନ୍ୟବାଦ ଦିଏଁ । ଆଉ ସ୍ତିଫାନଙ୍କ ପରିଜନଙ୍କୁ ମଧ୍ୟ ବାପ୍ତିସ୍ମ ଦେଇଅଛି, ଏହା ଛଡ଼ା ମୁଁ ଆଉ କାହାରିକି ବାପ୍ତିସ୍ମ ଦେବା ନିମନ୍ତେ ମୋତେ ପ୍ରେରଣ କଲେ ନାହିଁ, ମାତ୍ର ସୁସମାଚାର ପ୍ରଚାର କରିବା ନିମନ୍ତେ ପ୍ରେରଣ କଲେ, ତାହା ମଧ୍ୟ ବାକ୍ୟାଡ଼ମ୍ବରେ ନୁହେଁ, କାଳେ ଖ୍ରୀଷ୍ଟଙ୍କ କ୍ରୁଶ ବ୍ୟର୍ଥ ହୁଏ ।" (୧ମ କରି ୧:୧୦-୧୭)

ଏଠାରେ ପାଉଲ ଏକତ୍ରରେ ରହିବା ନିମନ୍ତେ ଅନୁରୋଧ କରୁଅଛନ୍ତି ।

ସେମାନଙ୍କ ମୂଢ଼ତାର ଦୋଷ ଦେଖାଇବା ନିମନ୍ତେ ସେ ଏଠାରେ ତିନୋଟି ପ୍ରଶ୍ନ ଦେଖାଉଛନ୍ତି । ପ୍ରଥମ ପ୍ରଶ୍ନ "ଖ୍ରୀଷ୍ଟ କି ବିଭକ୍ତ ହୋଇଅଛନ୍ତି ?" ସେ ବିଭକ୍ତ ହୋଇ ନାହାନ୍ତି ବୋଲି ସେମାନେ ଜାଣିଥିଲେ । ୨ୟ ପ୍ରଶ୍ନ "ତୁମ୍ଭମାନଙ୍କ ନିମନ୍ତେ ପାଉଲ କି କ୍ରୁଶରେ ହତ ହୋଇଥିଲେ ?" ଏଠାରେ ମଧ୍ୟ ଖ୍ରୀଷ୍ଟ ଯେ ସେମାନଙ୍କ ନିମନ୍ତେ କ୍ରୁଶରେ ହତ ହୋଇଥିଲେ ଏହା ସେମାନେ ଜାଣିଥିଲେ । ଶେଷ ପ୍ରଶ୍ନ "ତୁମ୍ଭେମାନେ କି ପାଉଲ ନାମରେ ବାପ୍ତିଜିତ ହୋଇଥିଲ ?" ସେମାନେ ପାଉଲ ନାମରେ ବାପ୍ତିଜିତ ନ ହୋଇ ଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହୋଇଥିଲେ । ତେଣୁକରି, ସେମାନେ ଖ୍ରୀଷ୍ଟଙ୍କ ଠାରେ ଏକ ହୋଇ ରହିବା ଆବଶ୍ୟକ ବୋଲି ସେ କରିନ୍ଥୀୟମାନଙ୍କୁ ସରଳଭାବେ ବୁଝାଇ ଦେଇଅଛନ୍ତି ।

କରିନ୍ଥରେ ଥିବା ପରିସ୍ଥିତି ଯୋଗୁଁ, ସେ କେବଳ ଅଳ୍ପ ଲୋକକୁ ହିଁ ବାପ୍ତିସ୍ମ ଦେଇଅଛନ୍ତି ବୋଲି ସନ୍ତୋଷ ବ୍ୟକ୍ତ କରିଅଛନ୍ତି । ତାହା ନହେଲେ ସେମାନେ ପାଉଲ ନାମରେ ଆମ୍ଭେମାନେ ବାପ୍ତିସ୍ମ ଗ୍ରହଣ କରିଅଛୁଁ ବୋଲି କହିଥାନ୍ତେ । ଏହି ବିଷୟ ମନରେ ରଖି ମୁଁ ବାପ୍ତିସ୍ମ ଦେବା ନିମନ୍ତେ ପ୍ରେରଣ ନହୋଇ ବରଂ ସୁସମାଚାର ପ୍ରଚାର ନିମନ୍ତେ ପ୍ରେରିତ ହୋଇଅଛି ବୋଲି କହିଅଛନ୍ତି । ସ୍ୱାଭାବିକ ଭାବେ, ଶ୍ରବଣକାରୀମାନେ କେତେକ ତାଙ୍କର ନିଜ ହସ୍ତରେ ଓ କେତେକ ଅନ୍ୟମାନଙ୍କ ହସ୍ତର ବାପ୍ତିସ୍ମ ଗ୍ରହଣ କରିଥିଲେ । ଏଠାରେ ପାଉଲ ବାପ୍ତିସ୍ମ ବିରୁଦ୍ଧରେ ଯୁକ୍ତି କରୁନାହାନ୍ତି । ତା'ହେଲେ ସେ କାହାରିକୁ ବାପ୍ତିସ୍ମ ଦେଇ ନଥାନ୍ତେ । କିନ୍ତୁ ଏହି ପରିସ୍ଥିତିରେ କେବଳ ଅଳ୍ପଲୋକଙ୍କୁ ନିଜ ହାତରେ ବାପ୍ତିସ୍ମ ଦେଇଥିବାରୁ ସନ୍ତୋଷ ବ୍ୟକ୍ତ କରିଅଛନ୍ତି ।

ରୋମୀୟ ୧୬:୧୭-୧୮ରେ ପାଉଲ କହନ୍ତି, "ଭାଇମାନେ ତୁମ୍ଭେମାନେ ଯେଉଁ ଶିକ୍ଷା ପାଇଅଛ, ସେଥିର ବିପରୀତ ଯେଉଁମାନେ ଦଳଭେଦଓ ବିଘ୍ନର କାରଣ ଘଟାନ୍ତି, ସେମାନଙ୍କୁ ଚିହ୍ନି ରଖି ସେମାନଙ୍କ ଠାରୁ ପୃଥକ ରହିବା ପାଇଁ ମୁଁ ତୁମ୍ଭମାନଙ୍କୁ ଅନୁରୋଧ କରୁଅଛି, କାରଣ ଏହିପରି ଲୋକ ଆମ୍ଭମାନଙ୍କର

ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କର ଦାସ ନୁହନ୍ତି, କିନ୍ତୁ ଆପଣା ଆପଣା ଉଦରର ଦାସ ଅଟନ୍ତି, ପୁଣି ମିଷ୍ଟବାକ୍ୟ ଓ ଚାଟୁଭାଷାରେ ସରଳ ହୃଦୟ ଲୋକଙ୍କର ମନ ଭୁଲାନ୍ତି ।'' ଏଠାରେ ପାଉଲ ଦଳଭେଦ ସୃଷ୍ଟି କରିବା ଲୋକଙ୍କୁ ଚିହ୍ନି ରଖି ସେମାନଙ୍କ ଠାରୁ ପୃଥକ ରହିବା ନିମନ୍ତେ ଅନୁରୋଧ କରିଅଛନ୍ତି କାହିଁକି ? କାରଣ ସେମାନେ ପ୍ରଭୁ ଯୀଶୁଙ୍କ ପ୍ରକୃତ ଦାସ ନୁହନ୍ତି । ସେମାନେ ମିଷ୍ଟଭାଷା କହି ସରଳ ହୃଦୟ ଲୋକଙ୍କର ମନ ଭୁଲାନ୍ତି । ଅନ୍ୟ ପକ୍ଷରେ, ସେମାନଙ୍କୁ ଦଣ୍ଡଦେବା ନିମନ୍ତେ ବା ପ୍ରଶଂସା କରିବା ନିମନ୍ତେ, କିମ୍ବା ସହ୍ୟ କରିବା ନିମନ୍ତେ ମଧ୍ୟ କହି ନାହାନ୍ତି । ଏହି ବାକ୍ୟ ସପକ୍ଷରେ ଏପରି ଅନେକ ବାକ୍ୟଗୁଡ଼ିକ ଆମ୍ଭମାନଙ୍କ ବାଇବଲରେ ପାଇପାରିବା । ତେଣୁକରି, ଯେଉଁମାନେ ପ୍ରଚାର କରୁଅଛନ୍ତି ସେମାନଙ୍କ ମଧ୍ୟରେ ସମସ୍ତ ଈଶ୍ୱରଙ୍କ ବାକ୍ୟାନୁସାରେ ପ୍ରଚାର କରୁ ନାହାନ୍ତି, କିମ୍ବା ଯେଉଁମାନେ ଶିକ୍ଷା ଦେଉଅଛନ୍ତି, ସେମାନେ ସମସ୍ତେ ଈଶ୍ୱରଙ୍କ ଇଚ୍ଛାନୁସାରେ ଶିକ୍ଷା ଦେଉ ନାହାନ୍ତି ବୋଲି ଆମ୍ଭମାନଙ୍କର ମନେ ରଖିବା ଉଚିତ ।

ଖ୍ରୀଷ୍ଟ ଏକତା ନିମନ୍ତେ ପ୍ରାର୍ଥନା କରିଥିଲେ । ଏକତାର ଅର୍ଥ ଏକତ୍ୱ, ପରିପୂର୍ଣ୍ଣତା ବା ସମ୍ପୂର୍ଣ୍ଣତା । ସେ କହିଲେ, ''ମୁଁ କେବଳ ଏମାନଙ୍କ ନିମନ୍ତେ ପ୍ରାର୍ଥନା କରୁ ନାହିଁ, ମାତ୍ର ଏମାନଙ୍କ ବାକ୍ୟ ଦ୍ୱାରା ଯେଉଁମାନେ ମୋ' ଠାରେ ବିଶ୍ୱାସ କରନ୍ତି, ସେମାନଙ୍କ ନିମନ୍ତେ ସୁଦ୍ଧା ପ୍ରାର୍ଥନା କରୁଅଛି, ଯେପରି ସେମାନେ ସମସ୍ତେ ଏକ ହୁଅନ୍ତି, ହେ ପିତା, ତୁମ୍ଭେ ଯେ ପ୍ରକାରେ ମୋ' ଠାରେ ଅଛ ଓ ମୁଁ ତୁମ୍ଭଠାରେ ଅଛି, ସେମାନେ ମଧ୍ୟ ସେ ପ୍ରକାରେ ଆମ୍ଭମାନଙ୍କ ଠାରେ ରହନ୍ତୁ, ଯେପରି ତୁମ୍ଭେ ମୋତେ ପ୍ରେରଣ କଲ ବୋଲି ଜଗତ ବିଶ୍ୱାସ କରେ ।'' (ଯୋହ ୧୭:୨୦-୨୧) ଏଠାରେ ଖ୍ରୀଷ୍ଟ ପ୍ରେରିତମାନଙ୍କ ନିମନ୍ତେ ତଥା ପ୍ରେରିତମାନଙ୍କ ଶିକ୍ଷା ଦ୍ୱାରା ଯେଉଁମାନେ ତାହାଙ୍କ ଠାରେ ବିଶ୍ୱାସ କରିବେ ସେମାନଙ୍କ ନିମନ୍ତେ ମଧ୍ୟ ପ୍ରାର୍ଥନା କରୁଅଛନ୍ତି । ତତ୍‌ପର ବଚନରେ ''ଯେପରି ଆମ୍ଭେମାନେ ଯେ ପ୍ରକାରେ ଏକ, ସେମାନେ ସେ ପ୍ରକାରେ ଏକ ହୁଅନ୍ତି'' ବୋଲି ଲେଖାଯାଏ । ଅର୍ଥାତ୍ ପିତା ଓ ଯୀଶୁ ଯେପରି ଏକ, ଆମ୍ଭେମାନେ ମଧ୍ୟ ସେପରି ଏକ ଭାବପନ୍ନ

ହେବା ଆବଶ୍ୟକ ବୋଲି ଯୀଶୁ ଏଠାରେ ପ୍ରାର୍ଥନା କରନ୍ତି ।

ପୁନର୍ବାର ପାଉଲଙ୍କ ଲେଖାରେ, ଏକତାର ମୂଳଦୁଆ ଦିଆଯାଇ ଅଛି । "ଅତଏବ ପ୍ରଭୁଙ୍କ ହେତୁ ବନ୍ଦୀ ଯେ ମୁଁ, ମୁଁ ତୁମ୍ଭମାନଙ୍କୁ ଅନୁରୋଧ କରୁଅଛି ତୁମ୍ଭେମାନେ ଯେଉଁ ଆହ୍ୱାନରେ ଆହୂତ ହୋଇଅଛ ସେଥିରେ ଯୋଗ୍ୟ ଆଚରଣ କର, ଅର୍ଥାତ୍ ସର୍ବପ୍ରକାର ନମ୍ରତା, ମୃଦୁତା ଓ ଦୀର୍ଘସହିଷ୍ଣୁତା ସହ ପ୍ରେମରେ ପରସ୍ପର ପ୍ରତି ସହନଶୀଳ ହୁଅ, ଶାନ୍ତିରୂପ ବନ୍ଧରେ ଆତ୍ମାଙ୍କ ଐକ୍ୟ ରକ୍ଷା କରିବା ନିମନ୍ତେ ଯତ୍ନବାନ ହୁଅ । ଏକ ଶରୀର ଓ ଏକ ଆତ୍ମା, ଯେଉଁରୂପେ ତୁମ୍ଭେମାନେ ତୁମ୍ଭମାନଙ୍କ ଆହ୍ୱାନରେ ଏକ ଭରସାରେ ମଧ୍ୟ ଆହୂତ ହୋଇଅଛ, ଏକ ପ୍ରଭୁ, ଏକ ବିଶ୍ୱାସ, ଏକ ବାପ୍ତିସ୍ମ, ସମସ୍ତଙ୍କ ଏକ ଈଶ୍ୱର ଓ ପିତା, ସେ ସମସ୍ତଙ୍କ ଉପରେ, ସମସ୍ତଙ୍କ ମଧ୍ୟରେ ଏବଂ ସମସ୍ତଙ୍କ ଅନ୍ତରରେ ଅଛନ୍ତି ।" (ଏଫି ୪:୧-୬) ପ୍ରତ୍ୟେକ କେତୋଟି ଲେଖାଏଁ ଅଛି ବୋଲି କୁହାଯାଇଅଛି ? କେବଳ ଏକମାତ୍ର କେତୋଟି ଅଙ୍କ ଯୋଗ କଲେ ମୋଟ ସଂଖ୍ୟା ଏକ ହୋଇପାରିବ । କେବଳ ଏକମାତ୍ର । ସେହିପରି ଅନେକ ମଣ୍ଡଳୀଗୁଡ଼ିକ ଯୋଗ କରି କେବଳ ଏକ ମଣ୍ଡଳୀ ବୋଲି କହିବା କେତେ ଅଯୁକ୍ତିକର ବିଷୟ ।

ପ୍ରିୟ ବନ୍ଧୁ, ଈଶ୍ୱର ଆମ୍ଭମାନଙ୍କୁ କେବଳ ଏକମାତ୍ର ପୁସ୍ତକ ଦେଇଅଛନ୍ତି । ତାହା ବାଇବଲ । ଯଦି ଆମ୍ଭେମାନେ ସମସ୍ତେ ସେହି ଏକ ପୁସ୍ତକ ପଢ଼ି, ଅନୁସରଣ କରୁ ତେବେ ଏକ ମଣ୍ଡଳୀରେ ଅନ୍ତର୍ଭୁକ୍ତ ହୋଇ ଏକ ନାମଧାରଣ କରି, ଏକପ୍ରକାର ଆରାଧନା କରି ଏକ ଭାବେ ପ୍ରଚାର କରିପାରିବା । ବାଇବଲ ଆମ୍ଭମାନଙ୍କୁ ବିଭକ୍ତ ନ କରି, ଏକତ୍ର କରେ । ଖ୍ରୀଷ୍ଟ ଆମ୍ଭମାନଙ୍କ ବିଭକ୍ତି ନିମନ୍ତେ ପ୍ରାର୍ଥନା ନ କରି, ଆମ୍ଭମାନଙ୍କ ଏକତା ନିମନ୍ତେ ପ୍ରାର୍ଥନା କରିଥିଲେ । ଆମ୍ଭେମାନେ ସମସ୍ତେ ତାହାଙ୍କ ଇଚ୍ଛା ପାଳନ ନ କରି କେବେ ବି ଏକତ୍ର ହୋଇ ନ ପାରୁ ।

# ୨୪. ନୂତନ ନିୟମର ଆରାଧନା ପଦ୍ଧତି
## (New Testament Worship)

ନୂତନ ନିୟମରେ ତିନି ପ୍ରକାର ଆରାଧନା ବିଷୟରେ ଲିଖିତ ହୋଇଅଛି । ସର୍ବପ୍ରଥମେ, ଅଜ୍ଞାତ ଆରାଧନା । ଆରୟ ପାଗର (Mars Hill) ମଧ୍ୟସ୍ଥଳରେ ପାଉଲ ଛିଡ଼ା ହୋଇ ସେମାନଙ୍କ ମୂର୍ତ୍ତିପୂଜା ଅଜ୍ଞାତ ଆରାଧନା ବୋଲି ବର୍ଣ୍ଣନା କରିଥିଲେ । (ପ୍ରେରି ୧୭:୨୨-୩୧) ଦ୍ୱିତୀୟରେ, ବୃଥା ଆରାଧନା । ମନୁଷ୍ୟ-କଳ୍ପିତ ପଦ୍ଧତି ଅନୁସାରେ ଯେଉଁମାନେ ଆରାଧନା କରନ୍ତି, ସେମାନଙ୍କର ଆରାଧନା ବୃଥା ଆରାଧନା । "ସେମାନେ ମନୁଷ୍ୟମାନଙ୍କ ବିଧିଗୁଡ଼ିକ ଧର୍ମର ଉପଦେଶବାଣୀ ବୋଲି ଶିକ୍ଷା ଦେଇ ବୃଥାରେ ଆମ୍ଭର ଆରାଧନା କରନ୍ତି । (ମାଥିଉ ୧୫:୯) ତୃତୀୟରେ ସତ୍ୟ ଆରାଧନା ଏହିପରି ଆରାଧନା ଈଶ୍ୱରଙ୍କ ସନ୍ତୋଷଜନକ ଆରାଧନା । "ଈଶ୍ୱର ଆତ୍ମା, ପୁଣି ଯେଉଁମାନେ ତାହାଙ୍କର ଉପାସନା କରନ୍ତି, ଆତ୍ମାରେ ଓ ସତ୍ୟରେ ଉପାସନା କରିବା ଉଚିତ ।" (ଯୋହନ ୪:୨୪) ଆମ୍ଭମାନଙ୍କ ଆରାଧନା ଈଶ୍ୱରଙ୍କ ଉଦ୍ଦେଶ୍ୟରେ ବୋଲି ଆମ୍ଭମାନଙ୍କୁ ମନେ ରଖିବା ଉଚିତ । ତାହାଙ୍କୁ ଆରାଧନାକରିବା ନିମନ୍ତେ ସେ ବାଧ କରନ୍ତି ନାହିଁ, କିନ୍ତୁ ଯଦି ଆମ୍ଭେମାନେ ତାହାଙ୍କୁ ଆରାଧନା କରିବାକୁ ଚାହୁଁ, ତାହା ହେଲେ ସତ୍ୟ ଓ ଆତ୍ମାରେ ଆରାଧନା କରିବା ଆବଶ୍ୟକ । ତାହାଙ୍କୁ ସତ୍ୟରେ ଆରାଧନା କରିବାର ଅର୍ଥ, ସମସ୍ତ ହୃଦୟ ଓ ଜ୍ଞାନ ସମେତ ଆରାଧନା କରିବା । ସତ୍ୟରେ ଆରାଧନା କରିବା, କାରଣ ତାହାଙ୍କ ବାକ୍ୟ ହିଁ ସତ୍ୟ । ଏହିପରି ଆରାଧନା ସତ୍ୟ ଓ ଈଶ୍ୱରଙ୍କ ଗ୍ରହଣଯୋଗ୍ୟ ଆରାଧନା ।

ଈଶ୍ୱରଙ୍କ ସତ୍ୟରେ ଆରାଧନା କରିବା ପାଇଁ, ଆମ୍ଭମାନଙ୍କୁ ପ୍ରଥମେ ସତ୍ୟ କ'ଣ ବୁଝିବାକୁ ପଡ଼ିବ । ଏହା ଜାଣିବା ନିମନ୍ତେ ଆମ୍ଭମାନଙ୍କୁ ନୂତନ

ନିୟମ ପଢ଼ିବାକୁ ହେବ । ସତ୍ୟରେ ଆରାଧନା କରିବା ନିମନ୍ତେ ଈଶ୍ୱର ଆମ୍ଭମାନଙ୍କ ଠାରୁ ଚାହୁଁଥିବାରୁ, ସେ ସେହି ପଦ୍ଧତିକୁ ସତ୍ୟ ବାକ୍ୟ ଦ୍ୱାରା ବ୍ୟକ୍ତ କରି ଅଛନ୍ତି । ନୂତନ ନିୟମ ଅଧ୍ୟୟନ ଦ୍ୱାରା ଆଦିମ ମଣ୍ଡଳୀର ସଭ୍ୟମାନେ କିପରି ଆରାଧନା କରୁଥିଲେ ତାହା ଜାଣିପାରୁ ।

୧. ଆଦିମ ମଣ୍ଡଳୀର ଖ୍ରୀଷ୍ଟିୟାନମାନେ ଈଶ୍ୱରଙ୍କ ବାକ୍ୟ ଧ୍ୟାନ କରିବା ନିମନ୍ତେ ଏକତ୍ରିତ ହେଉଥିଲେ । ପ୍ରେରିତ ୨୦:୭ରେ ପାଉଲ ଏକ ଏକତ୍ରିତ ମଣ୍ଡଳୀକୁ ଉପଦେଶ ଦେବାର ଦୃଷ୍ଟାନ୍ତ ପଢ଼ିପାରିବା । ଖ୍ରୀଷ୍ଟ ଆମ୍ଭମାନଙ୍କୁ ଧର୍ମଶାସ୍ତ୍ର ଅନୁସନ୍ଧାନ କରିବା ନିମନ୍ତେ କହିଅଛନ୍ତି । (ଯୋହନ ୫:୩୯)

ଧର୍ମଶାସ୍ତ୍ର ଧ୍ୟାନ କରିବା ନିମନ୍ତେ ପାଉଲ, ତିମଥିଙ୍କୁ ଆଜ୍ଞା ଦେଇଥିଲେ (୨ ତିମଥି ୨:୧୫) । ଧର୍ମଶାସ୍ତ୍ର ଧ୍ୟାନ କରିବା ବିନା ଆମ୍ଭେମାନେ ଈଶ୍ୱରଙ୍କୁ ଆରାଧନା କରି ନ ପାରୁ । ଏତଦ୍ୱାରା ଈଶ୍ୱର ଆମ୍ଭମାନଙ୍କୁ ତାହାଙ୍କ ବାକ୍ୟ ଦ୍ୱାରା କଥା କହନ୍ତି ।

୨. ସେମାନେ ପ୍ରାର୍ଥନା କରିବା ନିମନ୍ତେ ଏକତ୍ରିତ ହେଉଥିଲେ ଆଦିମ ମଣ୍ଡଳୀର ଖ୍ରୀଷ୍ଟିୟାନମାନେ "........ପ୍ରେରିତମାନଙ୍କ ଶିକ୍ଷାରେ ସହଭାଗିତାରେ ରୋଟି ଭାଙ୍ଗିବାରେ ଓ ପ୍ରାର୍ଥନା କରିବାରେ ନିବିଷ୍ଟଚିତ୍ତ ହୋଇ ରହିଲେ ।" (ପ୍ରେରିତ ୨:୪୨) । ପାଉଲ ନିରନ୍ତର ପ୍ରାର୍ଥନା କରିବା ନିମନ୍ତେ ୧ମ ଥେସଲନୀକୀୟ ୫:୧୭ରେ ଲେଖନ୍ତି । ଏତଦ୍ୱାରା ଆମ୍ଭମାନଙ୍କ ଆରାଧନାରେ ମଧ୍ୟ ପ୍ରାର୍ଥନା କରିବା ଆବଶ୍ୟକ ବୋଲି ଜାଣି ପାରିଅଛୁ । ଖ୍ରୀଷ୍ଟ ମଧ୍ୟ ଲୂକ ୧୮:୧ରେ ସଦା ସର୍ବଦା ପ୍ରାର୍ଥନା କରିବା ନିମନ୍ତେ କହିଅଛନ୍ତି । ଏତଦ୍ୱାରା ମନୁଷ୍ୟ ଈଶ୍ୱରଙ୍କ ସହିତ କଥୋପକଥନ କରିପାରେ । ଅତଏବ ପ୍ରାର୍ଥନା କରିବା ବିନୁ ଆମ୍ଭେମାନେ ଈଶ୍ୱରଙ୍କୁ ଆରାଧନା କରି ନ ପାରୁ ।

୩. ସେମାନେ ଈଶ୍ୱରଙ୍କୁ ପ୍ରଶଂସା କରିବା ନିମନ୍ତେ ଏକତ୍ରିତ

ହେଉଥିଲେ । ଏହି ଅଂଶ ଉପରେ ବାଇବଲରେ ଅନେକ ବାକ୍ୟ ଅଛି, କିନ୍ତୁ ଏଠାରେ କେତୋଟି ବାକ୍ୟ ଉଲ୍ଲେଖ କରାଯାଇଅଛି । "ଗୀତ, ସ୍ତୋତ୍ର ଓ ଆଧ୍ୟାତ୍ମିକ ସଂକୀର୍ତ୍ତନ ଦ୍ୱାରା ପରସ୍ପରକୁ ଉତ୍ସାହ ଦିଅ, ପୁଣି ତୁମ୍ଭମାନଙ୍କ ହୃଦୟରେ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ସଂକୀର୍ତ୍ତନ ଓ ଗୀତ ଗାନ କର" (ଏଫିସୀ ୫:୧୯) । କଲସୀ ୩:୧୬ ମଧ୍ୟ ସମଭାବପନ୍ନ ବାକ୍ୟ ପଢ଼ିପାରିବା । ସଙ୍ଗୀତ ଦୁଇ ପ୍ରକାର ଯଥା କଣ୍ଠସ୍ୱର ସଙ୍ଗୀତ (Vocal music) ଓ ଯାନ୍ତ୍ରିକ ସଙ୍ଗୀତ (Instrumental music) । ଶାସ୍ତ୍ର ଅଧ୍ୟୟନ ଦ୍ୱାରା ଈଶ୍ୱର ଆମ୍ଭମାନଙ୍କ ଓଷ୍ଠାଧାରର ପ୍ରଶଂସା ଗ୍ରାହ୍ୟ କରନ୍ତି, କିନ୍ତୁ ନିର୍ଜୀବ, ଅହୃଦୟ ଯାନ୍ତ୍ରିକ ସଙ୍ଗୀତ ଗ୍ରାହ୍ୟ କରନ୍ତି ନାହିଁ ବୋଲି ଜାଣି ପାରୁଅଛୁ (ଏବ୍ରୀ ୧୩:୧୫) । ଈଶ୍ୱରଙ୍କ ସନ୍ତୋଷଜନକ ଆରାଧନା ପଦ୍ଧତି ଦ୍ୱାରା ହିଁ ଆମ୍ଭେମାନେ ଈଶ୍ୱରଙ୍କ ସନ୍ତୋଷଜନକ ଆରାଧନା କରି ପାରିବା ।

୪. ସେମାନେ ପ୍ରଭୁଭୋଜରେ ସହଭାଗୀ ହେବା ନିମନ୍ତେ ଏକତ୍ରିତ ହେଉଥିଲେ । ମାଥିଉ ୨୬:୨୬-୨୮ରେ ଯୀଶୁ ରୋଟିକୁ ତାହାଙ୍କ ଶରୀରର ସଦୃଶ୍ୟ ଓ ଦ୍ରାକ୍ଷାରସକୁ ତାହାଙ୍କ ରକ୍ତର ସଦୃଶ୍ୟ ବୋଲି କହିଅଛନ୍ତି । ପାଉଲ ୧ମ କରିନ୍ଥୀ ୨ମ ଅଧ୍ୟାୟରେ ରୋଟୀ ଖ୍ରୀଷ୍ଟଙ୍କ ଶରୀରର ସ୍ମରଣାର୍ଥେ ଓ ଦ୍ରାକ୍ଷାରସ ଖ୍ରୀଷ୍ଟଙ୍କ ରକ୍ତର ସ୍ମରଣାର୍ଥେ ନେବା ନିମନ୍ତେ ଆଜ୍ଞା କରିଅଛନ୍ତି । ଆଦିମ ମଣ୍ଡଳୀର ଖ୍ରୀଷ୍ଟିୟାନମାନେ ପ୍ରଭୁ ଭୋଜରେ ସହଭାଗୀ ହେବା ନିମନ୍ତେ ସପ୍ତାହର ୧ମ ଦିନରେ ଏକତ୍ରିତ ହେଉଥିଲେ ବୋଲି ପ୍ରେରିତ ୨୦:୭ ପଦରୁ ଜାଣିପାରୁ । ଏବ୍ରୀ ୧୦:୨୫ରେ, ମଣ୍ଡଳୀ ଉପାସନା ପରିତ୍ୟାଗ ନ କରିବା ନିମନ୍ତେ ସତର୍କ କରାଯାଇଅଛି ।

୫. ସେମାନେ ଆପଣା ଆପଣା ଅଭିବୃଦ୍ଧି ଅନୁସାରେ ଚାନ୍ଦା ଦେବା ନିମନ୍ତେ ଏକତ୍ରିତ ହେଉଥିଲେ । ପାଉଲ କରିନ୍ଥୀ ମଣ୍ଡଳୀକୁ ଏପରି ଲେଖନ୍ତି "ମୁଁ ଗଲେ ଯେପରି ଦାନ ସଂଗ୍ରହ କରିବାକୁ ପଡ଼ିବ ନାହିଁ, ଏଥି ନିମନ୍ତେ ସପ୍ତାହର ପ୍ରଥମରେ ତୁମ୍ଭେମାନେ ପ୍ରତ୍ୟେକ ଜଣ ଆପଣା ଅଭିବୃଦ୍ଧି

ଅନୁସାରେ ଚାନ୍ଦା ଦେବା ନିମନ୍ତେ ଏକତ୍ରିତ ହେଉଥିଲେ ।'' ପାଉଲ କରିନ୍ଥୀ ମଣ୍ଡଳୀକୁ ଏପରି ଲେଖନ୍ତି,''ମୁଁ ଗଲେ ଯେପରି ଦାନ ସଂଗ୍ରହ କରିବାକୁ ପଡ଼ିବ ନାହିଁ, ଏଥି ନିମନ୍ତେ ସପ୍ତାହର ପ୍ରଥମରେ ତୁମ୍ଭେମାନେ ପ୍ରତ୍ୟେକ ଜଣ ଆପଣା ଆପଣା ସୁବିଧା ଅନୁସାରେ ନିଜ ନିଜ ନିକଟରେ କିଛି କିଛି ସଞ୍ଚୟ କରି ରଖ ।'' (୧ମ କରିନ୍ଥୀ ୧୬:୨) । ସେମାନେ ଅପାଣା ଅପାଣା ଅଭିବୃଦ୍ଧି ଅନୁସାରେ ସପ୍ତାହର ପ୍ରଥମ ଦିନରେ ଚାନ୍ଦା ଦେଇଥିଲେ ବୋଲି ଏହି ପଦରୁ ଜାଣିପାରୁଅଛୁ । ଚାନ୍ଦା ଦେବା ନିମନ୍ତେ କୌଣସି ନିର୍ଦ୍ଦିଷ୍ଟ ଅଙ୍କ ନଥିଲା କିନ୍ତୁ ଆପଣା ଆପଣା ଅଭିବୃଦ୍ଧି ଅନୁସାରେ ଆପଣା ନିଜ ସଂକଳ୍ପ ଅନୁସାରେ ଈଶ୍ୱରଙ୍କ ଚାନ୍ଦା ଦେବାର ଆମ୍ଭେମାନେ ଏଠି ଦେଖି ପାରୁଅଛୁ ।

ଏହି ପାଞ୍ଚଟି ଆରାଧନାର ପଦ୍ଧତି ଆମ୍ଭେମାନେ ନୂତନ ନିୟମରେ ପଢ଼ିପାରୁ । ଆଦିମ ଖ୍ରୀଷ୍ଟିୟାନମାନେ ସପ୍ତାହର ପ୍ରଥମ ଦିନରେ ଏକତ୍ରିତ ହୋଇ, ଏହିପ ଦ୍ଧତି ଅନୁସାରେ ଆରାଧନା କରୁଥିଲେ । ଯଦି ଆମ୍ଭେମାନେ ପ୍ରକୃତ ଖ୍ରୀଷ୍ଟିୟାନ ବୋଲି ଦାବୀ କରୁଅଛୁ, ତେବେ ଏହି ପଦ୍ଧତି ଅନୁସାରେ ଈଶ୍ୱରଙ୍କ ଆରାଧନା କରୁଅଛୁ କି ?

## 29. ସପ୍ତାହର ପ୍ରଥମ ଦିନ
### (The first day of the week)

ପ୍ରତ୍ୟେକ ସପ୍ତାହର ସାତ ଦିନ ରହିଥାଏ । ତେବେ ସପ୍ତାହରେ କେଉଁଦିନରେ ଆମ୍ଭେମାନେ ଆରାଧନା କରିବା ଉଚିତ ? ଆରାଧନା କରିବା ନିମନ୍ତେ କ'ଣ ଏକ ବିଶେଷ ଦିନ ଅଛି ? ଏ ବିଷୟରେ ବାଇବଲ କ'ଣ କହେ ?

ଯିହୁଦୀ ମତାନୁଯାୟୀ ଓ ବ୍ୟବସ୍ଥାନୁଯାୟୀ ଆରାଧନାର ଦିନ ବିଶ୍ରାମ ଦିନ । ଅନ୍ୟ ଧର୍ମମାନଙ୍କରେ ମୁସଲମାନମାନେ ଶୁକ୍ରବାର, ବୌଦ୍ଧମାନେ 'ପୋୟା' ଦିନ ପ୍ରଭୃତି ଦିନମାନଙ୍କରେ ଆରାଧନା କରନ୍ତି । ତେବେ ଖ୍ରୀଷ୍ଟିୟାନମାନେ କେଉଁ ଦିନରେ ଆରାଧନା କରିବା ଅବାଶ୍ୟକ ? ଯେ କୌଣସି ଦିନରେ କି ସେ ଆରାଧନା କରି ପାରିବ ?

ଆମ୍ଭମାନଙ୍କ ମଧ୍ୟରେ କେତେକ ଏବେ ମଧ୍ୟ ବ୍ୟବସ୍ଥାନୁଯାୟୀ ବିଶ୍ରାମବାର ହିଁ ଆରାଧନା ଦିବସ ବୋଲି ମନେ କରନ୍ତି । ବିଶ୍ରାମବାର କେବଳ ଯିହୁଦୀମାନଙ୍କୁ ପାଳନ କରିବା ନିମନ୍ତେ ଆଜ୍ଞା ଦିଆଯାଇଥିଲା (ଯାତ୍ରା ୨୦:୧-୧୭) । କିନ୍ତୁ ଆମ୍ଭେମାନେ ସେହି ସମାନ ବ୍ୟବସ୍ଥାଧିନ ନୋହୁଁ (ଯୋହନ ୧:୧୭) । ଯୀଶୁଖ୍ରୀଷ୍ଟ ବିଶ୍ରାମବାର ପାଳନ କରିଥିଲେ, କିନ୍ତୁ ସେ ମୋଶାଙ୍କ ବ୍ୟବସ୍ଥାଧୀନ ସମୟରେ ବଞ୍ଚି ସେହି ବ୍ୟବସ୍ଥାଧୀନ ହୋଇ ମରଣ ଭୋଗିଥିଲେ । ବାଇବଲର କୌଣସି ସ୍ଥାନରେ, ଯୀଶୁ ବିଶ୍ରାମ ଦିନ ପାଳନ କର ବୋଲି କୌଣସି ଆଜ୍ଞା କରି ନାହାନ୍ତି । ଯୀଶୁଙ୍କ ସ୍ୱର୍ଗାରୋହଣ ପରେ, ପ୍ରେରିତମାନେ କେବେବି ବିଶ୍ରାମବାର ପାଳନ କରିବାର ଲେଖାଯାଏ ନାହିଁ । ୨ୟରେ ସେମାନେ ବିଶ୍ରାମବାର ପାଳନ କର ବୋଲି କାହାକୁ ଆଜ୍ଞା କରିବାର ଦୃଷ୍ଟାନ୍ତ ମଧ୍ୟ ନାହିଁ । ପାଉଲ ବିଶ୍ରାମବାରରେ ସମାଜ ଗୃହରେ ପ୍ରବେଶ କରିଥିଲେ ବୋଲି ପଢ଼ିପାରୁ, କିନ୍ତୁ ଆରାଧନା କରିବା ନିମନ୍ତେ ନୁହେଁ । ତେବେ ସେ କାହିଁକି ବିଶ୍ରାମ ଦିନରେ ସମାଜ ଗୃହକୁ ଯାଉଥିଲେ ? ବିଶ୍ରାମ ଦିନରେ ଏକତ୍ରିତ ଯିହୁଦୀମାନଙ୍କୁ ଈଶ୍ୱରଙ୍କ ବାକ୍ୟ ପ୍ରଚାର କରିବା ନିମନ୍ତେ । ଯେତେବେଳେ ଯିହୁଦୀମାନେ ତାହାଙ୍କର ପ୍ରକୃତ ଉଦ୍ଦେଶ୍ୟ ବୁଝିପାରିଲେ, ସେମାନେ ପାଉଲଙ୍କୁ ସମାଜ ଗୃହରେ ପ୍ରବେଶ କରିବା ନିମନ୍ତେ ନିଷେଧ କରିଥିଲେ ।

ସତ୍ୟ ବାକ୍ୟ ଆମେ ଯଥାର୍ଥରୂପେ ବିଭାଗ କଲେ, (୨ୟ ତୀମଥି ୨:୧୫) ମୋଶାଙ୍କ ବ୍ୟବସ୍ଥା ସହିତ ବିଶ୍ରାମବାର ମଧ୍ୟରେ ପାର୍ଥକ୍ୟ ବୁଝିପାରିବ ।

ମୋଶାଙ୍କ ବ୍ୟବସ୍ଥା ସହିତ ବିଶ୍ରାମବାର ପାଳନ କରିବାର ଆଜ୍ଞା ମଧ୍ୟ ଲୋପ ପାଇଅଛି (୨ୟ କରିନ୍ଥୀ ୩:୬-୧୬) । ଖ୍ରୀଷ୍ଟଙ୍କ ବ୍ୟବସ୍ଥାନୁସାରେ ଆରାଧନାର ଦିବସ ସପ୍ତାହର ପ୍ରଥମ ଦିନ ଅର୍ଥାତ୍ ରବିବାର । ପ୍ରେରିତ ୧୫:୧୩-୧୯ ବାକ୍ୟଗୁଡ଼ିକ ଦ୍ୱାରା ଆମ୍ଭେମାନେ ଏହା ଜାଣିପାରୁ ଯେ, ବିଜାତି ଖ୍ରୀଷ୍ଟିୟାନମାନଙ୍କ ମୋଶାଙ୍କ ବ୍ୟବସ୍ଥାଧୀନ ନୁହନ୍ତି କିମ୍ବା ବିଶ୍ରାମବାର ସେମାନେ ପାଳନ କରିବା ଆବଶ୍ୟକ ନାହିଁ ।

ଆଗକୁ ଅଗ୍ରସର ହେବା ପୂର୍ବରୁ, ସପ୍ତାହର ପ୍ରଥମ ଦିବସ ବିଷୟରେ ବାକ୍ୟ କ'ଣ କହେ ପ୍ରଥମେ ଶୁଣିବା । ସର୍ବ ପ୍ରଥମେ, ସପ୍ତାହର ପ୍ରଥମ ଦିନ ଖ୍ରୀଷ୍ଟିୟାନମାନଙ୍କ ବିଶ୍ରାମବାର (Sabbath day) ନୁହେଁ । ଏହା ବିଶ୍ରାମ ଦିନ (Rest day) ମଧ୍ୟ ନୁହେଁ । ଏହା ବିଶେଷ ରୂପେ ପାଳନ କରିବା ପାଇଁ ନିର୍ଦ୍ଦିଷ୍ଟ ଦିନ ମଧ୍ୟ ନୁହେଁ । ଏହା ଅନ୍ୟ ଦିନମାନଙ୍କ ଠାରୁ ଅଧିକ ପବିତ୍ର ଦିନ ମଧ୍ୟ ନୁହେଁ । ତେବେ ଏହା କଅଣ ? ଏହା ଖ୍ରୀଷ୍ଟିୟାନମାନେ ଏକତ୍ରିତ ହୋଇ ଈଶ୍ୱରଙ୍କ ଆରାଧନା କରିବା ନିମନ୍ତେ ଈଶ୍ୱରଙ୍କ ମନୋନୀତ ଦିବସ । ପୁରାତନ ନିୟମର ବିଶ୍ରାମବାର ସହିତ ଏହାର କୌଣସି ସାମଞ୍ଜସ୍ୟ ନାହିଁ ।

ସପ୍ତାହର ପ୍ରଥମ ଦିବସ ବିଷୟରେ ବାକ୍ୟ କ'ଣ କହେ ?

୧. ଯୀଶୁଖ୍ରୀଷ୍ଟ, ସପ୍ତାହର ପ୍ରଥମ ଦିନରେ ମୃତ୍ୟୁଠାରୁ ଉତ୍ଥିତ ହୋଇଥିଲେ (ମାଥିଉ ୨୮:୧-୭) । ତାହାଙ୍କ ଉତ୍ଥାନ ପରେ, ଦୁଇଥର ସେ ସପ୍ତାହର ପ୍ରଥମ ଦିନରେ ଶିଷ୍ୟମାନଙ୍କୁ ଦର୍ଶନ ଦେଇଥିଲେ ।

୨. ପବିତ୍ର ଆତ୍ମା ପେଣ୍ଟିକଷ୍ଟ ଦିବସ, ଯାହା କି ସପ୍ତାହର ପ୍ରଥମ ଦିବସ ଥିଲା, ଢ଼ଳା ଯାଇଥିଲେ (ପ୍ରେରିତ ୨:୧-୪) । ତାହା ଆମ୍ଭେମାନେ କିପରି ଜାଣିପାରିଲୁ ? କାରଣ ପେଣ୍ଟିକଷ୍ଟ ଦିବସ ସବୁବେଳେ ସପ୍ତାହର ପ୍ରଥମ ଦିବସରେ ପଡୁଥିଲା ।

୩. ପ୍ରଥମ ସୁସମାଚାର ପ୍ରସଙ୍ଗ, ସପ୍ତାହର ପ୍ରଥମ ଦିବସରେ ପ୍ରଚାରିତ ହୋଇଥିଲା (ପ୍ରେରିତ ୨ ଅଧ୍ୟାୟ) ।

୪. ମଣ୍ଡଳୀ, ସପ୍ତାହର ପ୍ରଥମ ଦିବସରେ ସ୍ଥାପିତ ହୋଇଥିଲା (ପ୍ରେରିତ ୨:୩୮-୪୭) ।

୫. ଶିଷ୍ୟମାନେ ରୋଟୀ ଭାଙ୍ଗିବା ନିମନ୍ତେ, ସପ୍ତାହର ପ୍ରଥମ ଦିନରେ ଏକତ୍ରିତ ହେଉଥିଲେ । "ସପ୍ତାହର ପ୍ରଥମ ଦିନରେ ଯେତେବେଳେ ଆମ୍ଭେମାନେ ରୋଟୀ ଭାଙ୍ଗି ଏକତ୍ରିତ ହୋଇଥିଲୁ, ସେତେବେଳେ ପାଉଲ ପରଦିନ ପ୍ରସ୍ଥାନ କରିବେ ବୋଲି ଉଦ୍ୟତ ହେଉଥିବାରୁ ସେମାନଙ୍କୁ ଉପଦେଶ ଦେବାକୁ ଲାଗିଲେ ଓ ଅର୍ଦ୍ଧରାତ୍ର ପର୍ଯ୍ୟନ୍ତ ଦୀର୍ଘ ବକ୍ତୃତା କଲେ (ପ୍ରେରିତ ୨୦:୭) ।" ଯଦି ବିଶ୍ରାମବାରରେ ସେମାନେ ଆରାଧନା ଦିନ ବୋଲି ପାଳନ କରିଥାନ୍ତେ ତେବେ କାହିଁକି ସେମାନେ ସପ୍ତାହର ପ୍ରଥମ ଦିନରେ ରୋଟୀ ଭାଙ୍ଗିବା ନିମନ୍ତେ ଏକତ୍ରିତ ହୋଇଥିଲେ ?

୬. ସପ୍ତାହର ପ୍ରଥମ ଦିନରେ ଦାନ ସଂଗ୍ରହ କରିବା ନିମନ୍ତେ ଖ୍ରୀଷ୍ଟିୟାନମାନଙ୍କୁ ଆଜ୍ଞା ଦିଆଯାଇଛି । "ସାଧୁମାନଙ୍କ ନିମନ୍ତେ ଦାନ ସଂଗ୍ରହ ସମ୍ବନ୍ଧରେ ଯେପରି ମୁଁ ଗାଲାତିଆର ମଣ୍ଡଳୀ ସମୂହକୁ ଆଦେଶ ଦେଇଅଛି, ତୁମ୍ଭେମାନେ ମଧ୍ୟ ସେହିପରି କର । ମୁଁ ଗଲେ ଯେପରି ଦାନ ସଂଗ୍ରହ କରିବାକୁ ପଡ଼ିବ ନାହିଁ, ଏଥି ନିମନ୍ତେ ସପ୍ତାହର ପ୍ରଥମ ଦିନରେ ତୁମ୍ଭେମାନେ ପ୍ରତ୍ୟେକ ଜଣ ଆପଣା ଆପଣା ସୁବିଧା ଅନୁସାରେ ନିଜ ନିଜ ନିକଟରେ କିଛି କିଛି ସଞ୍ଚୟ କରି ରଖ ।" (୧ମ କରିନ୍ଥୀ ୧୬:୧-୨) । ଏହା ଏକ ସାଧାରଣ ସମ୍ମିଳନ ସଭା ବୋଲି ପାଉଲ ବ୍ୟକ୍ତ କରିଅଛନ୍ତି । ଯଦି ବିଶ୍ରାମ ଆରାଧନାର ଦିବସ ହୋଇଥାନ୍ତା, ତେବେ ପାଉଲ ସପ୍ତାହର ପ୍ରଥମ ଦିନରେ ଦାନ ସଂଗ୍ରହ କରିବା ନିମନ୍ତେ କାହିଁକି ଆଦେଶ ଦେଇଥାନ୍ତେ ? ଯେଉଁମାନେ ଏବେ ସୁଦ୍ଧା

ବିଶ୍ରାମବାରକୁ ଆରାଧନା ଦିବସ ରୂପେ ପାଳନ କରନ୍ତି, ସେମାନେ ପାଉଲଙ୍କର ଏହି ଆଦେଶ କଅଣ ବୁଝିପାରି ନାହାନ୍ତି ?

୭. ପ୍ରଭୁଙ୍କ ଦିନ ନିକଟବର୍ତ୍ତୀ ହୋଇ ଆସୁଥିବାରୁ, ଖ୍ରୀଷ୍ଟିୟାନମାନେ ମଣ୍ଡଳୀ ଉପାସନା ପରିତ୍ୟାଗ ନ କରିବା ନିମନ୍ତେ ଲେଖା ଯାଇଅଛି । (ଏବ୍ରୀ ୧୦:୨୫) ସେଦିନ ସପ୍ତାହର ପ୍ରଥମ ଦିନ । ପ୍ରେରିତ ଯୋହନ ଏହାକୁ ପ୍ରଭୁଙ୍କ ଦିନ ବୋଲି କହନ୍ତି (ପ୍ରକାଶିତ ୧:୧୦) । ଏହା ଆରାଧନାର ଦିବସ, ତଦ୍ୱାରା ଆମ୍ଭେମାନେ ପ୍ରଭୁଙ୍କୁ ସପ୍ତାହର ଶେଷ ଦିନରେ ଉପାସନା ନ କରି, ସପ୍ତାହର ପ୍ରଥମ ଦିନରେ ଉପାସନା କରିପାରୁ ।

ଯେଉଁମାନେ ମୋଶାଙ୍କ ବ୍ୟସ୍ଥାଧୀନ ହୋଇ ରହିବାକୁ ଚାହାନ୍ତି, ସେମାନେ ରୋମୀୟ ୭:୧-୭, ଏଫିସୀ ୨:୨ କଲସୀ ୩ ଓ ଏବ୍ରୀ ୮:୭-୧୦ ପଦଗୁଡ଼ିକ ପଢ଼ିବା ଆବଶ୍ୟକ । ଏହି ପଦଗୁଡ଼ିକ ଦ୍ୱାରା ଆମେ ମୋଶାଙ୍କ ବ୍ୟବସ୍ଥାଧୀନ ନୋହୁଁ, ବରଂ ଖ୍ରୀଷ୍ଟଙ୍କ ବ୍ୟବସ୍ଥାଧୀନ ହୋଇଅଛୁ ବୋଲି ଜାଣିପାରିବା । ଆସ, ଆମ୍ଭେମାନେ ତାହାଙ୍କ ନିର୍ଣ୍ଣିତ ଦିନରେ ତାହାଙ୍କ ଆରାଧନା କରୁ । ଈଶ୍ୱର ତା'ଠାରୁ କମ୍ ଗ୍ରହଣ କରିବେ ନାହିଁ ।

## 30. ଆମ୍ଭେମାନେ କେଉଁ ବ୍ୟବସ୍ଥା ଦ୍ୱାରା ଆବଦ୍ଧ ?

## (Which law is binding ? )

ବାଇବଲ ଦୁଇ ମୁଖ୍ୟ ଭାବରେ ବିଭକ୍ତ - ପୁରାତନ ନିୟମ ଓ ନୂତନ ନିୟମ । ନିୟମର ଅର୍ଥ ଆଇନ୍ ବା ବ୍ୟବସ୍ଥା । ତ'ଦ୍ୱାରା ଆମ୍ଭେମାନେ ଏହା ଜାଣିପାରୁ ଯେ, ଈଶ୍ୱର ଆପଣା ପ୍ରଜାମାନଙ୍କ ନିମନ୍ତେ ଏକ ଶାସନ ବ୍ୟବସ୍ଥା

ପ୍ରସ୍ତୁତ କରିଥିଲେ, ଏବଂ ତପୂରେ ସେହି ବ୍ୟବସ୍ଥା ବଦଳେ ଏକ ନୂତନ ବ୍ୟବସ୍ଥା ପ୍ରଦାନ କରିଅଛନ୍ତି ଏବଂ ପ୍ରଥମ ବ୍ୟବସ୍ଥା ପୁରାତନ ହୋଇ ଅପ୍ରଚଳ ହୋଇଅଛି । ପୁରାତନ ଓ ନୂତନ ନିୟମ, ଦୁଇ ନିୟମ ଏକ ସମୟରେ ପ୍ରଚଳିତ ହୋଇ ନ ପାରେ ବୋଲି ଆମ୍ଭମାନଙ୍କୁ ମନେ ରଖିବା ଉଚିତ ।

ବାଇବଲ ଅଧ୍ୟୟନ କଲେ ପୁରାତନ ଧର୍ମଶାସ୍ତ୍ର ଅଧୀନରେ ଆମ୍ଭେମାନେ ବାସ କରୁନାହୁଁ ବୋଲି ଜାଣି ପାରିବା । ସେହି ବ୍ୟବସ୍ଥା ଦତ୍ତ ହେବା ସମୟରେ ଆମ୍ଭେମାନେ ଜନ୍ମ ହୋଇ ନଥିଲୁ । ଯାତ୍ରା ପୁସ୍ତକ ୨୦ ଅଧ୍ୟାୟରେ ବ୍ୟବସ୍ଥା ମୋଶାଙ୍କ ଦ୍ୱାରା ଇଶ୍ରାୟେଲ ଜାତି ନିମନ୍ତେ ଦତ୍ତ ହୋଇଥିଲା ବୋଲି ଲିଖିତ ହୋଇଅଛି । ଦ୍ୱିତୀୟ ବିବରଣର ପୁସ୍ତକରେ ଏପରି ଲେଖାଯାଏ, ''ତହୁଁ ମୋଶା ସମସ୍ତ ଇଶ୍ରାୟେଲ ଲୋକମାନଙ୍କୁ ଡାକି କହିଲେ, ହେ ଇଶ୍ରାୟେଲ, ମୁଁ ତୁମ୍ଭମାନଙ୍କ ଶିକ୍ଷାର୍ଥେ ଓ ରକ୍ଷାର୍ଥେ ଏବଂ ପାଳନାର୍ଥେ ଆଜି ତୁମ୍ଭମାନଙ୍କୁ କର୍ଣ୍ଣଗୋଚରରେ ଯେଉଁସବୁ ବିଧି ଓ ଶାସନ କହୁଅଛି, ତହିଁରେ ମନଯୋଗ କର । ସଦାପ୍ରଭୁ ଆମ୍ଭମାନଙ୍କ ପୂର୍ବପୁରୁଷମାନଙ୍କ ସହିତ ସେହି ନିୟମ କଲେ ନାହିଁ, ମାତ୍ର ଆଜି ଏହି ସ୍ଥାନରେ ଜୀବିତ ଅଟୁଁ ଯେ ଆମ୍ଭେମାନେ ଆମ୍ଭ ସମସ୍ତଙ୍କ ସହିତ ତାହା କଲେ ।'' (ଯାତ୍ରା ୬:୧-୩) ତା'ପରେ ସେ ସେମାନଙ୍କୁ ଦଶଆଜ୍ଞା ପ୍ରଦାନ କରିଥିଲେ । କିନ୍ତୁ ବିଜାତୀୟମାନଙ୍କୁ ନୁହେଁ । ପ୍ରଶ୍ନ ଉଠେ, କେବେ ପର୍ଯ୍ୟନ୍ତ ଏହି ବ୍ୟବସ୍ଥା ପ୍ରଚଳନରେ ଥିଲା ? ତାହା କି ଏବେ ପର୍ଯ୍ୟନ୍ତ ପ୍ରଚଳିତ ହୋଇ ଆସୁଅଛି ? ବାକ୍ୟଦ୍ୱାରା ବିଶ୍ଳେଷଣ କରି ଦେଖିବା ।

ଖ୍ରୀଷ୍ଟ ନିଜେ, ମୋଶାଙ୍କ ବ୍ୟବସ୍ଥାଧୀନ ହୋଇ ଜୀବନଯାପନ କରି ସେହି ବ୍ୟବସ୍ଥାଧୀନ ହୋଇ ମୃତ୍ୟୁ ଭୋଗିଲେ । ସେ କହିଲେ, ''ମୁଁ ଯେ ବ୍ୟବସ୍ଥା କି ଭାବବାଦୀମାନଙ୍କ ଧର୍ମଶାସ୍ତ୍ର ଲୋପ କରିବାକୁ ଆସିଅଛି, ଏପରି ଭାବ ନାହିଁ, ଲୋପ କରିବାକୁ ଆସିନାହିଁ ବରଂ ସଫଳ କରିବାକୁ ଆସିଅଛି । କାରଣ ମୁଁ ତୁମ୍ଭମାନଙ୍କୁ ସତ୍ୟ କହୁଅଛି, ଯେ ପର୍ଯ୍ୟନ୍ତ ଆକାଶ ମଣ୍ଡଳ ଓ ପୃଥିବୀ

ଲୋପ ନ ପାଇବ, ସେ ପର୍ଯ୍ୟନ୍ତ ସମସ୍ତ ନ ଘଟିବା ଯାଏ ବ୍ୟବସ୍ଥାରୁ ଏକ ମାତ୍ରା କି ବିନ୍ଦୁ କୌଣସି ପ୍ରକାରେ ଲୋପ ପାଇବ ନାହିଁ ।'' (ମାଥିଉ ୫:୧୭-୧) । ଏତଦ୍ୱାରା ପୁରାତନ ନିୟମ ନିରନ୍ତର ପ୍ରଚଳିତ ହୋଇ ରହିବ ବୋଲି ଯୀଶୁ ଏଠାରେ କହୁଅଛନ୍ତି ବୋଲି ଅନେକେ ମନେ କରନ୍ତି । ଗୋଟିଏ ନିୟମକୁ ଦୁଇ ପ୍ରକାର ଭାବେ ଲୋପ କରାଯାଇପାରେ । ସେହି ନିୟମକୁ ନାଶ କରିବା ଦ୍ୱାରା, କିଅବା ସେଥିର ସର୍ତ୍ତଗୁଡ଼ିକ ସଫଳ କରିବା ଦ୍ୱାରା ଯୀଶୁଖ୍ରୀଷ୍ଟ ପୁରାତନ ନିୟମ ନାଶ ନ କରି ବରଂ ସଫଳ କରି ସ୍ଥଗିତ କରିଅଛନ୍ତି । ପରେ ଏକ ମାତ୍ର କି ଏକ ବିନ୍ଦୁ ସଫଳ ନ ହେବା ପର୍ଯ୍ୟନ୍ତ, ଏହା ଲୋପ ପାଇବ ନାହିଁ ବୋଲି ଯୀଶୁ କହୁଅଛନ୍ତି । ଏହି ଟିକି ପଦ 'ପର୍ଯ୍ୟନ୍ତ' ସମୟର ଏକ ସୀମା ନିରୂପଣ କରୁଅଛି । କେବେ 'ପର୍ଯ୍ୟନ୍ତ' ଏହି ପୁରାତନ ଧର୍ମଶାସ୍ତ୍ର ଲୋପ ପାଇବ ନାହିଁ ? ଏଥିର ସମସ୍ତ ବିଷୟ ସଫଳ ହେବା ପର୍ଯ୍ୟନ୍ତ ସେହି ସମୟ କି ଖ୍ରୀଷ୍ଟଙ୍କ ଦ୍ୱିତୀୟ ଆଗମନର ସମୟ ନୁହେଁ, ସେ ସମୟରେ ତୋ ସମସ୍ତ ହିଁ ଲୋପ ପାଇବ । ଏଠାରେ ଖ୍ରୀଷ୍ଟ ଧର୍ମଶାସ୍ତ୍ର ନିକଟ ଭବିଷ୍ୟତରେ ସଫଳ ହେବ ବୋଲି କହିଅଛନ୍ତି । ତାହା କିପରି ସମ୍ଭବ ?

ଯୀଶୁଖ୍ରୀଷ୍ଟ, କ୍ରୁଶ ଉପରେ ମୃତ୍ୟୁ ଭୋଗିବା କିଛିକ୍ଷଣ ପୂର୍ବରୁ କହିଲେ, ''ସମାପ୍ତ ହେଲା ।'' (ଯୋହନ ୧୯:୩୦) ଠିକ୍ ସେହି ସମୟରେ ମନ୍ଦିରର ବିଚ୍ଛେଦ ବସ୍ତ୍ର ଉପରୁ ତଳ ପର୍ଯ୍ୟନ୍ତ ଚିରି ଦୁଇ ଖଣ୍ଡ ହେଲା (ମାଥିଉ ୨୭:୫୧) । ତେଣୁ ଏଠାରେ ପୁରାତନ ଧର୍ମଶାସ୍ତ୍ର ସମାପ୍ତ ହେଲା ଓ ତାହାର ପ୍ରତିରୂପରେ ମନ୍ଦିରର ବିଚ୍ଛେଦ ମସ୍ତ୍ର ଚିରି ଯାଇଥିଲା ।

ପାଉଲ ଏପରି କହିଲେ, ''ପୁଣି ବିଧିବିଧାନରେ ଆମ୍ଭମାନଙ୍କ ବିରୁଦ୍ଧରେ ଯେଉଁ ଅଭିଯୋଗ ଥିଲା ତାହା ସେ ଲୋପ କରି କ୍ରୁଶରେ ଟଙ୍ଗାଇ ଦେଇ ଆମ୍ଭମାନଙ୍କ ପଥରୁ ଦୂର କରି ଦେଇଅଛନ୍ତି ।'' (କଲସୀ ୨:୧୪) ଯୀଶୁଖ୍ରୀଷ୍ଟ ପୁରାତନ ନିୟମକୁ କ୍ରୁଶରେ ମେଖ ମାରି ଦେଇଅଛନ୍ତି । ଯୋହନ ଲେଖିଲେ

''କାରଣ ବ୍ୟବସ୍ଥା ମୋଶାଙ୍କ ଦ୍ୱାରା ଉପସ୍ଥିତ ହେଲା ।'' (ଯୋହନ ୧:୧୭) ଏଠାରେ ସେ ଦୁଇଟି ନିୟମ ମଧ୍ୟରେ ଥିବା ପାର୍ଥକ୍ୟ ଦେଖାଇ ଅଛନ୍ତି । ଈଶ୍ୱର ନିଜେ ମୋଶା, ଏଲିୟ ଓ ଖ୍ରୀଷ୍ଟଙ୍କ ସମ୍ମୁଖରେ ଏପରି କହିଲେ,''ଏ ଆମ୍ଭର ପ୍ରିୟ ପୁତ୍ର, ଏହାଙ୍କ ଠାରେଆମ୍ଭର ପରମ ସନ୍ତୋଷ, ଏହାଙ୍କ ବାକ୍ୟ ଶ୍ରବଣ କର ।'' (ମାଥିଉ ୧୭:୫) । ''ଈଶ୍ୱର ପୁରାକାଳରେ ବିଭିନ୍ନ ଭାଗରେ ଓ ବିଭିନ୍ନ ପ୍ରକାରେ ଭାବବାଦୀମାନଙ୍କ ଦ୍ୱାରା ପିତୃ ପୁରୁଷମାନଙ୍କୁ କଥା କହି ଏହି ଶେଷକାଳରେ ପୁତ୍ରଙ୍କ ଦ୍ୱାରା ଆମ୍ଭମାନଙ୍କୁ କଥା କହିଅଛନ୍ତି ।'' (ଏବ୍ରୀ ୧:୧-୨)

ପୁନର୍ବାର ଏବ୍ରୀ ପୁସ୍ତକ କର୍ତ୍ତାଙ୍କ ଅନୁଯାୟୀ, ''କାରଣ ଉଇଲ୍ କରାଯାଇଥିଲେ ଉଇଲ୍ କରିଥିବା ବ୍ୟକ୍ତିଙ୍କ ମୃତ୍ୟୁର ପ୍ରମାଣ ଆବଶ୍ୟକ । ଯେଣୁ ମୃତ୍ୟୁ ଘଟିଲେ ଉଇଲ୍‌ବଳବତ୍ତର ହୁଏ, କାରଣ ଉଇଲ୍ କରିଥିବା ଲୋକ ଜୀବିତ ଥିବା ପର୍ଯ୍ୟନ୍ତ ତାହା କଦାପି କାର୍ଯ୍ୟକାରୀ ହୁଏ ନାହିଁ (ଏବ୍ରୀ ୯:୧୬-୧୭)। ପୁଣି ଲେଖାଯାଏ,''ଦ୍ୱିତୀୟଟି ସ୍ଥାପନ କରିବା ନିମନ୍ତେ ସେ ପ୍ରଥମଟି ଲୋପ କରନ୍ତି । ଯୀଶୁଖ୍ରୀଷ୍ଟଙ୍କ ଶରୀର ଏକାଥରକେ ଉତ୍ସର୍ଗୀକୃତ ହେବା ଦ୍ୱାରା ସେହି ଇଚ୍ଛା ହେତୁ ଆମ୍ଭେମାନେ ପବିତ୍ରୀକୃତ ହୋଇଅଛୁଁ (ଏବ୍ରୀ ୧୦:୯-୧୦) । ପ୍ରଥମ ବ୍ୟବସ୍ଥାମାନେ ପୁରାତନ ନିୟମ ଓ ଦ୍ୱିତୀୟ ମାନେ ନୂତନ ନିୟମ । ତେଣୁକରି, ସେ ଦ୍ୱିତୀୟ ନିୟମ ସ୍ଥାପନ କରିବା ନିମନ୍ତେ ପ୍ରଥମ ନିୟମ ଲୋପ କରିଅଛନ୍ତି ।

୨ୟ କରିନ୍ଥୀ ୩ୟ ଅଧ୍ୟାୟ ଅଧ୍ୟୟନ କରିବା ପରେ, ପୁରାତନ ନିୟମ ଏବେ ମଧ୍ୟ ପ୍ରଚଳିତ ହୋଇଅଛି ବୋଲି କିଏ କହିପାରିବ ? ଏଠାରେ ପାଉଲ ପୁରାତନ ନିୟମ ମୃତ୍ୟୁଦାୟକ, କିନ୍ତୁ ନୂତନ ନିୟମ (ଖ୍ରୀଷ୍ଟଙ୍କ ବ୍ୟବସ୍ଥା) ଜୀବନଦାୟକ ବୋଲି କହିଅଛନ୍ତି । ଗାଲାତୀୟମାନଙ୍କ ପତ୍ରରେ ପାଉଲ, ଖ୍ରୀଷ୍ଟଙ୍କୁ ପରିତ୍ୟାଗ କରି, ପୁରାତନ ବ୍ୟବସ୍ଥାଧୀନ ହେବା ମୁର୍ଖାମୀର ବିଷୟ ବୋଲି

କହିଛନ୍ତି । ''ତୁମ୍ଭେମାନେ ଯେତେଲୋକ ବ୍ୟବସ୍ଥା ଦ୍ୱାରା ଧାର୍ମିକ ଗଣିତ ହେବାକୁ ଚାହୁଁଅଛ, ତୁମ୍ଭେମାନେ ଖ୍ରୀଷ୍ଟଙ୍କ ଠାରୁ ବିଚ୍ଛିନ୍ନ ହୋଇଅଛ, ତୁମ୍ଭେମାନେ ଅନୁଗ୍ରହରୁ ପତିତ ହୋଇଅଛ'' (ଗାଲାତୀୟ ୫:୪) ପୁଣି ଗାଲାତୀୟ ୪:୨୧-୩୧ ଦୟାପୂର୍ବକ ପଢ଼ନ୍ତୁ ।

ଅତଏବ, ଏବେ ଆମ୍ଭେମାନେ ପୁରାତନ ନିୟମର ଅଧୀନରେ ନୋହୁଁ, କିନ୍ତୁ ନୂତନ ନିୟମ ଅର୍ଥାତ୍ ଖ୍ରୀଷ୍ଟଙ୍କ ବ୍ୟବସ୍ଥାର ଅଧୀନ ଅଟୁ । ତେଣୁକରି ଆମ୍ଭେମାନେ, କ୍ରୁଶ ଉପରେ ଚଢ଼ାଯାଉଥିବା ଡକାଇତର ଉଦାହରଣ ଆମ୍ଭମାନଙ୍କ ଜୀବନରେ ନେଇ ନ ପାରୁ । ଦଶମାଂଶ ଦେବାରେ ବା ଯାନ୍ତ୍ରିକ ସଂଗୀତ ବ୍ୟବହାର କରିବାରେ, ବା ବିଶ୍ରାମବାର ପାଳନ କରିବାରେ ଆବଦ୍ଧ ନୋହୁଁ ଯଦିଓ ଆମ୍ଭେମାନେ ମୋଶାଙ୍କ ବ୍ୟବସ୍ଥାଧୀନ ନୋହୁଁ, ନରହତ୍ୟା, ବ୍ୟଭିଚାର ପ୍ରଭୃତି ନିମନ୍ତେ ଆମ୍ଭମାନଙ୍କୁ ସ୍ୱାଧୀନତା ଦିଆଯାଏ ନାହିଁ । ପୁରାତନ ନିୟମ ମନୁଷ୍ୟ ସଦୃଶ୍ୟ ନୂତନ ନିୟମ ମଧ୍ୟ ଏହିପରି ପାପ ଗୁଡ଼ିକ ଶାରୀରିକ ଓ ମାନସିକ ଭାବେ ନିଷେଧ କରେ ।

ପୁରାତନ ନିୟମ ମଧ୍ୟ ଈଶ୍ୱରଙ୍କ ବାକ୍ୟ ଅଟେ, କିନ୍ତୁ ଏକ ବ୍ୟବସ୍ଥା ସ୍ୱରୂପେ ଆମ୍ଭମାନଙ୍କୁ ଆବଦ୍ଧ କରେ ନାହିଁ । ଆମ୍ଭେମାନେ ଖ୍ରୀଷ୍ଟଙ୍କ ନୂତନ ନିୟମ କାଳରେ ବାସ କରୁଥିବାରୁ, ଖ୍ରୀଷ୍ଟଙ୍କୁ ଆମ୍ଭମାନଙ୍କ ରକ୍ଷାକର୍ତ୍ତା ଓ ବିଶ୍ୱାସର ମୂଳରୂପେ ମାନିବା ଆବଶ୍ୟକ । ଯଦି ଆମ୍ଭମାନଙ୍କ ନିମନ୍ତେ ଖ୍ରୀଷ୍ଟ ନିଜେ ମୃତ୍ୟୁ ଭୋଗିଲେ, ତେବେ ଆମ୍ଭେମାନେ କାହିଁକି ପୁରାତନ ବ୍ୟବସ୍ଥା ନିକଟକୁ ପରିତ୍ରାଣ ଓ ଅନନ୍ତଜୀବନ ନିମନ୍ତେ ଯିବା ? ପାଉଲଙ୍କ ଉପଦେଶନୁସାରେ ବାକ୍ୟକୁ ଯଥାର୍ଥରୂପେ ବିଭକ୍ତ କରିବା (୨ୟ ତୀମଥି ୨:୧୫) । ତାହା କଲେ, ଆମ୍ଭେମାନେ ଦୁଇଟି ନିୟମ ମଧ୍ୟରେ ଥିବା ପାର୍ଥକ୍ୟ ଜାଣିପାରିବା, ତଥା କେଉଁ ନିୟମ ଏବେ ପ୍ରଚଳିତ ହେଉଅଛି ତାହା ବି ବୁଝିପାରିବା ।

# 31. ପବିତ୍ର ଆତ୍ମାଙ୍କ ପରିମାଣ
## (Measures of the Holy Spirit)

ଅଧିକାଂଶ ଲୋକେ ବର୍ତ୍ତମାନ ପର୍ଯ୍ୟନ୍ତ ଆଶ୍ଚର୍ଯ୍ୟ କର୍ମଗୁଡ଼ିକ ସାଧିତ ହେଉଅଛି ବୋଲି ମନେ କରନ୍ତି । ପ୍ରଥମ ଶତାବ୍ଦୀରେ ପ୍ରେରିତମାନେ ଯେପରି ପବିତ୍ର ଆତ୍ମାଙ୍କର ଦ୍ୱାରା ବାପ୍ତିଜିତ ହୋଇପାରିବେ ବୋଲି ସେମାନେ ବିଶ୍ୱାସ କରନ୍ତି । ତା'ର କାରଣ ଅନେକେ ପବିତ୍ର ଆତ୍ମାଙ୍କ ପରିମାଣ ନ ଜାଣି ଥିବାରୁ ଏପରି ଭ୍ରମ ସୃଷ୍ଟି ହୋଇଥାଏ ।

୧. ଖ୍ରୀଷ୍ଟ ଅପରିମିତଭାବେ ପବିତ୍ର ଆତ୍ମା ପାଇଥିଲେ । "କାରଣ ଈଶ୍ୱର ଯାହାଙ୍କୁ ପ୍ରେରଣ କରିଅଛନ୍ତି, ସେ ଈଶ୍ୱରଙ୍କ ବାକ୍ୟ କହନ୍ତି, ଯେଣୁ ସେ ପରିମିତ ଭାବରେ ଆତ୍ମା ପ୍ରଦାନ କରନ୍ତି ନାହିଁ" (ଯୋହନ ୮:୩୪) । ତେଣୁକରି ସେ ସମସ୍ତ କର୍ମ କରିବା ନିମନ୍ତେ ଶକ୍ତିବାନ୍ ହୋଇଥିଲେ । ସେ ଛୋଟାକୁ ଚାଲିବାର ଶକ୍ତି, ଅନ୍ଧକୁ ଦୃଷ୍ଟିଶକ୍ତି, ମୂକକୁ କଥା କହିବାର ଶକ୍ତି ଓ ବଧିରକୁ ଶୁଣିବାର ଶକ୍ତି ପ୍ରଦାନ କରିଥିଲେ । ସେ ଅନେକ ସଂଖ୍ୟକ ଜନସମୂହକୁ ଖାଦ୍ୟ ପରିବେଷଣ କରିଥିଲେ , ମୃତବ୍ୟକ୍ତିମାନଙ୍କୁ ପୁର୍ନଜୀବିତ କରିଥିଲେ ଏବଂ ସେ ନିଜେ ମୃତ୍ୟୁକୁ ପରାଜୟ କରି ପୁର୍ନଉଥିତ ହୋଇଥିଲେ । ଏସବୁ କର୍ମ ସେ କାହିଁକି କରିଥିଲେ ? ଈଶ୍ୱରଙ୍କ ବାକ୍ୟକୁ ପ୍ରମାଣ କରି, ମନୁଷ୍ୟମାନଙ୍କ ମଧ୍ୟରେ ବିଶ୍ୱାସ ଜନ୍ମାଇବା ନିମନ୍ତେ (ଯୋହନ ୨୦:୩୦-୩୧)

୨. ପବିତ୍ର ଆତ୍ମାଙ୍କ ବାପ୍ତିସ୍ମ, ନୂତନ ନିୟମରେ ଏହା କେବଳ ଦୁଇଥର ମାତ୍ର ଘଟିଥିଲା । ପ୍ରଥମେ ପ୍ରେରିତମାନେ ପବିତ୍ର ଆତ୍ମାଙ୍କ ଦ୍ୱାରା ବାପ୍ତିଜିତ ହେଲେ । (ପ୍ରେରିତ ୨ ଅଧ୍ୟାୟ) ତା' ପୂର୍ବରୁ ଯୀଶୁ ସେମାନଙ୍କୁ ସାହାଯ୍ୟକାରୀ ଆତ୍ମାଙ୍କୁ ପ୍ରେରଣ କରିବି ବୋଲି ପ୍ରତିଜ୍ଞା କରିଥିଲେ । ଖ୍ରୀଷ୍ଟ

ଏହି ଜଗତରୁ ଚାଲିଯିବାର ଥିଲା, କିନ୍ତୁ ପ୍ରେରିତମାନଙ୍କୁ ତାହାଙ୍କ ପ୍ରେରଣାର ଆବଶ୍ୟକ ଥିଲା । ତେଣୁକରି, ଖ୍ରୀଷ୍ଟ ପବିତ୍ର ଆତ୍ମାଙ୍କୁ ପରିଚାଳକ ରୂପେ ପ୍ରେରଣ କରିବି ବୋଲି ପ୍ରତିଜ୍ଞା କରିଥିଲେ । ସେମାନେ ପବିତ୍ର ଆତ୍ମାଙ୍କ ଦ୍ୱାରା ବାପ୍ତିଜିତ ହେବା ପରେ ପରଭାଷାରେ କଥା କହିବାକୁ ଶକ୍ତି, ଛୋଟା ଓ ରୋଗୀମାନଙ୍କୁ ସୁସ୍ଥ କରିବା ନିମନ୍ତେ ଶକ୍ତି, ମୃତମାନଙ୍କୁ ଜୀବିତ କରିବା ନିମନ୍ତେ ଶକ୍ତିପ୍ରାପ୍ତ ହୋଇଥିଲେ । ପ୍ରେରିତମାନେ ଅନ୍ୟମାନଙ୍କୁ ହସ୍ତାର୍ପଣ କରିବା ଦ୍ୱାରା ସେମାନେ ଆଶ୍ଚର୍ଯ୍ୟ କର୍ମ କରିବା ନିମନ୍ତେ ଶକ୍ତି ପାଇଥିଲେ ।

ଦ୍ୱିତୀୟରେ, କର୍ଣ୍ଣଲିୟ ଓ ତାହାଙ୍କ ପରିବାର ପବିତ୍ର ଆତ୍ମାଙ୍କ ଦ୍ୱାରା ବାପ୍ତିଜିତ ହୋଇଥିଲେ । ତ'ଦ୍ୱାରା ଯିହୂଦୀମାନଙ୍କ ସଦୃଶ୍ୟ ବିଜାତୀୟମାନେ ମଧ୍ୟ ଈଶ୍ୱରଙ୍କ ସନ୍ତାନ ବୋଲି ଜଣାଇବା ନିମନ୍ତେ ଏହି ଘଟଣା ଘଟିଥିଲା । (ପ୍ରେରିତ ୧୦ ଓ ୧୧ ପର୍ବ) । ସେମାନେ ପବିତ୍ର ଅତ୍ମାରେ ବାପ୍ତିଜିତ ହୋଇ, ପରଭାଷାରେ କଥା କହିବା ପରେ, ପିତର ପ୍ରଶ୍ନ କଲେ "ଏହି ଯେଉଁ ଲୋକମାନେ ଆମ୍ଭମାନଙ୍କ ପରି ପବିତ୍ର ଆତ୍ମା ପ୍ରାପ୍ତ ହୋଇଅଛନ୍ତି । ଏମାନେ ଯେପରି ବାପ୍ତିଜିତ ନ ହୁଅନ୍ତି, ସେଥି ନିମନ୍ତେ କି କେହି ଜଳ ନିଷେଧ କରିପାରେ ? (ପ୍ରେରିତ ୧୦:୪୭) । ଯିରୁଶାଲମରେ ଥିବା ଅନ୍ୟ ପ୍ରେରିତମାନଙ୍କୁ ବିଷୟଟି ଆଦ୍ୟପ୍ରାନ୍ତ ବୁଝାଇବା ସମୟରେ ଏପରି କହିଲେ, "ପରେ ମୁଁ କଥା କହିବାକୁ ଆରମ୍ଭ କରିବା ସମୟରେ ପବିତ୍ର ଆତ୍ମା ପ୍ରଥମରେ ଆମ୍ଭମାନଙ୍କ ଉପରେ ଅବତରଣ କଲା ପରେ ସେମାନଙ୍କ ଉପରେ ସୁଦ୍ଧା ଅବତରଣ କଲେ ।" (ପ୍ରେରିତ ୧୧:୨୫) । ସମସ୍ତ ବିଶ୍ୱାସୀମାନଙ୍କ ସଦୃଶ୍ୟ କର୍ଣ୍ଣଲିୟ ମଧ୍ୟ ପବିତ୍ର ଆତ୍ମାରେ ବାପ୍ତିଜିତ ହୋଇଅଛନ୍ତି ବୋଲି ନ କହି ବରଂ ପ୍ରେରିତମାନେ ଯେପରି ବାପ୍ତିଜିତ ହୋଇଥିଲେ ସେପରିଭାବେ କର୍ଣ୍ଣଲିୟ ଓ ତାହାଙ୍କ ପରିବାର ବାପ୍ତିଜିତ ହୋଇଥିଲେ ବୋଲି ଏଠାରେ ପିତର କହିଅଛନ୍ତି ।

୩. ହସ୍ତାର୍ପଣ ଦ୍ୱାରା ପ୍ରାପ୍ତ ପବିତ୍ର ଆତ୍ମାଙ୍କ ପରିମାଣ: ପ୍ରେରିତମାନଙ୍କ

ସଂଖ୍ୟା କମ୍ ଥିଲା, କିନ୍ତୁ କରିବା କାମ ଅଧିକ ଥିଲା । ଅନ୍ୟମାନେ ଯେପରି ପବିତ୍ର ଆତ୍ମାଙ୍କ ଶକ୍ତି ପାଇ ଅନେକ କାର୍ଯ୍ୟ କରିପାରନ୍ତି, ତେଣୁକରି ସେମାନେ ସେମାନଙ୍କ ଉପରେ ପବିତ୍ର ଆତ୍ମା ପ୍ରାପ୍ତ ହେବା ନିମନ୍ତେ ହସ୍ତାର୍ପଣ କରିଥିଲେ । ସର୍ବପ୍ରଥମେ ସେମାନେ ମନୋନୀତ ସାତ ଜଣ ଉପରେ ହସ୍ତାର୍ପଣ କରିଥିଲେ (ପ୍ରେରିତ ୬:୬) ତଦ୍ୱାରା ଫିଲିପ୍ ଶମିରୋଣରେ ଯାଇ ଆଶ୍ଚର୍ଯ୍ୟକର୍ମ ସାଧିତ କରି ପାରିଥିଲେ । ତାହାଙ୍କ ପ୍ରଚାର ଦ୍ୱାରା ଅନେକେ ସୁସମାଚାରର ବିଧେୟ ହୋଇଥିଲେ, କିନ୍ତୁ ଫିଲିପ୍ ତାହାଙ୍କ ନିକଟରେ ଥିବା ପବିତ୍ର ଆତ୍ମାଙ୍କ ଶକ୍ତି ସେମାନଙ୍କୁ ଦେଇ ପାରିନଥିଲେ । ପରେ, ପ୍ରେରିତ ପିତର ଓ ପ୍ରେରିତ ଯୋହନ ଯିରୁଶାଲମରୁ ଆସି, ଶମିରୋଣରେ ଥିବା ବିଶ୍ୱାସୀମାନଙ୍କ ଉପରେ ହସ୍ତାର୍ପଣ କରିବା ଦ୍ୱାରା, ସେମାନେ ପବିତ୍ର ଆତ୍ମାଙ୍କୁ ପ୍ରାପ୍ତ ହୋଇଥିଲେ (ପ୍ରେରିତ ୮:୧୪-୧୭) ।

୪. ସାଧାରଣ ରୀତିରେ ପବିତ୍ର ଆତ୍ମା ପ୍ରାପ୍ତ ବ୍ୟକ୍ତିମାନେ : ପ୍ରେରିତମାନଙ୍କ ଦ୍ୱାରା ହସ୍ତାର୍ପଣରେ ପବିତ୍ର ଆତ୍ମା ପ୍ରାପ୍ତ ବ୍ୟକ୍ତିମାନଙ୍କ ବ୍ୟତୀତ, ଅନ୍ୟମାନେ ସାମାନ୍ୟ ପରିମାଣରେ ପବିତ୍ର ଆତ୍ମା ପାଇଥିଲେ । ସେମାନେ ପବିତ୍ର ଆତ୍ମାଙ୍କ ଦାନ ପାଇଥିଲେ କିନ୍ତୁ ତାଙ୍କର ମହାନ୍ ଶକ୍ତି ପାଇନଥିଲେ । ପେଣ୍ଟିକଷ୍ଟ ଦିବସରେ ପିତର ଜନସମୂହଙ୍କୁ ଏପରି କହିଲେ, "ଆପଣମାନେ ମନ ପରିବର୍ତ୍ତନ କରନ୍ତୁ ଆଉ ନିଜ ନିଜ ପାପକ୍ଷମା ନିମନ୍ତେ ପ୍ରତ୍ୟେକ ଜଣ ଯୀଶୁଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହେଉନ୍ତୁ, ତାହାହେଲେ ଆପଣମାନେ ପବିତ୍ର ଆତ୍ମାଙ୍କ ଦାନ ପ୍ରାପ୍ତ ହେବେ ।" ସେହିଦିନ ପିତରଙ୍କ ଉପଦେଶ ଶୁଣି ତିନି ହଜାର ଲୋକେ ବାପ୍ତିଜିତ ହୋଇଥିଲେ । ସେମାନେ ପବିତ୍ର ଆତ୍ମାଙ୍କ ଶକ୍ତି ପ୍ରାପ୍ତ ହୋଇ ପ୍ରେରିତମାନଙ୍କ ସଦୃଶ୍ୟ ଆଶ୍ଚର୍ଯ୍ୟକର୍ମ କରିଥିଲେ ବୋଲି କିନ୍ତୁ ଲିଖିତ ହୋଇନାହିଁ ।

ପବିତ୍ର ଆତ୍ମାଙ୍କ ବାପ୍ତିସ୍ମ କେବଳ ପ୍ରେରିତମାନଙ୍କୁ ପ୍ରତିଜ୍ଞା କରାଯାଇଥିଲା

। ପ୍ରଭୁଙ୍କ ଦ୍ୱାରା ତାହା ସେମାନଙ୍କୁ ପ୍ରଦତ୍ତ ହୋଇଥିଲା । ପବିତ୍ର ଆତ୍ମା ସେମାନଙ୍କୁ ସତ୍ୟରେ କଢ଼ାଇ ନେଇ, ବାକ୍ୟରେ ସ୍ଥିର କରି, ନୂତନ ନିୟମ ଲେଖିବା ନିମନ୍ତେ ପ୍ରେରଣା ଦେଇଥିଲେ । କର୍ଣ୍ଣୀଲିୟ ଓ ତାହାଙ୍କ ପରିବାରଭୁକ୍ତ ସମସ୍ତେ ଜଳରେ ବାପ୍ତିସ୍ମ ଗ୍ରହଣ କରିବା ପୂର୍ବରୁ ପବିତ୍ର ଆତ୍ମାଙ୍କ ବାପ୍ତିସ୍ମ ପାଇଥିଲେ ।

ହସ୍ତାର୍ପଣ ଦ୍ୱାରା ପବିତ୍ର ଆତ୍ମାଙ୍କୁ ଦାନ କରିବାର ଶକ୍ତି କେବଳ ପ୍ରେରିତମାନଙ୍କୁ ଦିଆଯାଇଥିଲା । ତେଣୁ କରି, ପ୍ରେରିତମାନଙ୍କ ମୃତ୍ୟୁ ପରେ ଏହି ବର ସ୍ଥଗିତ ହୋଇଯାଇଥିଲା । ସେତେବେଳେ ନୂତନ ନିୟମ ଲିଖିତ ହୋଇସାରିଥିଲା । ଯାହାକି ମନୁଷ୍ୟମାନଙ୍କୁ ସମସ୍ତ ସତ୍ୟରେ କଢ଼ାଇ ନେଇଯାଇପାରେ । (ଯାକୁବ ୧:୨୫, ତୀମଥି ୩:୧୬, ୧୭)

ତେବେ ବର୍ତ୍ତମାନ ମଧ୍ୟ ପବିତ୍ର ଆତ୍ମା ପ୍ରାପ୍ତ ହୋଇ, ଆଶ୍ଚର୍ଯ୍ୟ କର୍ମ କରୁଅଛୁ ବୋଲି ଲୋକେ କାହିଁକି କହନ୍ତି ? ସେମାନେ ଭ୍ରାନ୍ତ, ତଥା ଈଶ୍ୱରଙ୍କ ବାକ୍ୟ ସଠିକ୍‌ଭାବେ ବୁଝି ପାରିନାହାନ୍ତି । ଯେବେ ସେମାନେ ଈଶ୍ୱରଙ୍କ ଇଚ୍ଛାନୁସାରେ ଚାଲୁନାହାନ୍ତି, ତେବେ ଈଶ୍ୱର ସେମାନଙ୍କୁ କିପରି ପରିଚାଳନା କରିବେ ? ବାଇବଲରେ ଲିଖିତ ହୋଇନଥିବା ମଣ୍ଡଳୀକୁ କି ପବିତ୍ର ଆତ୍ମା ସେମାନଙ୍କୁ କଢ଼ାଇ ନେଇଯିବେ ? ସେମାନଙ୍କୁ ମାନବ-କଳ୍ପିତ ନାମ ଧାରଣ କରିବା ନିମନ୍ତେ କି ପବିତ୍ର ଆତ୍ମା ସେମାନଙ୍କୁ ପ୍ରବର୍ତ୍ତାଇବେ ? କେବେ ନୁହେଁ । ସେମାନେ ପ୍ରକୃତରେ ପବିତ୍ର ଆତ୍ମାଙ୍କ ଶକ୍ତି ପ୍ରାପ୍ତ ହୋଇଥିଲେ ଯୀଶୁ ଓ ପ୍ରେରିତମାନେ କରିଥିବା ପରି ଆଶ୍ଚର୍ଯ୍ୟ କର୍ମଗୁଡ଼ିକ ମଧ୍ୟ କରିବା ଆବଶ୍ୟକ । ପ୍ରିୟ ବନ୍ଧୁ, ସେମାନଙ୍କ ଭୁଲ୍‌ଶିକ୍ଷା ଦ୍ୱାରା ଭ୍ରାନ୍ତ ନ ହୋଇ ବାଇବଲର ଶିକ୍ଷାନୁସାରେ ଆଚରଣ କର ।

# 32. ପରଭାଷା

## (The Unknown Tongue)

ଆଜିର ଧାର୍ମିକ ଜଗତରେ ଅନେକ ପରଭାଷାରେ କଥା କହିପାରନ୍ତି ବୋଲି ଦାବୀ କରନ୍ତି । ଈଶ୍ୱରଙ୍କ ଆତ୍ମା ସେମାନଙ୍କ ଦ୍ୱାରା କଥା କହୁଅଛନ୍ତି ବୋଲି ସେମାନେ ମନେକରନ୍ତି । ସେମାନଙ୍କ ପରଭାଷା ସେମାନେ ନିଜେକିମ୍ବା ଶ୍ରବଣକାରୀ ମନୁଷ୍ୟମାନେ ବୁଝିପାରନ୍ତି ନାହିଁ କିନ୍ତୁ ଈଶ୍ୱର ବୁଝିପାରନ୍ତି ବୋଲି ମନେ କରନ୍ତି । କିନ୍ତୁ ଈଶ୍ୱରଙ୍କ ବାକ୍ୟ ସେହିପରି ଶିକ୍ଷାଦିଏ ନାହିଁ । ଏହିପରି ଲୋକେ ଭ୍ରାନ୍ତ ହୋଇଅଛନ୍ତି । ସେମାନେ ଉଚ୍ଚାରଣ କରୁଥିବା ଶବ୍ଦ ପରଭାଷା ନୁହେଁ, କିମ୍ବା କୌଣସି ଭାଷା ବି ନୁହେଁ, କିନ୍ତୁ କେବଳ କେତେକ ଅବୁଝା ଶବ୍ଦଗୁଡ଼ିକର ସମଷ୍ଟି ।

ବାଇବଲରେ ଏକ ପରଭାଷା ବିଷୟରେ ଲିଖିତ ହୋଇଅଛି (୧ମ କରିନ୍ଥୀ ୧୪:୨) ତଥାପି ଉଚ୍ଚାରଣ କରୁଥିବା ବ୍ୟକ୍ତିଙ୍କୁ ସେ ଭାଷା ଅବୁଝା ନୁହେଁ । ଏହିପରି ସମୟରେ ପରଭାଷାରେ କଥା କହୁଥିବା ବ୍ୟକ୍ତି ନିଜେ ସେ ଭାଷା ବୁଝିପାରନ୍ତି, କିନ୍ତୁ ଅନ୍ୟମାନେ ସେ ଭାଷା ବୁଝିପାରନ୍ତି ନାହିଁ । ତେଣୁକରି ଶ୍ରବଣକାରୀମାନଙ୍କ ନିମନ୍ତେ ତାହା ଫଳହୀନ । ଫଳରେ ପରଭାଷାରେ କଥା କହୁଥିବା ବ୍ୟକ୍ତି ନିଜେ ନିଷ୍ଠା ପ୍ରାପ୍ତ ହୁଏ, କିନ୍ତୁ ସେହି ଭାଷା ଅନ୍ୟମାନେ ନ ବୁଝି ପାରିବାରୁ, ସେମାନଙ୍କ ନିମନ୍ତେ ତାହା ନିଷ୍ଫଳ । (୧ କରିନ୍ଥୀ ୧୪:୪)

'ଭାଷା' ବୋଲି ଏହି ପଦର ଅର୍ଥ, 'ଅର୍ଥ ଦେଉଥିବା ଉଚ୍ଚାରିତ ଶବ୍ଦ ବୋଲି ଆମ୍ଭମାନଙ୍କୁ ମନେରଖିବା ଉଚିତ୍ । "ସେହିପରି ତୁମ୍ଭେମାନେ ମଧ୍ୟ ଯଦି ଜିହ୍ୱା ଦ୍ୱାରା ସହଜ ବୋଧଗମ୍ୟ କଥା ନ କୁହ, ତେବେ କଅଣ କହୁଅଛ, ତାହା କିପରି ଜଣାଯିବ ? କାରଣ ତୁମ୍ଭେମାନେ ଶୂନ୍ୟକୁ କହିବାପରି ହେବ ।" (୧

କରିନ୍ଥୀ ୧୪:୯) ପୁନର୍ବାର ପାଉଲ କହନ୍ତି, ''କାରଣ ମୁଁ ଯଦି ପରଭାଷାରେ ପ୍ରାର୍ଥନା କରେ, ତେବେ ମୋହର ଆତ୍ମା ପ୍ରାର୍ଥନା କରେ, କିନ୍ତୁ ମୋହର ବୁଦ୍ଧି ଫଳହୀନ ହୁଏ । ତେବେ କର୍ତ୍ତବ୍ୟ କଅଣ ? ମୁଁ ଆତ୍ମା ଦ୍ୱାରା ପ୍ରାର୍ଥନା କରିବି, ପୁଣି ବୁଦ୍ଧି ସହିତ ମଧ୍ୟ ପ୍ରାର୍ଥନା କରିବି, ଆତ୍ମା ଦ୍ୱାରା ସ୍ତୁତିଗାନ କରିବି, ପୁଣି ବୁଦ୍ଧି ସହିତ ସ୍ତୁତିଗାନ କରିବି । (୧ କରିନ୍ଥୀ ୧୪:୧୪-୧୫) ପରଭାଷା ଶ୍ରବଣକାରୀମାନଙ୍କୁ ଏକ ଅବୁଝା ଭାଷା । ଏପରି ସମୟରେ, ପାଉଲଙ୍କ ଅନୁଯାୟୀ, ପ୍ରାର୍ଥନାକାରୀର ପ୍ରାର୍ଥନା ଶ୍ରବଣକାରୀମାନଙ୍କ ନିମନ୍ତେ ଫଳହୀନ ହୋଇଥାଏ । ଏହା ସ୍ତୁତିଗାନ ବିଷୟରେ ମଧ୍ୟ ସତ୍ୟ ଅଟେ । ତେଣୁକରି ପାଉଲ ଆତ୍ମାରେ ଓ ବୁଦ୍ଧି ସହିତ ପ୍ରାର୍ଥନା ତଥା ସ୍ତୁତିଗାନ କରିବା ନିମନ୍ତେ ନିର୍ଣ୍ଣୟ ନେଇଅଛନ୍ତି । (୧ କରିନ୍ଥୀ ୧୪:୧୪-୧୫)

ପୁନର୍ବାର ପାଉଲ କହନ୍ତି,''ନଚେତ୍ ତୁମ୍ଭେ ଯଦି ଆତ୍ମା ଦ୍ୱାରା ଧନ୍ୟବାଦ ଦିଅ, ତେବେ ସାଧାରଣ ଲୋକେ ତୁମ୍ଭକଥା ନ ବୁଝିବାରୁ କିପରି ତୁମ୍ଭ ଧନ୍ୟବାଦରେ ଆମେନ୍ କହିବ ? ଯେଣୁ ତୁମ୍ଭେ ଉତ୍ତମ ଧନ୍ୟବାଦ ଦେଇଅଛ ସତ, କିନ୍ତୁ ତାହା ଅନ୍ୟ ଜଣର ନିଷ୍ଠା ହୁଏ ନାହିଁ । ମୁଁ ତୁମ୍ଭ ସମସ୍ତଙ୍କ ଅପେକ୍ଷା ଅଧିକରୂପେ ପରଭାଷାରେ କଥା କହେ ବୋଲି ଈଶ୍ୱରଙ୍କୁ ଧନ୍ୟବାଦ ଦେଉଅଛି, ତଥାପି ମୁଁ ଯେପରି ଅନ୍ୟମାନଙ୍କୁ ମଧ୍ୟ ଶିକ୍ଷା ଦେଇପାରେ, ଏଥି ନିମନ୍ତେ ମଣ୍ଡଳୀରେ ପରଭାଷାରେ ଦଶ ହଜାର କଥା କହିବା ଅପେକ୍ଷା ବରଂ ବୁଦ୍ଧି ସହିତ ପାଞ୍ଚଟି କଥା କହିବାକୁ ଭଲପାଏ ।'' (୧ କରିନ୍ଥୀ ୧୪:୧୫-୧୯)

ପୁନର୍ବାର ପାଉଲ କହନ୍ତି, ''ବ୍ୟବସ୍ଥାରେ ଲେଖାଅଛି, ପ୍ରଭୁ କହନ୍ତି, ବିଦେଶୀୟ ଭାଷାବାଦୀମାନଙ୍କ ଦ୍ୱାରା ଓ ବିଦେଶୀୟମାନଙ୍କ ମୁଖ ଦ୍ୱାରା ଆମ୍ଭେ ଏହି ଲୋକମାନଙ୍କୁ କଥା କହିବା, ତାହାହେଲେ ସୁଦ୍ଧା ସେମାନେ ଆମ୍ଭର କଥା ଶୁଣିବେ ନାହିଁ । ଏଣୁ ପରଭାଷାରେ କଥା କହିବା ବିଶ୍ୱାସୀମାନଙ୍କ ନିମନ୍ତେ ଚିହ୍ନସ୍ୱରୂପେ ନୁହେଁ, ମାତ୍ର ଅବିଶ୍ୱାସୀମାନଙ୍କ ନିମନ୍ତେ ଚିହ୍ନସ୍ୱରୂପ, ଅନ୍ୟପକ୍ଷରେ

ଭାବବାଣୀ କହିବା ଅବିଶ୍ୱାସୀମାନଙ୍କ ନିମନ୍ତେ ଚିହ୍ନସ୍ୱରୂପ ନୁହେଁ, ମାତ୍ର ବିଶ୍ୱାସୀମାନଙ୍କ ନିମନ୍ତେ ଚିହ୍ନସ୍ୱରୂପ ।'' (୧ କରିନ୍ଥୀ ୧୪:୨୧-୨୨)

ପୁନର୍ବାର ଲେଖାଯାଏ,''ଯଦି କେହି ପରଭାଷାରେ କଥା କହେ, ତେବେ ଦୁଇ ଅବା ଅଧିକ ହେଲେ ତିନି ଜଣ ପାଳି ଅନୁସାରେ କହନ୍ତୁ, ଆଉ ଜଣେ ଅର୍ଥ କରୁ । କିନ୍ତୁ ଯଦି ଅର୍ଥକାରକ ନଥାଏ, ତାହାହେଲେ ସେ ମଣ୍ଡଳୀରେ ନୀରବ ରହୁ ଓ ନିରୋଳାରେ ଈଶ୍ୱରଙ୍କୁ କହୁ (୧ କରିନ୍ଥୀ ୧୪:୨୭-୨୮) । ପରଭାଷା ଶ୍ରବଣକାରୀମାନଙ୍କୁ ଏକ ଅବୁଝା ଭାଷା ତେଣୁକରି ପାଉଲ ଏଠାରେ, ପାଳିରେ କଥା କହିବାକୁ ତଥା ସେହି ପରଭାଷାକୁ ଅନୁବାଦ କରିବା ନିମନ୍ତେ କହୁଅଛନ୍ତି । ଯଦି ସେହି ମଣ୍ଡଳୀରେ ଅନୁବାଦକ ନଥାନ୍ତି, ତେବେ ସେ ନୀରବ ରହି ଈଶ୍ୱରଙ୍କୁ ନିରୋଳାରେ ପ୍ରାର୍ଥନା କରିବା ନିମନ୍ତେ ପାଉଲ ଏଠାରେ ଆଜ୍ଞା କରିଅଛନ୍ତି । ଅର୍ଥାତ୍ ସେହି ମଣ୍ଡଳୀରେ ଅର୍ଥକାରକ ନଥିଲେ, ସେହି ପରଭାଷାରେ କଥା କହୁଥିବା ବ୍ୟକ୍ତି ନୀରବ ରହି ନିରୋଳାରେ ଈଶ୍ୱରଙ୍କୁ ପ୍ରାର୍ଥନା କରିବା ଉଚିତ ।

ପରଭାଷାରେ କଥା କହିବା ନିମନ୍ତେ କାହାକୁ ଶକ୍ତି ଦିଆଯାଇଥିଲା ? ପ୍ରେରିତମାନଙ୍କୁ ପବିତ୍ର ଆତ୍ମାଙ୍କ ବାପ୍ତିସ୍ମ ପ୍ରତିଜ୍ଞା କରି ଯାଇଥିଲା ଏବଂ ତାହାର ଚିହ୍ନସ୍ୱରୂପ ସେମାନେ ପରଭାଷାରେ କଥା କହିବା ନିମନ୍ତେ ଶକ୍ତିପ୍ରାପ୍ତ ହୋଇଥିଲେ (ପ୍ରେରିତ ୨:୬) । ଯିହୂଦୀମାନଙ୍କ ପରି ବିଜାତୀୟମାନେ ମଧ୍ୟ ଈଶ୍ୱରଙ୍କ ସନ୍ତାନ ବୋଲି ପ୍ରମାଣ କରିବା ନିମନ୍ତେ, କର୍ଣ୍ଣୀଲିୟ ଓ ତାହାଙ୍କ ପରିବାର ପବିତ୍ର ଆତ୍ମାଙ୍କ ଦ୍ୱାରା ବାପ୍ତିଜିତ ହୋଇ ପରଭାଷାରେ କଥା କହିଥିଲେ (ପ୍ରେରିତ ୧୦ମ ଅଧ୍ୟାୟ) । ଯେଉଁମାନେ ପ୍ରେରିତମାନଙ୍କ ଦ୍ୱାରା ହସ୍ତାର୍ପଣ ପାଇଥିଲେ, ସେମାନେ ପରଭାଷାରେ କଥା କହିବା ନିମନ୍ତେ ଶକ୍ତି ପାଇଥିଲେ (ପ୍ରେରିତ ୧୯:୧-୭) ଆହୁରି କେଉଁମାନେ ଏପରି ପରଭାଷାରେ କଥା କହିବା ନିମନ୍ତେ ଶକ୍ତିପ୍ରାପ୍ତ ହୋଇଥିଲେ ? ଉପର ଲିଖିତ ବ୍ୟକ୍ତିମାନଙ୍କ ଛଡ଼ା, ଅନ୍ୟମାନେ ପରଭାଷାରେ

କଥା କହିବାକୁ ଶକ୍ତି ପାଇବାର ଘଟଣା ବାଇବଲରେ ଲେଖାଯାଏ ନାହିଁ । ତେବେ କେବଳ ସେମାନେ ହିଁ କାହିଁକି ସେହି ଶକ୍ତି ପ୍ରାପ୍ତ ହୋଇଥିଲେ ? ସେହି ଶକ୍ତି ଦ୍ୱାରା ସେମାନେ ଜଗତର ବିଭିନ୍ନ ପ୍ରାନ୍ତକୁ ଯାଇ, ସେହି ଦେଶର ଭାଷା ନ ଜାଣି ସୁଦ୍ଧା, ତଥା କୌଣସି ଅନୁବାଦକଙ୍କ ସାହାଯ୍ୟ ବିନା ପ୍ରଚାର କରିବା ନିମନ୍ତେ ସକ୍ଷମ ହୋଇପାରିଥିଲେ । ଏହିପରି କେତେ ଦିନ ପର୍ଯ୍ୟନ୍ତ ଚାଲିଥିଲା ? ନୂତନ ନିୟମ ଲିଖିତ ହୋଇ ଜଗତରେ ପ୍ରବେଶ କରିବା ପର୍ଯ୍ୟନ୍ତ । ପାଉଲ, ପରଭାଷା ବା ଅନ୍ୟ ଭାଷା ନିବୃତ୍ତ ହେବ ବୋଲି ୧ମ କରିନ୍ଥୀ ୧୩:୮-୧୦ରେ କହିଅଛନ୍ତି । (ଯାକୁବ ୧:୨୫) ତେଣୁକରି ଆଜି କୌଣସି ଆଶ୍ଚର୍ଯ୍ୟମୟ ଭାଷା ନାହିଁ କିମ୍ବା ତା'ର ଅବାଶ୍ୟକତା ମଧ୍ୟ ନାହିଁ । ଏହି ଜଗତକୁ ବାଇବଲ ଦିଆଯାଇଅଛି ।

ଯେଉଁମାନେ ପରଭାଷାରେ କହିବାର ଶକ୍ତି ପ୍ରାପ୍ତ ବୋଲି ମନେକରନ୍ତି ସେମାନେ କେତୋଟି ମୁଖ୍ୟ ବିଷୟ ଭୁଲିଯାଇଅଛନ୍ତି । ଯଥା:-

୧. ପବିତ୍ର ଆତ୍ମାଙ୍କ ବାପ୍ତିସ୍ମ ସେମାନଙ୍କୁ ପ୍ରତିଜ୍ଞା କରାଯାଇନଥିଲା ।

୨. ପ୍ରେରିତମାନଙ୍କ ହସ୍ତାର୍ପଣ ଦ୍ୱାରା ଲୋକେ ପବିତ୍ର ଆତ୍ମାଙ୍କ ଦ୍ୱାରା ବାପ୍ତିଜିତ ହୋଇପାରିଥିଲେ । ବର୍ତ୍ତମାନ ପ୍ରେରିତମାନେ ମୃତ ଓ ସେହି ବର ଅନ୍ୟମାନଙ୍କୁ ଦିଆଯାଇନାହିଁ ।

୩. ପରଭାଷାରେ କଥା କହିବାର ଅର୍ଥ, ବିଭିନ୍ନ ଭାଷାରେ କଥା କହିପାରିବା ।

୪. ପରଭାଷା ଅବିଶ୍ୱାସୀମାନଙ୍କ ନିମନ୍ତେ ଚିହ୍ନସ୍ୱରୂପ । (ଆଜିକାଲି ସେମାନେ ବିଶ୍ୱାସୀମାନଙ୍କ ମଧ୍ୟରେ ପରଭାଷାରେ କଥା କହନ୍ତି ।

୫. ଆଜିକାଲି ପରଭାଷାରେ କଥା କହୁଥିବା ବ୍ୟକ୍ତିମାନଙ୍କ ଭାଷା ଯଦି ସେମାନେ ନିଜେ ବୁଝି ନ ପାରନ୍ତି କିମ୍ବା ଶ୍ରବଣକାରୀମାନେ ବୁଝି ନ ପାରନ୍ତି, ତେବେ ଈଶ୍ୱର କିପରି ବୁଝିପାରିବେ ? ପ୍ରେରିତମାନଙ୍କ ସମୟରେ, ସେମାନଙ୍କ ବ୍ୟକ୍ତ ପରଭାଷା ସେମାନେ ନିଜେ

ବୁଝିପାରୁଥିଲେ ତଥା ଶ୍ରବଣକାରୀମାନେ ବୁଝି ପାରୁଥିଲେ । କିନ୍ତୁ ସେହି ବର ଆଜିର ମନୁଷ୍ୟମାନଙ୍କୁ ଦତ୍ତ ହୋଇନାହିଁ ।

୬. ଆଜି ଯେଉଁମାନେ ପରଭାଷାରେ କଥା କହିପାରୁ ବୋଲି ଦାବୀ କରନ୍ତି, ସେମାନେ ପ୍ରେରିତମାନଙ୍କ ପରି ବିଭିନ୍ନ ଭାଷାରେ କହିପାରନ୍ତି ନାହିଁ । ସେମାନଙ୍କ ପ୍ରଧାନ ପ୍ରଚାରକମାନେ ମଧ୍ୟ, ଅନ୍ୟ କୌଣସି ଦେଶକୁ ଗଲେ ସେ ଦେଶର ଅନୁବାଦକ ଆବଶ୍ୟକ କରନ୍ତି । ତେଣୁ ପ୍ରେରିତମାନଙ୍କ ଉଚ୍ଚାରିତ ପରଭାଷା ଓ ଆଜିର ପରଭାଷା ମଧ୍ୟରେ ସାମଞ୍ଜସ୍ୟ ନାହିଁ ।

ଶେଷରେ, ଅନେକ ଭ୍ରମ ହୋଇଅଛନ୍ତି ବୋଲି ଆମେ ଜାଣିପାରୁଅଛୁ । ଏହି ବିଷୟରେ ଅଧିକରୂପେ ଜାଣିବା ନିମନ୍ତେ ଆପଣଙ୍କୁ ବାଇବଲ ଧ୍ୟାନ କରିବା ଆବଶ୍ୟକ । ଅନ୍ୟମାନଙ୍କୁ ନଥିବା ଶକ୍ତି ଆପଣଙ୍କ ନିକଟରେ ଅଛି ବୋଲି ମନେ କରି ଭ୍ରମ ହୁଅନ୍ତୁ ନାହିଁ । ସେହିପରି ଶକ୍ତି ଆଜିର ମନୁଷ୍ୟମାନଙ୍କୁ ଦତ୍ତ ହୋଇନାହିଁ ।

## 33. ଧର୍ମ ସମ୍ବନ୍ଧୀୟ ନାମ ଓ ପଦବୀ
## (Religious Names and Titles)

ମାନବ ମାତ୍ରକେ ଦାମ୍ଭିକ ଭାବାପନ୍ନ ବ୍ୟକ୍ତି । ସେ ପ୍ରଶଂସା, ସମ୍ମାନ ଓ ଗୌରବ ପ୍ରେମ କରେ । ଉଚ୍ଚ ପଦବୀ, ଅଧିକାର ପାଇବାକୁ ଆକାଂକ୍ଷା କରେ । କେବଳ ଜଣେ ଖ୍ରୀଷ୍ଟିୟାନ ବା ପ୍ରଚାରକରୂପେ ପରିଚିତ ହେବାକୁ ଇଚ୍ଛୁକ ନୁହେଁ । କିନ୍ତୁ ତା'ଠାରୁ ଅଧିକ ପାଇବାକୁ ସେ ଇଚ୍ଛା କରେ । ମନୁଷ୍ୟର ଏହି ଆକାଂକ୍ଷାକୁ ସନ୍ତୁଷ୍ଟ କରିବା ନିମନ୍ତେ, ଆପଣା ଇଚ୍ଛାନୁସାରେ ନାମ, ପଦବୀ, ପ୍ରଥା ପ୍ରଭୃତି ସୃଷ୍ଟି କରିଅଛି । ଏହି ନାମ ଓ ପଦବୀ ଗୁଡ଼ିକ ଈଶ୍ୱରଙ୍କ ଠାରୁ ଆଗତ ନୁହେଁ ।

ଅନ୍ୟ ପକ୍ଷରେ, ଈଶ୍ୱର ଏହିପରି ନାମ ଓ ପଦବୀ ଗୁଡ଼ିକରେ ସନ୍ତୁଷ୍ଟ ନୁହନ୍ତି । ସେଗୁଡ଼ିକ ମଧ୍ୟରୁ କେତୋଟି ବାକ୍ୟ ଦ୍ୱାରା ପରୀକ୍ଷା କରିବା :-

## (୧) ରେଭ୍ରେରେଣ୍ଡ (Reverend) :

ଏହି ପଦବୀକୁ ଅନେକେ ଏକ ଶ୍ରେଷ୍ଠତମ ପଦବୀ ରୂପେ ଧାରଣ କରନ୍ତି । କେବଳ ସେହି ପଦବୀରେ ସନ୍ତୁଷ୍ଟ ନ ହୋଇ "ରାଇଟ୍ ରେଭ୍ରେରେଣ୍ଡ" (Right Reverend) ତଥା ବା "ମୋଷ୍ଟ ରେଭ୍ରେରେଣ୍ଡ (The most Reverend) ବୋଲି ପରିଚିତ ହେବାକୁ ଭଲପାଆନ୍ତି । ଯେଉଁମାନେ ଏହି ପଦବୀ ଧାରଣ କରନ୍ତି ଓ ଯେଉଁମାନେ ସେହି ପଦବୀ ସହିତ ସେମାନଙ୍କୁ ଡାକନ୍ତି, ସେମାନେ ଈଶ୍ୱରଙ୍କ ବାକ୍ୟରେ ଏହିପଦ କେବଳ ଥରେ ମାତ୍ର ବ୍ୟବହୃତ ହୋଇଅଛି ବୋଲି ଜାଣନ୍ତି ନାହିଁ । ଆଉ ତାହା କେବଳ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ବ୍ୟବହୃତ ହୋଇଅଛି । ଏହିପଦ ଆମ୍ଭେମାନେ ଗୀତ ସଂହିତା ୧୧ ପର୍ବ ୯ ପଦରେ ପଢ଼ିପାରିବା "ତାହାଙ୍କ ନାମ ପବିତ୍ର ଓ ଆଦରଣୀୟ" (Holy and Reverend is His name) ଆପଣ କି ଈଶ୍ୱର ଅଟନ୍ତି ? ଯେଉଁ ପ୍ରଚାରକମାନେ ରେଭ୍ରେରେଣ୍ଡ ବୋଲି ପରିଚିତ ସେମାନେ କି ଈଶ୍ୱର ? ଈଶ୍ୱରଙ୍କ ଉଦ୍ଦେଶ୍ୟରେ ବ୍ୟବହୃତ ପଦକୁ ମନୁଷ୍ୟ ଆପଣା ପଦବୀ ରୂପେ ଧାରଣ କରିବା ଲଜ୍ଜାଜନକ । ଏହା ଈଶ୍ୱରଙ୍କ ଉଦ୍ଦେଶ୍ୟରେ କୁହାଯାଇଛି । ତାହା ତାହାଙ୍କ ଠାରୁ କାଢ଼ି ନ ନିଅ ।

## (୨) ଫାଦର (Father) :

ଅନେକ ଧାର୍ମିକ ନେତାମାନେ 'ଫାଦର' (ପିତା) ବୋଲି ପରିଚିତ । ଅନ୍ୟ କେତେକ 'ହୋଲ୍ଲି ଫାଦର' (Holy Father) ପବିତ୍ର ପିତା ବୋଲି ମଧ୍ୟ ଡକାଯାଇଥାନ୍ତି । ଏହିପ ଦବୀ ଧାରଣକାରୀମାନେ ସେହି ପଦବୀ ବିନା ସମ୍ବୋଧିତ ହେଲେ, ଆପଣାକୁ ଅପମାନିତ ମନେ କରନ୍ତି । ଏହି ପଦବୀ ଧାରଣ କାରୀମାନେ ଯୀଶୁଙ୍କ କଥିତ ଏହି ବାକ୍ୟ ଭୁଲି ଯାଇଅଛନ୍ତି, "ଆଉ ପୃଥିବୀରେ

କାହାକୁ ହିଁ ପିତା ବୋଲି ସମ୍ବୋଧନ କର ନାହିଁ କାରଣ ତୁମ୍ଭମାନଙ୍କର ପିତା ଜଣେ, ସେ ସ୍ୱର୍ଗରେ ଅଛନ୍ତି'' (ମାଥିଉ ୨୩:୯) ସେହିପରି ଗୁରୁ ବା ନେତା ବୋଲି ସମ୍ବୋଧିତ ହୁଅ ନାହିଁ ବୋଲି ସେ କହିଅଛନ୍ତି । ତେଣୁକରି ଆମ୍ଭେମାନେ ଏ ପଦବୀ ବ୍ୟବହାର କରିବା ଦ୍ୱାରା ଯୀଶୁଙ୍କ ବାକ୍ୟ ବିରୁଦ୍ଧରେ ଯାଉଅଛୁ ।

## (୩) ପାଷ୍ଟର (Pastor) :

ଅଧିକାଂଶ ଖ୍ରୀଷ୍ଟୀୟ ମତ ସମ୍ବନ୍ଧୀୟ ମଣ୍ଡଳୀଗୁଡ଼ିକରେ, ସେମାନେ ଆପଣା ପ୍ରଚାରକଙ୍କୁ 'ପାଷ୍ଟର୍' ବୋଲି ସମ୍ବୋଧନ କରନ୍ତି । କିନ୍ତୁ ଏହି 'ପାଷ୍ଟର୍' ପଦ ବାଇବଲରେ ସେହିପରି ଭାବେ ବ୍ୟବହୃତ ହୋଇନାହିଁ । 'ପାଷ୍ଟର' ବୋଲି ଏହି ପଦର ଅର୍ଥ ପାଳକ । ୨ୟରେ ଏହି ପଦ ପାଳକ (Pastor) ପଦ ବୋଲି ଏକ ବଚନରେ ବ୍ୟବହୃତ ନ ହୋଇ ବରଂ ପାଳକମାନେ (Pastors) ବୋଲି ବ୍ୟବହୃତ ହୋଇଅଛି । ପାଳକ ପଦବୀରେ ଅଭିଷିକ୍ତ ବ୍ୟକ୍ତମାନେ, ପାଉଲଙ୍କ ଦ୍ୱାରା ୧ମ ତୀମଥି ୩ୟ ପର୍ବ ଓ ତିତସ ୧ମ ପର୍ବରେ ବର୍ଣ୍ଣିତ ବାକ୍ୟାନୁସାରେ ଯୋଗ୍ୟତା ପ୍ରାପ୍ତ ହୋଇଥିଲେ । ସେମାନେ ଅଧ୍ୟକ୍ଷ (Bishops) ପ୍ରାଚୀନ (Elders), ପାଳକ (Shephereds), ଓ ପ୍ରେସ୍‌ବିଟର୍ (Presbyters) ବୋଲି ମଧ୍ୟ ପରିଚିତ ଥିଲେ । ପ୍ରତ୍ୟେକ ସ୍ଥାନୀୟ ମଣ୍ଡଳୀରେ ଏକାଧିକ ପାଳକ (Pastors) ବା ପ୍ରାଚୀନମାନେ ରହୁଥିଲେ । ଆଜିକାଲି ପ୍ରଚଳିତ ପ୍ରଥା ବାଇବଲନୁସାରେ ନୁହେଁ ବୋଲି ଜାଣିପାରୁଅଛୁ ।

## (୪) ଡକ୍ଟର (Doctor) :

ଆପଣା ଜାଗତିକ ବିଦ୍ୟାରୁ ଲଭିତ ଡାକ୍ଟର ଡିଗ୍ରୀ, ଧାର୍ମିକ ପଦବୀ ରୂପେ ବ୍ୟବହାର କରିବା ଉଚିତ ନୁହେଁ । ଏହିପରି ବ୍ୟବହାର କରିବା ଦ୍ୱାରା, ସେହି ଡିଗ୍ରୀ ଅପବ୍ୟବହୃତ ହେଉଅଛି । ଯୀଶୁ ପ୍ରଧାନ ପଦବୀ ପାଇବାକୁ ଆଶା ନ କର ବୋଲି ମାଥିଉ ୨୦:୨୫-୨୮ ପଦଗୁଡ଼ିକରେ ସ୍ପଷ୍ଟଭାବେ କହିଅଛନ୍ତି ।

## (୫) ପୋପ୍ (Pope) :

ମାନବ ଜାତିରେ ଏହି ପଦବୀ ଅତି ସୁପରିଚିତ । କିନ୍ତୁ ଏହି ପଦ ଆମ୍ଭେମାନେ ବାଇବଲର କୌଣସି ସ୍ଥାନରେ ପାଇ ନ ପାରୁ । ଜଣେ ମନୁଷ୍ୟ ପୋପ୍ ପଦ ଧାରଣ କରି, ମଣ୍ଡଳୀଗୁଡ଼ିକର ଜାଗତିକ ମୁଖ୍ୟ ହୋଇପାରିବେ ବୋଲି ଈଶ୍ୱର ବା ଖ୍ରୀଷ୍ଟ ବା ଶାସ୍ତ୍ର ମଧ୍ୟ ଉପଦେଶ ଦିଅନ୍ତି ନାହିଁ । ଏହା ଈଶ୍ୱରଙ୍କ ଠାରେ ଆଗତ ନୁହେଁ । ଶାସ୍ତ୍ରନୁସାରେ ଖ୍ରୀଷ୍ଟ ମଣ୍ଡଳୀର ମସ୍ତକ ସ୍ୱରୂପ (କଲସୀ ୧:୧୮:ଏଫିସୀ ୧:୨୨-୨୩) । ଜଣେ ମନୁଷ୍ୟକୁ ମଣ୍ଡଳୀର ମସ୍ତକ ସ୍ୱରୂପ ଗ୍ରହଣ କରି ସେମାନେ ଆପଣା ପକ୍ଷରେ ଖ୍ରୀଷ୍ଟ ଜୀବିତ ନୁହନ୍ତି କିନ୍ତୁ ମୃତ ବୋଲି ପ୍ରଚାର କରୁଅଛନ୍ତି ।

କେବଳ ଉପରଲିଖିତ ପଦବୀଗୁଡ଼ିକ ହିଁ ନୁହେଁ, କିନ୍ତୁ ଏହିପରି ଅନେକ ପଦବୀ ଗୁଡ଼ିକ ମଧ୍ୟ ଈଶ୍ୱରଙ୍କ ବାକ୍ୟ ବିରୁଦ୍ଧ । ଯଥା:- ଈଶ୍ୱରଙ୍କ ମାତା (Mother of God), ଯାଜକ (Priest), ବିଶପ୍ (Bishop), ଆର୍‌ଚ ବିଶପ୍ (Arch Bishop), ପ୍ରେସିଡେଣ୍ଟ (President), ପାଷ୍ଟର୍-ଇନ୍-ଚାର୍ଜ (Pastor-in-Charge), ପ୍ରଭୃତି । ଏହି ପଦବୀ ଈଶ୍ୱରଦତ୍ତ ନୁହେଁ । ଏହିସବୁ ମନୁଷ୍ୟ କଳ୍ପିତ ପଦବୀଗୁଡ଼ିକ । ଈଶ୍ୱରଙ୍କ ବାକ୍ୟ ଅନୁଯାୟୀ ନୁହେଁ, ମନୁଷ୍ୟମାନେ ଏହି ବିଷୟ କାହିଁକି ଗ୍ରହଣ କରିପାରୁନାହାନ୍ତି ? ଈଶ୍ୱରଙ୍କ ଇଚ୍ଛା ବିରୁଦ୍ଧରେ କାହିଁକି ଆଚରଣ କରୁଅଛନ୍ତି ? ତା'ର ଏକମାତ୍ର ଉତ୍ତର ଏହି ଯେ, ମନୁଷ୍ୟମାନେ ଆତ୍ମଗୌରବ ଖୋଜନ୍ତି ।

ଏହି ଧାର୍ମିକ ଜଗତର ବିଭକ୍ତର ଏହା ଏକ କାରଣ । ଏକତା ଆଣିବା ଲୋକେ ଏହି ନେତାମାନେ କି ଆପଣା ପଦବୀଗୁଡ଼ିକ ପରିତ୍ୟାଗ କରି ପାରିବେ ? ଅଧିକାଂଶ ଲୋକେ ପରିତ୍ୟାଗ କରିବେ ନାହିଁ । ମନୁଷ୍ୟ ମାତ୍ରକେ ଆତ୍ମଗର୍ବୀ ଓ ଆତ୍ମପ୍ରେମୀ । ଏହି ଅଧ୍ୟାୟ ପଢ଼ି ଧାର୍ମିକ ନେତାମାନେ ଆପଣା ପଦବୀ ପରିତ୍ୟାଗ କରିବେ ବୋଲି ଏହି ବିଷୟ ସବୁ ଲେଖାଯାଉନାହିଁ । କିନ୍ତୁ ସରଳମତି ଲୋକେ

ଯେପରି ସେଥିରେ ଥିବା ଭୁଲ ବୁଝିପାରିବେ ସେଥି ନିମନ୍ତେ ଏହି ଅଧ୍ୟାୟ ଲେଖାଯାଇଅଛି । ଆପଣ ଏହିସବୁ ବିଷୟରେ କେବେ ଧ୍ୟାନ ନ ଦେଇ ଅଜ୍ଞାନଭାବେ ଅନ୍ଧମାନଙ୍କ ଅନ୍ଧ ହୋଇ ଅନୁସରଣ କରୁଅଛନ୍ତି । ତ'ଦ୍ୱାରା ଆପଣା ଆପଣାକୁ ସାଧାରଣ ସଭ୍ୟ (Laity) ଓ ନେତାମାନଙ୍କୁ ଯାଜକ (Clergy) ବୋଲି ମନେ କରୁଅଛନ୍ତି । ମଣ୍ଡଳୀର ସଭ୍ୟମାନଙ୍କ ମଧ୍ୟରେ ଉଚ୍ଚ ଓ ନୀଚ୍ଚ ସ୍ଥାନ ଥିବା ବିଷୟ ଆମ୍ଭେମାନେ ବାଇବଲରେ ପଢ଼ି ନ ପାରୁ । ଆପଣ ଅନୁସରଣ କରୁଥିବା ପ୍ରଥା ବାକ୍ୟାନୁଯାୟୀ କି ନୁହେଁ, ଦୟାପୂର୍ବକ ପରୀକ୍ଷା କରି ଦେଖନ୍ତୁ । ବାକ୍ୟରେ ରେଭେରେଣ୍ଡ ପିତର, ଡକ୍ଟର ପାଉଲ ବା ପାଷ୍ଟର ଜନ୍ ବୋଲି ଲେଖାଯାଏ ନାହିଁ । ସାଧାରଣ ସଭ୍ୟ (Laity) ବା ଯାଜକ (Clergy) ଏପରି ପଦ ଗୁଡ଼ିକ ମଧ୍ୟ ଆମ୍ଭେମାନେ ଗଢ଼ି ପାରିବା ନାହିଁ ।

ତେବେ ଆଦିମ ମଣ୍ଡଳୀରେ ଧାର୍ମିକ ନେତାମାନେ କେଉଁ ନାମରେ ପରିଚିତ ହୋଇଥିଲେ ? ପ୍ରଚାରକ, ଶିକ୍ଷକ, ପ୍ରାଚୀନ, ଖ୍ରୀଷ୍ଟିୟାନ ଭ୍ରାତା, ବୋଲି ପରିଚିତ ହୋଇଥିଲେ । ଆଉ ମଣ୍ଡଳୀ ଖ୍ରୀଷ୍ଟଙ୍କ ନାମ ଧାରଣ କରିଥିଲା । ଯଦି ଆମ୍ଭେମାନେ ବାକ୍ୟାନୁସାରେ ଚାଲିପାରିବା, ତେବେ ବାକ୍ୟ ବିରୁଦ୍ଧରେ କାହିଁକି ଚାଲିବ ? ଆମ ପାଖରେ ବାଇବଲ୍‌ର ସତ୍ୟ ଥାଉଁ ଥାଉଁ ମିଥ୍ୟାମାର୍ଗରେ କାହିଁକି ଚାଲିବା ? ଆସ ଈଶ୍ୱରଙ୍କ ଦତ୍ତ ନାମ ଓ ପଦବୀ ଧାରଣ କରି, ତାହାଙ୍କ ଛାମୁରେ ସିଦ୍ଧ ହେବା ।

# 34. ସ୍ୱାଧୀନ ପ୍ରଚାରକ ଓ ମଣ୍ଡଳୀ

## (Independent Preachers and Churches)

ଆଜିର ଦୁନିଆରେ ଆମ୍ଭେମାନେ ଅନେକ ମଣ୍ଡଳୀ, ଅନେକ ପ୍ରଚାରକମାନଙ୍କୁ ଦେଖିପାରୁ । ସେମାନଙ୍କ ମଧ୍ୟରୁ ଅଧିକାଂଶ ଖ୍ରୀଷ୍ଟୀୟ ମତଶାଖା ସମ୍ବନ୍ଧୀୟ ମଣ୍ଡଳୀଗୁଡ଼ିକ । ସେମାନେ ଆପଣା ଆପଣାକୁ ସ୍ୱାଧୀନ ବୋଲି କହନ୍ତି । ତା'ର ଅର୍ଥ କଅଣ ? ସେମାନଙ୍କ ଭାବ ଏହି ଯେ, ସେମାନେ କୌଣସି ଖ୍ରୀଷ୍ଟୀୟ ମତଶାଖା ସମ୍ବନ୍ଧୀୟ (Denomination) ମଣ୍ଡଳୀ ଅନ୍ତର୍ଭୁକ୍ତ ନୁହନ୍ତି । ହୁଏତ ଅତୀତରେ ଅନ୍ତର୍ଭୁକ୍ତ ଥିଲେ, କିନ୍ତୁ କୌଣସି କାରଣବଶତଃ ଏବେ ଜଡ଼ିତ ନୁହନ୍ତି ।

ଅନେକ ସମୟରେ, ଏହିମ ତଶାଖା ସମ୍ବନ୍ଧୀୟ ମଣ୍ଡଳୀଗୁଡ଼ିକରେ ସିଦ୍ଧାନ୍ତ ବିଷୟରେ ଭେଦଭାବ ଜନ୍ମିଥାଏ । ଅଥବା ବ୍ୟକ୍ତିଗତ ମତଭେଦ ଆସେ । ତଦ୍ୱାରା ସେମାନଙ୍କ ମଧ୍ୟରୁ କେତେ ଜଣ ପୃଥକ ହୋଇ ଅନ୍ୟ ଏକ ନୂତନ ମଣ୍ଡଳୀ ସ୍ଥାପନ କରନ୍ତି । ବେଳେବେଳେ ଲୋକେ ଖ୍ରୀଷ୍ଟୀୟ ମତଶାଖା ମଣ୍ଡଳୀ (Denomination)ର ପ୍ରଥା ଓ ଆଚରଣରୁ ଦୂରେଇ ରହିବା ନିମନ୍ତେ ଆପଣମାନଙ୍କୁ ପୃଥକ କରନ୍ତି । ଅନ୍ୟମାନେ ସେମାନଙ୍କ କାର୍ଯ୍ୟ ଓ ଚାନ୍ଦାର ହିସାବ ଅନ୍ୟମାନଙ୍କୁ ଦେବାକୁ ଇଚ୍ଛା ନ କରି, ଆପଣା ନିଜର ସ୍ୱାଧୀନ କାମ ଆରମ୍ଭ କରନ୍ତି, ଯେପରି କି ସେମାନେ ନିଜେ ତଦ୍ୱାରା ଲାଭ ପାଇପାରିବେ ।

ମୁଖ୍ୟତଃ, ଭାରତରେ ଏହିପରି ସ୍ୱାଧୀନ ମଣ୍ଡଳୀ ଓ ପ୍ରଚାରକ ମାନଙ୍କୁ ବହୁ ସଂଖ୍ୟାରେ ଦେଖିପାରୁ । ପ୍ରତ୍ୟେକ ସଂପୂର୍ଣ୍ଣ ସମୟ ପ୍ରଚାରକ ହେବାକୁ ତଥା ଆପଣା ନିଜର ଏକ ଦଳ ଗଠନ କରିବାକୁ ଇଚ୍ଛା କରନ୍ତି । ଅନ୍ୟମାନଙ୍କ ସହିତ ଏକତ୍ର କାମ କରିବା ସେମାନଙ୍କ ପକ୍ଷରେ କଷ୍ଟକର । ଏହା କେବଳ 'ଖ୍ରୀଷ୍ଟଧର୍ମ ମଧ୍ୟରେ' ହିଁ ନୁହେଁ, କିନ୍ତୁ ଅନ୍ୟ ଧର୍ମରେ ମଧ୍ୟ ଏହିପରି ଘଟୁଅଛି । ଏହି ଭାରତ ଦେଶରେ ଅନେକ 'ଗୁରୁ' ଓ 'ବାବା'ମାନଙ୍କୁ ଦେଖିପାରୁ । ପ୍ରତ୍ୟେକ

ଜଣ ଆପଣା ଅନୁଚର ଦଳ ଗଠନ କରିବାକୁ ଇଚ୍ଛୁକ । ମନୁଷ୍ୟ ଅତି ସହଜଭାବେ ଭ୍ରଷ୍ଟ ହେଉଅଛି, ଏବଂ ଏହିପରି ଭ୍ରଷ୍ଟ ହେବାକୁ ସେ ଇଚ୍ଛୁକ ।

ଏହା ଆପଣଙ୍କୁ ଆଶ୍ଚର୍ଯ୍ୟ ହୋଇପାରେ, କିନ୍ତୁ ସ୍ୱାଧୀନ ମଣ୍ଡଳୀ ବା ପ୍ରଚାରକମାନଙ୍କ ବିଷୟରେ ବାଇବଲରେ କିଛି ଲେଖାଯାଏ ନାହିଁ ବୋଲି କି ଆପଣ ଜାଣନ୍ତି ? ନତୁବା କୌଣସି ଖ୍ରୀଷ୍ଟୀୟ ମତ ସମ୍ବନ୍ଧୀୟ (Denominations) ମଣ୍ଡଳୀ ବିଷୟରେ ମଧ୍ୟ ବାଇବଲରେ ଲେଖାଯାଏ ନାହିଁ । ଯେଉଁମାନେ ମଣ୍ଡଳୀରେ ବିଭେଦ ଆଣନ୍ତି ସେମାନଙ୍କ ବିଷୟରେ ମାତ୍ର ବାଇବଲରେ ଲେଖାଯାଇଅଛି । "ହେ ଭାଇମାନେ, ତୁମ୍ଭେମାନେ ଯେଉଁ ଶିକ୍ଷା ପାଇଅଛ, ସେଥିର ବିପରୀତ ଯେଉଁମାନେ ଦଳଭେଦ ଓ ବିଘ୍ନର କାରଣ ଘଟାନ୍ତି, ସେମାନଙ୍କୁ ଅନୁରୋଧ କରୁଅଛି, କାରଣ ଏହିପରି ଲୋକେ ଆମ୍ଭମାନଙ୍କ ପ୍ରଭୁ ଖ୍ରୀଷ୍ଟଙ୍କର ଦାସ ନୁହନ୍ତି, କିନ୍ତୁ ଆପଣା ଆପଣା ଉଦରର ଦାସ ନୁହନ୍ତି, ପୁଣି ମିଷ୍ଟବାକ୍ୟ ଚାଟୁଭାଷାରେ ସରଳ ହୃଦୟର ଲୋକଙ୍କର ମନ ଭୁଲାନ୍ତି ।" (ରୋମୀ ୧୬:୧୭-୧୮) ବାକ୍ୟରେ ଭଣ୍ଡ ପ୍ରଚାରକ, ଭଣ୍ଡ ଶିକ୍ଷକ ପ୍ରଭୃତିମାନଙ୍କ ବିଷୟରେ ମଧ୍ୟ ଲେଖାଯାଏ । (୧ୟ ପିତ ୨:୧, ଯୋହ ୪:୧, ଯୋହ ୧୦:୧୨-୧୩)

ପାଉଲ, ପିତର ବା ଅନ୍ୟ କୌଣସି ପ୍ରେରିତମାନଙ୍କୁ ସ୍ୱାଧୀନ ପ୍ରଚାରକ ବୋଲି ବାଇବଲରେ କୁହାଯାଏ ନାହିଁ । ସେମାନେ ପରସ୍ପର ବିରୁଦ୍ଧାଚରଣ କରୁ ନଥିଲେ, କିମ୍ବା ପରସ୍ପର ମଧ୍ୟରେ ପ୍ରତିଦ୍ୱନ୍ଦୀ ନଥିଲା । ସେମାନେ ଏକତ୍ର କାମ କରୁଥିଲେ, ଏକତ୍ର ଆନନ୍ଦ କରୁଥିଲେ, ଏକତ୍ର କଷ୍ଟ ସହ୍ୟ କରୁଥିଲେ । (ପ୍ରେରି ୨:ପ୍ରେରି ୮:୧ମ କରି ୧୨:୧୬)

ପାଉଲଙ୍କ ଏକ ମଣ୍ଡଳୀ, ପିତରଙ୍କ ଏକ ମଣ୍ଡଳୀ ବା ଯୋହନ ଓ ଯାକୁବଙ୍କ ଅନ୍ୟାନ୍ୟ ମଣ୍ଡଳୀ ଥିଲାବୋଲି ବାକ୍ୟରେ ଲେଖାଯାଏ ନାହିଁ । ନତୁବା ସେମାନଙ୍କ ଆପଣା ସ୍ୱାଧୀନ ମଣ୍ଡଳୀ ଥିଲା ବୋଲିପ ଢ଼ି ନପାରୁ । କିନ୍ତୁ ମଣ୍ଡଳୀ ଖ୍ରୀଷ୍ଟଙ୍କର । (ମାଥି ୧୬:୧୮ ଏଫି ୫:୨୩)

ବାଇବଲରେ କେବଳ ଏକମାତ୍ର ମଣ୍ଡଳୀର ସନ୍ଧାନ ପାଇପାରିବା । (ଏଫି ୪:୪, କଲ ୧:୧୮) ତାହା ଖ୍ରୀଷ୍ଟଙ୍କର । ଏହା ଅନେକ ସ୍ଥାନୀୟ ମଣ୍ଡଳୀ ଦ୍ୱାରା ଗଠିତ ଏବଂ ପ୍ରତ୍ୟେକ ସ୍ଥାନୀୟ ମଣ୍ଡଳୀ ଅଧିକାରଗତଭାବେ ସ୍ୱାଧୀନ । କିନ୍ତୁ ସେମାନେ ପରସ୍ପର ବିରୋଧୀ ବା ପ୍ରତିଦ୍ୱନ୍ଦୀ ନୁହନ୍ତି । ସେମାନେ ପରସ୍ପର ସହଭାଗୀ ଓ ପ୍ରଭୁଙ୍କ ପ୍ରଚାର କାର୍ଯ୍ୟ ନିମନ୍ତେ ଏକତ୍ର କାର୍ଯ୍ୟ କରନ୍ତି ।

ଜଣେ ଆପଣାକୁ ବା କେତେକ ସଭ୍ୟମାନଙ୍କୁ ମଣ୍ଡଳୀ ଠାରୁ ପୃଥକ କରି ପ୍ରଭୁଙ୍କ ଠାରୁ ଓ ତାଙ୍କ ମଣ୍ଡଳୀ ଠାରୁ ବିଚ୍ଛିନ୍ନ ହୋଇଥାନ୍ତି । ତଦ୍ୱାରା ସେ ପ୍ରଭୁଙ୍କ ତଥା ତାଙ୍କ ମଣ୍ଡଳୀର ପ୍ରତିଦ୍ୱନ୍ଦୀ ହୁଏ । ସେ ପ୍ରଭୁଙ୍କ ସପକ୍ଷ ନହୋଇ ବିପକ୍ଷ ହୋଇଥାଏ । (ମାଥି ୧୨:୩୦) ଆପଣ କି ତାହା ଲୋଡ଼ନ୍ତି ? ଏହା କି ଆପଣଙ୍କ ଲକ୍ଷ୍ୟ ? ଆପଣ ଯାହା କରୁଅଛନ୍ତି ତାହା ପରୀକ୍ଷା କରି ଦେଖି, ଆପଣାକୁ ସୁଧାରନ୍ତୁ ।

ଆପଣ ସ୍ୱାଧୀନ ହୋଇ ରହିବା ଈଶ୍ୱରଙ୍କ ଇଚ୍ଛା ନୁହେଁ । ତାଙ୍କ ଆଜ୍ଞାବହ ହୋଇ ପ୍ରକୃତ ଖ୍ରୀଷ୍ଟିୟାନ ହେବାକୁ ସେ ଆପଣଙ୍କ ଠାରୁ ଚାହାନ୍ତି । ଖ୍ରୀଷ୍ଟିୟାନମାନେ ଯେପରି ସ୍ୱାଧୀନ ନୁହନ୍ତି, ସେହିପରି ସ୍ୱାଧୀନମାନେ ଖ୍ରୀଷ୍ଟିୟାନ ନୁହନ୍ତି । ଆପଣ ଯଦି ଗୋଟିଏ ଖ୍ରୀଷ୍ଟିୟ ମତଶାଖା ସମ୍ବନ୍ଧୀୟ (Denominations) ମଣ୍ଡଳୀରେ ସନ୍ତୁଷ୍ଟ ନୁହନ୍ତି, ତେବେ ଅନ୍ୟ ଏକ ମତଶାଖା ମଣ୍ଡଳୀର ସଭ୍ୟ ନହୋଇ ଖ୍ରୀଷ୍ଟଙ୍କ ମଣ୍ଡଳୀର ସଭ୍ୟ ହୁଅନ୍ତୁ । ଆପଣ ଯଦି ପ୍ରଚାର କରିବାକୁ ଇଚ୍ଛୁକ, ତେବେ ସତ୍ୟ ପ୍ରଚାର କରନ୍ତୁ (୨ୟ ତୀମ ୪:୨)

ଗୋଟିଏ ସ୍ୱାଧୀନ ମଣ୍ଡଳୀ ସ୍ଥାପନ କରି ସେଥିରେ ଅନ୍ୟମାନଙ୍କୁ ସଭ୍ୟ କରିବାର ଅଧିକାର ଆପଣଙ୍କୁ କେହି ଦେଇନାହିଁ । ତଦ୍ୱାରା ଆପଣ ଓ ଆପଣଙ୍କ ଅନୁସରଣକାରୀମାନେ ବିନଷ୍ଟ ହେବେ ।

ଆପଣଙ୍କୁ, ବାଇବଲର ଶିକ୍ଷାକୁ ଫେରି ଆସି ଶୁଦ୍ଧ ନୂତନ ନିୟମର ଖ୍ରୀଷ୍ଟଧର୍ମ ଗ୍ରହଣ କରିବା ନିମନ୍ତେ ଆପଣଙ୍କୁ ଅନୁରୋଧ କରୁ । ବିଶ୍ୱାସ କରି

ତାହାଙ୍କ ଆଜ୍ଞାବହ ହୁଅ, ଆପଣାର ପାପରୁ ମନ ପରିବର୍ତ୍ତନ କରି, ଖ୍ରୀଷ୍ଟଙ୍କୁ ସ୍ୱୀକାର କରି ତାହାଙ୍କ ନାମରେ ବାପ୍ତିଜିତ ହୁଅନ୍ତୁ । (ମାର୍କ ୧୬:୧୫-୧୬, ପ୍ରେରି ୨:୩୮) ତା'ପରେ ପ୍ରଭୁ ଆପଣଙ୍କୁ ପରିତ୍ରାଣ ଦେଇ ଆପଣା ମଣ୍ଡଳୀରେ ସଂଯୁକ୍ତ କରିବେ (ପ୍ରେରି ୨:୪୭ ପ୍ରେରି ୨୦:୨୮) ତଦ୍ୱାରା ଆପଣ କୌଣସି ଖ୍ରୀଷ୍ଟିୟ ମତଶାଖା ସମ୍ବନ୍ଧୀୟ ମଣ୍ଡଳୀର ସଭ୍ୟ ନହୋଇ, ଖ୍ରୀଷ୍ଟଙ୍କ ମଣ୍ଡଳୀର ସଭ୍ୟ ହୋଇପାରିବେ । ଜଣେ ପ୍ରକୃତ ଖ୍ରୀଷ୍ଟିୟାନ ହୋଇ, ସତ୍ୟ ପ୍ରଚାର କରି, ଅନ୍ୟମାନଙ୍କୁ ମଧ୍ୟ ସେପରି କରିବା ନିମନ୍ତେ ଉତ୍ସାହିତ କରିପାରିବେ । ତେବେ ଯାଇ ଆପଣ ପ୍ରକୃତଭାବେ ସ୍ୱାଧୀନ ହୋଇପାରିବେ । (ଯୋହ ୮:୩୨)

## 35. ଖ୍ରୀଷ୍ଟଙ୍କ ଦ୍ୱିତୀୟ ଆଗମନ
## (The Second coming of Christ)

ଖ୍ରୀଷ୍ଟ ଥରେ ଆସିଥିଲେ ଓ ପୁନର୍ବାର ଆସିବେ । ସେ ଅତୀତରେ ଥରେ ଆସିଥିଲେ ଓ ଦ୍ୱିତୀୟଥର ଭବିଷ୍ୟତରେ ଆସିବେ । ପ୍ରଥମଥର ସେ ଦେହ ଧରି ଆସିଥିଲେ କିନ୍ତୁ ଦ୍ୱିତୀୟଥର ସେ ଗୌରବ ଯୁକ୍ତ ପ୍ରଭୁ ହୋଇ ଆସୁଅଛନ୍ତି । ସେତେବେଳେ ସେ ପରିତ୍ରାଣକର୍ତ୍ତା ହୋଇଥିଲେ, କିନ୍ତୁ ଏବେ ସେ ବିଚାରକର୍ତ୍ତା ହୋଇଆସିବେ । ତାହାଙ୍କ ସ୍ୱର୍ଗାରୋହଣ ଯେପରି ସତ୍ୟ, ତାହାଙ୍କ ଦ୍ୱିତୀୟ ଆଗମନ ମଧ୍ୟ ସେପରି ସତ୍ୟ ଅଟେ ।

ପ୍ରଭୁ ପ୍ରସ୍ଥାନ କରିବା ପୂର୍ବରୁ ତାହାଙ୍କ ଶିଷ୍ୟମାନଙ୍କୁ ଏପରି କହିଲେ, "ପୁଣି ମୁଁ ଯାଇ ତୁମ୍ଭମାନଙ୍କ ନିମନ୍ତେ ସ୍ଥାନ ପ୍ରସ୍ତୁତ କଲେ ପୁନର୍ବାର ଆସିବି, ଆଉ ମୁଁ ଯେଉଁ ସ୍ଥାନରେ ଥାଏଁ, ତୁମ୍ଭେମାନେ ମଧ୍ୟ ଯେପରି ସେହି ସ୍ଥାନରେ

ରହିବ ସେଥି ନିମନ୍ତେ ତୁମ୍ଭମାନଙ୍କୁ ଆପଣା ନିକଟକୁ ଘେନିଯିବି ।'' (ଯୋହନ ୧୪:୩) ସେ ସ୍ୱର୍ଗାରୋହଣ କରିବା ସମୟରେ ବିବରଣରେ ଏପରି ଲେଖାଯାଏ, ''ଏହି ସମସ୍ତ କଥା କହିବା ଉତ୍ତାରେ ସେମାନେ ଦେଖୁ ଦେଖୁ ସେ ଉର୍ଦ୍ଧ୍ୱକୁ ନୀତ ହେଲେ । ଆଉ ଖଣ୍ଡେ ମେଘ ତାହାଙ୍କୁ ସେମାନଙ୍କ ଦୃଷ୍ଟିଗୋଚରୁ ଘେନିଗଲା । ସେ ଯାଉ ଯାଉ ସେମାନେ ଆକାଶ ଆଡ଼କୁ ଏକ ଦୃଷ୍ଟିରେ ଚାହିଁଅଛନ୍ତି, ଏପରି ସମୟରେ, ଦେଖ, ଶୁକ୍ଳ ବସ୍ତ୍ର ପରିହିତ ଦୁଇଜଣ ପୁରୁଷ ସେମାନଙ୍କ ନିକଟରେ ଉପସ୍ଥିତ ହେଲେ, ପୁଣି ସେମାନେ କହିଲେ, ''ହେ ଗାଲିଲିଓ ଲୋକେ, କାହିଁକି ତୁମ୍ଭେମାନେ ଆକାଶ ଆଡ଼କୁ ଚାହିଁ ଠିଆ ହୋଇଅଛ ? ଏହି ଯେଉଁ ଯୀଶୁ ତୁମ୍ଭମାନଙ୍କ ନିକଟରୁ ସ୍ୱର୍ଗରେ ଗୃହୀତ ହେଲେ, ତାହାଙ୍କୁ ତୁମ୍ଭେମାନେ ଯେଉଁ ପ୍ରକାରେ ସ୍ୱର୍ଗକୁ ଯିବାର ଦେଖିଲ, ସେ ସେହି ପ୍ରକାରେ ଆଗମନ କରିବେ ।'' (ପ୍ରେରିତ ୧:୯-୧୧)

ଯୀଶୁ ଫେରିଆସି ଆପଣା ଶିଷ୍ୟମାନଙ୍କ ସହିତ ହଜାର ବର୍ଷ ଯିରୁଶାଲମରେ ରାଜତ୍ୱ କରିବେ ବୋଲି ଅନେକେ ଶିକ୍ଷା ଦିଅନ୍ତି । କିନ୍ତୁ ବାଇବଲରେ ଏହି ବିଷୟ ଲେଖାଯାଏ ନାହିଁ । ପୂର୍ବେ ଉଲ୍ଲେଖିତ ପ୍ରେରିତ ପ୍ରଥମ ଅଧ୍ୟାୟନୁଯାୟୀ, ଯୀଶୁ ଯେପରି ସ୍ୱର୍ଗକୁ ଯାଇଥିଲେ, ଠିକ୍ ସେହିପରି ଫେରିଆସିବେ ବୋଲି କୁହାଯାଇଅଛି । କିନ୍ତୁ ସେ ପୁନର୍ବାର ଜଗତରେ ଓହ୍ଲାଇବେ ବୋଲି ଲିଖିତ ହୋଇନାହିଁ । ଅପର ପକ୍ଷରେ, ବାକ୍ୟାନୁସାରେ ଖ୍ରୀଷ୍ଟ ମେଘାରୂଢ଼ ହୋଇ ଆସିବେ ଓ ଆମ୍ଭେମାନେ, ଭରସାହୀନ ଅନ୍ୟ ସମସ୍ତଙ୍କ ପରି ତୁମ୍ଭେମାନେ ଯେପରି ଶୋକାକୂଳ ନ ହୁଅ, ଏଥି ନିମନ୍ତେ ମହାନିଦ୍ରାପ୍ରାପ୍ତ ବିଷୟ ତୁମ୍ଭେମାନେ ଯେ ଅଜ୍ଞ ଥାଅ, ଏହା ଆମ୍ଭମାନଙ୍କ ଇଚ୍ଛା ନୁହେଁ । କାରଣ ଯଦି ଆମ୍ଭେମାନେ ବିଶ୍ୱାସ କରୁଁ ଯେ, ଯୀଶୁ ମରି ପୁନର୍ବାର ଉଠି ଅଛନ୍ତି, ତେବେ ଈଶ୍ୱର ଯେ ଯୀଶୁଙ୍କ ଦ୍ୱାରା ମହାନିଦ୍ରାପ୍ରାପ୍ତ ଲୋକମାନଙ୍କୁ ସେହି ପ୍ରକାରେ ତାହାଙ୍କ ସଙ୍ଗରେ ଆଣିବେ ଏହା ମଧ୍ୟ ବିଶ୍ୱାସ କରିବା ଉଚିତ । ଯେଣୁ ଆମ୍ଭେମାନେ ପ୍ରଭୁଙ୍କ ବାକ୍ୟାନୁସାରେ ତୁମ୍ଭମାନଙ୍କୁ ଏହା କହୁଅଛୁ, ଆମ୍ଭେମାନେ ଯେତେ ଲୋକ ପ୍ରଭୁଙ୍କ

ଆଗମନ ପର୍ଯ୍ୟନ୍ତ ଜୀବିତ ଥିବୁ, ଆମ୍ଭେମାନେ କୌଣସି ପ୍ରକାରେ ମହାନିଦ୍ରାପ୍ରାପ୍ତ ଲୋକମାନଙ୍କର ଅଗ୍ରଗାମୀ ହେବୁ ନାହିଁ । କାରଣ ପ୍ରଭୁ ଆପେ ଆଦେଶ ଦେଇ ପ୍ରଧାନ ଦୂତଙ୍କ ସ୍ୱର ଓ ଈଶ୍ୱରଙ୍କ ତୂରୀବାଦ୍ୟ ସହିତ ସ୍ୱର୍ଗରୁ ଅବତରଣ କରିବେ, ସେଥିରେ ଯେଉଁମାନେ ଖ୍ରୀଷ୍ଟଙ୍କ ଠାରେ ଥାଇ ମରିଅଛନ୍ତି, ସେମାନେ ପ୍ରଥମରେ ଉଠିବେ, ପରେ ଆମ୍ଭେମାନେ ଯେତେ ଲୋକ ଜୀବିତ ରହି ଅବଶିଷ୍ଟ ଥିବୁ, ପ୍ରଭୁଙ୍କ ସହିତ ସାକ୍ଷାତ କରିବା ନିମନ୍ତେ ଆମ୍ଭେମାନେ ସେମାନଙ୍କ ସହିତ ମେଘମାଳାରେ ଶୂନ୍ୟମଣ୍ଡଳକୁ ନୀତ ହେବୁଁ, ଏହି ପ୍ରକାରେ ଆମ୍ଭେମାନେ ସର୍ବଦା ପ୍ରଭୁଙ୍କ ସହିତ ରହିବୁଁ । ଅତଏବ ଏହି ସମସ୍ତ ବାକ୍ୟ ଦ୍ୱାରା ତୁମ୍ଭେମାନେ ପରସ୍ପରକୁ ସାନ୍ତ୍ୱନା ଦିଅ ।'' (୧ମ ଥେସ ୪:୧୩-୧୮)

ତେବେ ପ୍ରଭୁ କେବେ ଆସିବେ ? ତାହାଙ୍କ ଦ୍ୱିତୀୟ ଆଗମନର ସମୟ ବିଷୟରେ, ଅନେକେ ବିଭିନ୍ନ ସମୟ ନିର୍ଦ୍ଧାରଣ କରିଅଛନ୍ତି । ଖ୍ରୀଷ୍ଟଙ୍କ ଦ୍ୱିତୀୟ ଆଗମନର ସମୟ ବାଇବଲରେ ସେହି ନିଗୂଢ଼ତତ୍ତ୍ୱ ଜଗତକୁ ବୁଝାଇଦେଇ ପାରିବେ ବୋଲି ମଧ୍ୟ ଅନେକେ ମନେ କରନ୍ତି ଏପରି ଲୋକେ ଆପଣାକୁ ଆପେ ପ୍ରବଞ୍ଚନା କରୁଅଛନ୍ତି । ଅନ୍ୟ କେତେକ ଲୋକ ଖ୍ରୀଷ୍ଟଙ୍କ ଦ୍ୱିତୀୟ ଆଗମନର ସମୟ ନିର୍ଦ୍ଧାରଣ କରିବାରେ ଲାଗିଅଛନ୍ତି । ଏତଦ୍ୱାରା ସେମାନେ ତଥା ସେମାନଙ୍କ ଠାରେ ବିଶ୍ୱାସ କରିବା ଲୋକେ ମଧ୍ୟ ପ୍ରବଞ୍ଚିତ ହୁଅନ୍ତି । କିନ୍ତୁ ଏହି ଜଗତରେ କୌଣସି ମନୁଷ୍ୟ ଖ୍ରୀଷ୍ଟଙ୍କ ଦ୍ୱିତୀୟ ଆଗମନର ସମୟ ଜାଣେ ନାହିଁ କିମ୍ବା ଜାଣିପାରିବେ ନାହିଁ । ମନୁଷ୍ୟ ଖ୍ରୀଷ୍ଟଙ୍କ ଆଗମନର ସମୟ ନିର୍ଦ୍ଧାରଣ କରିବାରେ କାହିଁକି ବ୍ୟାକୁଳ ? କାରଣ ଖ୍ରୀଷ୍ଟ କହିଲେ, ''କିନ୍ତୁ ସେହିଦିନ ଓ ଦଣ୍ଡ ବିଷୟ କେହି ଜାଣନ୍ତି ନାହିଁ, ସ୍ୱର୍ଗର ଦୂତମାନେ କିମ୍ବା ପୁତ୍ର ସୁଦ୍ଧା ଜାଣନ୍ତି ନାହିଁ, କେବଳ ମାତ୍ର ପିତା ଜାଣନ୍ତି ।'' (ମାଥି ୨୪:୩୬) ଯଦି ଦୂତମାନେ ଜାଣନ୍ତି ନାହିଁ ବା ଖ୍ରୀଷ୍ଟ ନିଜେ ଜାଣନ୍ତି ନାହିଁ, ତେବେ ମନୁଷ୍ୟ କିପରି ଜାଣିପାରିବ ?

ଲେଖାଯାଏ, ଖ୍ରୀଷ୍ଟ ଜଣେ ଚୋର ସଦୃଶ୍ୟ ଆସିବେ । ସେ ଜଣେ ଚୋର ହୋଇ ଆସିବେ ବୋଲି କୁହାଯାଏ ନାହିଁ, କିନ୍ତୁ ଚୋର ସଦୃଶ୍ୟ ବୋଲି

କୁହାଯାଇଅଛି । ଅର୍ଥାତ୍ ସେ ସତର୍କ ନ ଦେଇ ଆସିବେ । ଯେପରି କୁହାଯାଏ,"କାରଣ ରାତ୍ରିରେ ଚୋର ଆସିଲା ପରି ପ୍ରଭୁଙ୍କ ଦିନ ଯେ ଆସିବ, ଏହା ତୁମ୍ଭେମାନେ ଜାଣ । ଯେତେବେଳେ ଲୋକେ ଶାନ୍ତି ଓ ନିରାପଦ ବୋଲି କହୁଥିବେ ସେତେବେଳେ ଗର୍ଭବତୀର ପ୍ରସବ ବେଦନା ତୁଲ୍ୟ ହଠାତ୍ ସେମାନଙ୍କ ବିନାଶ ଉପସ୍ଥିତ ହେବ, ଆଉ ସେମାନେ କୌଣସି ପ୍ରକାରେ ରକ୍ଷା ପାଇବେ ନାହିଁ । କିନ୍ତୁ ହେ ଭାଇମାନେ, ତୁମ୍ଭେମାନେ ଅନ୍ଧକାରରେ ନାହିଁ ଯେ ସେହି ଦିନ ଚୋର ପରି ଅନୁପେକ୍ଷିତ ଭାବରେ ତୁମ୍ଭମାନଙ୍କ ନିକଟରେ ଉପସ୍ଥିତ ହେବ, କାରଣ ତୁମ୍ଭେମାନେ ସମସ୍ତେ ଆଲୋକ ଓ ଦିବସର ସନ୍ତାନ (୧ମ ଥେସ ୫:୨୪)

ଖ୍ରୀଷ୍ଟଙ୍କ ଆଗମନ ବିଷୟରେ ଆଉ କେତେ ବିଷୟ କୁହାଯାଇଅଛି । ଉଦାହରଣ ସ୍ୱରୂପ :-

୧. ଆମ୍ଭେମାନେ ତାହାଙ୍କୁ ଦେଖିପାରିବା "ଦେଖ, ସେ ମେଘମାଳାରେ ଆଗମନ କରୁଅଛନ୍ତି, ପ୍ରତ୍ୟେକ ଚକ୍ଷୁ ତାହାଙ୍କୁ ଦର୍ଶନ କରିବ ।" (ପ୍ରକା ୧:୭)

୨. ଆକାଶ ଓ ପୃଥିବୀ ଓ ତନ୍ମଧ୍ୟସ୍ଥ ସମସ୍ତ ବସ୍ତୁ ଜଳି ଧ୍ୱଂସ ହେବ । "ପ୍ରଭୁଙ୍କ ଦିନ ଚୋରର ପରି ଉପସ୍ଥିତ ହେବ । ସେହିଦିନ ଆକାଶମଣ୍ଡଳ ମହାଶବ୍ଦ ସହ ଲୋପ ପାଇବ, ପୁଣି ମୌଳିକ ବସ୍ତୁସବୁ ପ୍ରଚଣ୍ଡ ଉତ୍ତାପରେ ତରଳିଯିବ ଏବଂ ପୃଥିବୀ ଓ ତନ୍ମଧ୍ୟସ୍ଥ ମନୁଷ୍ୟକୃତ ବସ୍ତୁସବୁ ଦଗ୍ଧ ହେବ ।" (୨ୟ ପିତ ୩:୧୦)

୩. ଯୀଶୁ ପ୍ରତିଫଳ ଦେବା ନିମନ୍ତେ ଆସୁଅଛନ୍ତି,"ସେତେବେଳେ ତୁମ୍ଭମାନଙ୍କୁ କ୍ଳେଶ ଦେଉଥିବା ଲୋକମାନଙ୍କୁ ପ୍ରତିଫଳ ସ୍ୱରୂପ କ୍ଳେଶ ଦେବା ଓ କ୍ଳେଶ ଭୋଗ କରୁଅଛ ଯେ ତୁମ୍ଭେମାନେ, ତୁମ୍ଭମାନଙ୍କୁ ଆମ୍ଭମାନଙ୍କ ସହିତ ବିଶ୍ରାମ ଦେବା, ଯେଉଁମାନେ ଈଶ୍ୱରଙ୍କୁ ଜାଣନ୍ତି ନାହିଁ ଓ ଆମ୍ଭମାନଙ୍କ ପ୍ରଭୁ

ଯୀଶୁଙ୍କ ସୁସମାଚାର ମାନନ୍ତି ନାହିଁ, ସେମାନଙ୍କୁ ସେ ସେତେବେଳେ ଦଣ୍ଡ ଦେବେ, ଅର୍ଥାତ୍ ଯେଉଁଦିନ ସେ ଆପଣା ସାଧୁମାନଙ୍କ ଦ୍ୱାରା ଗୌରବାନ୍ୱିତ ହେବାକୁ ଓ ବିଶ୍ୱାସ କରିଥିବା ଲୋକ ସମସ୍ତଙ୍କ ଦ୍ୱାରା ଗୌରବାନ୍ୱିତ ହେବାକୁ ଓ ବିଶ୍ୱାସ କରିଥିବା ଲୋକ ସମସ୍ତଙ୍କ ଦ୍ୱାରା ଚମତ୍କାରର ଦୃଶ୍ୟସ୍ୱରପ ହେବାକୁ ଆସିବେ କାରଣ (ତୁମ୍ଭମାନଙ୍କ ନିକଟରେ ଆମ୍ଭମାନଙ୍କ ସାକ୍ଷ୍ୟ ତୁମ୍ଭେମାନେ ବିଶ୍ୱାସ କରିଅଛ), ସେହି ଦିନ ସେମାନେ ଦଣ୍ଡ ପାଇବେ, ଅର୍ଥାତ୍ ପ୍ରଭୁଙ୍କ ଛାମୁରୁ ଓ ତାହାଙ୍କ ପରାକ୍ରମର ଗୌରବରୁ ଦୂରୀକୃତ ହୋଇ ଅନନ୍ତ ବିନାଶ ଭୋଗ କରିବେ।'' (୨ୟ ଥେସ ୧:୭-୯)

ଯୀଶୁଙ୍କ ଦ୍ୱିତୀୟ ଆଗମନ ସମୟରେ ଧାର୍ମିକ ତଥା ଅଧାର୍ମିକ ସମସ୍ତଙ୍କ ପୁନରୁଥାନ ହେବ। (ଯୋହ ୫:୨୮-୨୯) ସେ ଆପଣା କନ୍ୟାରୂପ ମଣ୍ଡଳୀକୁ ଆପଣା ସହିତ ନେଇଯିବା ନିମନ୍ତେ ଆସୁଅଛନ୍ତି। ଯାହାକୁ ବାକ୍ୟରେ ଈଶ୍ୱରଙ୍କ ରାଜ୍ୟ ମଧ୍ୟ କୁହାଯାଏ। ଏହି ରାଜ୍ୟସ୍ୱରୂପ ମଣ୍ଡଳୀରୁ ଈଶ୍ୱରଙ୍କ ଦୂତମାନେ ଅଧାର୍ମିକମାନଙ୍କୁ ପୃଥକ କରି ଜ୍ୱଳନ୍ତ ଅଗ୍ନିରେ ପକାଇଦେବେ। (ଏଫି ୫:୨୭, ମାଥି ୧୩:୪୧-୪୩) ଶେଷରେ ଖ୍ରୀଷ୍ଟ ଜଗତର ବିଚାର କରିବା ନିମନ୍ତେ ଆସୁଅଛନ୍ତି। (ମାଥି ୨୫, ପ୍ରେରି ୧୭:୩୧, ୨ୟ କରି ୫:୧୦)

ହଁ ନିଶ୍ଚୟ ଖ୍ରୀଷ୍ଟ ଆସୁଅଛନ୍ତି। ସେ କେବେ ଆସୁଅଛନ୍ତି ଯଦିଓ ଆମ୍ଭେମାନେ ଜାଣିନାହୁଁ, ତଥାପି ସେ ଆସୁଅଛନ୍ତି। ପ୍ରଶ୍ନ ଉଠେ, ଆମ୍ଭେମାନେ ପ୍ରସ୍ତୁତ ଅଛୁ କି ? ଆଜି ହିଁ ପ୍ରସ୍ତୁତ ହେବାକୁ ଆରମ୍ଭ କରନ୍ତୁ। ଆସନ୍ତା କାଲି ହୁଏତ ଅତି ବିଳମ୍ବ ହୋଇଯାଇପାରେ। ଦୟାପୂର୍ବକ ମାଥି ୨୪:୩୬-୩୯, ଲୂକ ୧୨:୧୪-୪୮ ପଢ଼ନ୍ତୁ)।